

ମଲାଲା ଦିବସ
▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-18 ◆SATURDAY ◆12 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮ ◆ଶନିବାର ◆୧୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବୁଢ଼ା ହେଉଛି ଭାରତ

## ବଢୁଛି ଆୟୁଷ; କମୁଛି ପ୍ରଜନନ ହାର

■ **ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି):** କମି ଚାଲିଛି ଦେଶର ଯୁବଶକ୍ତି। ଲୋକଙ୍କ ହାରାହାରି ଆୟୁଷ ବୃଦ୍ଧି, ପ୍ରଜନନ ହାର ହ୍ରାସ ଯୋଗୁଁ ଭାରତ ଦ୍ରୁତଗତିରେ ବୟସ୍କଙ୍କ ଦେଶ ପାଲଟୁଛି। ଚଳିତ ବର୍ଷ ଶେଷ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଅର୍ଥାତ ପ୍ରାୟ ୩୫ କୋଟିଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଯାହା ଦେଶ ଓ ଅର୍ଥନୀତି ପାଇଁ ସବୁଠାରୁ ବଡ଼ ବିପଦ ଭାବରେ ଉଭା ହେବ ବୋଲି ଆକଳନ କରାଯାଉଛି। ବ୍ଲୁମ୍‌ବର୍ଗ ରିପୋର୍ଟରେ ପ୍ରକାଶିତ ହୋଇଛି ଏପରି ଏକ ସ୍ପର୍ଶକାତର ତଥ୍ୟ।

ଯୁବବର୍ଗ ଭାରତର ସବୁଠୁ ବଡ଼ ଶକ୍ତି ବୋଲି କୁହାଯାଏ। ବହୁ ବର୍ଷ ହେଲା ବିଶ୍ୱରେ ଭାରତର ଯୁବ ଜନସଂଖ୍ୟା ଏକ ପ୍ରମୁଖ ଶକ୍ତିକେନ୍ଦ୍ର ଭାବରେ ପରିଚିତ ହୋଇ ଆସିଛି। ଦେଶର ଜନସଂଖ୍ୟାର ପ୍ରାୟ ୬୫% ଲୋକଙ୍କ ବୟସ ୩୫ ବର୍ଷରୁ କମ୍ ହୋଇଥିବାରୁ ଏହାକୁ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବିନିଯୋଗ କରାଯାଉଥିଲା। ମାତ୍ର ଏବେ ଜନସଂଖ୍ୟାର ପରିସଂଖ୍ୟାନ ଏକ ନୂଆ ଓ ଚିନ୍ତାଜନକ ଚିତ୍ର ଦେଖାଇଛି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ବା ଧନୀ ରାଷ୍ଟ୍ରରେ ପରିଣତ ହେବା ପୂର୍ବରୁ ଏକ ବୁଢ଼ା ଦେଶରେ ପରିଣତ ହୋଇଯିବ ବୋଲି ଏବେ ଆଶଙ୍କା ପ୍ରକାଶ ପାଇଛି।

ଭାରତରେ ଲୋକଙ୍କ ପ୍ରଜନନ ହାର ହ୍ରାସ, ହାରାହାରି ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି କେବଳ ସାମାଜିକ ନୁହେଁ, ବରଂ ଦେଶ ପାଇଁ ଆର୍ଥିକ କ୍ଷେତ୍ର ପାଇଁ ବିପଦ ସୃଷ୍ଟି କରିଛି।

ଭାରତ ଗତ କିଛି ବର୍ଷ ହେଲା ନିଜ ଯୁବ ଜନସଂଖ୍ୟାକୁ ଦୁନିଆ ଆଗରେ ନିଜର ଶକ୍ତି ରୂପେ ଉପସ୍ଥାପନ କରିଆସୁଛି। ୬୫ ପ୍ରତିଶତ ଜନସଂଖ୍ୟାର ବୟସ ୩୫ ବର୍ଷରୁ କମ ରହିବା ଦ୍ୱାରା ଦେଶକୁ ଡେମୋଗ୍ରାଫିକ୍ ଡିଭିଡେଣ୍ଟ ବା 'ଜନସଂଖ୍ୟାଗତ ଲାଭ' ମିଳୁଥିବା କୁହାଯାଉଛି। ଦେଶରେ ଅଧିକ କାମ କରୁଥିବା ଜନସଂଖ୍ୟା, ଅଧିକ ଉତ୍ପାଦନ ଓ ଦ୍ରୁତ ବିକାଶରେ ସହାୟକ ହୋଇଥାଏ। ମାତ୍ର ବ୍ଲୁମ୍‌ବର୍ଗରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ଜନସଂଖ୍ୟା ବୃଦ୍ଧିର ଗତି ମନ୍ଥର ହେବାରେ ଲାଗିଛି। ଅନ୍ୟପକ୍ଷରେ ଲୋକଙ୍କ ଜୀବନକାଳ ମଧ୍ୟ ବୃଦ୍ଧି ପାଇଛି। ଏହାର ପରିଣାମସ୍ୱରୂପ ଭାରତ ଦ୍ରୁତ ଗତିରେ ବୟସ୍କଙ୍କ ଦେଶ ଦିଗରେ ଅଗ୍ରସର ହେଉଛି। ଜନସଂଖ୍ୟାକୁ ଆର୍ଥିକ ପ୍ରଗତିର ଅଗ୍ରଦୂତ କରାଇବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସହରୀକରଣ, ଭିତ୍ତିଭୂମି, ଦକ୍ଷତା ବିକାଶ ସହ ଶ୍ରମଶକ୍ତିର ବିସ୍ତାର ଓ ବିନିର୍ମାଣ କ୍ଷେତ୍ର ଉପରେ ଧ୍ୟାନ ନ ଦେଲେ ପରିସ୍ଥିତି ବିଷମୟ ▶ପୃଷ୍ଠା-୭




**ଜାତି ସମାଜର କଙ୍ଗାରୁ କୋର୍ଟ**

# ପ୍ରେମୀଯୁଗଳଙ୍କୁ ହଳ ବୁଲାଇଲେ

■ **କଲ୍ୟାଣସିଂହପୁର, ୧୧।୭ (ସମିସ):** ଗୋଟିଏ ବଂଶର ହୋଇ ପରସ୍ପରକୁ ଭଲ ପାଇ ବିବାହ କରିବା ପ୍ରେମୀଯୁଗଳଙ୍କୁ ମହଙ୍ଗା ପଡ଼ିଛି। ଜାତି ସମାଜର କଙ୍ଗାରୁ କୋର୍ଟରେ ଉଭୟ ଦଣ୍ଡିତ ହୋଇଛନ୍ତି। ଦଣ୍ଡ ସ୍ୱରୂପ କ୍ଷେତରେ ବଳଦ ସାଜି ଉଭୟେ ହଳ କରିଛନ୍ତି। ସେତିକିରେ ସମାଜର ମୁଖିଆଙ୍କ ମନ ଶାନ୍ତ ପଡ଼ିଲାନି। ଉଭୟଙ୍କୁ ଗାଁରୁ ତଡ଼ିଦେଲେ। ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗାଁରେ। ସୋସିଆଲ ମିଡିଆରେ

### ଗାଁରୁ ନିର୍ବାସିତ ଜୀବନ ବିତାଉଛନ୍ତି

ଏସଂକ୍ରାନ୍ତ ଏକ ଭିଡିଓ ଭାଇରାଲ୍ ହେବା ପରେ ଏହି ଘଟଣା ପଦାକୁ ଆସିଛି। ପ୍ରେମୀଯୁଗଳଙ୍କ ଭୁଲ ଥିଲା ଉଭୟ ଗୋଟିଏ ବଂଶର। ସମ୍ପର୍କରେ ଆତା (ପିଉସୀ ନାନୀ) ଓ ପୁତୁରା ଅଟନ୍ତି। ଆଦିବାସୀ ପରମ୍ପରା ଅନୁଯାୟୀ ଗୋଟିଏ ବଂଶର ହୋଇଥିଲେ ରକ୍ତ ସମ୍ପର୍କ କାରଣରୁ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିବେ ନାହିଁ। କିନ୍ତୁ କଞ୍ଚାମଯୋଡ଼ି ଗ୍ରାମର ମୁଗି ସାରାକଙ୍କ ବଡ଼ପୁଅ କାଡ଼ିଆ ସାରକାଙ୍କ ସହ ବେତକଲାଙ୍ଗରେ ରହୁଥିବା ମୁଗୀଙ୍କ ଭଉଣୀ ଲାକ ସାରକାଙ୍କ ପ୍ରେମ ସମ୍ପର୍କ ରହିଥିଲା। ଦିନେ ଉଭୟଙ୍କୁ ଏକତ୍ରିତ ଥିବା ଗାଁ ଲୋକେ ଦେଖିଥିଲେ। ▶ପୃଷ୍ଠା-୭



## 'ସମ୍ବିଧାନ ବଞ୍ଚାଅ' ସମାବେଶରେ ଗର୍ଜିଲେ ରାହୁଲ

# ଗରିବଙ୍କୁ ଲୁଟୁଛି ବିଜେପି ସରକାର

■ **ଭୁବନେଶ୍ୱର, ୧୧।୭ (ସମିସ):** 'ସମ୍ବିଧାନ ବଞ୍ଚାଅ' ସମାବେଶରେ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ସାଧାରଣ ନିର୍ବାଚନର ବର୍ଷକ ପରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାହୁଲ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆରେ ଆଜି କର୍ମୀଙ୍କ ମନରେ ଉତ୍ସାହ ଭରିଛନ୍ତି। ଏହା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରି ରାଜ୍ୟରେ କମ୍ପାନୀ ସରକାର ଚାଲିଛି ବୋଲି କଟାକ୍ଷ କରିଛନ୍ତି।

ବରମୁଣ୍ଡାରେ ଅନୁଷ୍ଠିତ ସମାବେଶରେ ରାହୁଲ କହିଛନ୍ତି ଯେ ଓଡ଼ିଶା ସରକାର ଏବେ ରାଜ୍ୟର ଗରିବ, ଦଳିତ, ପଛୁଆବର୍ଗ, ଆଦିବାସୀଙ୍କ ସମ୍ପତ୍ତି ଚୋରି କରୁଛନ୍ତି। ଗୋଟିଏ ପଟେ ରାଜ୍ୟର ଗରିବ ଏବଂ ଅନ୍ୟପଟେ ଦେଶର ୫-୬ ଜଣ ଅରବପତି ଓ ବିଜେପି ସରକାର ଅଛନ୍ତି। ଏଠାରେ ଆଦିବାସୀଙ୍କୁ ତାଙ୍କ ଜମିରୁ ହଟାଇ ଦିଆଯାଉଛି। ପେସା ଆଇନ ଲାଗୁ କରାଯାଉନାହିଁ। ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ବଢୁଛି ଏବଂ ସେମାନଙ୍କର ସମ୍ପତ୍ତି ଲୁଟ ହେଉଛି। କଂଗ୍ରେସ ଏହା ବିରୋଧରେ ସଂଗ୍ରାମ ଜାରି ରଖିବ; ଓଡ଼ିଶାର ଜଳ, ଜଙ୍ଗଲ ଓ ଜମି ଆଦିବାସୀଙ୍କର, ଏହା ଆଦିବାସୀଙ୍କର ହିଁ ରହିବ। ଓଡ଼ିଶାରେ ଦୈନିକ ୧୫ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ସରକାର ୨୪ ଘଣ୍ଟା ଲୋକଙ୍କ ରକ୍ତ ଶୋଷଣ କରୁଛି। ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ବୋଲି ରାହୁଲ କହିଛନ୍ତି।

**ଓଡ଼ିଶାର ଜଳ, ଜଙ୍ଗଲ ଓ ଜମି ଏବେ ଅସୁରକ୍ଷିତ**

**ଆଦିବାସୀଙ୍କ ଜମି ହଡ଼ପ କରୁଛନ୍ତି ରାଜ୍ୟ ସରକାର**

**ବିଜେପି ପାଇଁ କାମ କରୁଛନ୍ତି ନିର୍ବାଚନ କମିଶନ**

**ରାଜ୍ୟରେ କମିଶନଖୋର୍ ଶାସନ ଚାଲିଛି: ଖଡ଼୍‌ଗେ**

**ବିଜେପି ଗୁଣ୍ଡାଙ୍କ ବିରୋଧରେ ଏକାଠି ଲଢ଼ିବାକୁ ଆହ୍ୱାନ**



ସେ କହିଛନ୍ତି ଯେ ଦେଶରେ ନରେନ୍ଦ୍ର ମୋଦୀ ସରକାର ଚାଷୀମାନଙ୍କ କ୍ଷତି ଭରଣା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଣିଥିଲେ। ହେଲେ ଏହି ଯୋଜନାରେ ଗରିବ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ଟଙ୍କା ନେଇ ବିଜେପି ୩-୪ଟି ବଡ଼ କମ୍ପାନୀକୁ ଦେଇ ଦେଇଛି। ଚାଷୀଙ୍କୁ କ୍ଷତିପୂରଣ ମିଳୁନାହିଁ; ଓଡ଼ିଶାରେ ମଧ୍ୟ ସବୁ ଚାଷୀଙ୍କୁ ଟଙ୍କା ମିଳିନାହିଁ। ସମ୍ବିଧାନ ଗରିବଙ୍କୁ ରକ୍ଷା କରୁଛି। ଏ ଦେଶ ଆଦାନୀ ଅମ୍ବାନୀଙ୍କର ନୁହେଁ, ଏ ଦେଶ ଗରିବ ଲୋକଙ୍କର। ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଲକ୍ଷ ଲକ୍ଷ ଲୋକ ଥିଲେ; କିନ୍ତୁ ଆଦାନୀ ଓ ତାଙ୍କ ପରିବାର ପାଇଁ ଗୋଟିଏ ଦିନ ରଥ ଅଟକାଇ ଦିଆଗଲା। ଏଥିରୁ ସ୍ପଷ୍ଟ ଯେ ରାଜ୍ୟରେ ବିଜେପି ସରକାର ଲୋକଙ୍କର ନୁହେଁ, ଆଦାନୀଙ୍କ ସରକାର।

ନିର୍ବାଚନ କମିସନଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇବା ସହ ରାହୁଲ କହିଛନ୍ତି ଯେ ବିଜେପି ସାରା ଦେଶରେ ସମ୍ବିଧାନ ଉପରେ ଆକ୍ରମଣ କରୁଛି। ମହାରାଷ୍ଟ୍ର ଭଳି ବିହାରରେ ମଧ୍ୟ 'ଭୋଟ ଓ ନିର୍ବାଚନ ଚୋରି' ପାଇଁ ଉଦ୍ୟମ ହେଉଛି। ନିର୍ବାଚନ କମିଶନ ନିଜ କାମ ଛାଡ଼ି ବିଜେପି ପାଇଁ କାମ କରୁଛନ୍ତି। ମହାରାଷ୍ଟ୍ରରେ ଲୋକସଭା ଓ ବିଧାନସଭା ନିର୍ବାଚନ ମଧ୍ୟରେ ୧ କୋଟି ଭୋଟର ବଢିଥିଲେ। ଏବେ ବିହାରରେ ମଧ୍ୟ ମହାରାଷ୍ଟ୍ର ପରି ଭୋଟ ଚୋରି ଉଦ୍ୟମ ହେଉଛି। ତେଲଙ୍ଗାନାରେ ଜାତି ଜନଗଣନା ମାଧ୍ୟମରେ କାହା ପାଖରେ କେତେ ଧନ ଅଛି, ତାହା ସ୍କାନିଂ ହୋଇଯାଇଛି। ଓଡ଼ିଶାରେ ମଧ୍ୟ ▶ପୃଷ୍ଠା-୭

# ଡାକ୍ତରଙ୍କୁ ପୁଲିସର ଥାର୍ଡ ଡିଗ୍ରୀ

## ଆନ୍ଦୋଳନ ଚେତାବନୀ ଦେଲା ଓମ୍‌ସା

■ **ଭୁବନେଶ୍ୱର, ୧୧।୭ (ସମିସ):** ପ୍ରଶାସନ ଉପରୁ ନିୟନ୍ତ୍ରଣ ହରାଉଛନ୍ତି ସରକାର। ଚାରିଆଡ଼େ ଅରାଜକତା ମାଡ଼ି ଚାଲିଛି। ଖୋଦ୍ ପୁଲିସ ଏବେ ଗୁଣ୍ଡାଙ୍କ ପରି ଆଚରଣ କରୁଛି। ରାୟଗଡ଼ାରେ ଜଣେ ଡାକ୍ତରଙ୍କୁ ଉଠାଇ ନେଇ ୧୮ ଘଣ୍ଟା ଅଟକ ରଖି ନିର୍ଯାତନା ଦେବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏପରିକି ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲା। ଯାହାକୁ ନେଇ ରାଜ୍ୟ ଡାକ୍ତର ସଂଘ ଖପ୍ପା। ଘଟଣାରେ ଯଦି ନ୍ୟାୟ ନ ମିଳେ ଓ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ ନ କରନ୍ତି, ତାହେଲେ ପ୍ରଥମେ ରାୟଗଡା ଏବଂ ପରେ ରାଜ୍ୟବ୍ୟାପୀ ଡାକ୍ତରମାନେ କାର୍ଯ୍ୟବନ୍ଦ କରିବେ ବୋଲି ସଂଘ ଚରମବାଣୀ ଶୁଣାଇଛି। ରାଜ୍ୟରେ ବର୍ତ୍ତମାନ ଡ୍ରାଇଭର ମହାସଂଘର ଆନ୍ଦୋଳନ ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଡାକ୍ତରଙ୍କ ଚେତାବନୀ ସ୍ଥିତିକୁ ଆହୁରି ଖରାପ କରିବ ବୋଲି କୁହାଯାଉଛି।

**ପ୍ରଶାସନ ଉପରୁ ନିୟନ୍ତ୍ରଣ ହରାଉଛନ୍ତି ସରକାର**

**୧୮ ଘଣ୍ଟା ଅଟକ ରଖି ପୁଲିସ ୧୦ ଲକ୍ଷ ଲାଞ୍ଚ ମାଗିଥିବା ଅଭିଯୋଗ**

ସୂଚନା ଅନୁଯାୟୀ ରାୟଗଡା ଜିଲ୍ଲାରେ ଡାକ୍ତର ସୁମୀରନ ରାଉତଙ୍କୁ ପୁଲିସର ଅତ୍ୟାଚାର ବିରୋଧରେ ଡାକ୍ତର ସଂଘ ଏକାଠି ହୋଇଛନ୍ତି। ଏକ ଟ୍ରେନ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଡାକ୍ତର ରାଉତଙ୍କୁ ସ୍ଥାନୀୟ ଚାନ୍ଦିଲି ପୁଲିସ ୧୮ ଘଣ୍ଟା ଅଟକ ରଖିଥିବା ଅଭିଯୋଗ ହୋଇଛି। ସେହିପରି ପୁଲିସ ସମ୍ପୃକ୍ତ ଡାକ୍ତରଙ୍କୁ ଛାଡ଼ିବା ପାଇଁ ୧୦ ଲକ୍ଷ ଟଙ୍କା ଦାବି କରିଥିଲା; ମାତ୍ର ଦୁଇ ଲକ୍ଷ ଟଙ୍କା ଦେବାକୁ ଡାକ୍ତର ରାଜି ହୋଇଥିଲେ। ସାଦା କାଗଜରେ ଦସ୍ତଖତ ନେଇ ଡାକ୍ତରଙ୍କୁ ପୁଲିସ ଛାଡ଼ିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ନିରବ ଥିବାବେଳେ 'ଓମସା' ଏହି ପ୍ରସଙ୍ଗକୁ ନେଇ ସ୍ୱାସ୍ଥ୍ୟ ସଚିବ, ଗୃହ ସଚିବ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଛି। ରାଜ୍ୟରେ ଡାକ୍ତର ସୁରକ୍ଷିତ ନୁହନ୍ତି; ଏଭଳି ସ୍ଥିତିରେ ଯନ୍ତ୍ରଣା ମଧ୍ୟରେ ଯୁବ ଡାକ୍ତର କାର୍ଯ୍ୟ କରିବାକୁ ଭୟ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏବଂ ପୁଲିସ ଡିଜି ଏଥିରେ ହସ୍ତକ୍ଷେପ କରିବାକୁ ଓମସା ▶ପୃଷ୍ଠା-୭

# ହଇଜାରେ ପୁଣି ଜଣେ ଶିଶୁ ମୃତ

■ **ଦିଗପହଣ୍ଡି, ୧୧।୭ (ସମିସ):** ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଦୁର୍ଗମ ଉସ୍ତପଲ୍ଲୀ ଗ୍ରାମରେ ବ୍ୟାପିଥିବା ହଇଜାରେ ପୁଣି ଜଣେ ଶିଶୁ ଶୁକ୍ରବାର ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ସେ

**ଉସ୍ତପଲ୍ଲୀରେ ମୃତ୍ୟୁସଂଖ୍ୟା ୩ ଛୁଇଁଲା**

**ମୁହଁ ଖୋଲିଲେ ସାମାଜିକ ବାସନ୍ଦ ଧମକ**

ବ୍ରହ୍ମପୁର ବଡ଼ ମେଡିକାଲରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ମୃତକ ଜଣକ ହେଲେ ଉସ୍ତପଲ୍ଲୀ ଗ୍ରାମର ରଘୁନାଥ ଶବରଙ୍କ ଦେଢ ବର୍ଷର ପୁଅ ବାବୁଲି ଶବର। ଶିଶୁଙ୍କ ମୃତ୍ୟୁ ପରେ ଉସ୍ତପଲି ହଇଜା ମୃତ୍ୟୁ ସଂଖ୍ୟା ୩ ରେ ପହଞ୍ଚିଛି। ପୂର୍ବରୁ ଗ୍ରାମର ଦାସ ଶବର ଓ ପ୍ରକାଶ ରଇତଙ୍କ ମୃତ୍ୟୁ ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ହଇଜା ମୃତ୍ୟୁକୁ ଅସ୍ୱୀକାର କରାଯାଇ ଅପମିଶ୍ରିତ ଖାଦ୍ୟ ଯୋଗୁ ପେଟ ଯନ୍ତ୍ରଣାରେ ▶ପୃଷ୍ଠା-୭

**ଡ୍ରାଇଭର୍‌ଙ୍କୁ ମହଙ୍ଗା ପଡ଼ିଲା କଂଗ୍ରେସ ପ୍ରତି କୋହଳ ମନୋଭାବ**

# ସଂଘ ଏକଘରକିଆ; ଆଜିଠୁ ଗଡ଼ିବ ବସ୍

■ **ଭୁବନେଶ୍ୱର/ପୁରୀ, ୧୧।୭ (ସମିସ):** ଆଜି ଚତୁର୍ଥ ଦିନରେ ମଧ୍ୟ ଡ୍ରାଇଭର୍ ମହାସଂଘର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ଧର୍ମଘଟ ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗାଡ଼ି ନ ଚଳାଇବା ପାଇଁ ମହାସଂଘ ଅଡ଼ି ବସିଛି। ମାତ୍ର କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ସମାବେଶ ପ୍ରତି କୋହଳ ମନୋଭାବ ଡ୍ରାଇଭର ମହାସଂଘକୁ ମହଙ୍ଗା ପଡ଼ିଛି। ରାଜ୍ୟ ସରକାର ଓ ବିଜେପି ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇ ତାଙ୍କୁ ଖଳନାୟକ ଭାବେ ଚିତ୍ରଣ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଘରୋଇ ବସ୍ ମାଲିକଙ୍କୁ ଅସ୍ତ୍ର କରି ସରକାର ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯୋଜନା କରିଥିବା ଡ୍ରାଇଭର ମହାସଂଘ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଶନିବାରଠାରୁ ରାଜ୍ୟରେ ପୁଣି ଥରେ ଘରୋଇ ବସ୍ ଚଳାଚଳ କରିବ ବୋଲି ମାଲିକ ସଂଘ ସୂଚନା ଦେଇଛି। ସେମାନଙ୍କ ସହିତ ଅନେକ ଡ୍ରାଇଭର ଅଛନ୍ତି। ସେମାନେ ବସ୍ ଚଳାଇବେ, ତେବେ ସରକାର ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ଆବଶ୍ୟକ ବୋଲି ସଂଘ ପକ୍ଷରୁ କୁହାଯାଇଛି।

**ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ: ଡ୍ରାଇଭର ସଂଘ**

ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି ଯେ ଆନ୍ଦୋଳନ କରୁଥିବା ଡ୍ରାଇଭର ମହାସଂଘର ସମସ୍ତ ଦାବିକୁ ସରକାର ଶୁଣିଛନ୍ତି। ଏ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି, ତେଣୁ ଆଉ ଆନ୍ଦୋଳନର ଆବଶ୍ୟକତା ନାହିଁ। ସରଳ ଡ୍ରାଇଭରମାନଙ୍କୁ ଡ୍ରାଇଭର ସଂଘର ନେତା ଆନ୍ଦୋଳନ ନାମରେ ଭ୍ରମିତ କରନ୍ତୁ ନାହିଁ ବୋଲି ମଧ୍ୟ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି ଯେ ଆନ୍ଦୋଳନ ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ। ଯେ ପର୍ଯ୍ୟନ୍ତ ସରକାର ଲିଖିତ ପ୍ରତିଶ୍ରୁତି ଦେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ। ରାଜ୍ୟର ସବୁ ଜିଲ୍ଲାର ଡ୍ରାଇଭରମାନେ ଏକାଠି ରହନ୍ତୁ ଓ ▶ପୃଷ୍ଠା-୭

# ଓଡ଼ିଶାରେ ୩୦୦୦ ବଙ୍ଗଳାଭାଷୀ ଅଟକ

■ **ଭୁବନେଶ୍ୱର, ୧୧।୭ (ସମିସ):** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆରମ୍ଭ ହୋଇଛି ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା। ବେଆଇନ ଅନୁପ୍ରବେଶ ଅଭିଯୋଗରେ ଏଯାଏ ୩୦୦୦ ଲୋକଙ୍କୁ ଅଟକ ରଖାଯାଇଛି। ସେମାନେ ଭାରତର ନାଗରିକ କି ନୁହନ୍ତି, ତାହାର କଡ଼ାକଡ଼ି ଯାଞ୍ଚ କରାଯାଉଛି। ତେବେ ଅଧିକାଂଶ ବଙ୍ଗଳା ଭାଷୀଙ୍କ ନିକଟରେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ରାସନକାର୍ଡ ରହିଥିବାରୁ ସେମାନଙ୍କୁ ଚିହ୍ନଟରେ ସରକାର ଅକଳରେ ପଡ଼ିଛନ୍ତି। ସେମାନେ ଭାରତୀୟ ବୋଲି ପ୍ରମାଣିତ କରିବା ନିମନ୍ତେ ଅଧିକ ପ୍ରମାଣ ଲୋଡ଼ିଛି ପୁଲିସ।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଯେଉଁ ୩ ହଜାର ବଙ୍ଗଳା ଭାଷୀଙ୍କୁ ସନ୍ଦେହରେ ଅଟକାଯାଇଛି, ସେମାନଙ୍କ ମଧ୍ୟରେ କେବଳ ଝାରସୁଗୁଡ଼ାରେ ୪୪୪ ଜଣ ରହିଛନ୍ତି। ଏମାନେ ପଶ୍ଚିମବଙ୍ଗ ବାସିନ୍ଦା ଓ ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ପଶ୍ଚିମବଙ୍ଗର ସାଂସଦ ଓ ବିଧାୟକ ଦାବି କରିଛନ୍ତି। କଲିକତା ହାଇକୋର୍ଟ ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ କରି ସରକାରଙ୍କ ଠାରୁ ଜବାବ ତଲବ କରିଛନ୍ତି। ବଙ୍ଗଳା ଭାଷୀ ଏହି ଶ୍ରମିକମାନଙ୍କୁ କାହିଁକି ଓ କେଉଁ ଆଧାରରେ ଅଟକ ରଖାଯାଇଛି, ସେସଂପର୍କରେ ସୋମବାର ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଏହି ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି ଓଡ଼ିଶା ସରକାର ସହିତ ପଶ୍ଚିମବଙ୍ଗ ସରକାର କଥାବାର୍ତ୍ତା କରନ୍ତୁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷରେ ଚିହ୍ନଟ ପ୍ରକ୍ରିୟାକୁ ନେଇ ପୁଲିସ ମଧ୍ୟ ଅଡୁଆରେ ପଡ଼ିଛି। ପୁଲିସ ଉଠାଇ ନେଇଥିବା ଅଧିକାଂଶ ଲୋକଙ୍କ ପାଖରେ ଆଧାରକାର୍ଡ ଓ ଭୋଟରକାର୍ଡ ରହିଛି। ତେଣୁ ସେମାନେ ବାଂଲାଦେଶୀ ବୋଲି ପ୍ରମାଣ କରିବା ପୁଲିସ ପାଇଁ କଷ୍ଟସାଧ ହେଉଛି। ଯେଉଁମାନଙ୍କ ପାଖରେ ଭାରତର କୌଣସି ପରିଚୟପତ୍ର ନାହିଁ ସେମାନେ ବାଂଲାଦେଶୀ ବୋଲି ଚିହ୍ନଟ କରିପାରୁଛି। ମାତ୍ର ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦୀର୍ଘଦିନ ହେଲା ରହି ଆଧାରକାର୍ଡ ଓ ଭୋଟରକାର୍ଡ ହାତେଇଥିବା ଲୋକଙ୍କୁ କିପରି ବାଂଲାଦେଶୀ ପ୍ରମାଣିତ ▶ପୃଷ୍ଠା-୭

**ଜବାବ ଲୋଡ଼ିଲେ କୋଲକାତା ହାଇକୋର୍ଟ**

**ଓଡ଼ିଶା ସହ ଯୋଗାଯୋଗ କରିବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ**

**ଅଟକ ପ୍ରକ୍ରିୟାକୁ ନେଇ ଅଡୁଆରେ ରାଜ୍ୟ ପୁଲିସ**



**ବଢ଼ିଲା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା**

# ତାଲିକା ଧରି ଦିଲ୍ଲୀରେ ମନ-ମୋହନ

■ **ଭୁବନେଶ୍ୱର, ୧୧।୭ (ସମିସ):** ରାଜ୍ୟ ବିଜେପି ସଭାପତି ଭାବରେ ମନମୋହନ ସାମଲଙ୍କ ପୁନଃନିଯୁକ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର ଧରିଛି। ସବୁ କିଛି ଠିକ୍ ରହିଲେ ଚଳିତ ମାସ ଶେଷ ସୁଦ୍ଧା ମନ୍ତ୍ରିମଣ୍ଡଳ ଚେହେରା ବଦଳିବ। ଏହା ସହିତ ପ୍ରଥମ ପର୍ଯ୍ୟାୟରେ କିଛି ନେତାଙ୍କୁ ନିଗମ ଓ ବୋର୍ଡରେ ଥଇଥାନ କରାଯିବ। ଏ ସଂକ୍ରାନ୍ତ ସୂଚୀ ଚୂଡ଼ାନ୍ତ ନିମନ୍ତେ ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଯଦିଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସ୍ୱର୍ଗତଃ ପିତା ଦୌଲାଲ ବୈଷ୍ଣବଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବାକୁ ଉଭୟ ଦିଲ୍ଲୀ ଯାଇଥିବା ସରକାରୀ ଭାବରେ କୁହାଯାଉଛି, ମାତ୍ର ଏହା ପଛରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗ ଜଡ଼ିତ ଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ବି ଏଲ୍ ସନ୍ତୋଷ ଏବଂ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟିବାପାାରେ ଏହି ଆଲୋଚନାକୁ ଅଧିକ ବଳ ଯୋଗାଇଛି।

ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ସ୍ୱରୂପ ପ୍ରାୟତଃ ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ରାଜ୍ୟର ଜଣେ ଦୁଇଜଣ ଟାଣୁଆ ନେତା ଏଥିରେ କେଁ

**ନିଗମ ଓ ବୋର୍ଡରେ ଚାଲିବ ଥଇଥାନ**

**ଶୀର୍ଷ ନେତୃତ୍ୱଙ୍କ ମୋହରକୁ ଅପେକ୍ଷା**

ପୂରାଇଛନ୍ତି। ସେହିପରି ବାଦ ସୂଚୀରେ ସ୍ଥାନ ପାଇଥିବା କିଛି ମନ୍ତ୍ରୀଙ୍କ ସମ୍ପର୍କରେ ସହମତି ହୋଇ ପାରିନାହିଁ। ପୁନଶ୍ଚ ଏକାଧିକ ବିଭାଗ ଦାୟିତ୍ୱରେ ଥାଇ କିଛି ବିବାଦୀୟ ହୋଇଥିବା ଦୁଇଜଣ ମନ୍ତ୍ରୀଙ୍କ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ପାରିନାହିଁ। ଗୋଟିଏ ସପ୍ତାହ ପୂର୍ବରୁ ମୋହନ ନିଜର କିଛି ଅନୁଗତଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାକୁ ଚାହୁଁଥିଲେ, ▶ପୃଷ୍ଠା-୭

● ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା

# ଧୋୟାଞ୍ଚଳର ତିନୋଟି ଗ୍ରାମ ଜଳବନ୍ଦୀ



ଗୋବିନ୍ଦପୁର, ୧୧।୭ (ସମିସ): ଲଗାଣ ବର୍ଷା ଯୋଗୁଁ ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଜଳ ପ୍ରବେଶ କରିଛି। କାଣୀ ନଦୀରେ ବନ୍ୟା ଯୋଗୁଁ ଆଳି ବ୍ଲକ ଅନ୍ତର୍ଗତ ଧୋୟା ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। ବନ୍ୟା ପ୍ରଭାବରେ ପେତପଡ଼ା, ଠାକୁରପାଟଣା, ଫଂସିଧା ଆଦି ତିନୋଟି ଗ୍ରାମ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଲୋକେ ଜଳବନ୍ଦୀ ଥିବାରୁ ଘରୁ ବାହାରି ପାରୁନାହାନ୍ତି। ଯାତାୟାତ ଠପ୍ ହୋଇଯାଇଛି। ଗ୍ରାମର ମୁଖ୍ୟ ରାସ୍ତାରେ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। ଗୃହପାଳିତ ପଶୁ ଦୁଇଦିନ ଧରି ଗୁହାଳେ ବନ୍ଧା ହୋଇରହିଛନ୍ତି। ପାନୀୟଜଳ ପାଇଁ ଲୋକେ ହୀନସ୍ତା ଭୋଗୁଛନ୍ତି। ଧାନ ତଳି ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି।

ବ୍ରାହ୍ମଣୀ ନଦୀରେ ବନ୍ୟା

# ପାଣିରେ ବୁଡ଼ିଛି ପରିବା ଫସଲ, ରାସ୍ତାରେ ପାଣି

ପଟ୍ଟାମୁଣ୍ଡାଇ, ୧୧।୭ (ସମିସ): ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ଧୋୟାଞ୍ଚଳର ଚାଷଜମି ଜଳମଗ୍ନ ହେବା ସହିତ ଗାଁ ରାସ୍ତା ବୁଡ଼ିଯାଇ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ୩/୪ ଦିନ ଧରି ଧୋୟାଞ୍ଚଳର ବିଭିନ୍ନ ତକିଆ ଅଞ୍ଚଳ ଚାଷଜମି ଓ ଗାଁ ରାସ୍ତା ବୁଡି ରହିଛି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତ ବନ୍ୟା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। କୃଷ୍ଣଦାସପୁର - ସିଂହଗାଁ ମୁଖ୍ୟ ରାସ୍ତା ବନ୍ୟା ପାଣିରେ ବୁଡ଼ିଯାଇଛି।





ସେହିପରି ତରଡ଼ିପାଳ ପଞ୍ଚାୟତ ତରଡ଼ିପାଳ ଗାଁ ରାସ୍ତା, ଗୋପାଳପୁର ଗାଁ ରାସ୍ତା ଓ ପୋଖରୀକୂଳ ଗାଁ ରାସ୍ତା ବୁଡ଼ିଯାଇଛି। ଅଳପୁଆ ପଞ୍ଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ଶାସନ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଞ୍ଚାୟତର ଜେନାସାହି, ବିଶ୍ୱାଳ ସାହି, ନାଥସାହି, ମଲିକସାହି, ଘାଗରାଡିଆ, ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ଅଞ୍ଚଳର ଶହ ଶହ ଏକର ଚାଷଜମିରେ ବନ୍ୟା ପାଣି ମାଡିଯିବା ଫଳରେ ଫସଲହାନୀ ଆଶଙ୍କା ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଚାଷଜମିରେ ବନ୍ୟା ଜଳ ମାଡ଼ିଯାଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଷଣଅଣ୍ଡା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ତନୁପୁର, ନନ୍ଦିନୀନଗର, କାକୁଡିପଲ୍ଲୀ, ନୂଆଗାଁ ଅଲଭା, ଷଣ୍ଢପଲ୍ଲୀ ଆଦି ଅଞ୍ଚଳର ଚାଷ ଜମିରେ ବନ୍ୟା ଜଳ ମାଡି ଯିବା ଫଳରେ ବିଭିନ୍ନ ଫସଲ ପାଣିରେ ବୁଡି ଯାଇଛି। ୩/୪ ଦିନ ଧରି ବିଭିନ୍ନ ଚାଷଜମି ବନ୍ୟା ପାଣିରେ ବୁଡି ରହିବା ଫଳରେ ପନିପରିବା ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ବନ୍ୟା ପାଣିରେ କଖାରୁ, ପୋଇ, କଲରା ଓ ଟମାଟୋ ଆଦି ପନି ରିବା ପଚି ଭାସୁଛି। ବନ୍ୟା ପାଣି ଘେରରେ ଥିବା ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କାରେ ଚାଷୀ ପରିବା ତୋଳି ଅଦର ଦରରେ ବିକ୍ରି କରୁଛନ୍ତି। ଗୃହପାଳିତ ପଶୁ ଚରିବାକୁ ଯାଇ ନ ପାରି ଅସୁବିଧାରେ ଅଛନ୍ତି। ଫସଲ ହାନୀ ଆଶଙ୍କାରେ ଚାଷୀ ଚିନ୍ତିତ ଥିବାବେଳେ କୁମ୍ଭୀର ଭୟରେ ଲୋକେ ବନ୍ୟାପାଣିରେ ପଶି ଯାତାୟାତ କରିବାକୁ ଭୟ କରୁଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା କରିବା ପାଇଁ ସାଧାରଣରେ ଦାବି ହେଉଛି।

# ରାଜକନିକା ବ୍ଲକ୍‌ରେ ବନ୍ୟା; ଧାନ ତଳି ନଷ୍ଟ



ରାଜକନିକା, ୧୧।୭ (ସମିସ): ଲଗାଣ ବର୍ଷା ପରେ ଧାନ ତଳି ପକାଇବାକୁ ଚାଷୀ ନାକେଦମ ହେବା ପରେ ଏବେ ଦୁଇଦିନ ଧରି ଧାନ ତଳିରେ ବନ୍ୟା ପାଣି ଲହଡ଼ି ମାରୁଛି। ଫଳରେ ରାଜକନିକା ବ୍ଲକର ଭାରିଗଦା, ବରୁଣା, ପାରିନୂଆପଡ଼ା, ବରୁଣାଡିହା, ସିକୋ, କୋରନ୍ଦ ଆଦି ଧୋୟା ପଞ୍ଚାୟତରେ ଚଳିତ ବର୍ଷର ପ୍ରଥମ ବନ୍ୟା ଚାଷୀଙ୍କୁ ଚାଷ ଆରମ୍ଭରୁ କ୍ଷତି ପହଞ୍ଚାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚାଷୀ କ୍ଷତିରେ ଥିବାବେଳେ ବ୍ଲକର କୃଷି ଅଧିକାରୀ ଓ କ୍ଷେତ୍ର କର୍ମଚାରୀ କ୍ଷତି ଆକଳନ କରିବା ହେଉ କିମ୍ବା ଚାଷୀଙ୍କୁ ଭେଟି ସମବେଦନା ଦେବାକୁ ଉଚିତ ମଣୁ ନ ଥିବାରୁ ଚାଷୀ ଚିନ୍ତାରେ ରହିଛି। ଏହି ୬ ପଞ୍ଚାୟତର ହଜାର ହଜାର ଏକର ଜମିର ଶାରଦ ଧାନ ଫସଲ ସମ୍ପୂର୍ଣ୍ଣ ପ୍ରଭାବିତ ହେବାକୁ ଯାଉଥିବାବେଳେ ସରକାର ଏହି ବନ୍ୟା ପ୍ରଭାବିତ ଚାଷୀଙ୍କୁ କ୍ଷତି ଆକଳନ ପାଇଁ ତତ୍ପର ହେବାକୁ ଦାବି କରାଯାଇଛି।

# ପଞ୍ଚାୟତ ଉନ୍ନତିକରଣ ସୂଚକାଙ୍କ ୨.୦ କର୍ମଶାଳା ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ, ୧୧।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ କରି ତୃଣମୂଳ ସ୍ତରରେ ଥିବା ହିତାଧିକାରୀଙ୍କୁ ଯୋଜନାର ସୁଫଳ ପହଞ୍ଚାଇବା ସହିତ ପଞ୍ଚାୟତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପଞ୍ଚାୟତ ଉନ୍ନତିକରଣ ସୂଚକାଙ୍କ ୨.୦ କର୍ମଶାଳା ଦୁଇଦିନ ଧରି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଯୋଗଦେଇ କହିଲେ, ପଞ୍ଚାୟତ ସ୍ତରରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ସାମାଜିକ ସୁରକ୍ଷା, ଉତ୍ତମ ପରିବେଶ ଯୋଗାଇ ଦେବାକୁ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଣୟନ କରିଛନ୍ତି। ଏସବୁର ସୁଫଳ ପ୍ରତ୍ୟେକ ଲୋକଙ୍କୁ ଯୋଗାଇ ଦେବା ଜନପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ଦାୟିତ୍ୱ ହୋଇଥିବାରୁ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ବେଳେ ମହିଳା ଓ ଶିଶୁଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।



ଏହି କର୍ମଶାଳାରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ଜିପିଡିଓ ରଞ୍ଜିତ ପରିଡ଼ା, ସିପି ପ୍ରିୟରଞ୍ଜନ ସ୍ୱାଇଁ ଯୋଗ ଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏସଆଇଆରଡି ତାଲିମପ୍ରାପ୍ତ ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଓ ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡ଼ା ବିଭିନ୍ନ ବିଭାଗର ସୂଚକାଙ୍କ ପୂରଣ କରି ଶ୍ରେଷ୍ଠ ପଞ୍ଚାୟତ ଓ ୱାର୍ଡ ଗଠନ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଗଙ୍ଗାରାମପୁର ସରପଞ୍ଚ ସନ୍ତୋଷିନୀ ଜେନା, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ସାନଜରିଆ ସରପଞ୍ଚ ନିରାକାର ନାୟକ, ସିଂହଗାଁ ସରପଞ୍ଚ ଗଣେଶ ଦାସ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ଅଣ୍ଡରା ସରପଞ୍ଚ କଳ୍ପନା ଜେନା, ବଲୁରିଆ ସରପଞ୍ଚ ଦେବକୀ ମଲିକ, ଖଡିଅଣ୍ଟା ସରପଞ୍ଚ ଜୀବନକୃଷ୍ଣ ରାୟ, କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ, ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ଦୋଷିଆ ସରପଞ୍ଚ ସ୍ମୃତିରେଖା ସ୍ୱାଇଁ, ଓଉପଦା ସରପଞ୍ଚ ମମତା ସାମଲ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ନିର୍ବାହୀ ଅଧିକାରୀ, ଏଡିଇଓ, ଜିଆରଏସ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ସମସ୍ତ ଲାଇନ ଡିପାର୍ଟମେଣ୍ଟର କ୍ଷେତ୍ରିୟ କର୍ମଚାରୀ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଯୋଗ ଦେଇଥିବା ରିସୋର୍ସ ପର୍ସନ ବିଭିନ୍ନ ଇଣ୍ଡେକ୍ସ ଉପରେ ଆଲୋଚନା କରିଥିଲେ। କର୍ମଶାଳାକୁ ପିଇଓ ପ୍ରଭାତ ମଲ୍ଲିକ, ସର୍ବେଶ୍ୱର ବରାଳ, ଅନନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ଅମଲା ସଂଘର ଆନ୍ଦୋଳନ

ରାଜନଗର, ୧୧।୭ (ସମିସ): ରାଜନଗର ତହସିଲର ଅମଲା ସଂଘର ଆନ୍ଦୋଳନ ଜାରି ରହିଛି। ଠାକୁର ଚାନ୍ଦ ହେମ୍ବ୍ରମ, ପ୍ରଶାନ୍ତ ସାହୁ, ପରେଶ ମଲିକ, ଅମୂଲ୍ୟ ରାଉତ, ପ୍ରଦୀପ ରାଉତ, ଅଶୋକ ଦାସ, ସତ୍ୟବ୍ରତ ଗିରି, ରବୀନ୍ଦ୍ର ବାସ୍କେ ଓ ଅନୀକା ସାହାଣୀ ପ୍ରମୁଖ କଳା ବ୍ୟାଜ୍ ପିନ୍ଧି କାମ କରୁଛନ୍ତି। ଦାବି ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ରାଜନଗର, ୧୧।୭ (ସମିସ): ଭାରତମାତା କୋଚିଂ ସେଣ୍ଟର ପରିସରରେ ମେରା ଯୁବା ଭାରତ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି




ଭାବେ ଡାକ୍ତର ଆଦିତ୍ୟ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସଞ୍ଜୟ ବାଗ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଦୋଳଗୋବିନ୍ଦ ଜେନା, ଜଗନ୍ନାଥ ଦାସ ଯୋଗଦେଇଥିଲେ। ମେରା ଯୁବା ଭାରତର ବ୍ଲକ ସଂଯୋଜକ ଆଇନଜୀବୀ ଦେବଦତ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଦନପୁର କଲେଜରେ ବନ ମହୋତ୍ସବ



ପଟ୍ଟାମୁଣ୍ଡାଇ, ୧୧।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର କଲେଜରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁଥ ରେଡକ୍ରସ ସଂଯୋଜକ ଅଧ୍ୟାପକ ପୁଷ୍ପ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କଲେଜ ଅଧ୍ୟକ୍ଷ ଶ୍ରୀମନ୍ତ ଉପାଧ୍ୟାୟ ମୁଖ୍ୟଅତିଥି, ସାମ୍ବାଦିକ ଭାସ୍କର ରାଉତରାୟ ମୁଖ୍ୟବକ୍ତା ଓ ପ୍ରାଧ୍ୟାପକ ସବ୍ୟସାଚୀ ତ୍ରିପାଠୀ, ପ୍ରାଧ୍ୟାପକ ଦିଲ୍ଲୀପ ମହାପାତ୍ର, ପ୍ରାଧ୍ୟାପକ ଗୌରାଙ୍ଗ ପଣ୍ଡା, ପ୍ରାଧ୍ୟାପକ ଅରୁଣ ଦାଶ, ପ୍ରାଧ୍ୟାପକ ଶୁଭକାନ୍ତ ନାୟକ, ଅଧ୍ୟାପିକା ରଶ୍ମିରାଣୀ ପ୍ରଧାନ, ଅଧ୍ୟାପିକା ଦୀପ୍ତିମୟୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ କଦମ୍ବ, ଆକାଶୀ, ଡାଳିମ୍ବ, ବଉଳ ପ୍ରଭୃତି ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁଚରଣ ବରାଳ ଓ ସୁଧୀର ବେହେରାଙ୍କ ସମେତ ଯୁଥ ରେଡକ୍ରସ ସଦସ୍ୟ ପରିଚାଳନା କରିଥିଲେ।

# ମାର୍ଶାଘାଇ ସମବାୟ କୃଷି ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର କାମ ମନ୍ଥର

ମାର୍ଶାଘାଇ, ୧୧।୭ (ସମିସ): ମାର୍ଶାଘାଇ ସମବାୟ କୃଷି ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ପ୍ରକଳ୍ପ କାମକୁ ଜିଲ୍ଲା ସମବାୟ ଉପନିବନ୍ଧକ ପ୍ରଭାକର ନାୟକ, ଏଆରସିଏସ୍ ଯୋଗେନ୍ଦ୍ର ବିଶ୍ୱାଳ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପରିଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ଅଧିକାରୀଙ୍କ ପରିଦର୍ଶନ ସମୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା ଉପସ୍ଥିତ ଥିଲେ। ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ପ୍ରକଳ୍ପ ଟେଣ୍ଡର କରାଯାଇ ସମବାୟ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ କରିବାକୁ ଚୁକ୍ତି କରାଯାଇଥଲା। ଅବଶ୍ୟ ବିଭାଗ ପକ୍ଷରୁ ପ୍ରକଳ୍ପ ଡିଜାଇନ ପରିବର୍ତ୍ତନ ଯୋଗୁଁ କାର୍ଯ୍ୟ ସାମାନ୍ୟ ବିଳମ୍ବ କରାଯାଇଥିଲା। ଠିକାସଂସ୍ଥା ୯ ମାସରୁ ଊର୍ଦ୍ଧ୍ୱ ସମୟ ଧରି ନିର୍ମାଣ କାମ ଚାଲୁ ରଖିଥିବାବେଳେ ପ୍ରକଳ୍ପ ମନ୍ଥର ଗତିରେ ଚାଲୁଛି। ରାଜ୍ୟସ୍ତରୀୟ କୃଷି ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର କାମ ତ୍ୱରାନ୍ୱିତ କରିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ଜେନାଙ୍କ ସହିତ ଆଲୋଚନା କରିଥିଲେ। କୃଷି ପ୍ରଧାନ କେନ୍ଦ୍ରାପଡ଼ା ଜିଲ୍ଲାରେ କୃଷକଙ୍କ ବିକାଶକୁ ଗୁରୁତ୍ୱ ଦେବା ସହ ଚାଷୀଙ୍କୁ ପ୍ରଶିକ୍ଷଣ ସୁଯୋଗ ନିମନ୍ତେ ପୂର୍ବତନ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ୬ କୋଟି ବ୍ୟୟରେ ରାଜ୍ୟସ୍ତରୀୟ କୃଷି ଶିକ୍ଷା



ସମବାୟ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ପ୍ରକଳ୍ପ କାମ ହାତେଇଥିବା ଢେଙ୍କାନାଳର ଜଣେ ଠିକାସଂସ୍ଥା ଲୋକାଲ ଠିକାଦାରଙ୍କ ଦ୍ୱାରା କାମ କରାଉଥିବା ଅଭିଯୋଗ ହେଉଛି। ଶିଳାନ୍ୟାସର ୬ ମାସ ପରେ ପ୍ରକଳ୍ପ କାମ ହାତକୁ ନିଆଯାଇ ଅତ୍ୟନ୍ତ ମନ୍ଥର ଗତିରେ କାର୍ଯ୍ୟ ଚାଲିବାକୁ ନେଇ ସମବାୟ ବିଭାଗ ଉପନିବନ୍ଧକ ଓ ଏଆରସିଏସ୍ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ଜେନାଙ୍କୁ ପରାମର୍ଶ ଦେଇଥିଲେ। ବର୍ଷାଋତୁ ପରେ ପ୍ରକଳ୍ପ କାମ ତ୍ୱରାନ୍ୱିତ କରାଯିବ ବୋଲି ପୂର୍ତ୍ତ ବିଭାଗ ଯନ୍ତ୍ରୀ ଶ୍ରୀ ଜେନା ପ୍ରତିଶ୍ରୁତି ଦେଇଥିଲେ।

# ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

ଗରଦପୁର, ୧୧।୭ (ସମିସ): ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତର ବସନ୍ତପୁର ଗ୍ରାମରେ ଅବସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ସକାଳ ୫.୩୦ରେ କାକଡ଼ ଆରତି, ୬.୩୦ରେ ବାବାଙ୍କ ସ୍ନାନ ଆରତି, ପରେ ମହାଭିଷେକ ପୂଜା, ହୋମ ଓ ମଧ୍ୟାହ୍ନ ଆରତି ଅନୁଷ୍ଠିତ ହୋଇଥିଲା। ଏହି ଗୁରୁପୂର୍ଣ୍ଣିମା ମହୋତ୍ସବରେ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ରେଣୁପ୍ରଭା ନାୟକ ଓ ଗରଦପୁର ବିଡିଓ ଆଲୋକ ରଞ୍ଜନ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦକ ସୁନୀଲ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ




ଦୀପ୍ତିରଞ୍ଜନ କାନୁନଗୋ, ସାମ୍ବାଦିକ ଧୀରେନ ମିଶ୍ର, ସାମ୍ବାଦିକ ଉମାକାନ୍ତ ପାତ୍ର ପ୍ରମୁଖଙ୍କ ସହ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଗୁରୁ ପୂର୍ଣ୍ଣିମାରେ ବାବାଙ୍କ ଆଶୀର୍ବାଦ କାମନା କରିଥିଲେ। ଶିରିଡ଼ି ସାଇ ଟ୍ରଷ୍ଟ ପକ୍ଷରୁ ନଳିନୀକାନ୍ତ ମହାନ୍ତି, ଚଣ୍ଡିପ୍ରସାଦ ମହାନ୍ତି, କମଳ ମହାନ୍ତି ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଟ୍ରଷ୍ଟ ପକ୍ଷରୁ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ନାୟକ ଓ ବିଡିଓ ଶ୍ରୀ ସେଠୀଙ୍କୁ ପୁଷ୍ପମାଲ୍ୟ, ବାବାଙ୍କ ଅଙ୍ଗବସ୍ତ୍ର, ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

● ଅର୍ଣ୍ଣାମୂଳକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ମାନ୍ୟତା ବାଟ ଫିଟିଲା

# ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ଆରମ୍ଭ

ଡେରାବିଶ, ୧୧।୭ (ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅଧୀନ ଅର୍ଣ୍ଣାମୂଳ ରାଜସ୍ୱ ଗ୍ରାମ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ମାନ୍ୟତା ପାଇବା ବାଟ ଫିଟିଛି। ଏହି ପଡ଼ା ଗ୍ରାମର ଲୋକ ସଂଖ୍ୟା ୪୦୦ରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ଏହି ଗ୍ରାମକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମରେ ପରିଣତ କରିବା ସରକାରଙ୍କ ସମସ୍ତ ସର୍ତ୍ତ ପୂରଣ କରୁଥିବାରୁ ଗ୍ରାମବାସୀ ଦୀର୍ଘ ବର୍ଷ ହେବ ଏହାକୁ ରାଜସ୍ୱ ମୌଜା କରିବା ନିମନ୍ତେ ଆବେଦନ କରିଆସୁଥିଲେ। ଗ୍ରାମବାସୀ ତହସିଲଦାର, ବିଡିଓ, ଜିଲ୍ଲାପାଳ ଓ ଆରଡିସିଙ୍କୁ ଆବେଦନ ପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ଡେରାବିଶ ତହସିଲଦାର ଯଅଁରା ବାରିମୂଳ ରାଜସ୍ୱ ନିରୀକ୍ଷକ ଇପ୍‌ସିତା ପରିଜାଙ୍କୁ ଅର୍ଣ୍ଣାମୂଳ ପଡ଼ା ଗ୍ରାମକୁ ତଦନ୍ତ ପାଇଁ ପଠାଇଥିଲେ। ରାଜସ୍ୱ ନିରୀକ୍ଷିକା ଶ୍ରୀମତୀ ପରିଜା ଗ୍ରାମବାସୀଙ୍କ ମତାମତ, ଗ୍ରାମର ନକ୍ସା, ଲୋକସଂଖ୍ୟା ଓ ଅନ୍ୟାନ୍ୟ ତଦାରଖ କରିଥିଲେ। ଏ ସମ୍ପର୍କରେ ସେ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ।

# ରାଧାରମଣ ମଠରେ ଗୁରୁପୂର୍ଣ୍ଣିମା ଉତ୍ସବ

ପଟ୍ଟାମୁଣ୍ଡାଇ, ୧୧।୭ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରମୁଖ ଆଧ୍ୟାତ୍ମିକ ପୀଠ ରାଧାରମଣ ମଠରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ପ୍ରଭୁ ରାଧାରମଣ ଦେବ, ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ଯଥାବିଧି ପୂଜାର୍ଚ୍ଚନା ସହ ଦିବାରାତ୍ର ନାମ ସଂକୀର୍ତ୍ତନ କରାଯାଇଥିଲା। ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦଜୀଙ୍କୁ ଶିଷ୍ୟମାନେ ଫୁଲଚନ୍ଦନ, ଧୂପଦୀପ ଓ ଅର୍ଘ୍ୟ ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ।



ଗୁରୁ ଅସୀମାନନ୍ଦ ଶିଷ୍ୟଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସାଧନାର ସ୍ୱରୂପ ସମ୍ପାଦକ ଦେବବ୍ରତ ଦେବତା, ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ତପନ ମିଶ୍ର, ପଟ୍ଟାମୁଣ୍ଡାଇ ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା, ଶ୍ୟାମପ୍ରସାଦ ନନ୍ଦ, ସମାଜସେବୀ ପୁରୁଷୋତ୍ତମ ବେହେରା, ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର ଅଧ୍ୟକ୍ଷ ପ୍ରଭୁଦତ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନିରାକାର ପଣ୍ଡା, ଅମ୍ବୁଜ ଭୂଷଣ ନାୟକ, ମୃତ୍ୟୁଞ୍ଜୟ ସୂତାର, ରତ୍ନେଶ ସାହୁ, ରାଧାରମଣ ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

# ଡେରାବିଶ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ



ଡେରାବିଶ, ୧୧।୭ (ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ସଭା କକ୍ଷରେ +୩ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଓ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇ ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। ସେମାନେ ମନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୋଷଣ କରି ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଓ ଅନବରତ ଉଦ୍ୟମ ଜାରି ରଖିଲେ ଭବିଷ୍ୟତରେ ନିଶ୍ଚିତ ସଫଳତା ପାଇପାରିବେ ବୋଲି କହିଥିଲେ। ଏଥିସହିତ ଏହି ମହାବିଦ୍ୟାଳୟରେ ଏକ ଉନ୍ନତ ଶୈକ୍ଷିକ ବାତାବରଣ ପାଇଁ ସବୁ ପ୍ରକାର ସୁଯୋଗର ବ୍ୟବସ୍ଥା କରାଯାଇଛି ବୋଲି ଅଧ୍ୟକ୍ଷ ଶ୍ରୀ ନାୟକ କହିଥିଲେ। ପରୀକ୍ଷା ଓ ନାମଲେଖା ଅଧିକାରୀ ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର ନୂତନ ଶିକ୍ଷାନୀତିର ପାଠ୍ୟ ଖସଡ଼ା ବିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବୃନ୍ଦାବନ ଦାସ, ନଗେନ୍ଦ୍ର ପାଣି, ଗୁରୁଚରଣ ସେଠୀ, ଅଭିଜିତ ପ୍ରଧାନ, ଅଧ୍ୟାପିକା ଡଃ ପ୍ରଜ୍ଞା ପଟ୍ଟନାୟକ, ଡଃ ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ସୁଭାସିନୀ ମିଶ୍ର, ଡଃ ଭାଗ୍ୟଲକ୍ଷ୍ମୀ ସାହୁ ଓ ଶ୍ରଦ୍ଧାଞ୍ଜଳି ମଲିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ସଫଳତା ପ୍ରାପ୍ତି ପୂର୍ବକ ନିଜର କ୍ୟାରିୟରକୁ କିପରି ଉଜ୍ଜ୍ୱଳ କରିପାରିବେ, ସେ ସମ୍ପର୍କରେ ନିଜ ମତ ରଖିଥିଲେ। ଅଧ୍ୟାପକା ଡଃ ରୁଦ୍ରାଣୀ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. କିଶୋର ବେଦାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଦ୍ରୌପଦୀ ପାଇବେ ବାକିଆ ଭତ୍ତା

ମାଳିପୁର, ୧୧।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତର ବାଲିପାଟଣା ଗ୍ରାମର ବାସିନ୍ଦା ଦ୍ରୌପଦୀ ପଲାଇ ଭତ୍ତା ପାଇଁ ବାରଦୁଆର ହେଉଥିବା ଖବର 'ସକାଳ' ଦୈନିକ ଖବରକାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ପ୍ରଶାସନ ତତ୍ପର ହୋଇଉଠିଛି। ବଳଭଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିରଞ୍ଜନ ସାମଲଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଦ୍ରୌପଦୀ ପଲାଇଙ୍କ ଭତ୍ତା ମଞ୍ଜୁର ଦୁଇବର୍ଷ ତଳୁ ହୋଇଥିଲା। ଭୁଲବଶତଃ ପ୍ରଦାନ କରାଯାଇ ନ ଥିଲା। ଏବେ ତାଙ୍କର ବାକିଥିବା ଭତ୍ତା ଟଙ୍କା ହିସାବ କରିସାରିଛି। ଭତ୍ତା ମଞ୍ଜୁର ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଦ୍ରୌପଦୀଙ୍କ ବାକିଆ ଭତ୍ତା ରାଶି ସମୁଦାୟ ୨୧୪୦୦.୦୦ ଟଙ୍କା ପାଇବାକୁ ଅଛି। ଆଗାମୀ ଭତ୍ତା ବଣ୍ଟନ ବେଳେ ଦ୍ରୌପଦୀଙ୍କୁ ତାଙ୍କର ସମସ୍ତ ବାକିଆ ଭତ୍ତା ରାଶି ପ୍ରଦାନ କରାଯିବ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।



'ସକାଳ'ର ପ୍ରଭାବ

# ଧର୍ମପ୍ରାଣ କେଶବ ମଲ୍ଲିକଙ୍କ ପରଲୋକ

ପଞ୍ଚୁପାଣ୍ଡବ, ୧୧।୭ (ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି କେଶବ ଚରଣ ମଲ୍ଲିକ (୯୫)ଙ୍କ ପରଲୋକ ହୋଇଯାଇଛି। ସେ ଗୁରୁବାର ସନ୍ଧ୍ୟାରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ ଓ ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ମଲ୍ଲିକ ଜଣେ ଧର୍ମପରାୟଣ, ସ୍ୱେଚ୍ଛାସେବୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ବିଜୟ ମଲ୍ଲିକ ମୁଖାଗ୍ନି ଦେଇଥିଲେ।



ପରିତ୍ୟକ୍ତ ପାଇଖାନାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

# ଘଟଣାସ୍ଥଳରେ ପୁଲିସ୍‌ର ଛାନ୍‌ଭିନ

ଡେରାବିଶ, ୧୧।୭ (ସମିସ)

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତର ଦୋହଳି ମିନି ଷ୍ଟାଡ଼ିୟମ ପଛରେ ଥିବା ଏକ ପରିତ୍ୟକ୍ତ ପାଇଖାନାରୁ ଆଜି ଜଣେ ବୃଦ୍ଧଙ୍କ ବିଭତ୍ସ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ପ୍ରମୋଦ ସେଠୀ (୬୫)। ଏ ସମ୍ପର୍କରେ ମୃତକଙ୍କ ପରିବାରଠାରୁ ଖବର ପାଇ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ, ଏସ୍‌ଆଇ ସୁନୀଲ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ସାଇଣ୍ଟିଫିକ୍ ଟିମ୍ ତଦନ୍ତ ନିମନ୍ତେ ମୃତକଙ୍କ ବିଭିନ୍ନ ସାମଗ୍ରୀ ପଡ଼ିଥିବା ସ୍ଥାନକୁ ସିଲ୍ କରିଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ମୃତକଙ୍କ ପୁଅ ସୁଶାନ୍ତ ସେଠୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ବାପା ନିକଟସ୍ଥ ଏକ ଇଟା କାରଖାନାରେ ରାତ୍ର ଜଗୁଆଳ ଭାବେ କାମ କରନ୍ତି। ସବୁଦିନ ଭଳି ସେ ଗତକାଲି ରାତିରେ ଘରୁ ରାତ୍ରିଭୋଜନ ସାରି ତାଙ୍କ କାର୍ଯ୍ୟସ୍ଥଳକୁ ସାଇକଲ ଧରି ବାହାରି ଯାଇଥିଲେ। ଆଜି ସକାଳୁ ତାଙ୍କ ବାପା ଘରକୁ ଫେରିବା ଡେରି ହେବାରୁ ସେ ତାଙ୍କ ବାପାଙ୍କ ଫୋନ୍‌କୁ ଯେତେ ଫୋନ୍ କଲେ ମଧ୍ୟ ସେ ଉଠାଇ



ନ ଥିଲେ। ପରେ ଇଟାଭାଟିକୁ ଯୋଗାଯୋଗ କରିବାରୁ ତାଙ୍କ ବାପା ଗତକାଲି ରାତିରେ ଇଟାଭାଟିକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ପରେ ବନ୍ଧୁବାନ୍ଧବଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳି ନ ଥିଲା। ସେ ନିରୁପାୟ ହୋଇ କେନ୍ଦ୍ରାପଡ଼ା ସଦର ଥାନାରେ ଏକ ନିଖୋଜ ମାମଲା ଦାଏର କରିଥିଲେ। ତେବେ ଅପରାହ୍ନ ୧ଟା ସମୟରେ ପରିବାର ସଦସ୍ୟ ମିନି ଷ୍ଟାଡିୟମ ପଛପଟ ରାସ୍ତା କଡ଼ରେ ଥିବା ପରିତ୍ୟକ୍ତ ପାଇଖାନାରେ ତାଙ୍କ ବାପାଙ୍କ ସାଇକଲ୍ ପଡ଼ିଥିବା ଦେଖିବାକୁ ପାଇଥିଲେ। ସାଇକଲକୁ ଉଦ୍ଧାର କରିବାକୁ ଯିବାରୁ ସେଠାରେ ତାଙ୍କ ବାପାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୁଲିସ୍ ପହଞ୍ଚି ତଦନ୍ତ କରିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ମୃତକଙ୍କ ମୁହଁକୁ କେହି ଦୁର୍ବୃତ୍ତ ଇଟାରେ ଛେଚି ବେକକୁ ଗାମୁଛାରେ ଚିପି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁଲିସ୍ ଏହାର ପାରିପାର୍ଶ୍ୱିକ ବିଭିନ୍ନ ସ୍ଥାନକୁ ଛାନ୍‌ଭିନ କରିବାରୁ ମୃତକଙ୍କ ଚପଲ, ମୋବାଇଲ, ସାର୍ଟ ଇତ୍ୟାଦି ବିଭିନ୍ନ ସ୍ଥାନରେ ପଡ଼ିଥିବା ଦେଖିବାକୁ ପାଇଥିଲା। ପରେ ସାଇଣ୍ଟିଫିକ ଟିମ୍‌ର ତଦନ୍ତ ନିମନ୍ତେ ଘଟଣାସ୍ଥଳକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଥିଲା। ରିପୋର୍ଟ ଲେଖା ହେବା ବେଳକୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ପୁଲିସ୍ ଜଗି ରହିଛି। ଅନ୍ୟପକ୍ଷରେ ସନ୍ଧ୍ୟା ହୋଇଯିବାରୁ ମୃତକଙ୍କ ଶବ ବ୍ୟବଚ୍ଛେଦ ଆସନ୍ତାକାଲି କରାଯିବ ବୋଲି ଜଣାଯାଇଛି।

## ଆର୍‌ଏସ୍‌ପି ପକ୍ଷରୁ ହସ୍ତତନ୍ତ ସିଲେଇ ତାଲିମ

# ପାର୍ଶ୍ୱାଞ୍ଚଳ ମହିଳାଙ୍କୁ ଯୋଗାଇଛି ଜୀବିକା

ରାଉରକେଲା, ୧୧।୭ (ସମିସ)



ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସ୍‌ଆର ବିଭାଗ ଦ୍ୱାରା ଆୟୋଜିତ ବୃତ୍ତିଗତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ପାର୍ଶ୍ୱାଞ୍ଚଳ ମହିଳାମାନଙ୍କୁ ଛୁଞ୍ଚି ଏବଂ ସୂତାର କାରିଗରୀ କଳା ସହିତ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନର ପ୍ରତିଶ୍ରୁତି ଦେଇ ସ୍ୱାବଲମ୍ବୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ରାଉରକେଲାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ୧୦ ଜଣ ମହିଳା ଗତ ମେ' ୬ ତାରିଖରେ ଏହି କାର୍ଯ୍ୟକ୍ରମରେ ପ୍ରବେଶ କରିବା ସହ ସେମାନଙ୍କର ଜୀବନ ଏକ ପରିବର୍ତ୍ତନଶୀଳ ମୋଡ଼ ନେଇଥିଲା। ସେମାନେ ସେକ୍ଟର-୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ହସ୍ତତନ୍ତ ସିଲେଇର ଯାତ୍ରା ଆରମ୍ଭ କରିବାକୁ ପାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଯୋଜନା ଇସ୍ପାତ ସହରର ଆଖପାଖରେ ଥିବା ଗ୍ରାମ ଏବଂ ଶିଳ୍ପାଞ୍ଚଳ ବସ୍ତିରେ ବସବାସ କରୁଥିବା ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ଝିରପାଣି ପୁନଃନିର୍ବାସ କଲୋନୀ, ପୁରୁଣାପାଣି, ବାଣିଗୁନି ଏବଂ ନିକଟବର୍ତ୍ତୀ ବସ୍ତିର ଅନେକ ମହିଳାମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଏକ ନୂତନ ଦକ୍ଷତା ଆଣିଦେଇଛି। ଏହା ସେମାନଙ୍କୁ ଆର୍ଥିକ ନିର୍ଭରଶୀଳତାରୁ ମୁକ୍ତି ଏବଂ ସେମାନଙ୍କ ପରିବାରକୁ ସହଯୋଗ କରିବାର ସ୍ୱାଧୀନତା ତଥା ସେମାନଙ୍କର ପାରମ୍ପରିକ ଭୂମିକା ବାହାରେ ସ୍ୱପ୍ନ ଦେଖିବାର ସୁଯୋଗ ଦେଇଛି। ପୁରସ୍କାର ବିଜେତା ମାଷ୍ଟର ଟ୍ରେନର କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଏବଂ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ସହାୟତାରେ ଏହି ୬୦ ଦିନିଆ ତାଲିମ କାର୍ଯ୍ୟକ୍ରମ, ସିଲାଇ କୌଶଳ ଠାରୁ ଅଧିକ ଅନେକ ବିଷୟ ଉପରେ ଧ୍ୟାନ ଦେଇଥିଲା। ଏହା ଏକ ସାମଗ୍ରିକ ପାଠ୍ୟକ୍ରମ ଯାହା ମୁଖ୍ୟତଃ ହାତ ସିଲାଇ ଏବଂ ଡିଜାଇନ୍ ଟ୍ରେସିଂ ଠାରୁ ଆରମ୍ଭ କରି ପାରମ୍ପରିକ ଏବଂ ସମସାମୟିକ ହସ୍ତତନ୍ତ ପଦ୍ଧତି, କପଡ଼ା ସମନ୍ୱୟ ଏବଂ ଉତ୍ପାଦ ସୃଷ୍ଟି ପର୍ଯ୍ୟନ୍ତ ସବୁକିଛିକୁ ଆବୃତ କରୁଛି। ଏବେ ମହିଳାମାନେ ରୁମାଲ, କୁଶନ କଭର, ବେଡସ୍ପ୍ରେଡ୍, କନ୍ଥା ସିଲାଇ କରିବା, ଶାଢ଼ି ବର୍ଡର ଏବଂ ଟ୍ରେଣ୍ଡି ଟୋଟ୍ ବ୍ୟାଗ ଭଳି ବିଭିନ୍ନ ଜିନିଷ ତିଆରି କରିବା ଶିକ୍ଷାଲାଭ କରିଛନ୍ତି।

କିନ୍ତୁ ଏହି କାର୍ଯ୍ୟକ୍ରମ କେବଳ ସିଲାଇରେ ସୀମିତ ହୋଇ ରହିନାହିଁ ବରଂ ୨ ଲକ୍ଷ ୪ ହଜାର ଟଙ୍କାର ଏହି ପ୍ରକଳ୍ପ ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ଗୁଣବତ୍ତା ନିୟନ୍ତ୍ରଣ, ମୂଲ୍ୟ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗୀକରଣ ବିଷୟରେ ମଧ୍ୟ ତାଲିମ ଦିଆଯାଉଛି। ଉଦ୍ୟୋଗୀ ଦକ୍ଷତାକୁ ପ୍ରୋତ୍ସାହିତ କରି, ଏହି ପଦକ୍ଷେପ ମହିଳାମାନଙ୍କୁ କେବଳ ଏକ ପରିପୂରକ ଆୟ ପାଇଁ ପ୍ରସ୍ତୁତ କରିଛି ତା ନୁହେଁ ବରଂ ସ୍ୱାଧୀନ ଭାବେ ନିଜସ୍ୱ ବ୍ୟବସାୟ କିମ୍ବା ଭବିଷ୍ୟତର ପ୍ରଶିକ୍ଷକ ହେବା ପାଇଁ ମଧ୍ୟ ପ୍ରସ୍ତୁତ କରିଛି, ଯାହା ସେମାନଙ୍କ ସମ୍ପ୍ରଦାୟରେ ସଶକ୍ତିକରଣର ଏକ ଲହରୀ ସୃଷ୍ଟି କରୁଛି। ଏହା ବ୍ୟତୀତ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଋଣ, ସବସିଡି ଏବଂ ବୀମା ଭଳି ସରକାରୀ ଯୋଜନା ପାଇବାରେ ମାର୍ଗଦର୍ଶନ କରିବା ସହିତ ସେମାନଙ୍କୁ କାରିଗର ପ୍ରମାଣପତ୍ର ପାଇବା ପାଇଁ ସୁଯୋଗ ସୃଷ୍ଟି କରିଛି। ଏହା ଦ୍ୱାରା ସେମାନଙ୍କର ଦୀର୍ଘସ୍ଥାୟୀ ଆୟର ସୁଯୋଗ ଏବଂ ସାମାଜିକ ସ୍ଥିତି ବୃଦ୍ଧି ପାଇଛି।

● ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ସ୍ଥଗିତ

## ଜିଲ୍ଲାରେ ବସ୍ ଚଳାଚଳ ଆରମ୍ଭ



**ରାଉରକେଲା, ୧୧।୭ (ସମିସ):** ଜୁଲାଇ ୮ ତାରିଖ ଠାରୁ ଆରମ୍ଭ ହୋଇଥିବା ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଶୁକ୍ରବାର ସ୍ଥଗିତ ହୋଇଛି। ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହୋଇଥିବା ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ, ବିଶ୍ରା, ରାଜଗାଙ୍ଗପୁର, ସୁନ୍ଦରଗଡ଼, କୁଆଁରମୁଣ୍ଡା, ବୀରମିତ୍ରପୁର, ନୂଆଗାଁ, ହାତୀବାରି, ଚାନ୍ଦିପୋଷ, ଝିରପାଣି, ଜଗଦା, ବେଦବ୍ୟାସ ସମେତ ସୁନ୍ଦରଗଡ଼ରେ ବସ୍ ଚଳାଚଳ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ବସ୍ ଦ୍ୱାରା ପରିବହନ ହେଉଥିବା ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ସମେତ ଅନ୍ୟାନ୍ୟ ସାମଗ୍ରୀ ଗତ କିଛି ଦିନ ଧରି ବସ୍ ଷ୍ଟାଣ୍ଡରେ ପଡ଼ି ରହିଥିଲା। ବସ୍ ଚଳାଚଳ ଆରମ୍ଭ ହୋଇଥିବାରୁ, ସେଗୁଡିକର ପରିବହନ ଆଜିଠାରୁ ଆରମ୍ଭ ହୋଇଛି। ଧୀରେ ଧୀରେ ନୂତନ ବସ୍ ଷ୍ଟାଣ୍ଡରୁ ବସ୍ ମାଧ୍ୟମରେ ସାମଗ୍ରୀ ପରିବହନ କରାଯାଉଛି। ନୂତନ ବସ୍ ଷ୍ଟାଣ୍ଡରେ ଯାତ୍ରୀଙ୍କ ଭିଡ଼ ସ୍ୱାଭାବିକ ଭାବରେ ହ୍ରାସ ପାଇଛି। ଟିକଟ କାଉଣ୍ଟରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଖୁବଶୀଘ୍ର ଲମ୍ବା ରୁଟ୍‌ବସ୍ ଆରମ୍ଭ ହେବାର ସମ୍ଭାବନା ରହିଛି, ଯାହା ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆନନ୍ଦର ପରିବେଶ ଦେଖିବାକୁ ମିଳୁଛି। ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଗତ କିଛିଦିନ ଧରି ସୁନ୍ଦରଗଡ଼ ଜିଲ୍ଲା ସମେତ ସମଗ୍ର ଓଡ଼ିଶାରେ ବସ୍, ଟ୍ରକ୍, ଟିପ୍ପର ଏବଂ ଦୂରଗାମୀ ଯାନବାହାନ ଚଳାଚଳ ବନ୍ଦ ରହିଥିଲା।

# ପରିବା ଦର ଆକାଶ ଛୁଆଁ; ଚିନ୍ତାରେ ଖାଉଟି

**ବଣାଇଁ, ୧୧।୭ (ସମିସ):** ବଣାଇଗଡ଼ ସହରରେ ପ୍ରତ୍ୟେକ ସୋମବାର ଓ ଗୁରୁବାର ଦୁଇ ଦିନ ଧରି ସାପ୍ତାହିକ ହାଟ ବସିଥାଏ। ବଣାଇ ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳର ଲୋକ ପନିପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଏହି ହାଟ ଉପରେ ନିର୍ଭର କରିଥାନ୍ତି। ଦୀର୍ଘ ୨୦ ଦିନ ଧରି କ୍ରମାଗତ ଭାବେ ବଣାଇଁ ଅଞ୍ଚଳରେ ବର୍ଷା ଲାଗିରହିଥିବା ବେଳେ ଗୁରୁବାର ହାଟ ଦିନରେ ସକାଳୁ ପାଗ ଟିକିଏ ଶୁଖିଲା ରହିଥିଲା, ଯାହାଫଳରେ ସକାଳ ଆଠଟା ସମୟରୁ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରତ୍ୟେକ ହାଟ ଦିନରେ ବିଭିନ୍ନ ଗ୍ରାମାଞ୍ଚଳରୁ ଏଠାକୁ ବିଭିନ୍ନ ପ୍ରକାରର ପନିପରିବା ବିକ୍ରି ପାଇଁ ଆସିଥାଏ କିନ୍ତୁ ଲଗାଣବର୍ଷା ଯୋଗୁଁ ଲୋକଙ୍କ ଚାହିଦା ଅନୁଯାୟୀ ଆବଶ୍ୟକ ପରିମାଣର ପନିପରିବା ବଜାରକୁ ଆସି ନଥିବାବେଳେ ସମସ୍ତ ପନିପରିବାର ଦର ଆକାଶଛୁଆଁ ହୋଇଥିଲା। ପୋଟଳ କେଜି ୧୦୦, ବାଇଗଣ ୮୦, ଭେଣ୍ଡି ୮୦, ଟମାଟୋ ୫୦ପର୍ଯ୍ୟନ୍ତ ଦର ଛୁଇଁଥିଲା। ବଣାଇଁ ସହରର ଆଖପାଖ ଅଞ୍ଚଳର ଗୁରୁଣ୍ଡିଆ, କୁଣ୍ଡେଇଡିହା, ରଜାବସା, ତଳିତା, କୁଳିପୋଷ, ପିଠାଚୋର, ସରସରା ଆଦି ଅଞ୍ଚଳରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏହି ପନିପରିବା ଆସିଥାଏ। ଫଳରେ ଦାମ କମ ଥାଏ। ପରବର୍ତ୍ତୀ ସମୟରେ ରାଉରକେଲା ଅଞ୍ଚଳରୁ ଖୁଚୁରା ବେପାରୀମାନେ ପନିପରିବା ଆମଦାନୀ କରି ବଜାରକୁ ଆଣୁଥିଲେ ମଧ୍ୟ ଜୁନ ମାସରେ ରେଟ୍ ଥାଏ ୩୦ ରୁ ୪୦ ଟଙ୍କା। ମାତ୍ର ଚଳିତ ବର୍ଷ ଆମଦାନୀ କମିଯିବାରୁ ଏପରି ପରିସ୍ଥିତି ସୃଷ୍ଟି



ହେଉଥିବା କୁହାଯାଉଛି। କେବଳ ବଣାଇଁ ନୁହେଁ ରାଜ୍ୟର ସମସ୍ତ ସ୍ଥାନରେ ପନିପରିବା ୧୦୦ ଟଙ୍କାରେ ପହଞ୍ଚିଲାଣି। ପନିପରିବାର ଏପ୍ରକାର ଦର ଆଉମାସେ ପର୍ଯ୍ୟନ୍ତ ରହିବ ବୋଲି ଅନୁମାନ କରାଯାଉଛି। ଆଜିର ପରିବା ଦରକୁ ଦେଖି ଅନେକଲୋକେ ହତାଶ ହୋଇ ଫେରିଛନ୍ତି, ଆବଶ୍ୟକ ଅନୁସାରେ ପନିପରିବା କ୍ରୟ ନ କରି କାମଚଳା ହିସାବରେ ପନିପରିବା କିଣି ଘରକୁ ଫେରିଛନ୍ତି।

# ବେଦବ୍ୟାସ ଜୟନ୍ତୀ ସମାରୋହ ଓ ଗୁରୁପୂର୍ଣ୍ଣିମା

**ରାଉରକେଲା, ୧୧।୭ (ସମିସ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ମହାନଗରର ମାଧବନଗର ଶାଖା ଦ୍ୱାରା ଗୁରୁପୂର୍ଣ୍ଣିମା ଓ ବେଦବ୍ୟାସ ଜୟନ୍ତୀ ପାଳିତ ହୋଇଯାଇଛି। ରାଉରକେଲା କଲେଜର ପ୍ରାକ୍ତନ ଅଧ୍ୟକ୍ଷା ତଥା ମହାନଗର ଉପ-ସଭାପତି ସୁଜାତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋଚ୍ୟ ବିଷୟ 'ଭାରତୀୟଜ୍ଞାନ ପରମ୍ପରାକୁ ବେଦବ୍ୟାସଙ୍କ ଅବଦାନ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ବିଶିଷ୍ଟ କବି ତଥା ଶିକ୍ଷାବିତ୍ ତାରିଣୀ ଚରଣ ସାହୁ, ରାଉରକେଲା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା, ଶିକ୍ଷାବିତ ବ୍ରଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଥିଲେ। ବିଷୟ ବିଶେଷଜ୍ଞମାନେ ସେମାନଙ୍କ ବକ୍ତବ୍ୟରେ ବ୍ୟାସଙ୍କ ଜନ୍ମ, ତାଙ୍କ ଦ୍ୱାରା ସଂକଳିତ ବେଦ, ଅନବଦ୍ୟ ସୃଷ୍ଟି ମହାଭାରତ, ପୁରାଣ ପ୍ରଭୃତି ଭାରତୀୟ ଜ୍ଞାନ ପରମ୍ପରାକୁ ସମୃଦ୍ଧ କରିବା ସହ ସତ୍ୟ ସନ୍ଧାନ ଓ ଧର୍ମ ରକ୍ଷା ପାଇଁ ଭାରତୀୟ ସମାଜକୁ ପ୍ରେରିତ କରିଥିଲେ। ମାଧବନଗର ଶାଖାର ସମ୍ପାଦକ ଅଧ୍ୟାପିକା ମହାଶ୍ୱେତା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଶ୍ରେୟସୀ ସାହୁ ଭିତ୍ତି ପ୍ରବନ୍ଧ ପାଠ କରିଥିଲା ବେଳେ, ମହାନଗର ସାଧାରଣ ସମ୍ପାଦକ ଡ. ସୁଷମା ମୋଦୀ ଅତିଥିମାନଙ୍କ ପରିଚୟ ଓ ଶେଷରେ ଅଧ୍ୟାପିକା ସିମରନ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁନି କବି ସମ୍ପ୍ରତି ସାହୁ କବିତା ଆବୃତ୍ତି କରିଥିଲେ। ମହାନଗର ସଂଯୋଜକ କରୁଣାକର ପାଟଶାଣୀ ବିଷୟ ବିଶେଷଜ୍ଞ ଶ୍ରୀ ସାହୁଙ୍କ ସାହିତ୍ୟ ପ୍ରତି ଅବଦାନ ଓ ପ୍ରତିବଦ୍ଧତା, ପ୍ରଲମ୍ବିତ ଅଧ୍ୟାପନା କାଳ ସମ୍ପର୍କରେ ଆଲୋଚନା କରି ତାଙ୍କୁ ସାମ୍ପ୍ରତିକ ସମୟର 'ବ୍ୟାସ' ବୋଲି ଅଭିହିତ କରିଥିଲେ। ପରିଷଦର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ବିଶିଷ୍ଟ କବି ବିଭୁଧ ପ୍ରସାଦ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ମହାନଗର ସହ-ସାଧାରଣ ସମ୍ପାଦକ ନିରୁପମା ପତି, ସମ୍ପର୍କ ପ୍ରମୁଖ ଧରିତ୍ରୀ ପାଇକରାୟ, ସଂଗଠନ ସମ୍ପାଦକ କୁଞ୍ଜବିହାରୀ ରାଉତ, ଉପ-ସଭାପତି କାଶୀନାଥ ନନ୍ଦୀ, ସମ୍ପାଦକ ସଞ୍ଜୀବ କୁମାର ଭୋଇ, ମନୋଜ କୁମାର ଚୌଧୁରୀ, ଡ. ଜ୍ଞାନରଞ୍ଜନ ତ୍ରିପାଠୀ, ଡ. ଶକୁନ୍ତଳା ନାୟକ ଗୁପ୍ତା, ଡ. ସୁଶାନ୍ତ କୁମାର କିଷାନ ପ୍ରମୁଖ ଭୂମିକା ନେଇଥିବାବେଳେ ଅଜୟ କୁମାର ପାଣି, ଆରସୀ ସେନାପତି, ଦେବସ୍ମିତା ପଟ୍ଟନାୟକ, ଅଜୟ ସିଂ, ଶ୍ୱେତା ତିର୍କି, ପ୍ରିୟା କିଣ୍ଡୋ, ବିନୋଦିନୀ ମୁଣ୍ଡା, ଉମାକାନ୍ତୀ ଡନସେନା, କ୍ଷୀରେଶ୍ୱରୀ କିଶାନ, ରମାକାନ୍ତ ସାମଲ, ପ୍ରୀତି ସିଂ ଯୋଗ ଦେଇଥିଲେ।




## ବିଜୁ ଜନତା ଦଳ ରାଜ୍ୟ ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ

**ବଣାଇଁ, ୧୧।୭ (ସମିସ):** ବଣାଇଁ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଚାରୋଟି ବ୍ଲକର ନୂତନ ସଭାପତି ଭାବେ ଦାୟିତ୍ୱ ପାଇଛନ୍ତି। ବଣାଇଁ ବ୍ଲକ ବାଣେଶ୍ୱର ସାହୁ, ଲହୁଣୀପଡ଼ା ବ୍ଲକ ଗୁରୁଚରଣ ସ୍ୱାଇଁ, ଗୁରୁଣ୍ଡିଆ ବ୍ଲକ ରାସୁଆଲ ଓରାମ, କୋଇଡା ବ୍ଲକ କରୁଣାକର ପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଦାୟିତ୍ୱ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ବିଜୁ ଜନତା ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବ, ପୂର୍ବତନମନ୍ତ୍ରୀ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ରାଉରକେଲା ଜିଲ୍ଲା ନିର୍ବାଚନ ଅଧିକାରୀ ଜୟନ୍ତ କୁମାର ମିଶ୍ର ଏବଂ ରାଉରକେଲା ସାଙ୍ଗଠନିକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହା ସହିତ ବଣାଇଁ ନିର୍ବାଚନ ମଣ୍ଡଳୀରେ କିପରି ଭାବେ ଦଳର ତୃଣମୂଳସ୍ତରରେ ଶକ୍ତ ଏବଂ ସୁଦୃଢ ହୋଇ ପାରିବ ଆଶା ପ୍ରକଟ କରିବା ସହିତ ଦଳକୁ ମଜଭୁତ କରିବା ପାଇଁ ପ୍ରୟାସ ଜାରିରହିବ ବୋଲି ପ୍ରକାଶ କରିଛନ୍ତି। ବଣାଇଁ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ସମସ୍ତ କର୍ମୀ କାର୍ଯ୍ୟକର୍ତ୍ତା ସହଯୋଗ ତଥା ଭୋଟର ଭାଇ ଭଉଣୀମାନଙ୍କ ପାଖରୁ ଆଶୀର୍ବାଦ ଭିକ୍ଷା କରିବା ସହ ସହଯୋଗ କାମନା କରିଛନ୍ତି। ବଣାଇ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ ନବନିଯୁକ୍ତ ବ୍ଲକ ସଭାପତିମାନଙ୍କ ନାମ ଘୋଷଣା ହେବା ପରେ କର୍ମୀଙ୍କ ହଲରେ ଖୁସିର ଲହରୀ ଖେଳିଯାଇଛି।

## ସର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ




**କୁତ୍ରା, ୧୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ଓ ଇନର୍ଜି କ୍ଲବର ମିଳିତ ଆନୁକୂଲ୍ୟରେ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ କୁତ୍ରା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ଚାରା ରୋପଣ କରି ତାର ଉପଯୁକ୍ତ ଯତ୍ନ ନେବା ପାଇଁ ନିଜ ନିଜର ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସୁନ୍ଦରଗଡ଼ ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁ, ବଡ଼ଗାଁ ଫରେଷ୍ଟ ରେଞ୍ଜର ପ୍ରଦୀପ ଭୂତିଆ, ଜେଏସଡବ୍ଲୁ ସିଏସ୍‌ର ଅଧିକ୍ଷକ ଅଲେଖ ଦଲାଇ, ତୁନମୁରା ସରପଞ୍ଚ ତରୁଣୀ ସେନ ବରିହା, ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ସୁଧାଂଶୁ ଚୌଧୁରୀ ଓ ଏସ୍‌ଏମ୍‌ସି ସଭାପତି ଶ୍ରୀକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଶିକ୍ଷାର୍ଥୀମାନଙ୍କୁ ଚାରାରୋପଣ କରିବା ପାଇଁ ଉତ୍ସାହିତ କରିବା ସହିତ ବୃକ୍ଷର ଆବଶ୍ୟକତା ଓ ଉପାଦେୟ ବିଷୟରେ ଆଲୋକପାତ କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଇକୋ କ୍ଲବ୍ ତରଫରୁ ଇକୋ କ୍ଲବ୍ ଗ୍ୟାଲେରି ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ତରଫରୁ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରଧାନଶିକ୍ଷକ ଡ. ଅମରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## +୩ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ

**କୁତ୍ରା, ୧୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର +୩ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କ ସକାଶେ ସ୍ୱାଗତ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଡାଲମିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରିଥିଲେ। ଏକାଡେମୀ ବର୍ସାର ଏକଲବ୍ୟ ନାଏକ, ଲଳିତା ସାହୁ, ସୁମନ୍ତ କୁମାର ଓଝା ତଥା ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେବା ସହ ଉଦ୍‌ବୋଧନ ଦେଇଥିଲେ। ଏକାଡେମୀ ବର୍ସାର ଏକଲବ୍ୟ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ନୂତନ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆକାଉଟାଣ୍ଟ ବର୍ସାର ସୁମନ୍ତ କୁମାର ଓଝା ବିଭିନ୍ନ ସେମିଷ୍ଟାର ପରୀକ୍ଷା ଏବଂ ତଦନୁଯାୟୀ ପ୍ରସ୍ତୁତି ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣ ଦେଇଥିଲେ। ପ୍ରାଧ୍ୟାପିକା ଲଳିତା ସାହୁ ଛାତ୍ରଛାତ୍ରୀ 'ଶୃଙ୍ଖଳା ରକ୍ଷା କଲେ ମହାବିଦ୍ୟାଳୟର ଗୌରବ ବଢ଼ିବ' ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଡ. ପଟେଲ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତା ତଥା ଅଭିଭାବକ ଯୋଗଦେଇ ସ୍ୱାଗତ ସମାରୋହକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ସୁନ୍ଦରଗଡ଼ରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ

**ରାଉରକେଲା, ୧୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହ ପରିସରରେ ଆଜି ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ସନ୍ତୋଷ ପାଣିଗ୍ରାହୀ ଯୋଗ ଦେଇଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ସ୍ୱାଗତ ଭାଷଣ ଦେଇ ମାଛ ଚାଷର ଉତ୍ପାଦନ କ୍ଷମତା ବୃଦ୍ଧିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଭାରତୀୟ ପ୍ରଶାସନିକ ସେବାର ପ୍ରଶିକ୍ଷଣ ଅଧିକାରୀ ଫାବି ରସିଦ ଏହି ଅବସରରେ ବକ୍ତବ୍ୟ ରଖି ଏକ ବ୍ୟବସ୍ଥିତ ମାଛ ଚାଷ ବିକାଶ ନୀତି ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲାର ସଫଳ ମତ୍ସ୍ୟ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ମତ୍ସ୍ୟ ଚାଷୀ ଭାବେ ହିତେଶ୍ୱର ପଟେଲଙ୍କୁ ମତ୍ସ୍ୟ ପୋଖରୀ ଯୋଜନାରେ ପୁରସ୍କୃତ କରାଯାଇଥିଲା। ସୁଲତାନ ବେଗମ୍ ବାୟୋଫ୍ଲକ୍ ପଦ୍ଧତିରେ ମତ୍ସ୍ୟ ଚାଷ ପାଇଁ ଏବଂ ବୀଣାପାଣି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ରୀତାରାଣୀ ପଟେଲଙ୍କୁ ଶ୍ରେଷ୍ଠ ମତ୍ସ୍ୟ ଯାଆଁଳା ଉତ୍ପାଦନକାରୀ ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଜିଲ୍ଲା ମତ୍ସ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ୧୯୫୭ ମସିହାରୁ ଏହି ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଆସୁଛି। ପ୍ରତି ବର୍ଷ ଜୁଲାଇ ୧୦ ତାରିଖରେ ମତ୍ସ୍ୟ ଚାଷ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ସଫଳତା ପାଇଁ ଡକ୍ଟର ହିରାଲାଲ ଚୌଧୁରୀ ଏବଂ ଡକ୍ଟର କେ. ଏଚ୍ ଆଲିକୁନ୍ତୀଙ୍କ ଅବଦାନକୁ ସମ୍ମାନ ଜଣାଇ ମତ୍ସ୍ୟ ଚାଷୀ ଦିବସ ଭାବେ ପାଳନ କରାଯାଉଛି। ଲେଫ୍ରିପଡ଼ା ବ୍ଲକର ମତ୍ସ୍ୟ ଅଧିକାରୀ ଜ୍ୟୋତିର୍ମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋମଗାର୍ଡ ଚାକିରି ପାଇଁ ଶାରୀରିକ ପରୀକ୍ଷା



**ରାଉରକେଲା, ୧୧।୭ (ସମିସ):** ରାଉରକେଲା ପୁଲିସ ଜିଲ୍ଲାରେ ହୋମଗାର୍ଡ ଚାକିରି ପାଇଁ ଆଶାୟୀମାନଙ୍କ ଶାରୀରିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୧୦୭ଟି ହୋମଗାର୍ଡ ପଦପାଇଁ ଗତ ଜୁନ୍ ୯ ତାରିଖରେ ୯ ହଜାର ଆଶାୟୀ ପରୀକ୍ଷା ଦେଇଥିଲେ। ଶିକ୍ଷାଗତ ଯୋଗ୍ୟତା ସାଧାରଣ ଗୃହରକ୍ଷୀ ପାଇଁ ପଞ୍ଚମ ପାସ୍ ହୋଇଥିବାବେଳେ ବହୁ ଉଚ୍ଚଶିକ୍ଷିତ ମାନେ ପରୀକ୍ଷାରେ ଭାଗ ନେଇଥିଲେ। ସର୍ଟଲିଷ୍ଟ ପରେ ଆଜି ଶାରୀରିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଭୋର୍ ୪ଟା ରୁ ରିଜର୍ଭ ପୁଲିସ୍ ଲାଇନ୍ ପଡ଼ିଆରେ ଆଶାୟୀ ମାନଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଆଶାୟୀଙ୍କ ମଧ୍ୟରେ ବିଟେକ୍, ଏମ୍‌ବିଏ, ଡିପ୍ଲୋମା କରିଥିବା ଛାତ୍ରଛାତ୍ରୀମାନେ ମଧ୍ୟଥିଲେ। ସାଧାରଣ ଗୃହରକ୍ଷୀ ଛଡ଼ା କମ୍ପ୍ୟୁଟର, ଡ୍ରାଇଭର ଏବଂ ରୋଷେୟା ପଦ ପାଇଁ ମଧ୍ୟ ପରୀକ୍ଷା ହୋଇଥିଲା। ଭିନ୍ନ ଭିନ୍ନ ପଦ ପାଇଁ ଭିନ୍ନଭିନ୍ନ ଶିକ୍ଷାଗତ ଯୋଗ୍ୟତା ରହିଛି। କିନ୍ତୁ ହୋମଗାର୍ଡ ପୋଷ୍ଟ ପାଇଁ ଏତେ ଶିକ୍ଷିତ ଯୁବକ ଆଶାୟୀ ହେବା ଦେଶ ତଥା ରାଜ୍ୟରେ ଉତ୍କଟ ବେକାରୀ ସମସ୍ୟା ରହିଥିବା ସ୍ପଷ୍ଟ ହୋଇଛି।

# ଆର୍‌ଏସ୍‌ପି ସିଣ୍ଟରିଂ ପ୍ଲାଣ୍ଟ-୨ର ବିପୁଳ ସଞ୍ଚୟ ସାଧନ

ରାଉରକେଲା, ୧୧।୭ (ସମିସ)



ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର, ସିଣ୍ଟରିଂ ପ୍ଲାଣ୍ଟ-୨(ଏସପି-୨)ର ଏକ ଉଦ୍ୟମୀ କାର୍ମିକ ଦଳ ଏକ ନିଜସ୍ୱ ବୈଷୟିକ ସମାଧାନ ସଫଳତାର ସହ ବିକଶିତ କରି ଓଜନ ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଅପରେସନଗତ ଆହ୍ୱାନ ଦୂର କରିଛନ୍ତି। ଏହା କାର୍ଯ୍ୟନିପୁଣତାରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହ ୧୦ ଲକ୍ଷ ଟଙ୍କାରୁ ଅଧିକ ସଞ୍ଚୟ ସାଧିତ କରିଛି। ଏହି ଦଳ ସଫଳତାର ସହ ଓଜନ ପ୍ରଣାଳୀରେ ପୁରୁଣା କମ୍ୟୁନିକେସନ କାର୍ଡ (ଜେକେଟି କାର୍ଡ)କୁ ନିଜସ୍ୱ ଭାବେ ଡିଜାଇନ ଓ ବିକଶିତ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ନୂତନ ପ୍ରଣାଳୀକୁ କାର୍ଯ୍ୟକ୍ଷମ କରାଯିବା ଫଳରେ ଏହାର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଆହୁରି ଉନ୍ନତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏସ୍‌ପି-୨ ବିଭାଗ ବାର୍ଷିକ ପ୍ରାୟ ଦୁଇ ନିୟୁତ ଟନ୍ ସିଣ୍ଟର୍ ଉତ୍ପାଦନ କରି ବ୍ଲାଷ୍ଟ ଫର୍ଣ୍ଣେସର ଆବଶ୍ୟକତା ମେଣ୍ଟାଇଥାଏ। ଏହି ପ୍ଲାଣ୍ଟ ବେସ ମିକ୍ସ, କୋଇଲା, ଚୂନା ପଥର ଏବଂ ଡୋଲୋମାଇଟ୍, କଞ୍ଚାମାଲ ପ୍ରବନ୍ଧନ ବିଭାଗ (ଆରଏମଏଚପି)ରୁ ଏବଂ ସିପି-୨ ରୁ କାଲସାଇନଡ ଲାଇମ ଏବଂ ବ୍ଲାଷ୍ଟ ଫର୍ଣ୍ଣେସରୁ ବିଯୁକ୍ତ ୫ ମି.ମି. ସିଣ୍ଟର୍ ଭଗ୍ନାଂଶ ଗ୍ରହଣ କରିଥାଏ। ଏହି ସାମଗ୍ରୀଗୁଡ଼ିକୁ ସିଣ୍ଟରିଂ ପ୍ରକ୍ରିୟାରେ ପ୍ରବେଶ କରିବା ପୂର୍ବରୁ ୱେ ଫିଡର ଏବଂ ଲସ-ଇନ-ୱେଟ ସିଷ୍ଟମ ମାଧ୍ୟମରେ ଦିଆଯାଏ ତଥା ସଠିକ ଭାବରେ ମାପ କରାଯାଇ ମିକସିଙ୍ଗ ଆଣ୍ଡ ବଲିଙ୍ଗ ଡ୍ରମରେ ମିଶ୍ରଣ କରାଯାଏ। କଞ୍ଚାମାଲ ଫିଡରଗୁଡ଼ିକ ଘଣ୍ଟା ପ୍ରତି ଏକ ଟନ୍ ଆଧାରରେ କାର୍ଯ୍ୟକରେ, ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ (ଡିସିଏସ), ରିମୋଟ୍ କଣ୍ଟ୍ରୋଲ୍ ୟୁନିଟ୍ (ଆରସିୟୁ) ଏବଂ ୱେଟ୍‌ଫିଡର କଣ୍ଟ୍ରୋଲ୍ (ୱେଫସି) ବ୍ୟବହାର କରି ଏକ କ୍ଲୋସଡ-ଲୁପ୍ ସିଷ୍ଟମ ମାଧ୍ୟମରେ ସେଟ୍ ପଏଣ୍ଟ ଏବଂ ଫିଡ୍‌ହାର ନିୟନ୍ତ୍ରିତ ହୋଇଥାଏ। ଏହି ସିଷ୍ଟମଗୁଡ଼ିକ ମଧ୍ୟରେ କମ୍ୟୁନିକେସନ ଜେକେଟି କାର୍ଡ ଭାବରେ ଜଣାଶୁଣା ଏକ ସାଧାରଣ ଉପାଦାନ ମାଧ୍ୟମରେ ଇଣ୍ଟରଫେସ୍ ହୋଇଥିବା ଆନାଲଗ୍ ସିଗନାଲ ଉପରେ ନିର୍ଭର କରୁଥିଲା। ୧୯୯୫ରେ ପ୍ଲାଣ୍ଟ ଆରମ୍ଭ ହେବା ପରଠାରୁ କାର୍ଯ୍ୟକ୍ଷମ, ଏହି ଜେକେଟି କାର୍ଡଗୁଡ଼ିକ ଅଚଳ ହୋଇ ଆସିଥିଲା, ଯାହାଫଳରେ ବାରମ୍ବାର ଅନିୟମିତ ଫିଡିଙ୍ଗ ଏବଂ ବେଳେବେଳେ ତ୍ରୁଟିପୂର୍ଣ୍ଣ ଅପରେସନ ଦେଖାଯାଉଥିଲା। ଅଧିକନ୍ତୁ, ସେମାନଙ୍କର ଅପ୍ରଚଳିତତା ଯୋଗୁଁ, କୌଣସି ସ୍ପେୟାର ପାର୍ଟସ୍ ଉପଲବ୍ଧ ନ ଥିଲା। ଏହି ଓଜନ ସିଷ୍ଟମର ସମ୍ପୂର୍ଣ୍ଣ ବଦଳ ପାଇଁ ବିପୁଳ ନିବେଶ ଆବଶ୍ୟକ ହୋଇଥାନ୍ତା। ଏସ୍‌ପି-୨ର ଡିଜିଏମ୍ ସବ୍ୟସାଚୀ ଜେନାଙ୍କ ନେତୃତ୍ୱରେ ବିଭାଗର ଡେପୁଟି ମ୍ୟାନେଜର ପି.କେ. ନାଥ, ଡେପୁଟି ମ୍ୟାନେଜର ସି.ବି ମୁଣ୍ଡା, ଜୁନିଅର ଅଫିସର ଏସ.ଏସ. ସର, ଏବଂ ଓସିଟି ପ୍ରଶିକ୍ଷାର୍ଥୀ ଏ.ମାଜିଙ୍କୁ ନେଇ ଗଠିତ ଏକ ଦଳ ଏହି ସମସ୍ୟାର ସମାଧାନ ପାଇଁ ଆହ୍ୱାନକୁ ଗ୍ରହଣ କରିଥିଲେ। ସେମାନେ କାର୍ଡର କାର୍ଯ୍ୟଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବରେ ଅଧ୍ୟୟନ କରିଥିଲେ ଏବଂ ନିଜସ୍ୱ ସିଗନାଲ ଆଇସୋଲେଟର ଏବଂ ସିଗନାଲ କନଭର୍ଟର କାର୍ଡ ବ୍ୟବହାର କରି ଏକ ବଦଳ ପ୍ରଣାଳୀ ସଫଳତାର ସହ ଡିଜାଇନ୍ କରିଥିଲେ। ନୂତନ ସିଷ୍ଟମଟି ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି ଏବଂ ତ୍ରୁଟିବିହୀନ ଭାବରେ କାର୍ଯ୍ୟ କରୁଛି। ଏହି ଅଭିନବ ପ୍ରକଳ୍ପଟି ଏସପି-୨ର ଭାରପ୍ରାପ୍ତ ଜିଏମ୍ ତଥା ବିଭାଗ ମୁଖ୍ୟ ଏସ୍. କେ ପାଢ଼ି ଏବଂ ସିଜିଏମ୍ (ସିଣ୍ଟର) ଶେଖର ନାରାୟଣଙ୍କ ସକ୍ରିୟ ମାର୍ଗଦର୍ଶନ ଏବଂ ସହଯୋଗରେ କାର୍ଯ୍ୟକାରୀ ହୋଇଥିଲା।

## କୋଟିଆରେ ପୁଣି ଅନୁପ୍ରବେଶ

# ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଲା ଆନ୍ଧ୍ର



**ପଟ୍ଟାଙ୍ଗି,୧୧।୭ (ସମିସ):** କୋଟିଆରେ ପୁଣି ଆନ୍ଧ୍ର ପ୍ରଶାସନ ଅନୁପ୍ରବେଶ କରିଛି। ଆନ୍ଧ୍ର ପ୍ରଶାସନ ଆମ୍ବୁଲାନ୍ସ ଯୋଗେ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଛି। ତେବେ ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ସେମାନଙ୍କୁ ତାଗିଦ କରାଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଆଜି ଆନ୍ଧ୍ର ପ୍ରଦେଶର ପାର୍ବତିପୁରମ ମାନ୍ୟମ ଜିଲ୍ଲା ସାଲୁର ମଣ୍ଡଳ(ବ୍ଲକ) ସ୍ୱାସ୍ଥ୍ୟ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଆଜି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ସେବା କୋଟିଆ ପଞ୍ଚାୟତର ପନିକି ଗ୍ରାମରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଥିଲେ। ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟକୁ ଏନେଇ

### ଓଡ଼ିଶା ତହସିଲ କାର୍ଯ୍ୟାଳୟ ପକ୍ଷରୁ କରାଗଲା ତାଗିଦ

ସୂଚନା ମିଳିଥିଲା। ଏହାପରେ ସେଠାକୁ ତହସିଲ କାର୍ଯ୍ୟାଳୟ ଅଧିକାରୀ ଗସ୍ତକରି ଉକ୍ତ ଅନୁପ୍ରବେଶକୁ ନେଇ ତାଗିଦ କରାଯାଇଥିଲା। ଏହାପରେ ଉକ୍ତ ଅଧିକାରୀ ମାନେ ସେଠାରୁ ଫେରିଆସି ଗଞ୍ଜେଇପଦର୍ ଏବଂ କୋଟିଆ ଗ୍ରାମରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଫେରି ଯାଇଥିଲେ। ପୂର୍ବ ସରକାର କୋଟିଆର ଉନ୍ନତି ନିମନ୍ତେ ୧୫୦ କୋଟିରୁ ଅଧିକ ଅନୁଦାନ ରାଶି ଖର୍ଚ୍ଚ କରି ରାସ୍ତା ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ କରଛନ୍ତି। ଆନ୍ଧ୍ର ସରକାର କୋଟିଆର କୌଣସି ମଧ୍ୟ ଉନ୍ନତି ପ୍ରତି ଧ୍ୟାନ ନଦେଇ କେବଳ କିଛି ଜନ ପ୍ରତିନିଧିଙ୍କୁ ହାତେଇ ଏଠାରେ ନିଜର ଆଧିପତ୍ୟ ବଜାୟ ରଖିବାକୁ ଚେଷ୍ଟା ଚଲାଇଛି। ବର୍ତ୍ତମାନ ସରକାର ଗଠନର ଏକ ବର୍ଷରୁ ଅଧିକ ସମୟ ହେଲାଣି , କୋଟିଆ ବିବାଦ ଶେଷ କରିବା ନିମନ୍ତେ ଏକ କମିଟି ଗଠନ କରି ଏହାକୁ ସମାଧାନ କରାଯିବ କହି ଚୁପ ବସିଛନ୍ତି। ତେଣୁ ଆନ୍ଧ୍ର ମଧ୍ୟ ବାରମ୍ବାର ତାହାର ଅନୁପ୍ରବେଶ ଜାରି ରଖିଥିବା ଦେଖିବାକୁ ମିଳିଛି।

● ଡ୍ରାଇଭର ମହାସଂଘର ଆନ୍ଦୋଳନ

# ମିଳୁନି ଗ୍ୟାସ୍, ପେଟ୍ରୋଲ ଓ ଡିଜେଲ୍

**ମୈଦଲପୁର,୧୧।୭ (ସମିସ):** ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ୪ ଦିନ ଧରି ଘାଣ୍ଟି ହେଉଛନ୍ତି ଲୋକେ। ରାସ୍ତାରୁ ରୋଷେଇ ଘର ସବୁଠି କଳବଳ। ଯାତ୍ରୀବାହୀ ବସ୍ ସେବା ବନ୍ଦ ଯୋଗୁ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରୁନାହାନ୍ତି ଲୋକେ। ଗୁରୁତର ରୋଗୀ ମେଡିକାଲକୁ ଯାଇ ପାରୁନାହାନ୍ତି। କର୍ମକ୍ଷେତ୍ରରେ ପହଞ୍ଚିବା କାଠିକର ପାଠ ହେଲାଣି। ଖାଦ୍ୟ ସାମଗ୍ରୀ ଓ ପରିବା ବୋଝେଇ ଗାଡ଼ି ପହଞ୍ଚି ପାରୁନି। ଫଳରେ ପରିବା ଦର ବଢ଼ିଯାଉଛି। ଏପରି ସ୍ଥଳରେ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ସମେତ ବିଭିନ୍ନ ସ୍ଥାନରେ ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ସରିବା ନେଇ ମାଲିକ ପେଟ୍ରୋଲ ପମ୍ପରେ ଏବଂ ରନ୍ଧନ ଗ୍ୟାସ କାର୍ଯାଳୟରେ ତାଲା ପକାଇବା ନେଇ ଏକ ପ୍ରକାର ହାହାକାର ସ୍ଥିତି ଉପୁଜିଛି। ଗତ ଦୁଇ ଦିନ ହେବ ମୈଦଲପୁର ସହର ସମେତ ବିଭିନ୍ନ ପେଟ୍ରୋଲ ପମ୍ପରେ ତେଲ ସରିଛି। ଅନ୍ୟପକ୍ଷରେ ମୈଦଲପୁର ସହର ହାଟପଦାରେ ଥିବା ଭାରତ ଗ୍ୟାସ କାର୍ଯାଳୟରେ ୧୦ରୁ ୧୨ ଦିନ ହେବ କୌଣସି ଗ୍ୟାସ ସିଲିଣ୍ଡର ନଥିବା ଜଣାପଡିଛି। କଳାବଜାରୀଙ୍କଠାରୁ ଠାରୁ ୧୧୦୦ ରୁ ୧୩୦୦ ଟଙ୍କା ରେ ରନ୍ଧନ ଗ୍ୟାସ କିଣୁଛନ୍ତି ଲୋକେ। ଚାଳକ ସଂଘ ଆନ୍ଦୋଳନ ନେଇ ତେଲ ଏବଂ ଗ୍ୟାସ ସିଲିଣ୍ଡର ଗାଡ଼ି ଆସୁନଥିବା ନେଇ ଗତ ଦୁଇ ଦିନ ଧରି ମୈଦଲପୁର ରେ ଥିବା ପେଟ୍ରୋଲ ପମ୍ପରେ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ତେବେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ବଦଳରେ ଘରୋଇ ଗ୍ୟାସ ସିଲିଣ୍ଡର ଗୁଡିକୁ ମଧ୍ୟ ବିଭିନ୍ନ ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନକୁ ବିକ୍ରୟକରୁଥିବା ଗ୍ୟାସ ଦୋକାନୀ ସେମାନଙ୍କ ପାଖରେ ଘରୋଇ ସିଲିଣ୍ଡର ଆଦୌ ନଥିବା କହି ଗ୍ରାହକଙ୍କୁ ଫେରାଉଥିବା ଅସନ୍ତୋଷ ସୃଷ୍ଟି କରିଛି। ମୈଦଲପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ତେଲ ଏବଂ ଗ୍ୟାସ ସିଲିଣ୍ଡର ଚୋରାରେ ଚଢା ଦରରେ ବିକ୍ରୟ ହେଉଥିବା ଅଭିଯୋଗ ହୋଇଛି। ବ୍ଲକର କିଛି ଅଞ୍ଚଳରେ ମଧ୍ୟ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଡିଜେଲ ମଧ୍ୟ ସରି ଯାଇଥିବା ମଧ୍ୟ ଶୁଣିବାକୁ ମିଳିଛି। ଆମ୍ବୁଲାନ୍ସ , ଅଗ୍ନିଶମ ଭଳି ଜରୁରୀକାଳୀନ ସେବା ମଧ୍ୟ ପେଟ୍ରୋଲର ଅଭାବ ଯୋଗୁଁ ପ୍ରଭାବିତ ହୋଇଥିବା ଅଭିଯୋଗ ହେଉଛି। ଏହି ସମ୍ପର୍କରେ ଯୋଗାଣ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଅନ୍ୟପଟେ ଗାଁ ଗାଁରେ ଚୋରା ବେପାର ସହ ଦରବୃଦ୍ଧି ଅଭିଯୋଗ ହେଉଛି।



## ବ୍ୟାଟେରି ଦୋକାନରୁ ଚୋରି ମାମଲାରେ ୪ ଗିରଫ



**ଜୟପୁର,୧୧।୭ (ସମିସ):** ଜୟପୁର ସହରର ଏମ.ଜି ରୋଡସ୍ଥିତ ସାଇବାବା ମନ୍ଦିର ପାଖରେ ଥିବା ଏକ ବ୍ୟାଟେରି ଦୋକାନରୁ ୪ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗରେ ଆଜି ଟାଉନ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭୦ ହଜାର ଟଙ୍କା ଜବତ କରିଛନ୍ତି। ଅଭିଯୁକ୍ତ ମାନେ ହେଲେ ଢେପଗୁଡାର ଏସ୍ ଧନଞ୍ଜୟ,(୨୫), ସୁରେନ୍ଦ୍ର ହରିଜନ (୪୨), କୁନ୍ଦାରିଗୁଡାର ରିଙ୍କୁ ସମରଲିଆ (୪୩) ଏବଂ ଖାଲସାହି ଅଞ୍ଚଳର ଭଗବାନ ମୁଦୁଲି (୩୫)। ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଫେରାର ରହିଛି। ପ୍ରକାଶ ଯେ, ଗତ ଜୁନ ୨୯ ତାରିଖରେ ଉକ୍ତ ବ୍ୟାଟେରି ଦୋକାନ କାନ୍ଥ କଣା କରିବା ସହ ଦୋକାନ ଭିତରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ମାଲିକ ବଂଶୀ ତୟାଲ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାଉନ୍ ଥାନା ଏସ.ଆଇ ସିଦ୍ଧାନ୍ତ ବେହେରା ଏହି ମାମଲାର ତଦନ୍ତକାରୀ ଅଧିକାରୀ ହୋଇଥିବା ବେଳେ ଏକ ଦଳ ଗଠନ କରିବା ସହ ସିସି କ୍ୟାମେରା ଯାଞ୍ଚ ଏବଂ ବିଭିନ୍ନ ସ୍ଥାନରେ ଚଢ଼ଉ ପରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଫେରାର ରହିଥିବା ଯୋଗୁଁ ବଳକା ଟଙ୍କା ଏବଂ ସୁନା ଓ ରୂପା ସାମଗ୍ରୀ ଉଦ୍ଧାର କରାଯାଇ ପାରିନାହିଁ। କିନ୍ତୁ ପୁଲିସ ପକ୍ଷରୁ ତଦନ୍ତ ଏବଂ ଚଢଉ ଜାରି ରହିଛି। ଅତିଶିଘ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

## ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି; ଅନିଶ୍ଚିତତା ମଧ୍ୟରେ କୋରାପୁଟ-ଜଗଦଲପୁର ରେଳ ଚଳାଚଳ

**କୋରାପୁଟ,୧୧।୭ (ସମିସ):** କୋରାପୁଟ ଠାରୁ ଜଗଦଲପୁରକୁ ଗତ ୨ ତାରିଖ ଠାରୁ ରେଳ ଚଳାଚଳ ବନ୍ଦ ରହିଛି। ବିଶାଖାପାଟଣା, ରାଉରକେଲା, ହାୱାଡା ଓ ଭୁବନେଶ୍ୱରରୁ ଆସୁଥିବା ଟ୍ରେନ କୋରାପୁଟ ପର୍ଯ୍ୟନ୍ତ ହିଁ ଚଳାଚଳ କରୁଛି। ବିଶାଖାପାଟଣା ପାସେଞ୍ଜର, ରାତ୍ରୀକାଳୀନ ଏକ୍ସପ୍ରେସ, ହୀରାଖଣ୍ଡ, ରାଉଲକେଲା ଇଣ୍ଟରସିଟି ଓ ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ କୋରାପୁଟ ପର୍ଯ୍ୟନ୍ତ ଚଳାଚଳ କରୁଛି। ଫଳରେ ଯାତ୍ରୀମାନେ ଜୟପୁର ଓ ଜଗଦଲପୁରକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏବେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଜଗଦଲପୁରକୁ ଟ୍ରେନ୍ ଚଳାଚଳ କରିବ ନାହିଁ ବୋଲି ରେଳ ବିଭାଗ ସୂଚନା ଜାରି କରିଛି। ଗତ ଜୁଲାଇ ୨ ତାରିଖ ଅପରାହ୍ନ ସମୟରେ ଜରଟି - ମାଲିଗୁଡା ଷ୍ଟେସନ ମଧ୍ୟରେ ପାହାଡ଼ ଧସି ରେଳ ଧାରଣା ଉପରେ ମାଟି ପଡିଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ରେଳ ଧାରଣାରୁ ମାଟି ହଟାଯାଇଥିଲା। ଟ୍ରାକ ଓ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ରେଳ ବିଭାଗକୁ ବିଭାଗୀୟ ବିଶେଷଜ୍ଞଙ୍କ ପକ୍ଷରୁ ଗ୍ରୀନ୍ ସିଗନାଲ ଦେବା ପରେ କିରଣ୍ଡୁଳରୁ ଜଗଦଲପୁର ଦେଇ ବିଶାଖାପାଟଣାକୁ ମାଲ ବୋଝେଇ ଟ୍ରେନ ଗୁଡିକ ସ୍ୱାଭାବିକ ଭାବେ ଚଳାଚଳ କରୁଛି। କିନ୍ତୁ ଏହି ରାସ୍ତାରେ ଯାତ୍ରୀବାହୀ ଟ୍ରେନ ଚଳାଚଳକୁ ରେଳ ବିଭାଗ ବନ୍ଦ ରଖିଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତ୍ରୀବାହୀ ରେଳ ଚଳାଚଳ ବନ୍ଦ ରହିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ରେଳ ବିଭାଗ ବାରମ୍ବାର ଏପରି ତାରିଖ ଘୁଞ୍ଚାଇ ଚାଲିଥିବାରୁ ରେଳ ଚାଲିବା ନେଇ ରେଳ ବିଭାଗ ସୂଚନା ଉପରେ ଭରସା କରି ପାରୁନାହାନ୍ତି ସାଧାରଣ ଲୋକେ। ପ୍ରଥମେ ୩ ତାରିଖ,ପରେ ୫ ତାରିଖ, ପୁଣି ୮ ତାରିଖ ଓ ଏବେ ୧୪ ତାରିଖ ପର୍ଯ୍ୟନ୍ତ ଜଗଦଲପୁର ଓ କିରଣ୍ଡୁଳ କୁ ଟ୍ରେନ ଚାଲିବ ନାହିଁ ତେଣୁ ଦିନ ପରେ ଦିନ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ବୋଲି ସ୍ଥିତି ହୋଇଛି। ସମସ୍ତ ଟ୍ରେନ କୋରାପୁଟ ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ବର୍ତ୍ତମାନ ମଧ୍ୟ କୋରାପୁଟ ଜଗଦଲପୁର ମଧ୍ୟରେ ଟ୍ରେନ ଚାଲିବା ସ୍ଥିତି ନଥିବାରୁ କୋରାପୁଟ ଷ୍ଟେସନ ଠାରୁ ଟ୍ରେନ ଗୁଡ଼ିକ ପ୍ରତ୍ୟାବର୍ତ୍ତନ କରିବ ବୋଲି ରେଳ ବିଭାଗ ପ୍ରେସ ବିଜ୍ଞପ୍ତି ଜାରି କରିଛି। ଏହା ଫଳରେ ଯାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

## ଗୀତ ମାଧ୍ୟମରେ ଶିକ୍ଷାଦାନ, ନାଚି ପଢାଇଲେ ଶିକ୍ଷକ



**ବୈପାରୀଗୁଡ଼ା, ୧୧।୭ (ସମିସ):** ବୈପାରିଗୁଡା ବ୍ଲକ୍ ରାମଗିରି ପଞ୍ଚାୟତ ଅନ୍ତର୍ଗତ ଆର୍. ଭାଲୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କାହ୍ନୁ ଚରଣ ବେହେରାଙ୍କ ଅଭିନବ ପ୍ରୟାସ। ଶିକ୍ଷକ ଶ୍ରୀ ବେହେରା ଛାତ୍ରଛାତ୍ରୀଙ୍କୁ ସବୁବେଳେ ଆନନ୍ଦମୟ ଶିକ୍ଷା ପ୍ରଦାନ କରିଥାନ୍ତି। ଯା’ଦ୍ୱାରା ପିଲାମାନେ ହସ ଖୁସିରେ ଆଗ୍ରହର ସହ ପାଠ ପଢ଼ିଥାନ୍ତି। ଏବେ କିନ୍ତୁ ପିଲାମାନଙ୍କୁ କାର୍ଟୁନ୍ ମଧ୍ୟମରେ ପାଠ ପଢାଇଥନ୍ତି କାହ୍ନୁ ସାର୍। ପାଠ ପ୍ରତି ଆଗ୍ରହ ବଢାଇବା ପାଇଁ ସେ ନିଜେ କାର୍ଟୁନ୍ ଡ୍ରେସ ପିନ୍ଧି ପାଠ ପଢାଇଥାନ୍ତି। ଠେକୁଆ ଗୀତରେ ନିଜେ ଠେକୁଆ ଡ୍ରେସ (କାର୍ଟୁନ୍) ପିନ୍ଧି ପିଲାମାନଙ୍କୁ ନଚେଇ ନଚେଇ ଗୀତ ଗାଇ ପାଠ ପଢ଼ାଉଛନ୍ତି। ପିଲାମାନେ ମଧ୍ୟ ଆଗ୍ରହର ସହ ପାଠ ପଢୁଛନ୍ତି। ଏହି ନୂତନ ଶୈଳୀରେ ଶିକ୍ଷାଦାନ ଦେଖି ଛାତ୍ରଛାତ୍ରୀମାନେ ଖୁସିରେ ଝୁମି ଉଠିଥିଲେ ଓ ପାଠ ପ୍ରତି ସେମାନଙ୍କର ରୁଚି ବଢୁଛି ଓ ଭୟ କମୁଛି। ଏହି ପ୍ରୟାସ ମାନସିକ ଓ ଶାରୀରିକ ଉନ୍ନତି ସହିତ ଶିକ୍ଷାକୁ ମଜାଦାର, ଆଶାଜନକ ଫଳପ୍ରଦ କରିଥାଏ। ଏହାକୁ ଅଭିଭାବକ, ଶିକ୍ଷକ ଓ ସ୍ଥାନୀୟ ଲୋକେ ବେଶ ପ୍ରଶଂସା କରିଛନ୍ତି। ସେମାନଙ୍କ ଅନୁସାରେ, ଏପରି ପ୍ରୟାସ ଦ୍ୱାରା ପିଲାମାନେ ଅନୁଶାସନ, ସଂସ୍କାର ଓ ଆନନ୍ଦଦାୟକ ଶିକ୍ଷା ଗ୍ରହଣ କରିପାରିବା ସହିତ ନିୟମିତ ବିଦ୍ୟାଳୟ ପ୍ରତି ଆଗ୍ରହ ବଢୁଛି। ଶିକ୍ଷକ କାହ୍ନୁ ସାର୍‌ଙ୍କ ଏହି ଭିନ୍ନ ଦୃଷ୍ଟିକୋଣ ଏବଂ ଏହି ପ୍ରକାର ନୂତନ ଶୈଳୀରେ ଶିକ୍ଷାଦାନ ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଗ ଦେଖାଇଛି। ଏହି ପ୍ରକାର ଶିକ୍ଷାଦାନ ଶୈଳୀ ପାଇଁ ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି।

## ଆନ୍ଧ୍ରପ୍ରଦେଶ ଚାଲାଣ ବେଳେ ୮ ଶହ ଟନ୍ ଧାନ ଜବତ



**ନାରାୟଣପାଟଣା,୧୧।୭ (ସମିସ):** ମଣ୍ଡି ଚାଲୁଥିବା ବେଳେ ଓଡ଼ିଶା ଧାନ ମଣ୍ଡିରେ ନ ବିକି ଆନ୍ଧ୍ର ଦଲାଲ ଓଡ଼ିଶାରେ ପଶି ହଜାର ହଜାର ଟନ୍ ଧାନ ଦିନ ଦ୍ୱିପ୍ରହରରେ ଲୁଟିନେଉଥିଲେ। ଏହି ଖବର ଜାଣିବା ପରେ ଆଜି ସ୍ଥାନୀୟ ତହସିଲଦାର ତିନୋଟି ଟ୍ରକ୍ ଆନ୍ଧ୍ର ଯାଉଥିବା ଖବର ପାଇ ଯୋଗାଣ ଅଧିକାରୀ, ତହସିଲ କର୍ମଚାରୀ, ରାଜସ୍ୱ ବିଭାଗ ସହଯୋଗରେ ଧରି ପୋଲିସର ଜିମାରେ ସିଜ୍ କରି ଅଟକ ରଖିଛନ୍ତି। ସରକାରଙ୍କ ମଣ୍ଡି ଚାଲୁ ଥିବା ବେଳେ ଶହ ଶହ ଗାଡି ନାରାୟଣପାଟଣାର ବିଭିନ୍ନ ପଞ୍ଚାୟତରେ ଡେରା ପକେଇ କିପରି କାହା ପ୍ରରୋଚନାରେ ଚୋରା ଚାଲାଣ କରାଯାଉଥିଲା ତାହା ଆଜି ଧରାପଡ଼ିବା ପରେ ପଦାକୁ ଆସିଛି। ମିଛ କହି ଜାଲ କାଗଜପତ୍ର ଦେଖାଇ ଆଲମଣ୍ଡା ଗେଟ୍‌ରେ ଅର୍‌ଏମ୍‌ସିକୁ ହାତଗୁଞ୍ଜା ଦେଇ ରାତିରେ ଶହ ଶହ ଟ୍ରକ୍ ଧାନ ଚୋରା ଚାଲାଣ ହେଉଥିବା ଖୋଦ୍ ତିନୋଟି ଟ୍ରକ୍ ଡ୍ରାଇଭର ପ୍ରଶାସନ ଆଗରେ କହିଛନ୍ତି। ଯାହା କି ପ୍ରଶାସନ ତଥା ଆର୍‌ଏମ୍‌ସିର ସ୍ୱଚ୍ଛତା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।
ଆଜି ମେନ୍ ରୋଡରେ ତିନୋଟି ଆନ୍ଧ୍ର ଟ୍ରକ ଏପି ୩୯ ଡବ୍ଲୁ ସି ୮୯୮୯,ଏପି ୦୭ଟିଏ ୭୩୬୯, ଏପି ୧୬ଟିବି୭୭୭୫ ରେ ଆଠଶହ ଟନ୍ ଧାନ ଚାଷୀଙ୍କ ଠାରୁ କମ୍ ଦାମ୍ ରେ ଆନ୍ଧ୍ର ଦଲାଲ କିଣି ନେଉଥିବା ତହସିଲଦାର ପ୍ରଭାତୀ ଝଡିଆଙ୍କ ଜାଣିବା ପରେ ଧରପଗଡ ହୋଇଥିଲା। ଏହାପୂର୍ବରୁ ଦୁଇ ହଜାର ଟନ୍ ଅର୍ଥାତ୍ ୧୦ଟି ଟ୍ରକ୍ ପାର୍ ହୋଇଯାଇଥିବା ବେଳେ ଡେରିରେ ଧରା ପଡ଼ିଥିଲା ତିନୋଟି ଟ୍ରକ୍। ଯୋଗାଣ ଅଧିକାରୀ ଅଭିଷେକ ପଣ୍ଡା , ରାଜସ୍ୱ ନିରୀକ୍ଷକ ଆଜମିନ କୁଲେସିକା ଓ ତହସିଲ କର୍ମଚାରୀ ପହଞ୍ଚି ତିନୋଟି ଗାଡିର କାଗଜପତ୍ର ଯାଞ୍ଚ କରିଥିଲେ। ବିନା କାଗଜପତ୍ରରେ ତିନୋଟି ଟ୍ରକ୍‌ରେ ଆଠ ଶହ ଟନ୍ ଧାନ ଲୋଡ ହୋଇ ପଲିଥିନ ଗୁଡେଇ ନେଉଥିବା ବେଳେ ପ୍ରଶାସନକୁ ଆବଶ୍ୟକ ପରିମାଣର କାଗଜପତ୍ର ଦେଖେଇ ପାରିନଥିଲେ।

## ମହିଳାଙ୍କୁ ଯୌତୁକ ନିର୍ଯାତନା ନେଇ ମାମଲା

**ଜୟପୁର,୧୧।୭ (ସମିସ):** ଜୟପୁର ମହିଳା ଥାନାରେ ଆଜି ଜୈନିକ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ନଣନ୍ଦ ଯୌତୁକ ନିର୍ଯାତତନା ଦେଉଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମହିଳା ଥାନା ପୁଲିସ ସୂଚନା ଅନୁଯାୟୀ, କୋରାପୁଟ ସଦରଥାନା ଅନ୍ତର୍ଗତ ଚିତେଇ ଗ୍ରାମର ଜାନକୀ ଖେମୁଣ ଗତ ୪ବର୍ଷ ପୂର୍ବେ ପଇତାପୁଟ ଗ୍ରାମର ପ୍ରିତମ ଖରାକୁ ବିବାହ କରିଥିଲେ। ତାଙ୍କର ଦୁଇଟି ପୁତ୍ର ସନ୍ତାନ ମଧ୍ୟ ଅଛନ୍ତି। ବିବାହର ୪ବର୍ଷ ପରେ ସ୍ୱାମୀ ଓ ନଣନ୍ଦ ପୀଡିତା ଜାନକୀଙ୍କୁ ଶାରିରୀକ ଓ ମାନସିକ ଯନ୍ତ୍ରଣା ସହ ଯୌତୁକ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ମହିଳା ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ବିକାଶ ନାୟକ ପ୍ରକାଶ କରିଛନ୍ତି।

## ଅଙ୍ଗନବାଡି କର୍ମୀଙ୍କୁ ବଦଳାଇବାକୁ ଦାବି



**ଜୟପୁର,୧୧।୭ (ସମିସ):** ଜୟପୁର ବ୍ଲକ ଫାମ୍ପୁଣୀ ଗ୍ରାମର ମାଉଲିଭଟ୍ଟା ସାହିର ଅଙ୍ଗନବାଡି କର୍ମୀଙ୍କ କାର୍ଯ୍ୟରେ ଅବହେଳା ଓ ଅନିୟମିତତା ଅଭିଯୋଗ ନେଇ ଗ୍ରାମବାସୀମାନେ ତାଙ୍କୁ ତୁରନ୍ତ ପରିବର୍ତ୍ତନ ଦାବି କରିଛନ୍ତି। ଏ ନେଇ ଉପ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଙ୍କ କାର୍ଯ୍ୟାଳୟ ଠାରେ ପ୍ରଦାନ କରାଯାଇଛି। ଅଙ୍ଗନବାଡି କର୍ମୀ ଦଶମୀ ହରିଜନ ନିୟମିତ କେନ୍ଦ୍ର ଖୋଲୁ ନାହାନ୍ତି। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ସରକାରଙ୍କ ମାର୍ଗଦର୍ଶିକା ପ୍ରକାରେ ନିୟମିତ କେନ୍ଦ୍ର ଖୋଲିବା, ପ୍ରାକ ବିଦ୍ୟାଳୟ ଶିକ୍ଷାଦାନ, ଶିଶୁ , କିଶୋରୀ ବାଳିକା ଏବଂ ଗର୍ଭବତୀ ମହିଳା ମାନଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ କରିବା, ସ୍ୱାସ୍ଥ୍ୟ ପରୀକ୍ଷା କରିବା ଆଦି କୌଣସି କାର୍ଯ୍ୟ କରୁନାହାନ୍ତି। ଏଥିରେ କୌଣସି ଗ୍ରାମବାସୀ ପ୍ରତିବାଦ କଲେ ପାଲଟା ତାଙ୍କ ସ୍ୱାମୀ ପୁରିଆ ହରିଜନ ଧମକ ଚମକ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ତେଣୁ ଅଙ୍ଗନବାଡି କେନ୍ଦ୍ର ପରିଚାଳନା ନିମନ୍ତେ କର୍ମୀ ଦଶମୀ ହରିଜନ ବଦଳରେ ଅନ୍ୟ କାହାରିକୁ ନିଯୁକ୍ତି କରିବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଲଳିତା ହରିଜନ, ଯମୁନା ବାଘ, ରଶ୍ମିତା ନାଗ, ଡାଲି ହରିଜନ, କୁମାରୀ ବାଘଙ୍କ ସମେତ ଫାମ୍ପୁଣୀ ଗ୍ରାମର ଉକ୍ତ ସାହିର ମହିଳା ମାନେ ଉପସ୍ଥିତ ଥିଲେ।

**ଶିକ୍ଷକଙ୍କ ମାନବିକତା**

## ଦୁର୍ଘଟଣାରେ ଆହତଙ୍କୁ ମେଡିକାଲ ନେଲେ



**ବୈପାରୀଗୁଡ଼ା,୧୧।୭ (ସମିସ):** ବୈପାରିଗୁଡା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ରାସ୍ତା ଡୁମାଟଟାଠାରେ ବାଇକ୍ ଦୁର୍ଘଟଣାରେ ସ୍ତ୍ରୀ ଆହତ ଓ ସ୍ୱାମୀ ଗୁରୁତର ହୋଇଛି। ସୂଚନା ଅନୁଯାୟ. କୋରାପୁଟ ବ୍ଲକ ଅନ୍ତର୍ଗତ କଳବ ତେନ୍ତୁଳିଗୁଡା ଗାଁର ଧନୁର୍ଜୟ କିର୍ଷାନି ଏବଂ ତାଙ୍କ ସ୍ତ୍ରୀ ସଇତା କିର୍ଷାନି ଦୁଇ ଛୋଟ ଛୁଆଙ୍କୁ ଧରି ବାଇକ୍‌ରେ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୁଦାଲଯୋଡି ଗାଁରେ ଥିବା ସାନ ଭଉଣୀ ଘରକୁ ବୁଲି ଯାଇଥିଲେ । ଆଜି ଅପରାହ୍ନରେ ନିଜ ଘର ତେନ୍ତୁଳିଗୁଡାକୁ ଫେରିବା ସମୟରେ ଡୁମାଟଟା ଠାରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଘଟିଥିଲା। ସେମାନେ ଆହତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ଦେଖି ସ୍ଥାନୀୟ ଶିକ୍ଷକ ମାନବିକତା ଦେଖାଇଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଏକ ଅଟୋ ସାହାଯ୍ୟରେ ସ୍ୱାମୀ ସ୍ତ୍ରୀ ଏବଂ ଦୁଇ ଛୋଟ ଛୁଆଁଙ୍କୁ ବୈପାରୀଗୁଡା ମେଡିକାଲରେ ଆଣି ଭର୍ତ୍ତି କରିଥିଲେ। ଧନୁର୍ଜୟ କିର୍ଷାନି ଅତି ଗୁରୁତର ଥିବାରୁ ତାଙ୍କୁ ଜୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଛି । ସୌମ୍ୟ ରଞ୍ଜନ ପ୍ରଧାନ, ସୁଶୀଲ ମାହୁନ୍ତ, ପ୍ରକାଶ କୁମ୍ଭାର, ବଳ କୃଷ୍ଣ ତ୍ରିପାଠୀ, ଅନୁପ ରାଉତ, ନବୀନ ମେଲେକା, ଭବାନୀ ବେହେରା ପ୍ରମୁଖ ଶିକ୍ଷକ ସେମାନଙ୍କୁ ସହଯୋଗ କରିଥିଲେ।

## ଚନ୍ଦ୍ରପୋଡା ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ



**ବୈପାରୀଗୁଡା, ୧୧।୭ (ସମିସ):** ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୋଡା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଇକୋ କ୍ଲବ ଆନୁକୂଲ୍ୟରେ ‘ମା’ କେ ନାମ୍ ଏକ୍ ପେଡ୍’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମହାପାତ୍ର ଏବଂ ଇକୋ କ୍ଲବ ଦାୟିତ୍ୱରେ ଥିବା ପି. ବିଶାଲ ପଟ୍ଟନାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅଭିଯାନ ନିମନ୍ତେ ବନ ବିଭାଗ ବିଭିନ୍ନ ପ୍ରଜାତିର ୫୦ ରୁ ଅଧିକ ଔଷଧୀୟ, ଫଳାଜାତୀୟ ଓ କିଛି ଫୁଲ ଚାରା ଯୋଗାଇ ଦେଇଥିଲା। ନିକଟସ୍ଥ ଏକ ଘରୋଇ ଉଦ୍ୟାନରୁ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଚାରା କ୍ରୟ କରାଯାଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ବିଭିନ୍ନ ଚାରା ପ୍ରଦାନ କରିବା ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପ କେବଳ ସ୍କୁଲ ପରିସରର ସବୁଜିମା ବୃଦ୍ଧି କରିନଥିଲା । ବରଂ ଗଛର ଗୁରୁତ୍ୱ ଏବଂ ପରିବେଶ ସଂରକ୍ଷଣ ବିଷୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିଥିଲା। ଏହା ଏକ ସବୁଜ ଏବଂ ସୁସ୍ଥ ଭବିଷ୍ୟତ ଗଠନ ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଥିଲା।

## ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଘଟଣା ନେଇ ପୁଲିସର ନିଷ୍କ୍ରିୟତା

# ଏସ୍‌ପିଙ୍କୁ ଫେରାଦ ହେଲେ ବିଜେଡି ପ୍ରତିନିଧି ଦଳ



**କୋରାପୁଟ,୧୧।୭ (ସମିସ):** ଅତ୍ୟନ୍ତ ବର୍ବରତାର ସହ ଜଣେ ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଘଟଣାରେ ବନ୍ଧୁଗାଁ ପୁଲିସ ଯେପରି ନିଷ୍କ୍ରିୟତା ପ୍ରଦର୍ଶନ କରିଥିଲା, ତାର କଠୋର ସମାଲୋଚନା କରି ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଏସପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ପୂର୍ବତନ ସାଂସଦ ଝିନ୍ନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଟାଉନ ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, ଯୁବ ବିଜେଡି ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀ,ବିଜେଡି ନେତା ତ୍ରିନାଥ ପାତ୍ର, ଟି କିରଣ କୁମାର, ବ୍ଲକ ସଭାପତି ମଣ୍ଟୁ ବେନିଆ, ପଦ୍ମନାଭ ଜାନି, ବିଜେଡି ନେତ୍ରୀ ରୀତା ପାଣିଗ୍ରାହି, କାଉନସିଲର ଲେହା ପ୍ରଧାନ, ଦୀପ ଶିଖା କୁଲୁ, ମାଲେଶ୍ୱର୍ ରାଓ ପ୍ରମୁଖ ଏସପି ରୋହିତ ବର୍ମାଙ୍କୁ ସାକ୍ଷାତ କରି ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏଭଳି ଅମାନବୀୟ ଘଟଣାରେ କୌଣସି ଅଭିଯୋଗ ନଆସିଲେ ମଧ୍ୟ ପୁଲିସ ନିଜ ଆଡୁ ମାମଲା ରୁଜୁ କରିବା ନିୟମ ଥିବା ସତ୍ତ୍ୱେ ଘଟଣାର ୨୪ ଘଣ୍ଟା ପର୍ଯ୍ୟନ୍ତ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ହାତ ବାନ୍ଧି ବସିବା ଅତ୍ୟନ୍ତ ଲଜ୍ଜା ଜନକ ଘଟଣା ବୋଲି ବିଜେଡି ପ୍ରତିନିଧି ମଣ୍ଡଳୀ ବନ୍ଧୁଗାଁ ପୁଲିସକୁ ତୀବ୍ର ସମାଲୋଚନା କରିଛନ୍ତି।

ସୂଚନା ଥାଉକି ବନ୍ଧୁଗାଁ ଥାନା କାନାଗାଁ ପଞ୍ଚାୟତ ଅନ୍ତର୍ଗତ ସାନ ମାଥୁର ଗାଁର ଜୈନିକ ବ୍ୟକ୍ତି ନିଜ ୬ ବର୍ଷର ଝିଅକୁ ନେଇ ସ୍ତ୍ରୀ ସହ ୭ ତାରିଖରେ ବିଲରେ କାମ କରିବାକୁ ଯାଇଥିଲେ। ଝିଅକୁ ବିଲ ନିକଟରେ ଥିବା କୁଡ଼ିଆରେ ଛାଡ଼ି ସେମାନେ ବିଲ କାମ କରୁଥିବାବେଳେ ତାଙ୍କ ସମ୍ପର୍କୀୟ ବେଙ୍କା ପିଡି ନାମକ ୩୦ ବର୍ଷୀୟ ଯୁବକ ଶିଶୁକୁ ଚକଲେଟ ଦେବା ଆଳରେ ଡାକି ନେଇ ଦୁଷ୍କର୍ମ କରିଥିଲା। ଶିଶୁକନ୍ୟା କାନ୍ଦି କାନ୍ଦି ଆସିଥିଲା ଓ ତା ଦେହରୁ ରକ୍ତସ୍ରାବ ହେଉଥିବା ଦେଖି ପିତାମାତା ବନ୍ଧୁଗାଁ ଡାକ୍ତରଖାନା ନେଇଥିଲେ। ଚିକିତ୍ସା ପରେ ବାପା ମା ଝିଅକୁ ଘରକୁ ନେଇଥିଲେ। ଲୋକ ଲଜ୍ଜା ଓ ଅଭିଯୁକ୍ତର ଚାପରେ ପୀଡ଼ିତାର ବାପା ଘଟଣାକୁ ପରିପ୍ରକାଶ କରିନଥିଲେ। ପୁଲିସ ହସ୍ପିଟାଲ ସୂତ୍ରରୁ ଘଟଣା ସମ୍ପର୍କରେ ଜାଣି ମଧ୍ୟ ଅଭିଯୋଗ କରା ଯାଇନଥିବା ଆଳରେ ଚୁପ ବସି ରହିଥିଲା। ଅନ୍ୟ ପକ୍ଷରେ ଘଟଣା ବିଷୟରେ ଜାଣି ପୀଡ଼ିତାର କିଛି ସମ୍ପର୍କୀୟ ଓ ଗ୍ରାମବାସୀ ଅଭିଯୁକ୍ତକୁ ପ୍ରବଳ ମାଡ଼ ମାରିଥିଲେ। ଲୋକଙ୍କ କ୍ରୋଧରୁ ଅଭିଯୁକ୍ତକୁ ବଞ୍ଚାଇବା ପାଇଁ ପୁଲିସ ଅଭିଯୁକ୍ତକୁ ଘରୁ ଆଣିଥିଲା । କିନ୍ତୁ କିଛି ଘଣ୍ଟା ରଖି ଛାଡ଼ି ଦେଇଥିଲା। ହେଲେ ଏହା ମଧ୍ୟରେ ଝିଅର ଅବସ୍ଥା ସଙ୍କଟାପନ୍ନ ହେବାରୁ ଓ ପୀଡ଼ିତାର ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ରାତିରେ ଅଭିଯୁକ୍ତକୁ ଘରୁ ଉଠାଇ ଆଣିଥିଲା। ବୁଧବାର ପୀଡ଼ିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା କରିବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ଆରମ୍ଭରୁ ପୁଲିସ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରି ଥିବା ବିଜେଡି ଟିମ୍ ଅଭିଯୋଗ କରି ଏହାର ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ସକାଳ
THE SAKALA



### ସମୀକ୍ଷା ବୈଠକରେ ସାଂସଦଙ୍କ ଅସନ୍ତୋଷ

# ହାତପାଣ୍ଠି ବିନିଯୋଗ ଦେଖାଇପାରିଲେନି ଅଧିକାରୀ

**ବାରିପଦା, ୧୧।୭ (ସମିସ)**



ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ପାଳନ କରିଛନ୍ତି। ମୟୂରଭଞ୍ଜର ଲୋକସଭା ସାଂସଦ ନବଚରଣ ମାଝୀଙ୍କର ମଧ୍ୟ ଏକ ବର୍ଷ ପୂରିଛି। ଏହା ପୂର୍ବରୁ ସେ ରାଇରଙ୍ଗପୁର ବିଧାୟକ ଭାବେ ୫ ବର୍ଷ ଦାୟିତ୍ୱ ତୁଲାଇଥିଲେ। ତତ୍କାଳୀନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କୁ ବିଜେପିରୁ ପୁଣି ଟିକଟ ନ ମିଳିବାରୁ ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଭାବେ ଦଳ ନବଚରଣଙ୍କୁ ସୁଯୋଗ ଦେଇଥିଲା। ସେ ଦଳୀୟ ଟିକଟରେ ନିର୍ବାଚନ ଲଢି ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ସାଂସଦ ହୋଇଛନ୍ତି। ଇତିମଧ୍ୟରେ ଏକ ବର୍ଷ ବିତି ଦ୍ୱିତୀୟ ବର୍ଷ ଆରମ୍ଭ ହେଲାଣି। ସାଂସଦ ଭାବେ ବାର୍ଷିକ ରିପୋର୍ଟ କାର୍ଡ ବର୍ତ୍ତମାନ ପ୍ରସ୍ତୁତ ସମୟରେ ସେ ତାଙ୍କ ହାତପାଣ୍ଠି ବିନିଯୋଗ ସମ୍ପର୍କରେ ବିବରଣୀ ଦେବେ; ପରନ୍ତୁ ସରକାରୀ ତଥ୍ୟ ନ ପାଇ ଜିଲ୍ଲାର ପ୍ରମୁଖ ଅଧିକାରୀଙ୍କୁ ନେଇ ଶୁକ୍ରବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଉପସ୍ଥିତିରେ ସାଂସଦ ଶ୍ରୀ ମାଝୀ ସମସ୍ତ ଅଧିକାରୀଙ୍କ ଉପରେ ବିରକ୍ତ ପ୍ରକାଶ କରିଛନ୍ତି। ପ୍ରଥମ ବର୍ଷର ହାତପାଣ୍ଠି ବାବଦକୁ ୫ କୋଟି ପୁଣି ଚଳିତବର୍ଷର ୫କୋଟି ଟଙ୍କା ବିନିଯୋଗ ପାଇଁ ସେ ବିଭିନ୍ନ ବିଭାଗକୁ ଏକାଧିକ ପ୍ରସ୍ତାବ ଦେଇଥିଲେ ହେଁ ତାହାର ତଥ୍ୟ କୌଣସି ଅଧିକାରୀ ଦେଇପାରି ନ ଥିଲେ। ମୟୂରଭଞ୍ଜ ସାଂସଦ

- ମୁଁ ସବୁଥିରେ ଆଗୁଆ, ଉନ୍ନୟନ କାର୍ଯ୍ୟରେ ପଛୁଆ
- ବାର୍ଷିକ ରିପୋର୍ଟ କାର୍ଡରେ କଣ ଦର୍ଶାଇବି

ଭାବେ ସେ ବାରିପଦା, ମୋରଡା, ଉଦଳା, ସାରସକଣା, ରାଇରଙ୍ଗପୁର, ଯଶିପୁର ଓ ବାଙ୍ଗିରିପୋଷି ମିଶି ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି। ପୂର୍ବରୁ ରାଜ୍ୟରେ ବିଜେଡି ସରକାର ଥିବା ବେଳେ ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ତାଙ୍କ ବାର୍ଷିକ ରିପୋର୍ଟ କାର୍ଡରେ ହାତପାଣ୍ଠି ବିନିଯୋଗ ସମ୍ବନ୍ଧିତ ସମସ୍ତ ତଥ୍ୟ ଉପସ୍ଥାପନ କରିପାରୁଥିଲେ; ହେଲେ ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର ଥାଇ ଅଧିକାରୀ ଓ ବିଭାଗୀୟ ଉଦାସୀନତା ପାଇଁ ବିନିଯୋଗ ସମ୍ପର୍କିତ ତଥ୍ୟ ଜଣେ ସାଂସଦ ପାଇ ନ ପାରିବା ଲଜ୍ଜାଜନକ ବିଷୟ। ବୈଠକରେ ଜିଲ୍ଲାପାଳଙ୍କ ବ୍ୟତୀତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଅତିରିକ୍ତ ଉନ୍ନୟନ ଅଧିକାରୀ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ ଓ କପ୍ତିପଦା ପିଏ ଆଇଟିଡିଏ, ବାରିପଦା ଓ ରାଇରଙ୍ଗପୁର ପୌର ନିର୍ବାହୀ ଅଧିକାରୀ ଓ ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ ବି ସାଂସଦଙ୍କ ପ୍ରଶ୍ନର ଉତ୍ତର ନ ଦେଇ ଚୁପ ହୋଇ ବସିଥିଲେ। 'ବର୍ଷକ ମଧ୍ୟରେ ମୁଁ ସବୁ କ୍ଷେତ୍ରରେ ଆଗୁଆ ଥିବାବେଳେ ଆପଣଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ପଛରେ ରହିଛି' ବୋଲି ସାଂସଦ ଶ୍ରୀ ମାଝୀ ବିରକ୍ତିଭାବ ପ୍ରକାଶ କରିଥିଲେ। ଏଥିସହିତ କେନ୍ଦ୍ରରୁ ଆସୁଥିବା ପାଣ୍ଠିକୁ ଯଥା ଶୀଘ୍ର ମୟୂରଭଞ୍ଜବାସୀଙ୍କ ଅସୁବିଧାକୁ ଦୂର ପାଇଁ ବିନିଯୋଗ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯାହାର ରିପୋର୍ଟ ୭ ଦିନ ଭିତରେ ଦେବାକୁ ସେ କହିଛନ୍ତି। ମୟୂରଭଞ୍ଜର ବିକାଶରେ କେନ୍ଦ୍ରରୁ ଆସୁଥିବା ସମସ୍ତ ପାଣ୍ଠିର ସୁବିନିଯୋଗ ହେଉ ଏବଂ ଲୋକେ ମୌଳିକ ସୁବିଧାରୁ ସୁଯୋଗ ଯେପରିରେ ବଞ୍ଚିତ ନ ହୁଅନ୍ତୁ ସେଥିପ୍ରତି ଅଧିକାରୀମାନେ ସଚେତନ ରହିବା ପାଇଁ କହିଛନ୍ତି।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ୍

**ବାରିପଦା, ୧୧।୭ (ସମିସ):** ବାରିପଦା ସ୍ଥିତ ଅତିରିକ୍ତ ଜିଲ୍ଲା ବିଚାରପତି-୧ ଏକ ଚେକ ବାଉନସ ମାମଲାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ରାୟକୁ କାଏମ ରଖିଛନ୍ତି। ବିଚାରପତି ସତ୍ୟନାରାୟଣ ପାତ୍ର ମାମଲାରା ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୬ମାସର କାରାଦଣ୍ଡ ଭୋଗିବାର ଆଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୨ ଲକ୍ଷ ୪୩ ହଜାର ୪୯୦ ଟଙ୍କା ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନାଦେୟ ଅଧିକ ୨ମାସର କାରାଦଣ୍ଡ ଭୋଗିବେ। ଆସାମୀ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ସୁଇଟି ସାହା। ସୂଚନା ଯୋଗ୍ୟ, ସେ ବ୍ୟବସାୟୀ ନିମନ୍ତେ ବାରିପଦା ସ୍ଥିତ ମୟୁରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ମହିଳା ଶାଖାରୁ ୧ଲକ୍ଷ ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧ ନିମନ୍ତେ ୧, ୨୧, ୭୪୫ ଟଙ୍କାର ଏକ ବ୍ୟାଙ୍କ ଚେକ ଦେଇଥିଲେ। ତେବେ ଉକ୍ତ ଚେକର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ଚେକ ବାଉନସ ହୋଇଯାଇଥିଲା। ତେବେ ଏହାକୁ ନେଇ ପରିଚାଳନା ନିର୍ଦ୍ଦେଶକ ଏସଡିଜେଏମ କୋର୍ଟରେ ମାମଲା ରୁଜୁ ହୋଇଥିଲା। ପ୍ରମାଣକୁ ଭିତ୍ତିକରି ବିଚାରପତି ଶୁଣାଣି କରିଥିଲେ। ଯାହାକୁ ନେଇ ଜିଲ୍ଲା ଦୌରାଜଜ କୋର୍ଟରେ ଅପିଲ କରିଥିଲେ। ଏହାପରେ ଉକ୍ତ ମାମଲା ଏଡିଜେ-୧ ଅଦାଲତକୁ ଟ୍ରାନ୍ସଫର ହୋଇଥିଲା। ଉକ୍ତ କୋର୍ଟରେ ମଧ୍ୟ ରାୟ ପ୍ରକାଶ ପାଇଛି। ଉକ୍ତ ମାମଲାକୁ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରୁଥିଲେ।

## ସୁବର୍ଣ୍ଣରେଖା କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ମୋରଡା, ୧୧।୭ (ସମିସ):** ଚିତ୍ରଡା ଫାଣ୍ଡି ଅନ୍ତର୍ଗତ ମାକୁନ୍ଦ ଗ୍ରାମ ନିକଟ ସୁବର୍ଣ୍ଣରେଖା କେନାଲରୁ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି ମୋରଡ଼ା ପୁଲିସ। ମୃତକ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ କାନ୍ଦ୍ରା ସାହି ସହୀଦ ନଗର ଅଞ୍ଚଳର ଭୁଜୁ ସୋରେନ(୨୫)। ଗୁରୁବାର ସନ୍ଧ୍ୟାରେ ଭୁଜୁ ସୁବର୍ଣ୍ଣରେଖା କେନାଲରେ ଗାଧୋଉଥିବାବେଳେ ପାଣିରେ ବୁଡି ଯାଇଥିଲେ। ତେବେ ଭୁଜୁଙ୍କ ମୃତଦେହ ପାଣିରେ ଭାସି ଶୁକ୍ରବାର ମୋରଡା ଥାନା ଅଧୀନ ମାକୁନ୍ଦ ମାଝୀ ସାହିରେ ଥିବା କେନାଲ ପୋଲ ନିକଟରେ ଲାଗିଥିଲା। ସ୍ଥାନୀୟ ଲୋକେ ମୃତଦେହକୁ ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଛି।

### ଡାକ୍ତର ଓ ଫାର୍ମାସିଷ୍ଟ ବଦଳିକୁ ନେଇ ତେଜିଲା ଅସନ୍ତୋଷ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**କୁଆମରା, ୧୧।୭ (ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ଆଞ୍ଚଳିକ ଡାକ୍ତରଖାନା ଉପରେ ପ୍ରାୟ ୪୦ ହଜାର ଲୋକ ନିର୍ଭର କରି ଆସୁଛନ୍ତି। ଆଠ ଶଯ୍ୟା ବିଶିଷ୍ଟ ଉକ୍ତ ଡାକ୍ତରଖାନାରେ ୨ ଜଣ ଡାକ୍ତର ଓ ୨ଜଣ ଫାର୍ମାସିଷ୍ଟ ପଦ ଥିବାବେଳେ ଦୀର୍ଘ ଦିନ ଧରି ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଥିଲା; କିନ୍ତୁଅଞ୍ଚଳବାସୀଙ୍କ ଦାବି ଓ ଆନ୍ଦୋଳନ ପରେ ବର୍ଷେ ହେବ ଏହି ପଦ ପୂରଣ ହୋଇଥିଲା। ମାତ୍ର କର୍ତ୍ତୃପକ୍ଷ ତିନି ମାସ ତଳେ ଜଣେ ଡାକ୍ତରଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିଦେଇଛନ୍ତି। ଏବେ ପୁଣି ଏଠାରୁ ଜଣେ ଫାର୍ମାସିଷ୍ଟଙ୍କୁ ଅନ୍ୟ ଡାକ୍ତରଖାନାକୁ ନେଇଯିବା ଫଳରେ ସେବା ବିପର୍ଯ୍ୟସ୍ତ ହୋଇଛି। ଏଠାରେ ପ୍ରତ୍ୟହ ଆଉଟ ଡୋରରେ ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା କିପରି ସ୍ୱାସ୍ଥ୍ୟ ସେବା ମିଳୁଥିବା ତାହା ଏଥିରୁ ଜଣାପଡୁଛି। ଏବେ ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ବଦଳିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି କୁଆମରା ପଞ୍ଚାୟତ ବିକାଶ ପରିଷଦର ସମ୍ପାଦକ ବିମଳ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅଞ୍ଚଳବାସୀଙ୍କୁ ନେଇ ଡାକ୍ତରଖାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟରତ ଫାର୍ମାସିଷ୍ଟଙ୍କ ବଦଳି ଆଦେଶକୁ ବାତିଲ କରିବା ସହ ପୂର୍ବରୁ ବଦଳି କରାଯାଇଥିବା ଡାକ୍ତର ପଦ ତୁରନ୍ତ ପୂରଣ କରିବା ଏବଂ ଦୁଇଜଣ ଷ୍ଟାଫ ନର୍ସ ଦେବା ପାଇଁ ଦାବି ହୋଇଛି। ଯଦି ସପ୍ତାହ ମଧ୍ୟରେ ଖାଲି ପଡ଼ିଥିବା ପଦବୀକୁ ପୂରଣ କରା ନଯାଏ ତେବେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଦେଶୀ ମଦ ସହ ବାଇକ୍ ଜବତ; ଜଣେ ଗିରଫ

**ବାରିପଦା, ୧୧।୭ (ସମିସ):** ବାରିପଦା ସଦର ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୮୫ଲିଟର ଦେଶୀ ମଦ ଜବତ କରିବା ସହିତ ଓ ୩୦୫୦ଲିଟର ପୋଚ ନଷ୍ଟ କରିଛନ୍ତି। ଏହି ଘଟଣାରେ ଏକ ବାଇକ ମଧ୍ୟ ଜବତ କରାଯାଇଛି। ଅନ୍ୟ ଜଣେ ଫେରାର ରହିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁର ଅଞ୍ଚଳର ବବୁଲୁ ହାଁସଦା(୪୦)। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଚଢ଼ଉରେ ବାରିପଦା ସଦର ଅବକାରୀ ଥାନାର ଓଆଇସି ବ୍ରଜମୋହନ ମଲ୍ଲିକ, ପ୍ରହ୍ଲାଦ ବିଶ୍ୱାଳ, ରଜନୀକାନ୍ତ ବେହେରା, ଦିବ୍ୟାନଶୁ ପଣ୍ଡା, ଦେବରାଜ ବେହେରା ପ୍ରମୁଖ ସାମିଲ ଥିଲେ।

## ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ଲୁଟ୍; ପୁଲିସର ଛାନ୍‌ଭିନ୍

**ବେତନଟୀ, ୧୧।୭ (ସମିସ):** ବୈଶିଙ୍ଗା ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଗଳାପୋଲ ନିକଟରେ ଗୁରୁବାର ୨ ଲକ୍ଷ ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ନରସିଂହ ଚରଣ ଭୂୟାଁଙ୍କ ବାଇକର ଡିକି ଭାଙ୍ଗି ଦୁଇ ଜଣ ଦୁର୍ବୃତ୍ତ ନଗଦ ଦୁଇ ଲକ୍ଷ ଟଙ୍କା ଲୁଟି ନେଇ ଚମ୍ପଟ ମାରିଛନ୍ତି। ପରେ ଶ୍ରୀ ଭୂୟାଁ ଥାନାରେ ଅଭିଯୋଗ କରିଛନ୍ତି। ଶ୍ରୀ ଭୂୟାଁ ଗୁରୁବାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବୈଶିଙ୍ଗା ଶାଖାରୁ ଦୁଇ ଲକ୍ଷ ଟଙ୍କା ଉଠାଇ ନିଜର ବାଇକ ଡିକିରେ ରଖିଥିଲେ। ଏହାପରେ ସେ ବୈଶିଙ୍ଗା ବଜାରର ଗଳାପୋଲ ନିକଟସ୍ଥ ଏକ ପାଇପ୍ ଦୋକାନ ସମ୍ମୁଖରେ ବାଇକ୍ ପାର୍କ କରି କିଛି ଜିନିଷ କିଣିବାକୁ



ଦୋକାନକୁ ଯାଇଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ହେଲମେଟ ପିନ୍ଧି ଏକ ବାଇକରେ ଆସି ଡିକି ଭାଙ୍ଗି ଟଙ୍କା ଲୁଟି ନେଇ ଦ୍ରୁତଗତିରେ ପଳାଇଥିଲେ। ଏହି ଘଟଣାର ଦୃଶ୍ୟ ପାଖରେ ଥିବା ଏକ ଦୋକାନର ସିସିଟିଭି କ୍ୟାମେରାରେ କଏଦ ହୋଇଛି; ଯାହା ତଦନ୍ତରେ ପୁଲିସକୁ ସହାୟକ ହେବ। ଶ୍ରୀ ଭୂୟାଁ ତୁରନ୍ତ ବୈଶିଙ୍ଗା ଥାନାରେ ଏତଲା ଦେଇଥିଲେ। ଏହାପରେ ସବ-ଇନ୍ସପେକ୍ଟର ଦେବାଶିଷ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛନ୍ତି।

## ଲଗାଣବର୍ଷାରେ ଭୁଶୁଡ଼ିଲା ୭ଟି ଘର



**ରାଇରଙ୍ଗପୁର, ୧୧।୭ (ସମିସ):** ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୁହାଳଡାଙ୍ଗ୍ରୀ ଗ୍ରାମପଞ୍ଚାୟତରେ ଲଗାଣବର୍ଷା ଲାଗି ରହିଥିବାରୁ ୭ଟି ଘର ଭୁଶୁଡି ଯାଇଛି। ହେଲେ ଏ ଯାଏ ଏହି ପରିବାରକୁ କୌଣସି ସରକାରୀ ସହାୟତା ମିଳିନାହିଁ। ଏହିସବୁ ପରିବାର ଏବେ ପଲିଥିନ, ଛେଳି ଗୁହାଳ ଘରେ ରହୁଥିବା ସୂଚନା ମିଳିଛି। ଗ୍ରାମର ଡିବାର ନାଏକ, ସେଲାଏ ନାଏକ, ରୁବିନ ନାଏକ, ଲାଦୁଗୁଡିବାର ନାଏକ, ଲାଦୁଗୁ ନାଏକ, ଦୁର୍ଗା ମାଝୀ, କାନ୍ଦ୍ରା ନାଏକ, ମଞ୍ଜରୀ ନାଏକ, ମଞ୍ଜରୀ ଗୋଇପାଇଙ୍କ ଘର ସମ୍ପୂର୍ଣ୍ଣଭାବେ ଭୁଶୁଡି ଯାଇଛି। ବିପନ୍ନ ପରିବାରକୁ ଆବାସ ଯୋଜନାରେ ସାମିଲ କରିବାକୁ ନିବେଦନ କରିଛନ୍ତି। ଏ ନେଇ ଗ୍ରାମବାସୀ ପଞ୍ଚାୟତ ଓ ଆରଆଇଙ୍କୁ ଜଣାଇଥିଲେ ମଧ୍ୟ ଏ ଯାଏ କୌଣସି ସରକାରୀ ଅଧିକାରୀ ଗ୍ରାମରେ ପହଞ୍ଚି ନାହାନ୍ତି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## କେନ୍ଦ୍ରୀୟ ବିଦ୍ୟାଳୟରେ 'ମା' କୀ ନାମ ଏକ ପେଡ଼' କାର୍ଯ୍ୟକ୍ରମ

**ବାରିପଦା, ୧୧।୭ (ସମିସ):** ମୁରଗାବାଡି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ ପ୍ରାଙ୍ଗଣରେ ଇକୋ କ୍ଲବ ଓ ମିଶନ ଲାଇଫ ମିଳିତ ଆନୁକୂଲ୍ୟରେ 'ମା' କୀ ନାମ ଏକ ପେଡ' କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଯୋଗଦାନ କରି ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ପୂର୍ବକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୂଲ୍ୟବୋଧ ଓ ଉତ୍ତମ ଚରିତ୍ର ଗଠନ ସହ ମନୋବଳ ସୁଦୃଢ ଉପରେ ମତବ୍ୟକ୍ତ କରିଥଲେ। ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ରାକେଶ ସିଂହ, ମନୋଜ ଦାସ ଏବଂ ଅଭିଭାବକ ପୂର୍ଣ୍ଣାନନ୍ଦ ପରିଡ଼ାଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## କଳାବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଲା ଅମଲା ସଂଘ



**ବଡସାହି, ୧୧।୭ (ସମିସ):** ରାଜ୍ୟ ରାଜସ୍ୱ ଅମଲା ସଂଘ ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି। ଏହି ଦାବି ନେଇ ସଂଘ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛି; ମାତ୍ର ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି। ଫଳରେ ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ ବଡସାହି ତହସିଲର ଅମଲାମାନେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ୭ରୁ ୧୧ ତାରିଖ ଯାଏ କଳା ବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ଏହା ସତ୍ତ୍ୱେ ସରକାର ଦାବି ପୂରଣ ନ କରନ୍ତି ତେବେ ୧୪ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ନିଷ୍ପତ୍ତି ନେଇଛି। ଅମଲାଙ୍କ ମୂଳ ଦରମା ୨୦୧୭ ମସିହା ନିୟମ ଅନୁଯାୟୀ ଲେବଲ-୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁର୍ନଗଠନ, କନିଷ୍ଠ ରାଜସ୍ୱ ଅମଲାଙ୍କ ରେସିଡେନସି ପିରିୟଡ ୬ ବର୍ଷ ଜାଗାରେ ୪ ବର୍ଷ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସ୍‌ଓ. ପଦବୀକୁ ଏକତ୍ରିକରଣ କରାଯାଇ କେବଳ ଏଏସଓ ରଖାଯାଉ ଏବଂ କନିଷ୍ଠ ରାଜସ୍ୱ ସହାୟକଙ୍କ ୪ ବର୍ଷ ରେସିଡେନସୀ ପିରିୟଡ ରଖାଯାଇ ଏଏସ ଓ ପଦକୁ ପଦୋନ୍ନତି, ସମସ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀକୁ ପୁନଃ ପ୍ରଚଳନ ଆଦି ଦାବି ରହିଛି।

## ବାଲି ଟ୍ରାକ୍ଟର ଜବତ; ଚାଳକ ଗିରଫ

**ବାରିପଦା, ୧୧।୭ (ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବାବେଳେ ବାରିପଦା ସଦର ଥାନା ପୁଲିସ ଏକ ଟ୍ରାକ୍ଟର ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ଜଣକ ହେଲେ କୁଳିଅଣା ଥାନା ଅନ୍ତର୍ଗତ କୁକୁଡ଼ାଖୁମ୍ପି ଗ୍ରାମର ରାଜୁ ସିଂ(୨୩)। ଦର ଥାନା ପୁଲିସ ପକ୍ଷରୁ ଦାମୋଦରପୁର ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଚୋରା ଚାଲାଣ କରୁଥିବାର ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଟ୍ରେନ୍ ଧକ୍କାରେ ସମାଜସେବୀଙ୍କ ମୃତ୍ୟୁ

**ବେତନଟୀ, ୧୧।୭ (ସମିସ):** ବରିଷ୍ଠ ସମାଜସେବୀ ତଥା ସାମାଜିକ ସଂଗଠକ ଭଗବାନ ମହାପାତ୍ର (୮୦)ଙ୍କ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ କଷିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଇଁ ଯିବା ସମୟରେ ଫାଟକ ବିହୀନ ଲେବଲ କ୍ରସିଂ ପାର ହେଉଥିଲେ। ଏହି ସମୟରେ ବାଲେଶ୍ୱରରୁ ବାଙ୍ଗିରିପୋଷି ଯାଉଥିବା ମେମୁ ଟ୍ରେନ ତାଙ୍କୁ ଧକ୍କା



ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବିଭିନ୍ନ ସଂଗଠନ ସହିତ ଜଡିତ ଥିଲେ। ଏଥି ସହିତ ରାଜ୍ୟସ୍ତରୀୟ ସଂଗଠନ ମଧ୍ୟରୁ ଓଡ଼ିଶା ପଞ୍ଚାୟତ ସମ୍ପାଦକ ସଂଘ, ଓଡ଼ିଶା ସରପଞ୍ଚ-ସମ୍ପାଦକ ସମନ୍ୱୟ ସମିତି ଓ ଅବସରପ୍ରାପ୍ତ ପଞ୍ଚାୟତ ସମ୍ପାଦକ ସଂଘର ସଦସ୍ୟ ଥିଲେ। ସେ ସର୍ବଦା ନିଜ ଅଞ୍ଚଳ ପାଇଁ ଲଢେଇ କରିଆସୁଥିଲେ। ରୂପସା ଷ୍ଟେସନର ଉନ୍ନତିକରଣ ପାଇଁ ତାଙ୍କ ଅବଦାନ ସର୍ବାଧିକ। ନିଜ ଗ୍ରାମରେ ପ୍ରତିବର୍ଷ ମାଟ୍ରିକ ଓ କଲେଜ ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା ସଭା, ଗ୍ରାମରେ ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଓ ବ୍ୟାପକ ଭାବେ ବୃକ୍ଷରୋପଣର ସେ ଆୟୋଜନ କରିଆସୁଥିଲେ। ପଞ୍ଚାୟତ ସମ୍ପାଦକ ଭାବେ ଚାକିରିରୁ ଅବସର ନେଇ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଶେଷ ଦର୍ଶନ କରିଥିଲେ।

## ଲକ୍ଷାଧିକ ଟଙ୍କାର ମହୁଲ ଫୁଲ ଓ ମଦ ଜବତ; ଜଣେ ଗିରଫ

**ବିଶୋଇ, ୧୧।୭ (ସମିସ) :** ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ପୁଣ୍ଡିଦା ଗ୍ରାମରେ ଲକ୍ଷାଧିକ ଟଙ୍କାର ମହୁଲ ଫୁଲ, ଦେଶୀ ମଦ ଓ ମହୁଲ ପୋଚ ଜବତ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଜଣେ ଯୁବକକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକ ଜଣଙ୍କ ହେଲେ ପୁଣ୍ଡିଦା ଗ୍ରାମର କଂଗ୍ରେସ ହାଁସଦା (୪୪)। ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ବିଶୋଇ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପିଙ୍କି ମାରାଣ୍ଡି ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ବିଶୋଇ ଥାନା ଅନ୍ତର୍ଗତ ପୁଣ୍ଡିଦା ଗ୍ରାମ ଅଞ୍ଚଳରେ ଚଢ଼ଉ କରାଯାଇ କଂଗ୍ରେସ ହାଁସଦାଙ୍କ ବାସଗୃହରୁ ୧୪୫୦ କେଜି ମହୁଲ ଫୁଲ ଜବତ କରାଯାଇଥିଲା। ଚଢ଼ଉ ସମୟରେ ଗ୍ରାମ ନିକଟସ୍ଥ ଏକ ପୋଖରୀ ନିକଟରେ ୧୨୦ ଲିଟର ଦେଶୀ ରନ୍ଧା ମଦ ଓ ୨୨୦୦ ଲିଟର ମହୁଲ ପୋଚ ମଧ୍ୟ ଜବତ ଜବତ କରାଯାଇଥିଲା। ପରେ କଂଗ୍ରେସ ହାଁସଦାଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ମହୁଲ ଫୁଲ, ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଚଢ଼ଉରେ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ଶବର, କରଞ୍ଜିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ନାୟକ, ଯଶିପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ, ଶୁକ୍ଳି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୃଷ୍ଣଚନ୍ଦ୍ର ବିନ୍ଧାଣୀ ପ୍ରମୁଖ ସାମିଲ ହୋଇଥିଲେ। ବିଶୋଇ ଅବକାରୀ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରିଛି।



# ଚଢ଼େଇପାହାଡ଼ି ପଞ୍ଚାୟତରେ ଡିଜିଟାଲ ସେବା ଅପହଞ୍ଚ

**ରାଇରଙ୍ଗପୁର, ୧୧।୭ (ସମିସ)**

ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ବିଜାତଳା ବ୍ଲକ ଚଢ଼େଇପାହାଡି ଗ୍ରାମପଞ୍ଚାୟତ ଦୁର୍ଗମ ଅଞ୍ଚଳଭାବେ ପରିଚିତ। ଗୋରୁମହିଷାଣି ଥାନା ଅଧୀନ ଏହି ଅଞ୍ଚଳରେ ଏକଦା ମାଓବାଦୀ ସକ୍ରିୟ ଥିଲେ। ଏବେ ବି ଏହି ଅଞ୍ଚଳ ବିକାଶଠୁ ବହୁ ଦୂରରେ ରହିଛି। ବଣପାହାଡ ଘେରା ଏହି ଅଞ୍ଚଳର ଅନେକ ଗାଁ, ସାହିକୁ ଏ ଯାଏଁ ଭଲ ରାସ୍ତା ନିର୍ମାଣ ହୋଇପାରିନାହିଁ। ଖରାଦିନେ ଏହି ଅଞ୍ଚଳରେ ପାନୀୟଜଳ ସମସ୍ୟା ଦେଖାଦେଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ଏହି ଅଞ୍ଚଳର ବିକାଶ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଛି। ଚଢ଼େଇପାହାଡି ପଞ୍ଚାୟତରେ ୨୨ଟି ରାଜସ୍ୱ ଗ୍ରାମଥିବା ବେଳେ ଏଠାରେ ବନପାଳ, ରାଜସ୍ୱ ନିରୀକ୍ଷକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି; କିନ୍ତୁ ଏହି ପଞ୍ଚାୟତରେ ଡିଜିଟାଲ ସେବା ଅଭାବ ରହିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତବାସୀ ଯେପରି ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ସମିତି ସଭ୍ୟା କୁନି ସର୍ଦାର ଅଣ୍ଟା ଭିଡିଛନ୍ତି। ଏହି ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବହୁବାର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅବଗତ କରିଛନ୍ତି। ବର୍ତ୍ତମାନ ଡିଜିଟାଲ ସେବା ଯୁଗରେ ଅଞ୍ଚଳବାସୀ ଯେପରି ଡିଜିଟାଲ ସେବା ପାଇପାରିବେ ସେ ନେଇ କୁନି ସର୍ଦାର ଉଦ୍ୟମ ଆରମ୍ଭ କରିଥିଲେ। ସେ ଅଞ୍ଚଳବାସୀଙ୍କ ସହିତ ବହୁବାର ଜିଲ୍ଲାପାଳଙ୍କୁ ଦାବି କରିଆସୁଛନ୍ତି। ହେଲେ ଏବେ ସୁଦ୍ଧା ପଞ୍ଚାୟତବାସୀ ଡିଜିଟାଲ ସେବା ପାଇ ପାରୁନାହାନ୍ତି।



## ଦଶରଥପୁର ପଞ୍ଚାୟତ ସମିତିର ଅଧିବେଶନ

# ମନରେଗା ମଜୁରୀ ବୃଦ୍ଧି ପାଇଁ ପ୍ରସ୍ତାବ ପାରିତ




**ଦଶରଥପୁର, ୧୧।୭ (ସମିସ)**

ଦଶରଥପୁର ପଞ୍ଚାୟତ ସମିତିର ୫ମ ସାଧାରଣ ଅଧିବେଶନ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଡିଓ ଆକାଶ ପଟ୍ଟନାୟକ 'ବିକଶିତ ଗାଁ' ଗଠନ ପାଇଁ ସମସ୍ତଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ଚଳିତ ଆର୍ଥିକ ବର୍ଷରେ ୧୯୮ଟି ପ୍ରକଳ୍ପର ଅନୁମୋଦନ ନିମନ୍ତେ ଜନ ପ୍ରତିନିଧିଙ୍କ ସହଯୋଗ ଲୋଡ଼ିଥିଲେ। ମନରେଗା ଯୋଜନାରେ ଶ୍ରମିକଙ୍କ ମଜୁରୀ ଅର୍ଥ ବୃଦ୍ଧି କରିବାକୁ ବୈଠକରେ ଉପସ୍ଥିତ ସମସ୍ତ ଜନପ୍ରତିନିଧିଙ୍କ ଦାବିକୁ ନେଇ ଜିଲ୍ଲାପାଳଙ୍କ ଜରିଆରେ ଏକ ସର୍ବସମ୍ମତି ଲିଖିତ ପ୍ରସ୍ତାବ ସରକାରଙ୍କ ଅନୁମୋଦନ ପାଇଁ ପଠାଇବାକୁ ସ୍ଥିର ହୋଇଥିଲା।

ତେବେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ

### ଲୋକପ୍ରତିନିଧିଙ୍କ ସମ୍ପର୍କୀୟଙ୍କୁ ବୈଠକରେ ବାରଣ

ସରକାରୀ ଅଧିକାରୀମାନେ ଅସହଯୋଗ କରୁଥିବା ବହୁ ଲୋକପ୍ରତିନିଧି ଅଭିଯୋଗ କରିଥିଲେ। ନୂଆ କରି ବିଭିନ୍ନ ପଞ୍ଚାୟତରେ ନିଯୁକ୍ତ କିଛି କନିଷ୍ଠଯନ୍ତ୍ରୀ ପ୍ରକଳ୍ପ କାର୍ଯ୍ୟରେ ଆବଶ୍ୟକ ତତ୍ପରତା ଦେଖାଉ ନଥିବାରୁ ପଞ୍ଚାୟତରେ ବିକାଶ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଥିଲା। ତେବେ ଅକରପଡ଼ା ସମିତିସଭ୍ୟାଙ୍କ ଅନୁପସ୍ଥିତିରେ ବୈଠକରେ ଉପସ୍ଥିତ ତାଙ୍କ ସମ୍ପର୍କୀୟଙ୍କୁ ନେଇ ବିଞ୍ଝାରପୁର ବିଧାୟିକା ଆପତ୍ତି କରିଥିଲେ। ନିର୍ବାଚିତ ଜନ ପ୍ରତିନିଧିଙ୍କ ବ୍ୟତୀତ ବୈଠକରେ ତାଙ୍କ ସମ୍ପର୍କୀୟଙ୍କ ଉପସ୍ଥିତି ଆଦୌ ଗ୍ରହଣୀୟ ନୁହେଁ ବୋଲି କହିବାରୁ ସଭାଗୃହରେ କିଛି ସମୟ ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା।

ସେହିପରି ନୂତନ ରାସନକାର୍ଡ ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ରାସନକାର୍ଡ ଉପଲବ୍ଧ କରାଇବା ସହ ରାସନ କାର୍ଡରେ ବଞ୍ଚିତ ରହିଥିବା ପରିବାର ସଦସ୍ୟଙ୍କ ନାମ ସଂଯୋଗ ନିମନ୍ତେ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଯୋଗାଣ ଅଧିକାରିଣୀ ତପସ୍ୱିନୀ ରାୟଙ୍କ ଠାରୁ ଉତ୍ତର ଚାହିଁଥିଲେ। ଯାଜପୁର ବିଧାୟିକା ସୁଜାତା ସାହୁ ଅଧିବେଶନରେ ସରକାରୀ ଯୋଜନାକୁ ନେଇ ଜନ ପ୍ରତିନିଧିଙ୍କ ଦ୍ୱାରା ଆଗତ ପ୍ରସ୍ତାବ କାର୍ଯ୍ୟାନ୍ୱୟନ ଉପରେ ତ୍ୱରିତ ଢଙ୍ଗରେ ପଦକ୍ଷେପ ନେଇ ଯୋଜନାର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରିବାକୁ ସମସ୍ତ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଏବିଡିଓ ତ୍ରିଲୋଚନ ସେଠୀ, ସହକାରୀ ନିର୍ବାହୀଯନ୍ତ୍ରୀ ରାହାସ ବିହାରୀ ଜେନା, ବ୍ଲକ କୃଷି ଅଧିକାରିଣୀ ସ୍ୱାଗତିକା ମିଶ୍ର, ବ୍ଲକ ଜଳ ଯୋଗାଣ ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ରାଉତ, କନିଷ୍ଠଯନ୍ତ୍ରୀ ଅମୀୟ ରାଉତ, ଚିତ୍ତରଞ୍ଜନ ଶତପଥୀ, ସିଡିପିଓ ସାବିତ୍ରୀ ସେଠୀ, ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଅମ୍ରିତା ପ୍ରୀତମ ମଲ୍ଲ ପ୍ରମୁଖ ସମେତ ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ସରପଞ୍ଚ ଏସ୍‌କେ ନାଦର, ପ୍ରଦୀପ ଯେନା, ପ୍ରଭାତୀ ନାୟକ, ଲିପିକା ମଲ୍ଲିକ, ପଦ୍ମାବତୀ ବିଶ୍ୱାଳ, ସମିତିସଭ୍ୟ ବିଶ୍ୱଜିତ ରାୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## '୧୦ ପ୍ରତିଶତ ବି ହେଉନି ଉନ୍ନୟନ କାର୍ଯ୍ୟ'




**କୟାଁଗୋଲା, ୧୧।୭ (ସମିସ):** ରାଜ୍ୟର ବିଜେପି ସରକାର ଓ ପ୍ରଶାସନ ସ୍ଥାଣୁ। ସରକାରୀ ଦପ୍ତରରେ ଫାଇଲ୍ ମାସ ମାସ ଧରି ଧରି ପଡ଼ିରହୁଛି। ଆଗକୁ ଘୁଞ୍ଚୁନି। ବିଜେଡି ଶାସନରେ ହେଉଥିବା ଉନ୍ନୟନ କାର୍ଯ୍ୟର ୧୦ ପ୍ରତିଶତ କାର୍ଯ୍ୟ ଏବେ ବିଜେପି ଶାସନରେ ହେଉନି ବୋଲି ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି। ଆଜି ଦଶରଥପୁର ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକରେ ଯୋଗ ଦେବା ଅବସରରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ଏଭଳି କହି ସରକାରଙ୍କ ଉପରେ ବର୍ଷିଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଭଳି ସବୁ ଯୋଜନାରେ କଳଙ୍କି ଲାଗିଛି। ଉନ୍ନୟନ କାର୍ଯ୍ୟ ହେଉନି ବୋଲି ନିର୍ବାଚିତ ଜନପ୍ରତିନିଧିମାନେ ଅଭିଯୋଗ ବାଢିଛନ୍ତି। ସରକାର, ପ୍ରଶାସନ ସବୁଠି ଅଚଳାବସ୍ଥା। ପଚାରିଲେ ସରକାରୀ ବାବୁଙ୍କ ତୁଣ୍ଡ ଖୋଲୁନି। ଗଣମାଧ୍ୟମରେ ଏଭଳି କହି ପ୍ରମିଳା ମୋହନ ମାଝୀ ସରକାର ଓ ବ୍ଲକ ପ୍ରଶାସନ ଉପରେ ବର୍ଷିଛନ୍ତି।

## ବିରଳ ପ୍ରଜାତିର ବହୁରୂପୀ ଏଣ୍ଡୁଅ ଉଦ୍ଧାର



**ପାଣିକୋଇଲି, ୧୧।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ଷଠିପୁର ଅଞ୍ଚଳରୁ ଗୋଟିଏ ବହୁରୂପି ଏଣ୍ଡୁଅକୁ ଉଦ୍ଧାର କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଷଠିପୁର ଗ୍ରାମର କୁଳମଣୀ ଦାସଙ୍କ ପୁଅ ବିଦ୍ୟାଧର ନିଜ ବାଡ଼ିରୁ ଏକ ବିରଳ ପ୍ରଜାତିର ବହୁରୂପି ଏଣ୍ଡୁଅକୁ ଉଦ୍ଧାର କରିଥିଲେ। ପରେ ଏ ନେଇ ତାଙ୍କର ସମ୍ପର୍କିୟ ପାଥରପଦା ପଞ୍ଚାୟତର ସ୍ୱପ୍ନାନନ୍ଦ ଦାସଙ୍କୁ ଜଣାଇବା ପରେ ସ୍ୱପ୍ନାନନ୍ଦ ଏ ନେଇ ବନବିଭାଗ ସହିତ ଯୋଗାଯୋଗ କରିଥିଲେ। ପରେ ଯାଜପୁର ବନବିଭାଗର ଅଧିକାରୀ ସାକିର ହୁସେନଙ୍କୁ ଜଣାଇବା ପରେ ତାଙ୍କର ନିର୍ଦ୍ଦେଶ କ୍ରମେ ବନ ବିଭାଗର କର୍ମଚାରୀ ସାଇଶ୍ରୁତି ବିଶ୍ୱାଳ ଉକ୍ତ ଏଣ୍ଡୁଅକୁ ବିଦ୍ୟାଧରଙ୍କ ନିକଟରୁ ଉଦ୍ଧାର କରିଥିଲେ।

## ପ୍ରୀତିପୁରରେ ମିଳୁନି ପେଟ୍ରୋଲ ଡିଜେଲ

**ପ୍ରୀତିପୁର, ୧୧।୭ (ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘ ୭ ଦଫା ଦାବି ନେଇ ଦିର୍ଘ ୪ ଦିନ ହେବ ଆନ୍ଦୋଳନରେ ବସିଛି। ସରକାରଙ୍କ ସହିତ ସଫଳ ଆଲୋଚନା ହୋଇପାରୁନଥିବାରୁ ଏହି ଆନ୍ଦୋଳନ ସମୟ ବାଢିବା ନେଇ ଆଶଙ୍କା ହେଉଛି। ତେବେ ରାଜ୍ୟରେ ଡ୍ରାଇଭରଙ୍କ ଆନ୍ଦୋଳନ ପାଇଁ ସାଧାରଣ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଥିବା ବେଳେ ଆଜି ବିଞ୍ଝାରପୁର ବ୍ଲକ ପ୍ରୀତିପୁର ଅଞ୍ଚଳରେ ଏହାର ସିଧାସଳଖ ପ୍ରଭାବ ବିଭିନ୍ନ ପେଟ୍ରୋଲ ପମ୍ପ ଗୁଡିକ ଉପରେ ପଡ଼ିଛି। ଗାଡି ଚଳାଚଳ ବନ୍ଦ ଥିବାରୁ ପ୍ରୀତିପୁର, ସିଂହପୁର ଆଦି ଅଞ୍ଚଳରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପ ଗୁଡିକରେ ପେଟ୍ରୋଲ ଡିଜେଲ ମିଳୁନଥିବା ଦେଖିବାକୁ ମିଳିଛି। ଗାଡି ଚଳାଚଳ ବନ୍ଦ ଯୋଗୁଁ ଏହି ଅଞ୍ଚଳରେ ତେଲ ଗାଡି ପହଞ୍ଚି ପାରୁନଥିବା ପେଟ୍ରୋଲ ପମ୍ପ ପରିଚାଳକ ମାନେ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଡିଜେଲର ଏଭଳି ଅଭାବ ଯୋଗୁଁ ସାଧାରଣ ଗାଡ଼ି ଚାଳକ ଓ ବାଇକ ଚାଳକ ମାନେ ମଧ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସବୁ ଅଞ୍ଚଳକୁ ପେଟ୍ରୋଲ ଡିଜେଲ ଯୋଗାଣ ସ୍ୱାଭାବିକ ଥିବା ବିଭାଗୀୟ ମନ୍ତ୍ରୀ କହିଥିବା ବେଳେ ବିଞ୍ଝାରପୁର ବ୍ଲକ ପ୍ରୀତିପୁରରେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି। ତେଣୁ ବିଞ୍ଝାରପୁର ବ୍ଲକର ଅଞ୍ଚଳର ସମସ୍ତ ପେଟ୍ରୋଲ ପମ୍ପ ଗୁଡିକୁ କିଭଳି ପେଟ୍ରୋଲ ଡିଜେଲ ପାହଁଚାଯାଇ ପାରିବ ସେ ଦିଗରେ ଜିଲ୍ଲା ପ୍ରଶାସନ ଓ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବସ୍, ଟ୍ରକ୍ ଚଳାଚଳ ଆଂଶିକ ପ୍ରଭାବିତ

**ଧର୍ମଶାଳା, ୧୧।୭ (ସମିସ):** ଧର୍ମଶାଳା ଡ୍ରାଇଭର ମହାସଙ୍ଘ ଶାଖା ପକ୍ଷରୁ ଜାରକା ଠାରେ ଗତ ୪ ଦିନ ହେଲା ଆନ୍ଦୋଳନ ଅବ୍ୟାହତ ରହିଛି। ଫଳରେ ଯାତ୍ରୀବାହି ବସ୍ ଓ ମାଲ ବୋଝେଇ ଟ୍ରକ ଗୁଡିକ ଯାତାୟତ ଆଂଶିକ ବାଧାପ୍ରାପ୍ତ ହୋଇଥିବା ବେଳେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଅନ୍ୟପଟେ ଦାବି ପୂରଣ ନହେବାଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ନିଜର ନାଜ୍ୟ ଦାବି ହାସଲ ପାଇଁ ରାଜ୍ୟ ବ୍ୟାପି ଡ୍ରାଇଭରମାନେ ଷ୍ଟିୟରିଙ୍ଗ ଛାଡି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଫଳରେ ମାଲ ପରିବହନ ବାଧାପ୍ରାପ୍ତ ହେଉଛି। ଏଣେ ପରିବହନ ବନ୍ଦ ରହିବାରୁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବଢ଼ିବାରେ ଲାଗିଛି। ତେବେ ସରକାର ଡ୍ରାଇଭର ମାନଙ୍କ ଦାବିପ୍ରତି ଧ୍ୟାନ ନଦେଲେ ସମସ୍ୟା ଅଧିକ ବଢିବା ଆଶଙ୍କା ପ୍ରକାଶ ପାଇଛି। ଧର୍ମଶାଳା ଡ୍ରାଇଭର ମହା ସଂଘର ସଭାପତି ଲୋକନାଥ ପୁରୀଙ୍କ ନେତୃତ୍ୱରେ ଅଞ୍ଚଳର ଶହ ଶହ ସଂଖ୍ୟାରେ ଡ୍ରାଇଭରମାନେ ଷ୍ଟିଅରିଂ ରିଙ୍ଗ ଛାଡି ଆନ୍ଦୋଳନରେ ରହିଥିବା ବେଳେ ଅନେକ ଡ୍ରାଇଭର ଜାରକା ଛକ ବସ ଷ୍ଟପ ନିକଟରେ ଧାରଣାରେ ବସିରହିଥିବା ଦେଖିବାକୁ ମିଳିଛି। ସରକାର କେବେ ଏମାନଙ୍କ ଦାବି ପ୍ରତି ଧ୍ୟାନ ଦେଉଛନ୍ତି ତାହା ଆଗକୁ ଜଣାପଡ଼ିବ।

## ଗାଡ଼ି ଚଳାଚଳ ସ୍ୱାଭାବିକ

**ପାଣିକୋଇଲି, ୧୧।୭ (ସମିସ):** ଗତ ୮ ତାରିଖ ଠାରୁ ସାରା ରାଜ୍ୟରେ ଷ୍ଟିଅରିଂ ଛାଡ଼ ଧର୍ମଘଟର ଡାକରା ଦେଇଥିବା ରାଜ୍ୟ ଚାଳକ ମହାସଂଘର ପରାମର୍ଶ କ୍ରମେ ପାଣିକୋଇଲିସ୍ଥିତ ପୁରୁଣା ଟୋଲ୍‌ଗେଟ ଠାରେ କୋରାଇ ବ୍ଲକ ଚାଳକ ମହାସଂଘ ଧର୍ମଘଟ ଚତୁର୍ଥ ଦିନରେ ପହଞ୍ଚିଛି। ଉକ୍ତ ଧର୍ମଘଟ ପ୍ରଭାବରେ ତିନି ଦିନ ଧରି ଜନସାଧାରଣ ପ୍ରଭାବିତ ହୋଇଥିବା ସହିତ ଖାଦ୍ୟ ସାମଗ୍ରୀର ଦର ଅହେତୁକ ବୃଦ୍ଧି ପାଇଛି। କିନ୍ତୁ ଶୁକ୍ରବାର ଦିନଠାରୁ ବସ ଓ ଟ୍ରକ ଚଳାଚଳ ଆଂଶିକ ହୋଇଛି। କାଁ ଭାଁ ଗାଡ଼ି ମଟର ଚଳାଚଳ ବନ୍ଦ ରହିଥିଲେ ମଧ ଶୁକ୍ରବାର ବସ୍ ଓ ଟ୍ରକ୍ ସହିତ ଛୋଟ ଯାନ ଗୁଡ଼ିକ ଯିବା ଆସିବା କରୁଥିବା ଦେଖାଦେଇଛି। ଏପରିକି ଜନସାଧାରଣ ଚାଳକ ମହାସଂଘର ଧର୍ମଘଟକୁ ନେଇ ବିପରୀତ ପ୍ରତିକ୍ରିୟା ଦେଉଥିବା ବେଳେ କିଛି ଗାଡ଼ି ଚାଳକ ମଧ ପେଟପାଟଣା ପାଇଁ ଧର୍ମଘଟରୁ ଓହରି ଆସୁଥିବାର ଜଣାପଡ଼ିଛି। ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଧର୍ମଘଟସ୍ଥଳରେ ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ମୁତୟନ ହୋଇଛନ୍ତି।

# ଦବିଗଲା ବୈତରଣୀ ନଦୀ ସେତୁ




**ଯାଜପୁର, ୧୧।୭ (ସମିସ):** ୭ବର୍ଷ ତଳେ ନିର୍ମାଣ ହୋଇଥିବା ଚଇନପୁର ପଞ୍ଚାୟତ ବେଲେଶ୍ୱର ନିକଟରେ ସେତୁର ୨ଟି ସ୍ପାନ୍ ପାଣିରେ ଦବୁଥିବା କାରଣରୁ ସେତୁର ଉପରି ଭାଗରେ ଫାଟ ହେବା ସହ ଛାତ ବି ପ୍ରାୟ ୨ଫୁଟ୍ ଦବି ଯାଇଛି। ଯାହା ଫଳରେ ଏହି ସେତୁ ଉପରେ ଯାତାୟାତ ବନ୍ଦ ରଖିଛି ଜିଲ୍ଲା ପ୍ରଶାସନ। ଆରଡ଼ି ବିଭାଗର ନିମ୍ନମାନର କାର୍ଯ୍ୟ ନଦୀ ନିକଟରେ ଘେରିବନ୍ଧ ନିର୍ମାଣ ଓ ସେତୁ ତଳୁ ବେଆଇନ ବାଲି ଉଠାଣ କାରଣରୁ ଦାୟୀ କରିଛନ୍ତି ସ୍ଥାନୀୟ ବାସିନ୍ଦା।

ଖବର ପାଇ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ, ସହକାରୀ ଯନ୍ତ୍ରୀ ଆଶୁତୋଷ ସେଠୀ ଘଟଣା ସ୍ଥଳରେ ପହଞ୍ଚି ସେତୁର ଦବି ଯାଇଥିବା ସ୍ଥାନ ବୁଲି ଦେଖିଥିଲେ। ଏପରିକି ସେତୁ ଉପରେ ଚଳପ୍ରଚଳ ନ କରିବା ପାଇଁ ଗ୍ରାମବାସୀଙ୍କୁ ବାରଣ କରିବା ସହ ସେତୁର ଦୁଇ ମୁଣ୍ଡରେ ବାଉଁଶ ଦ୍ୱାରା ବନ୍ଦ କରାଯାଇଥିଲା। କ'ଣ ପାଇଁ ସେତୁ ଦବିଲା ସେ ନେଇ ବିଭାଗୀୟ ଅଧିକାରୀ କିଛି କହୁନଥିବା ବେଳେ ବିଶେଷଜ୍ଞ ଦଳ ଆସି ତଦାରଖ କଲେ କାରଣ ଜଣାପଡ଼ିବ ବୋଲି ସହକାରୀ ଯନ୍ତ୍ରୀ ଶ୍ରୀ ସେଠୀ ସୂଚନା ଦେଇଥିଲେ। ୧୭କୋଟି ଟଙ୍କା ବ୍ୟୟ ଅଟ୍କଳରେ ବୈତରଣୀ ନଦୀ ଉପରେ ଜିଲ୍ଲାର ପ୍ରଥମ ବିଜୁ ସେତୁ ଯୋଜନାରେ ବେଲେଶ୍ୱର ସେତୁ ନିର୍ମାଣ କରାଯାଇଥିଲା। ଏହି ସେତୁ ୨୦୧୨-୧୩ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆରମ୍ଭ କରାଯାଇ ୨୦୧୫ ମସିହାରେ ସେତୁ କାର୍ଯ୍ୟ ଶେଷ ହୋଇଥିଲା। ଏହି ସେତୁ ଦ୍ୱାରା ପଣସା ପଞ୍ଚାୟତର କୁସି, ବାରଭାଗିଆର ଜନସାଧାରଣମାନେ ଉପକୃତ ହେଉଥିଲେ। ମାତ୍ର ବିଡ଼ମ୍ବନାର ଘଟଣା ଏହି ସେତୁ ୭ବର୍ଷ ପୂରଣ କରିନଥିବା ବେଳେ ସେତୁର ମଝି ଅଂଶ ଦବିଯାଇଛି। ବାଲି ବୋଝେଇ ହାଇୱା ଗାଡ଼ି ଚଳପ୍ରଚଳ ଯୋଗୁଁ ସେତୁ ମଝି ଅଂଶ ଦବି ଯାଇଥିବା ନେଇ କେତେକ ଅଭିଯୋଗ କରୁଥିବା ବେଳେ ଅନ୍ୟ କେତେକ ନିମ୍ନମାନର କାମକୁ ଦାୟୀ କରିଛନ୍ତି। ଯାଜପୁର ଭାଜପା ପକ୍ଷରୁ ବେଲେଶ୍ୱର ବିଜୁ ସେତୁ ନିମ୍ନମାନର କାର୍ଯ୍ୟ ତଦନ୍ତ କରାଯାଉ ବୋଲି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଣସା ସରପଞ୍ଚ କୁଳମଣି ପରିଡ଼ା, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା, ସରୋଜ ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ସେତୁ ନିର୍ମାଣ ନିମ୍ନମାନର ହୋଇଥିବାରୁ ଏହାକୁ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ସୁନା ଚେନ୍ ଚୋରି ଅଭିଯୋଗରେ ଜଣେ ଗିରଫ

**ଯାଜପୁର, ୧୧।୭ (ସମିସ):** ସୁନା ଚେନ୍ ଚୋରି ଅଭିଯୋଗରେ ଯାଜପୁର ପୁଲିସ ଜଣକୁ ଗିରଫ କରିବା ସହ ଚୋରିରେ ବ୍ୟବହୃତ ପଲସର ବାଇକ, ମୋବାଇଲ ଓ ନଗଦ ଅର୍ଥ ଜବତ କରିଛି। ପୁଲିସ ଏହି ଘଟଣାକୁ ନେଇ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ବାହୁଡ଼ା ଦିନ ଜଗନ୍ନାଥଙ୍କୁ ରଥ ଉପରେ ଦର୍ଶନ କରି ଘରକୁ ଫେରୁଥିବା ବେଳେ ଜଣେ ମହିଳାଙ୍କ ବେକରୁ ଚଇନପୁର ପଞ୍ଚାୟତ ଗୁରୁଦାସପୁର ଛକ ନିକଟରୁ ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନା ଚେନ୍‌କୁ ଛିନ୍‌ତାଇ କରି ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଏ ନେଇ ସମ୍ପୃକ୍ତ ମହିଳା ସେହିଦିନ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତି କରି ଯାଜପୁର ଟାଉନ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଦାୟିତ୍ୱ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲିଙ୍କୁ ଦେଇଥିଲେ। ସିସି କ୍ୟାମେରା ଯାଞ୍ଚ କରି ଛିନ୍‌ତାଇ କରିଥିବା ଯୁବକଙ୍କୁ ପୋଲିସ ଚିହ୍ନି ପାରିଥିଲା। ଗତ ଗୁରୁବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକକୁ କାବୁ କରି ଥାନାକୁ ଆଣି ପଚରାଉଚରା କରିଥିଲେ। ଯୁବକ ଜଣକ ଯାଜପୁର ଟାଉନ ଥାନା ନହରାପୁର ଗ୍ରାମର ସଫିରୁଦ୍ଦିନ ଖାଁଙ୍କ ପୁଅ ଫକିରୁଦ୍ଦିନ ଖାଁ (୨୪) ବୋଲି ଜାଣିବାକୁ ପାଇଥିଲେ। ଚୋରିରେ ବ୍ୟବହୃତ ହୋଇଥିବା ପଲସର ଗାଡ଼ିକୁ ପୁଲିସ ଜବତ କରିବା ସହ ଏକ ମୋବାଇଲ ଫୋନ ଓ ତାଙ୍କ ନିକଟରୁ ୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲେ।

## ହୀନସ୍ତା ହେଉଛନ୍ତି ସାଧାରଣ ଜନତା

**ଦଶରଥପୁର, ୧୧।୭ (ସମିସ):** କିଏ ଅଧା ବାଟରେ ହୀନସ୍ତା, ତ ଆଉ କିଏ ଘରକୁ ଫେରି ନପାରି ହଇରାଣ। ଦିନ ତମାମ ଗାଡ଼ି ଖଣ୍ଡେ ପାଇଁ ନାନାଦି ସମସ୍ୟା ଭୋଗୁଛନ୍ତି ଦଶରଥପୁର ବ୍ଲକବାସୀ। ଡ୍ରାଇଭର ସଙ୍ଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଦଶରଥପୁର ବ୍ଲକ ଅଞ୍ଚଳରେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଆଉ ଏହି ମଉକାରେ କିଛି ଅଟୋ ଚାଳକଙ୍କ ମନମାନି ଯାତ୍ରୀଙ୍କୁ ନାକେଦମ କରୁଛି। ବସ୍ ଉପରେ ନିର୍ଭର କରୁଥିବା ଯାତ୍ରୀ ବହୁଳ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଯାତ୍ରୀ ସେବାରେ ଜଡିତ ଗାଡି ଚଳାଚଳ ବନ୍ଦ ଥିବା କାରଣରୁ ଦଶରଥପୁର ବ୍ଲକ ଅଞ୍ଚଳରେ ଯାତାୟାତ ଠପ୍ ହୋଇଯାଇଥିବା ବେଳେ ମାଲବାହି ଗାଡ଼ି ଗଡୁ ନଥିବା କାରଣରୁ ପନିପରିବା ଦର ଆକାଶଛୁଆଁ ହେଲାଣି। ଅନ୍ୟ ପଟେ ତେଲ ଟାଙ୍କିରେ ତେଲ ସରିଯିବ ବୋଲି ହୁରି ପଡ଼ିଥିବା ବେଳେ ଛାନିଆ ହୋଇ ଲୋକେ ତେଲ ଟାଙ୍କିରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି।

## ଡଙ୍କାରୀ ପାହାଡ଼ରୁ କଳାପଥର ବୋଝେଇ ଟ୍ରାକ୍ଟର ଜବତ



**କବାଟବନ୍ଧ, ୧୧।୭ (ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଡଙ୍କାରି କଳାପଥର ଖାଦାନରୁ ଏକ କଳାପଥର ବୋଝେଇ ଟ୍ରାକ୍ଟରକୁ ଜବତ କରି ଜେନାପୁର ଥାନାରେ ରଖା ଯାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ଡଙ୍କାରି ବେଆଇନ କଳାପଥର ଖାଦାନ ଅଞ୍ଚଳରେ ଏକ ଟ୍ରାକ୍ଟର କଳାପଥର ପରିବହନ କରୁଥିବା ସମୟରେ ଲଘୁ ଖଣିଜ ବିଭାଗ ଅଧିକାରୀଙ୍କ ଦ୍ୱାରା ଧରା ପଡ଼ିଥିଲା। ଗାଡିକୁ ଛାଡ଼ି ଚାଳକ ପଳେଇ ଯାଇଥିଲେ। ଉକ୍ତ ଗାଡିକୁ ଲଘୁ ଖଣିଜ ଅଧିକାରୀ ଜବତ କରି ଜେନାପୁର ପୁଲିସକୁ ହସ୍ତାନ୍ତର କରିଥିଲେ। ଗାଡ଼ିର ଆଗରେ କୌଣସି ନମ୍ବର ନ ଥିବା ବେଳେ ଏହାର ପଛ ଡାଲାରେ ଓଡି୦୪ଜେ୮୪୩୦ ଲେଖା ଯାଇଛି। ଜବତ ଗାଡ଼ିଟିକୁ ଜେନାପୁର ଥାନାରେ ରଖା ଯାଇଥିବା ଜଣାପଡ଼ିଛି।

## ଶାଖା କେନାଲ ପ୍ରକଳ୍ପ ଅସମ୍ପୂର୍ଣ୍ଣ ▶ ଉଜୁଡ଼ିବ ବହୁ ଚାଷ ଜମି



**କାଳିଆପାଣି, ୧୧।୭ (ସମିସ)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତରେ ଥିବା କ୍ଷୁଦ୍ର ଜଳ ପ୍ରକଳ୍ପ ତଥା ରଗଦା ଡ୍ୟାମ ଜଳଯୋଗାଣରେ ଅପର୍ଯ୍ୟାପ୍ତ ଘଟୁଛି। ପାଞ୍ଚଟି ଗାଁରେ ହଜାର ହଜାର ହେକ୍ଟର ଚାଷ ଜମିକୁ ଉପଯୁକ୍ତ ଜଳ ବଣ୍ଟନ ବ୍ୟବସ୍ଥାର ଅଭାବ ଚାଷ ଜମିକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଶାଖା କେନାଲରେ କାର୍ଯ୍ୟ ଚାଲୁ ରହିଥିବା ସତ୍ତ୍ୱେ ଜଳଯୋଗାଣ ଅନିୟମିତ ରହିଛି। ମୁଖ୍ୟ ସମସ୍ୟା ଅପର୍ଯ୍ୟାପ୍ତ ଜଳ ଯୋଗାଣ, କୃଷି ଉତ୍ପାଦକତା ଉପରେ ପ୍ରଭାବ, ପ୍ରକଳ୍ପ ସମାପ୍ତିରେ ବିଳମ୍ବ ଏସବୁ କାରଣ ପାଇଁ ଚାଷୀ କୁଳ ମୁଣ୍ଡରେ ହାତ ଦେଇ ବସିଛି। ପାଣି ପଞ୍ଚାୟତ ଗଠନ ହୋଇଥିଲେ ମଧ ରଗଦା ଡ୍ୟାମ ଠାରୁ ବେଣାଗାଡିଆ ପର୍ଯ୍ୟନ୍ତ ଶାଖା କେନାଲ ପ୍ରକଳ୍ପର ସମୟସୀମା ସମାପ୍ତି ହୋଇପାରିନାହିଁ। ଯାହାକୁ ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚାଷ ଜମିକୁ ନିୟମିତ ଜଳ ଯୋଗାଣ, ଉପଯୁକ୍ତ ମାପ ବ୍ୟବସ୍ଥା ସ୍ଥାପନ କରାଯାଇନାହିଁ। ପାଣି ପଞ୍ଚାୟତ ରେ ନିୟୋଜିତ ଚାଷୀ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ନୁହନ୍ତି। ଯାହାଫଳରେ ସ୍ଥାନୀୟ

### ରଗଦା ଡ୍ୟାମ ଜଳଯୋଗାଣରେ ବିଳମ୍ବ

ଚାଷୀମାନଙ୍କୁ ଯଥେଷ୍ଟ କଷ୍ଟ ଦେଇଛି। ଯାହା ସେମାନଙ୍କ ଜୀବିକାକୁ ପ୍ରଭାବିତ କରିଛି। ଏହି ସମସ୍ୟାଗୁଡ଼ିକର ସମାଧାନ କରିବା ଏବଂ ପ୍ରକଳ୍ପର ସମୟସୀମା ସମାପ୍ତି ନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଆଦର୍ଶ ଶିକ୍ଷକଙ୍କ ଜୟନ୍ତୀ

**ଧର୍ମଶାଳା, ୧୧।୭ (ସମିସ):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ପତିତପାବନ ହାଇସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଅବଦୂତ ପରିଡ଼ାଙ୍କ ୮୦ତମ ଜୟନ୍ତୀ ଉତ୍ସବ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ସେ ପତିତପାବନ ହାଇସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରି ଅବସରଗ୍ରହଣ କରିଥିଲେ। ପତିତପାବନ ହାଇସ୍କୁଲର ପୁରାତନ ଛାତ୍ର ସଂସଦ, ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ପରିବାର ଓ ଆତ୍ମୀୟସ୍ୱଜନଙ୍କ ପକ୍ଷରୁ ଜୟନ୍ତୀ ଉତ୍ସବ ମହାଆଡ଼ମ୍ବର ସହ ପାଳିତ ହୋଇଛି।



ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁ, ବଟକୃଷ୍ଣ ପରିଡ଼ା, ସଭାପତି ଇଂ. ନିରଞ୍ଜନ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବଘନ ମହାନ୍ତି, ବେଣୁଧର ନାୟକ, ପ୍ରାଣକୃଷ୍ଣ ସାମଲ, ଯୁଧିଷ୍ଠିର ରାଉତ ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଆଶାତରୁ ନାୟକ, ସରପଞ୍ଚ ତ୍ରିଲୋଚନ ଜେନା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ରମେଶ ସ୍ୱାଇଁ, ଦିଲିପ୍ ଜେନା, ହୃଷିକେଶ ସାମଲ, ସଦାଶିବ ଦାସ, ପ୍ରଦିପ୍ତ ପତି, ନରେନ୍ଦ୍ର ବେହେରା ପ୍ରମୁଖ ଶ୍ରୀ ପରିଡ଼ାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଦେବବ୍ରତ ରାଉତ ମଞ୍ଚ ପରିଚାଳନା କରିଥିଲେ।

## ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ

**ଧର୍ମଶାଳା, ୧୧।୭ (ସମିସ):** ଧର୍ମଶାଳା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସହାୟ ବନ୍ଧୁ ସେବା ସଂଗଠନ ପକ୍ଷରୁ ଗୁରୁପୂର୍ଣ୍ଣିମା ଅବସରରେ କାଏମା ଶିଶୁ ମନ୍ଦିର ପରିସରରେ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସଂଗଠନ ପକ୍ଷରୁ ଶିଶୁ ମନ୍ଦିର ପରିସରରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ, ଗୁରୁଜୀ ଗୁରୁମା ଏବଂ ଛାତ୍ରଛାତ୍ରୀଙ୍କ ସହଯୋଗରେ ଚାରାରୋପଣ କରାଯାଇଥିଲା। ସଂଗଠନର ସମ୍ପାଦକ ଗଣେଶ୍ୱର ନାୟକ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣ ସମ୍ପର୍କରେ ସଚେତନ କରିଥିଲେ। ପରେ ବିଦ୍ୟାଳୟରୁ ଶୋଭାଯାତ୍ରା କାଏମା ବଜାର ଅଭିମୁଖେ ବାହାରି ଲୋକମାନଙ୍କୁ ଚାରାରୋପଣ ଏବଂ ଏହାର ଉପକାରିତା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସତ୍ୟାନନ୍ଦ ସାହୁ, ଅଜୟ ସେଠୀ, ତପନ ସାହୁ, ଜ୍ୟୋତିର୍ମୟୀ ପଣ୍ଡା, ବିଶ୍ୱଜିତ ପ୍ରଧାନ, ବିଜୟ ସାହୁ ଏବଂ ବିଦ୍ୟାଳୟର ଗୁରୁଜୀ, ଗୁରୁମା ପ୍ରମୁଖ ସହଯୋଗ କରିଥିଲେ।



# କଟକ ସିଟି



## ବୃଦ୍ଧା ମା'କୁ କାନ୍ଧରେ ଧରି ପାଣି ଢାଳିବାକୁ ଗଲେ ପୁଅ

# ଶ୍ରାବଣ'ର ଶ୍ରବଣ



**କଟକ,୧୧।୭(ସମିସ):** ଶ୍ରାବଣ'ର ପ୍ରଥମ ସୋମବାର ପାଇଁ କଟକ ସହରରେ ଦେଖିବାକୁ ମିଳିଛି ବୁଢ଼ୀ ମା' ଏବଂ ପୁଅ ମଧ୍ୟରେ ଥିବା ଅନାବିଳ ଭଲ ପାଇବାର ଶାଶ୍ୱତ ଉଦାହରଣ। ସ୍ନେହ ଓ ମମତା'ର ମୂଳକରେ ବନ୍ଧା ପୁଅ ତା' କାନ୍ଧରେ ଭାର କରି ବୁଢ଼ୀ ମା'କୁ ବସାଇ ପୁରୀ ଲୋକନାଥ ମନ୍ଦିରକୁ ନେଇ ବାହାରିଛି। ରୌପ୍ୟନଗରୀ ରାସ୍ତାରେ ପିତାମାତାଙ୍କ ପ୍ରତି ନିବିଡ ଅନୁରକ୍ତି ଝଲସି ଉଠିଛି। ଯେମିତି ଶ୍ରବଣଙ୍କ ପିତା ମାତା ଋଷି ଥିଲେ ଓ ଆଶ୍ରମ କରି ରହୁଥିଲେ। ତାଙ୍କର ନାମ ଶାନ୍ତନୁ ଓ ଜ୍ଞାନବତୀ ରହିଥିଲା ଏବଂ ଥରେ ସେମାନେ ତାଙ୍କ ପୁତ୍ରକୁ କହିଲେ ଯେ, ସେମାନେ ଅତ୍ୟନ୍ତ ବୃଦ୍ଧାବସ୍ଥାକୁ ଆସିଯାଇଥିବାରୁ ଥରେ ତୀର୍ଥ ଯାତ୍ରାରେ ଯିବାକୁ ଇଚ୍ଛୁକ। ସେମାନେ ଭାରତବର୍ଷର ୪୦ଟି ତୀର୍ଥସ୍ଥଳୀ ଦେଖିବାକୁ ଇଚ୍ଛା କରିଥିଲେ। ହିନ୍ଦୁ ଧର୍ମରେ ବିଶ୍ୱାସ ଥାଏ ଯେ ବାର୍ଦ୍ଧକ୍ୟ ଅବସ୍ଥାରେ ତୀର୍ଥସ୍ଥଳୀ ଗଲେ ଆତ୍ମାକୁ ଶାନ୍ତି ମିଳିଥାଏ। ସେ ସମୟରେ ଯାତାୟତ ବ୍ୟବସ୍ଥା ବିରଳ ଓ ବହୁ ଖର୍ଚ୍ଚ ବିଶିଷ୍ଟ ଥିଲା। ତେଣୁ ପିତୃ-ମାତୃ ଭକ୍ତ ଶ୍ରବଣ ୨ଟି ଝୁଡିରେ ସେମାନଙ୍କୁ ବସେଇ ବାଉଁଶ ଭାର ସାହାଯ୍ୟରେ ବୋହି ସେମାନଙ୍କୁ ସବୁ ତୀର୍ଥ ବୁଲେଇଥିଲେ। ଆଜି ଠିକ୍ ସେମିତି ପୁରୀ ଜିଲ୍ଲା ଅନ୍ତର୍ଗତ ତେଇଶପୁର ଅଞ୍ଚଳର ବୃଦ୍ଧା ମା'କୁ ଝୁଡ଼ି ଦ୍ୱାରା କାନ୍ଧରେ ବସାଇ ପୁଅ ଅର୍ଜୁନ ସ୍ୱାଇଁ ଗଡ଼ଗଡିଆରୁ ପାଣି ଭାର ନେଇ ପ୍ରଭୁ ଲୋକନାଥ ଅଭିମୁଖେ ବାହାରିଛନ୍ତି। ସାଙ୍ଗରେ ବନ୍ଧୁ ସତ୍ୟବାନ ପ୍ରଧାନ ଏବଂ ଅର୍ଜୁନଙ୍କ ପତ୍ନୀ ମାମିନା ସ୍ୱାଇଁ ସାଙ୍ଗରେ ଯାଉଛନ୍ତି। ଏହି ଶ୍ରାବଣ'ର ଶ୍ରବଣଙ୍କୁ ଦେଖିବାକୁ ରାସ୍ତା କଡରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

# ନକଲି ମଦ କାରବାର ରୋକିବା ଦିଗରେ ଗୁରୁତ୍ୱ

**କଟକ,୧୧।୭(ସମିସ):** ସିଡିଏସ୍ଥିତ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଅବକାରୀ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଯୋଗ ଦେଇ ରାଜ୍ୟରେ ଚୋରା ନକଲି ମଦ କାରବାର ଦିଗରେ ଗୁରୁତ୍ୱ ଦେବା ସହ ଏହାକୁ ରୋକିବାକୁ କଡା ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଧନ ଜୀବନ ପ୍ରଭାବିତ ହେଉଥିବାରୁ ଏଭଳି ବେଆଇନ କାର୍ଯ୍ୟ ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ ତାଗିଦ କରିଥିଲେ। ଏହାସହ ଚୋରା ଅପମିଶ୍ରିତ ବିଷାକ୍ତ ମଦ, ଗଞ୍ଜେଇ ଏବଂ ଡ୍ରଗ୍ସ କାରବାରକୁ ରୋକିବାକୁ ତାଗିଦ କରାଯାଇଛି। ସେହିପରି ଅବକାରୀ ଚଢାଉ ସମୟରେ ମଲ୍ଟି ଡିସିପ୍ଲିନାରି ସ୍କ୍ୱାର୍ଡ ତଥା ଅବକାରୀ, ପୁଲିସ, ରାଜସ୍ୱ ଏବଂ ଜଙ୍ଗଲ ବିଭାଗ ସହିତ ମିଳିତ ଚଢାଉ କରି ରାଜ୍ୟରୁ ଗଞ୍ଜେଇ ଚାଷ ସଫା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଅବକାରୀ ସଚିବ ଗୁହା ପୁନମ ତାପସ, ଅବକାରୀ ବିଭାଗର ଅତିରିକ୍ତ ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ, ଅବକାରୀ କମିଶନର ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶାର ୧୬ ଜଣ ଅବକାରୀ ସିପାହୀଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ଯୋଗୁ ପୁରସ୍କୃତ କରାଯାଇଛି। ବୈଠକରେ ୩୩ ଜିଲା ଏବଂ ୪ ଅବକାରୀ ଗୁଇନ୍ଦା ସଂସ୍ଥାର ଅଧିକ୍ଷକ ମାନେ ଅଂଶଗ୍ରହଣ କରିଥିଲେ।

## ଘର କାନ୍ଥରେ ହିନ୍ଦୁ ଦେବଦେବୀଙ୍କ ଫଟୋ

# ହିନ୍ଦୁ ସେନାର କାର୍ଯ୍ୟାନୁଷ୍ଠାନ ଦାବି

**କଟକ,୧୧।୭(ସମିସ):** ଘର କାନ୍ଥ ବାହାରେ ହିନ୍ଦୁ ଦେବଦେବୀଙ୍କ ଫଟୋ ଲଗାଯିବାକୁ ହିନ୍ଦୁ ସେନା ପକ୍ଷରୁ ବିରୋଧ କରାଯାଇଛି। ପରିସ୍ରା ଓ ଛେପରୁ କାନ୍ଥକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏଭଳି କରାଯାଉଛି। ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି ଯେ ଚାନ୍ଦିନଚୌକ ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ଘରର ବାହାର ପଟ କାନ୍ଥର ତଳ ଭାଗରେ ହିନ୍ଦୁ ଦେବାଦେବୀଙ୍କର ଫଟୋ ଲଗାଇଛନ୍ତି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଦେବାଦେବୀଙ୍କ ଫଟୋ ଦେଖି କେହି କାନ୍ଥକୁ ଅପରିଷ୍କାର କରିବେ ନାହିଁ। ପରିସ୍ରା କିମ୍ବା ପାନଛେପ ପକାଇବେ ନାହିଁ। ମାତ୍ର ଜାଣତ, ଅଜାଣତରେ ହେଉ ପଛେ ଲୋକେ ସେଠାରେ ପରିସ୍ରା ଓ ପାନ ଛେପ ପକାଉଛନ୍ତି। ଏହାକୁ ହଟାଇବା ପାଇଁ କୁହାଯିବାରୁ ଘର ମାଲିକ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ଧମକଚମକ ଦେଉଛନ୍ତି। ସେହିପରି ସହରର କଲେଜଛକ, ମାତାମଠ, ଲିଙ୍କରୋଡ, ମହାନଦୀ ବିହାର, ହଜାରୀ ଲେନ ଆଦି ଅଞ୍ଚଳରେ ଥିବା ଏକାଧିକ ବ୍ୟାଙ୍କ, ଆପାର୍ଟମେଣ୍ଟ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଆବାସିକ ଘର କାନ୍ଥରେ ହିନ୍ଦୁ ଦେବାଦେବୀଙ୍କ ଫଟୋ ଏ ସମ୍ପର୍କିତ ଏକ ଦାବିପତ୍ର ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି।

## ହାଇକୋର୍ଟରେ କଟକ ସହର ସମସ୍ୟା

# ୫ଟି ଶାଖା ଡ୍ରେନ୍ ଡିପିଆର୍ ବିଳମ୍ବ ନେଇ ଅସନ୍ତୋଷ

**କଟକ,୧୧।୭(ସମିସ):**

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ସହରର ବର୍ଷା ଜଳ ନିଷ୍କାସନ ପାଇଁ ୩୩୫କୋଟି ଟଙ୍କାରେ ୫ଗୋଟି ସବ୍ ଡ୍ରେନ ଡିପିଆର ପ୍ରସ୍ତୁତିରେ ବିଳମ୍ବ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଜି କଟକ ମହାନଗର ନିଗମର ସିଟି ଇଞ୍ଜିନିୟର ଭର୍ଚୁଆଲରେ ଉପସ୍ଥିତ ରହିଥିଲେ ସୁଦ୍ଧା ନଗର ଉନ୍ନୟନ ବିଭାଗକୁ ଚୂଡାନ୍ତ ଡିପିଆର କେବେ ସୁଦ୍ଧା ପଠାଯିବ ସେ ନେଇ ସନ୍ତୋଷଜନକ ଉତ୍ତର ରଖିପାରିନଥିଲେ। ଏଥିସହ ଏକ ଘରୋଇ ସଂସ୍ଥା ଭିଜନ ଟେକ କନସଲଟାନ୍ସି ଲିମିଟେଡକୁ କିଭଳି





ଏହି ଡିପିଆର ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଛି ଓ ପୂର୍ବରୁ ଆଇଆଇଟି ଭୁବନେଶ୍ୱର ସହ ପରାମର୍ଶ ପାଇଁ ହୋଇଥିବା ନିଷ୍ପତ୍ତି ପରିବର୍ତ୍ତେ ବୁର୍ଲା ଭିସୁଟ ସହ ପରାମର୍ଶ ପାଇଁ ସ୍ଥିର କରାଯାଇଛି ବୋଲି ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏହି

### ନଗର ଉନ୍ନୟନ ସଚିବ ଦାଖଲ କରିବେ ସତ୍ୟପାଠ

ମର୍ମରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ସଚିବ ସତ୍ୟପାଠ ଦାଖଲ କରିବାକୁ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ୨୦୨୩ଡିସେମ୍ବର୭ରେ ଅନୁଷ୍ଠିତ ଇଆଇସିଙ୍କ ଉଚ୍ଚସ୍ତରୀୟ ବୈଠକରେ ଉପରୋକ୍ତ ମାଷ୍ଟରପ୍ଲାନ ସମ୍ପର୍କରେ ସିଏମସି ନିକଟରୁ ଡିପିଆର ଆହ୍ୱାନ କରାଯାଇଥିଲା। ସିଏମସି ପକ୍ଷରୁ ଡିପିଆର ଦିଆଯାଇଥିଲେ ମଧ୍ୟ ଏହା ଠିକ ଭାବେ ପ୍ରସ୍ତୁତ ହୋଇନଥିବା ତଥା ପ୍ରସ୍ତୁତକାରୀ ଅଧିକାରୀଙ୍କ ନାମ ନଥିବା ନେଇ ଏହାକୁ ବିଭାଗ ଫେରାଇଦେଇଥିଲା। ସେବେଠାରୁ ଆଉ ଡିପିଆର ଦିଆଯାଇନଥିଲା। ଏପରିକି ୨୦୨୪ଫେବୃଆରୀ୧୭ରୁ ସିଏମସି ସିଟି ଇଞ୍ଜିନିୟରଙ୍କୁ ମୁଖ୍ୟ ଯନ୍ତ୍ରୀଙ୍କ ତରଫରୁ ରିମାଇଣ୍ଡର ଚିଠି କରାଯାଇଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ୮କୁ ଧାର୍ଯ୍ୟ କରାଯାଇଛି।

### ଏସ୍‌ସିବିରେ ଖୁବଶୀଘ୍ର ଅସ୍ଥିମଜ୍ଜା ପ୍ରତିରୋପଣ

ଅନ୍ୟପଟରେ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ହେମାଟୋଲେଜି ବିଭାଗର ମୁଖ୍ୟଙ୍କ ଅବସର ପରେ ଅସ୍ଥିମଜ୍ଜା ପ୍ରତିରୋପଣ ବନ୍ଦ ହୋଇଥିବା ପ୍ରସଂଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇଥିଲେ ସଚିବ। ଏମସର ଅବସରପ୍ରାପ୍ତ ବିଶେଷଜ୍ଞ ପ୍ରବୋଧ କୁମାର ଦାସଙ୍କୁ ଏଥିପାଇଁ ମେଣ୍ଟର ଭାବେ ନିଯୁକ୍ତି ଦିଆଯିବା ସହ ଖୁବଶୀଘ୍ର ବିଭାଗରେ ଅସ୍ଥିମଜ୍ଜା ପ୍ରତିରୋପଣ ଆରମ୍ଭ ହେବ ଓ ଏଥିପାଇଁ ମଧ୍ୟ ସବିଶେଷ ଏସଓପି ଜାରି କରାଯିବ ବୋଲି ସେ କହିଥିଲେ। ହେମାଟୋଲେଜି ବିଭାଗର କାର୍ଯ୍ୟକ୍ଷମତା ସମ୍ପର୍କରେ ପରବର୍ତ୍ତୀ ଶୁଣାଣି ତଥା ଆସନ୍ତା ଅଗଷ୍ଟ ୮ ସୁଦ୍ଧା ଏସସିବି ଅଧୀକ୍ଷକଙ୍କୁ ସତ୍ୟପାଠ ଦେବା ପାଇଁ କହିଛନ୍ତି ଅଦାଲତ। ସେହିଭଳି ନ୍ୟୁରୋସର୍ଜରୀ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଥ୍ରି ଟି ଏମଆରଆଇ ମେସିନ ଚଳିତ ଅଗଷ୍ଟ ମାସ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ ବୋଲି ମେଡିକାଲ ଅଧୀକ୍ଷକ ଗୌତମ ଶତପଥୀ ଆଜି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ।

### ଶିଶୁଭବନରେ ହେବ ଅନ୍‌ଲାଇନ ଓପିଡି ପଞ୍ଜୀକରଣ

ଏସସିବି ମେଡିକାଲ କଲେଜ ହସପିଟାଲ ସମେତ ଏଏଚଆରସି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଓପିଡି ବା ଆଉଟଡୋର ଟିକଟ ପାଇଁ ମାନୁଆଲ ସହ ଅନଲାଇନ ରେଜିଷ୍ଟ୍ରେସନ କରାଯାଉଥିବା ବେଳେ ଏହି ସୁବିଧା ଶିଶୁଭବନ ପାଇଁ ମଧ୍ୟ ଲାଗୁ କରିବା ଉପରେ ହାଇକୋର୍ଟ ଗୁରୁତ୍ୱରୋପ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ହାଇକୋର୍ଟର ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ। ଗତ ଜୁନ ମାସରେ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ମୋଟ ୨୦ହଜାର୯୧୯ ଜଣ ଅନଲାଇନ ରେଜିଷ୍ଟ୍ରେସନ କରିଥିବା ବେଳେ ଦୈନିକ ହାରାହାରି ୬୯୭ ଜଣ କରୁଥିବା ନେଇ ନୋଡାଲ ଅଧିକାରୀ ଜଣାଇଥିଲେ।

### ବିପର୍ଯ୍ୟସ୍ତ ରାସ୍ତାଘାଟ ନେଇ ରିପୋର୍ଟ ତଲବ

କଟକ ସହରର ଅଧିକାଂଶ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଠିକାଦାରଙ୍କ ସହ କାର୍ଯ୍ୟ ସମ୍ପାଦନ ଚୁକ୍ତିରେ ସମ୍ପୂର୍ଣ୍ଣ ଅର୍ଥ ପଇଠ କରାଯାଉଛି ନା ବକେୟା ରହୁଛି, ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପାଦନ କରୁ ନ ଥିବା ଠିକାଦାରଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ସେନେଇ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟପାଠ ଦେବାକୁ ହାଇକୋର୍ଟ କହିଛନ୍ତି।

# ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ

**କଟକ,୧୧।୭(ସମିସ):** ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନମହୋତ୍ସବ ସପ୍ତାହ ପାଳନ ଅବସରରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଧକ୍ଷା ଡ. ସ୍ନେହଲତା ମିଶ୍ର କଲେଜ ପରିସରରେ ବେଲ, ଅଁଳା, ଚମ୍ପା, ବଉଳ, ଫୁଲଗଛ ଇତ୍ୟାଦି ଗଛ ଲଗାଇବା ସହିତ ପିଲାମାନଙ୍କୁ ଗଛ ଲଗାଇ ପରିବେଶର ସୁରକ୍ଷା କରିବାକୁ ପ୍ରବର୍ତ୍ତାଇ ଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ଗଛ ଲଗାଇଥିଲେ। ପରେ ପରେ ପିଲାମାନଙ୍କ ସହିତ ୟୁଥ୍ ରେଡକ୍ରସ ଅଫିସର ରଞ୍ଜନ କୁମାର ଜେନା ନିକଟସ୍ଥ ସାଇମନ୍ଦିର



ପରିସରରେ ଚାରା ଗଛ ରୋପଣ କରିଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ୟୁଥ୍ ରେଡକ୍ରସ ତରଫରୁ ଆୟୋଜନ କରାଯାଇଥିଲା। ଏଥିରେ କଲେଜର ପିଇଟି ଧର୍ମେନ୍ଦ୍ର ନାଥ ମହାନ୍ତି ସହାୟତା କରିଥିଲେ।

# ମହାନଦୀର ଗଭୀର ଜଳାଶୟରେ ବିଦ୍ୟୁତ୍ ମରାମତି



**ତ୍ରିଶୂଳିଆ,୧୧।୭(ସମିସ):** ମୁଣ୍ଡଳୀଠାରେ ମହାନଦୀ ଭିତରେ ଥିବା ଏହି ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତଖୁଣ୍ଟରେ ଲାଗିଥିବା ଲାଇନ ଇନସୁଲେଟରରେ ତ୍ରୁଟି ଦେଖାଯାଇଥିବାରୁ ଗୁରୁବାରଠାରୁ ବିଦ୍ୟୁତ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଶୁକ୍ରବାର ଏନଡିଆରଏଫର ସହାୟତାରେ ବିଦ୍ୟୁତବିଭାଗ କର୍ମଚାରୀମାନେ ମହାନଦୀର ଗଭୀର ଜଳାଶୟରେ ମରାମତି କାର୍ଯ୍ୟ କରିଛନ୍ତି। ବାରିପଦାରୁ ଭୁବନେଶ୍ୱର ଆସିଥିବା ୪୦୦ କେଭି ବିଦ୍ୟୁତଲାଇନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ପାୱାର ଗ୍ରୀଡ୍ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ଼ (ପିଜିସିଆଇଏଲ) ଅଧିକାରୀ ସକାଳୁ ଏନଡିଆରଏଫର ଏକ ଟିମ୍ ସହାୟତାରେ ବିଦ୍ୟୁତଖୁଣ୍ଟରେ ମରାମତି କରିଥିଲେ। ଏନଡିଆରଏଫ ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ଉପକରଣ ସହ ସେଠାରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ବାରିପଦା ଏବଂ ଡୁବୁରୀରୁ ଦୁଇଟି ସର୍କିଟ ଦେଇ ଭୁବନେଶ୍ୱର ଆସିଥାଏ।

# ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**କଟକ,୧୧।୭(ସମିସ):** ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଓଡିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷେତ୍ର ଦିବସ -୨୦୨୫ ପାଳନ ଅବସରରେ କଟକ ଜିଲ୍ଲାରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ୱରାଜ ଆଶ୍ରମ ପରିସରରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତି, ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ତଥା କଟକ ମହାନଗର ନିଗମରୁ ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ତତ୍ତ୍ୱବଧାନରେ ଆୟୋଜିତ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଯୋଗଦେଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଲକ୍ଷ୍ମୀପ୍ରିୟା ନାୟକ, ରାମଚନ୍ଦ୍ର ପଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଙ୍କୀ ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଅଭିଲିପ୍ସା ଆଞ୍ଜେଲ ବେହେରା, ଓଡିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁର, ଡମପଡା। ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ



ସୋମ ପ୍ରୟାଶ ମହାରଣା, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, କବିତା ଆବୃତି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଆଦ୍ୟାଶା ମହାଭୋଇ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚମ୍ପେଶ୍ୱର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବର୍ଗରେ ପ୍ରବନ୍ଧ ପ୍ରତିଯୋଗିତାରେ ସସ୍ମିତା ରାଉତ, ପଦ୍ମପୁର ଉଚ୍ଚ ବିଦ୍ୟାଳୟ, ବକ୍ତୃତା ପ୍ରତିଯୋଗିତାରେ ପ୍ରତୀକ ପାତ୍ର, ସାଲେପୁର ସରକାରୀ ଉଚ୍ଚବିଦ୍ୟାଳୟ, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଭୁ ସାରଥୀ ନାୟକ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, କବିତା ଆବୃତି ପ୍ରତିଯୋଗିତାରେ ଆକାଂକ୍ଷା ଦାସ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଟକ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ପରିଚାଳନାରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ସବିତା ତ୍ରିପାଠୀ, ପ୍ରତିଭା ବେହେରା, ଗଗନ ମହାନ୍ତି, ପ୍ରଦ୍ୟୁମ୍ନ ବେହେରା, ସର୍ଫରାଜ୍ ଖାନ, ଗୟାଧର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ପ୍ରତିମା ଶତପଥୀ, ବୈଜୟନ୍ତୀ ମିଶ୍ର, ବିପିନ ବିହାରୀ ଶତପଥୀ, ରାଜୀବ ଷଡ଼ଙ୍ଗୀ, ଜ୍ଞାନପ୍ରିୟ କାନୁନଗୋ, ନୃସିଂହ ଚରଣ ପଣ୍ଡା, ଆଦିତ୍ୟ ପ୍ରତାପ ଧଳ ପ୍ରମୁଖ ଯୋଗଦେଇଥିଲେ।

## ବଡ଼ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ

# 'ମିଛ କହୁଛନ୍ତି ଏସ୍‌ସିବି କର୍ତ୍ତୃପକ୍ଷ'

**କଟକ,୧୧।୭(ସମିସ):** ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ରହିବା ଘଟଣାକୁ ନେଇ ଡିଏମଇଟିଙ୍କ କାର୍ଯ୍ୟାଳୟ ପକ୍ଷରୁ ତନାଘନା ଆରମ୍ଭ ହେଲାଣି। ଯକୃତ ପ୍ରତିରୋପଣ ୟୁନିଟରୁ ମେସିନ ଅନ୍ୟ ବିଭାଗକୁ ସ୍ଥାନାନ୍ତର କରାଯିବା ପ୍ରସଙ୍ଗରେ ମଧ୍ୟ ପଚରାଉଚରା ହୋଇଛି। ତେବେ ପ୍ରତିରୋପଣ ବନ୍ଦ ରହିବା ପଛରେ ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ତଥା ଏଆଇଜି ଉପରେ ଏସ୍‌ସିବି କର୍ତ୍ତୃପକ୍ଷ ଦୋଷ ଲଦୁଛନ୍ତି। ଏଆଇଜି ଅଧିକାରୀଙ୍କ ସହଯୋଗ ନମିଳିବାରୁ ପ୍ରତିରୋପଣ ଆଗେଇ ପାରୁନି ବୋଲି ମତ ଦେଉଛନ୍ତି। ଏହି ପ୍ରସଙ୍ଗରେ ଏଆଇଜିର ଜଣେ ବରିଷ୍ଠ ପଦାଧିକାରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏସସିବି କର୍ତ୍ତୃପକ୍ଷ ମିଛୁଆ, ସେମାନଙ୍କ ନିକଟରେ ଆନ୍ତରିକତା ନାହିଁ, ସ୍ୱାସ୍ଥ୍ୟବିଭାଗକୁ ଭୁଆଁ ବୁଲାଉଛନ୍ତି ଏବଂ ରୋଗୀଙ୍କୁ ମରଣମୁହଁକୁ ଠେଲି ଦେଇ ନିଜ ଦୋଷ ଘୋଡାଉଛନ୍ତି ବୋଲି କ୍ଷୋଭର ସହ କହିଛନ୍ତି। ଏପରିକି ଏଭଳି ଅବ୍ୟବସ୍ଥାକୁ ନେଇ ସେ ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗ ଉପରେ ବର୍ଷିଛନ୍ତି।

- **ସ୍ୱାସ୍ଥ୍ୟ ବିଭାଗ ଉପରେ ବର୍ଷିଲେ ଏଆଇଜି ଅଧିକାରୀ**
- **ଦୋଷ ଲୁଚାଉଛନ୍ତି, ରୋଗୀଙ୍କୁ ମରଣମୁହଁକୁ ଠେଲୁଛନ୍ତି**

ଏଆଇଜି ଅଧିକାରୀଙ୍କ କହିବା ଅନୁସାରେ, ବଡ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ହେବା ପଛରେ ସେଠାକାର କେତେକ ବରିଷ୍ଠ ଡାକ୍ତର ଓ ପ୍ରଶାସନିକ ଦୁର୍ବଳତା ହିଁ ଦାୟୀ। ଦେଶର ବିଭିନ୍ନ ସ୍ଥାନରେ ଏଆଇଜି ଯକୃତ ପ୍ରତିରୋପଣ କରୁଛି। ଏସ୍‌ସିବିରେ ପ୍ରତିରୋପଣ କରାଇବା କ୍ଷେତ୍ରରେ ଦ୍ୱିଧା ନାହିଁ। ମାତ୍ର ସେମାନଙ୍କ ପାଖରେ ପ୍ରକୃତ ଆନ୍ତରିକତା ନାହିଁ। କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ଲୋକଦେଖାଣିଆ। ଏପ୍ରିଲ ଓ ସେପ୍ଟେମ୍ବରରେ ଯେଉଁ ଦୁଇଥର ଯକୃତ ପ୍ରତିରୋପଣ କରାଯାଇଥିଲା ସେତେବେଳେ ଏଆଇଜି ତରଫରୁ ବିଶେଷ ଉଦ୍ୟମ ହୋଇଥିଲା। ଗତ ୩ ମାସ ଭିତରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୫ଜଣଙ୍କ ଯକୃତ ପ୍ରତିରୋପଣ ହୋଇଛି। ଏଥିରେ ଏଆଇଜି ପୂର୍ଣ୍ଣ ସହଯୋଗ କରିଛି। ଏସ୍‌ସିବିରେ ପ୍ରତିରୋପଣ କରାଇବାରେ ଏଆଇଜିର କୌଣସି ବି ସମସ୍ୟା ନାହିଁ ବୋଲି ଅଧିକାରୀଜଣକ କହିଛନ୍ତି। ଯକୃତ ପ୍ରତିରୋପଣ ବନ୍ଦ ହେବା ପଛରେ ସେ ସ୍ୱାସ୍ଥ୍ୟ ବିଭାଗର ଜନୈକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ପ୍ରତିରୋପଣ ୟୁନିଟକୁ ଅଚଳ କରିବା ଦିଗରେ ବଡ ମେଡିକାଲ ଏବଂ ସ୍ୱାସ୍ଥ୍ୟ ବିଭାଗର କେତେକ ପଦାଧିକାରୀଙ୍କ ସମ୍ପୃକ୍ତି ଥିବା ସେ କହିଥିଲେ। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାର ସମୟ ଆସିଛି। ନଚେତ୍ ୟୁନିଟ ସବୁଦିନ ପାଇଁ ବନ୍ଦ ହୋଇଯିବ ବୋଲି ସେ ମତ ଦେଇଥିଲେ।

ପ୍ରକାଶଯୋଗ୍ୟ, ଏଆଇଜି ଅଧିକାରୀମାନଙ୍କୁ ଏସ୍‌ସିବିରେ ଅସହଯୋଗ କରାଯିବା ଖବର ମଧ୍ୟ କ୍ରମଶଃ ସାମ୍ନାକୁ ଆସିଛି। କିଛି ମାସ ପୂର୍ବେ ଏଆଇଜିର ଜନୈକ ଅଧିକାରୀ ଯକୃତ ରୋଗୀଙ୍କ ସଂକ୍ରାନ୍ତରେ ଆଲୋଚନା କରିବାକୁ ବଡ ମେଡିକାଲ ଆସିଥିଲେ। ସେଦିନ ଶନିବାର ଥିଲା। ହେଲେ ଭେଟିହେବ ନାହିଁ ବୋଲି କହିବା ସହ କିଛି ଦିନ ପରେ ଆସିବାକୁ କହି ଜଣେ ବରିଷ୍ଠ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ଏପରିକି ପ୍ରତିରୋପଣ ନିମନ୍ତେ କେତେକ ଉପକରଣ କ୍ରୟ କରିବାକୁ ଏଆଇଜି ପକ୍ଷରୁ ଗତବର୍ଷ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ଉପକରଣ କ୍ରୟ ନିମନ୍ତେ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ଏଆଇଜିର ପରାମର୍ଶ ସତ୍ତ୍ୱେ ଏସ୍‌ସିବି ପକ୍ଷରୁ ଆବଶ୍ୟକ ଉପକରଣଗୁଡିକ ଅଣାଯାଉନାହିଁ।

# ବାରବାଟୀରେ ରେଫରୀ ରିଫ୍ରେସର କୋର୍ସ



**କଟକ,୧୧।୭(ସମିସ):** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଠାରୁ ରେଫରୀ ରିଫ୍ରେସର କୋର୍ସ ଆରମ୍ଭ ହୋଇଛି। ଆଗାମୀ ଦିନରେ ହେବାକୁ ଥିବା ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍‌କୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ତିନି ଦିନିଆ କାର୍ଯ୍ୟକ୍ରମରେ ୫୦ଜଣ ରେଫରୀ ଭାଗ ନେଇଛନ୍ତି। ଏଆଇଏଫଏଫ ରେଫରୀ ଇନଷ୍ଟ୍ରକ୍ଟର ରୂପକ ମୁଖାର୍ଜୀ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବେଳେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ମୁଖ୍ୟ ରେଫରୀ ଦୁର୍ଗାମାଧବ ନାଏକ ସହଯୋଗ କରୁଛନ୍ତି।

# ସାହାଣୀ କପ୍‌ରେ ୩୩ ଦଳ

**କଟକ, ୧୧।୭ (ସମିସ):** ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନସିପ୍‌ର ୬୪ତମ ସଂସ୍କରଣ ଜୁଲାଇ ୧୬ରୁ ଆରମ୍ଭ ହେବ। ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ରାଜ୍ୟର ୩୦ ଜିଲ୍ଲା ଦଳ ସହ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି), ପାରଦୀପ୍ ପୋର୍ଟ ଟ୍ରଷ୍ଟ ଓ ଭୁବନେଶ୍ୱର ଦଳ ଅଂଶଗ୍ରହଣ କରିବେ। ୪ଟି ଜୋନ୍ କେନ୍ଦୁଝର, କେନ୍ଦ୍ରାପଡ଼ା, ବୌଦ୍ଧ ଓ ବ୍ରହ୍ମପୁରରେ ମ୍ୟାଚ୍ ଖେଳାଯିବ।

# ବିପଦସଙ୍କୁଳ ଅବସ୍ଥାରେ ବ୍ରାହ୍ମଣୀପଠା ଅଙ୍ଗନବାଡ଼ି କେନ୍ଦ୍ର






**ମେଲଛାମୁଣ୍ଡା, ୧୧।୭ (ସମିସ)**

ବେହେରାପାଲି ପଞ୍ଚାୟତ ଅଧୀନ ବ୍ରାହ୍ମଣୀପଠା ଗାଁ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅଙ୍ଗନବାଡ଼ି କେନ୍ଦ୍ରର ଛାତରୁ ସିମେଣ୍ଟ ଅତଡା ଖସୁଥିବା ବେଳେ ବର୍ଷାପାଣି ଗଳୁଥିବାରୁ କୋଠାଗୃହଟି ଜଳମଗ୍ନ ହୋଇପଡୁଛି। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ହେବା ସହ ମୁଣ୍ଡ ଉପରେ ଖଣ୍ଡା ଝୁଲିବା ଅବସ୍ଥା ସୃଷ୍ଟି ହୋଇଛି। ଏନେଇ ସୁପରଭାଇଜର ଦିଦି ଅନ୍ନପୂର୍ଣ୍ଣା ଶତପଥୀଙ୍କୁ ପଚାରି ବୁଝିବାରୁ ସେ କେନ୍ଦ୍ରର ମରାମତି ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ଲେଖି ଜଣାଇଥିବା କହିଥିଲେ। ପୂର୍ବରୁ ମରାମତି କାର୍ଯ୍ୟ ପାଇଁ ଆସିଥିବା ଟଙ୍କାରେ ଠିକାଦାର ନିମ୍ନମାନର ମରାମତି କାର୍ଯ୍ୟ କରିଥିଲେ। ତେଣୁ ଯଥା ପୂର୍ବଂ ତଥା ପରଂ ସ୍ଥିତି ରହିଥିବା କୁହାଯାଇଛି। ଏନେଇ ଗ୍ରାମବାସୀ ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ସୁପରଭାଇଜର ଶତପଥୀ ଅଙ୍ଗନବାଡ଼ି କେନ୍ଦ୍ରର ମରାମତି କାର୍ଯ୍ୟ ପାଇଁ ପୁନର୍ବାର ଅଧିକାରୀଙ୍କୁ ଜଣାଇଥିବା ବେଳେ ମରାମତି କାର୍ଯ୍ୟ ହେଇପାରି ନଥିବା କହିଥିଲେ। ବିଦ୍ୟାମନ୍ଦିରର କାର୍ଯ୍ୟ ନିମନ୍ତେ ଆସୁଥିବା ସରକାରୀ ଅର୍ଥକୁ ଲୁଟ୍ କରି କୁନି କୁନି ପିଲାଙ୍କୁ ବିପଦପୂର୍ଣ୍ଣ ମୁହଁକୁ ଠେଲି ଦେଉଥିବା ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପିଲାଙ୍କ ଭବିଷ୍ୟତ ଓ ଜୀବନ ସହିତ ନଖେଳି ଅଙ୍ଗନବାଡ଼ି କେନ୍ଦ୍ରଟିର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭଣ୍ଡାରପୁରୀ ସ୍କୁଲ ରାସ୍ତାରେ ଗାଡ଼ିଆ ଭ୍ରମ



**ପଦ୍ମପୁର, ୧୧।୭ (ସମିସ):** ପଦ୍ମପୁର ଉପଖଣ୍ଡ ଭଣ୍ଡାରପୁରୀ ଗାଁ ଉଚ୍ଚ ବିଦ୍ୟାଳୟ ନିକଟ ରାସ୍ତାରେ ଖାଲଖମା ସହ କାଦୁଅ ପାଣି ଜମା ରହୁଥିବାରୁ ଗାଡିଆର ଭ୍ରମ ସୃଷ୍ଟି ହୋଇଛି। ଏହି ରାସ୍ତା ଛତିଶଗଡ଼ ରାଜ୍ୟ ସହ ସଂଲଗ୍ନ ଥିବାରୁ ପ୍ରତିଦିନ ଶତାଧିକ ଯାନବାହାନ ଯାତାୟତ କରୁଛି। ଉଚ୍ଚ ବିଦ୍ୟାଳୟ ନିକଟରେ ରହିଥିବାରୁ ଛାତ୍ରଛାତ୍ରୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଡଭା ଠାରେ ବ୍ୟାଙ୍କ, ପାର୍କ, କଲେଜ, ସିଏଚସି ଓ ଅନେକ ସରକାରୀ ବେସରକାରୀ ପ୍ରତିଷ୍ଠାନ ରହିଛି। ବେଶ୍ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ସତ୍ତ୍ୱେ ଏହା ବିପଦପୂର୍ଣ୍ଣ ଭାବେ ପଡ଼ିରହିଛି। ଏଣୁ ଯଥାଶୀଘ୍ର ରାସ୍ତା ମରାମତିର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଛି।

# ବରପାଲିରେ ଶ୍ରାବଣୀ ଦେବୀଙ୍କ ପୂଜନ



**ବରପାଲି, ୧୧।୭ (ସମିସ):** ବରପାଲି ଅଞ୍ଚଳର ବିଭିନ୍ନ ଦେବୀ ପୀଠ ତଥା ଶିବ ମନ୍ଦିରରେ ଶ୍ରାବଣୀ ପୂଜନ ଉତ୍ସବ ନୀତିକାନ୍ତି ଅନୁସାରେ ଆରମ୍ଭ ହୋଇଯାଇଛି। ବରଦା ଦୁର୍ଗା ମାଁଙ୍କ ମନ୍ଦିର ପରିସରରେ ଶ୍ରାବଣୀ ଦେବୀଙ୍କ ପୂଜାର୍ଚ୍ଚନା ଭକ୍ତଙ୍କ ଗହଣରେ ପଣ୍ଡିତ ସୁବଳ ମିଶ୍ରଙ୍କ ଦ୍ୱାରା ହୋଇଥିଲା। ଉତ୍ସବଟି ଶ୍ରାବଣ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରତ୍ୟେହ ଅନୁଷ୍ଠାନ କରାଯିବ। ଭକ୍ତମାନେ ବିଭିନ୍ନ ଶୈବପୀଠ ତଥା ଦେବୀ ପୀଠରେ ଶ୍ରାବଣୀ ପୂଜାର୍ଚ୍ଚନା ଏବଂ ରୁଦ୍ରାଭିଷେକ, ଜଳ ଅଭିଷେକ କରି ପୂଜା କରିଥିଲେ।

# ବରଗଡ଼ ଡିଆଇଇଟିରେ କ୍ଲଷ୍ଟରସ୍ତରୀୟ ବୈଠକ




**ବରଗଡ଼, ୧୧।୭ (ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ଅଭିମୁଖୀକରଣ ବୈଠକ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ସଭାକାର୍ଯ୍ୟ ଉଦ୍‌ଘାଟନ କରିଥିବା ବେଳେ ଅନୁଷ୍ଠାନ ଅଧ୍ୟକ୍ଷ ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲ୍ଲାର ୧୨ଟି ବ୍ଲକରୁ ୧୫୦ ଜଣ ସିଆରସିସି ଯୋଗ ଦେଇଥିଲେ। ଶିଶୁ ବାଟିକା ଶ୍ରେଣୀ, ପାଠ୍ୟକ୍ରମ, ବିଦ୍ୟାଳୟ ବିକାଶ ଯୋଜନା, ବିଦ୍ୟାଳୟ ସୁରକ୍ଷା ଯୋଜନା ଆଦି ବହୁବିଧ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଆୟୋଜିତ ତ୍ରିଦିବସୀୟ ବୈଠକରେ ଅନୁଷ୍ଠାନର ପ୍ରଶିକ୍ଷକ ପ୍ରଶିକ୍ଷକା ସସ୍ମିତା ସାହୁ, ବେଣୁଧର ବରିହା, ଗଗନ ବେହେରା, ରୀମାରାଣୀ ଭୋଇ, ଜନକ ସେଠ, ବରୁଣ କୁମ୍ଭକାର, ରଶ୍ମିତା ସୁନା, ତନୁଶ୍ରୀ ତନୁଜା ନାଗ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟାଳୟର ହିମାଂଶୁ ଚରଣ ଦାଶ, ମୃତ୍ୟୁଞ୍ଜୟ ପୃଷେଠ, ପ୍ରବୀଣ ସୁନା ସମେତ କର୍ମଚାରୀ ସହଯୋଗ କରିଥିଲେ।

# ଜନତା ଉଚ୍ଚ ବିଦ୍ୟାଳୟରେ 'ମା'ଙ୍କ ନାମରେ ଗଛଟିଏ'

**ଅମ୍ବାଭୋନା, ୧୧।୭ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ସ୍ଥିତ ଜନତା ସରକାରୀ ହାଇସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଛାତ୍ରଛାତ୍ରୀଙ୍କୁ ଜୈବମଣ୍ଡଳର ସୁରକ୍ଷା ନିମିତ୍ତ ସବୁଜିମା ସୃଷ୍ଟି କରିବା ସକାଶେ ସଚେତନ କରିଥିଲେ। ବିଦ୍ୟାଳୟର ଇକୋକ୍ଲବ୍ ଇନଚାର୍ଜ ତଥା ଇକୋକ୍ଲବ୍ ମାଷ୍ଟର ଟ୍ରେନର୍ ସଞ୍ଜୟ ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ଏକ ପେଡ୍ ମାଁ କେ ନାମ୍ ୨.୦' ଅଭିଯାନରେ ଅଂଶଗ୍ରହଣ କରିଥିବା ଶିକ୍ଷାର୍ଥୀଙ୍କୁ ପଣସ, ଡାଳିମ୍ବ, ଅଁଳା, କରଞ୍ଜ, ଜାମୁ, କାଜୁ, ବାଉଁଶ ଆଦି ଚାରା ବଣ୍ଟନ କରାଯାଇଥିଲା। ଚାରାବଣ୍ଟନ କାର୍ଯ୍ୟରେ ଭଟଲି ବନାଞ୍ଚଳ ଅଧୀନରେ ଥିବା ଦ୍ୱାରୀ ସେକ୍ସନର ଫରେଷ୍ଟର ବିଷ୍ଣୁ ଚରଣ ବିଶ୍ୱାଳ, ଫରେଷ୍ଟ ଗାର୍ଡ ପଦ୍ମନ ପ୍ରଧାନ, ଆଣ୍ଟି ପୋଚିଂ ସ୍କ୍ୱାର୍ଡ ସୁବଳ ସାହୁ, ଶିକ୍ଷକ ଈଶ୍ୱର ପଧାନ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ଶ୍ରୀପତି ସାହୁ, ରଞ୍ଜିତ ସାହୁ, ଅମୂଲ୍ୟ ଭୋଇ, ପ୍ରକାଶ ପଧାନ, ପଦ୍ମଲୋଚନ ବିଶି, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ, ରାଜୀ ଭୁଏ, ସରିତା ପଟେଲ, ମନୋଜା ପଟେଲ, ପୁଷ୍ପାଞ୍ଜଳି ପଧାନ, ଅନୀତା ପଧାନ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ସୁଦର୍ଶନ ପଧାନ, ରୁକୁଣୀ ସେଠ ଓ ଅନିଳ ସିଦାର ପ୍ରମୁଖଙ୍କ ସମେତ ଜୁନିଅର ରେଡକ୍ରସ ତଥା ବୀର ସୁରେନ୍ଦ୍ର ସାଏ ଇକୋକ୍ଲବ୍ ତଥା ୟୁଥ୍ ଆଣ୍ଡ ଇକୋକ୍ଲବ୍‌ର ସଦସ୍ୟ ଅଂଶଗ୍ରହଣ କରିଥିଲେ।




# ଜିଲ୍ଲା କୃଷି ଅଧିକାରୀଙ୍କ 'ସବୁଜ ସାର' ଧଣିଚା କ୍ଷେତ୍ର ପରିଦର୍ଶନ




**ପାଇକମାଲ, ୧୧।୭ (ସମିସ):** ପାଇକମାଲ ବ୍ଲକ୍‌ର ଚଳିତ କୃଷି ଋତୁରେ କୃଷି ବିଭାଗ ତରଫରୁ ଧାନ ଫସଲରେ ସବୁଜ ସାର ଧଣିଚାର ପରିଦର୍ଶନ କରାଯାଇଛି। ପଦ୍ମପୁରରେ ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା କାଂସଡା, ଛିନ୍ଦେଇକେଲା, ଚେରଙ୍ଗାଝାଞ୍ଜ ଗାଁରେ ଧଣିଚା ପ୍ରଦର୍ଶିତ କ୍ଷେତ୍ର ପରିଦର୍ଶନ କରିଥିଲେ। ଶ୍ରୀ ପଣ୍ଡା ଧଣିଚାର ସବୁଜ ସାର ଭାବେ ଉପାଦେୟତା ଓ ମାଟି ଉପରେ ଏହାର ପ୍ରଭାବ ତଥା ରାସାୟନିକ ସାର ବ୍ୟବହାର କମାଇବା ଉପରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଛିନ୍ଦେଇକେଲା ଗାଁର ନୀରୋଜ ସାହୁ, କାଂସଡାର ଝସକେତନ ବଡ଼େଇ ତଥା ଅନ୍ୟାନ୍ୟ ଚାଷୀଙ୍କ ଧଣିଚା ପରିଦର୍ଶନ ପରେ ସେମାନଙ୍କୁ ପ୍ରତିବର୍ଷ ଧଣିଚା ଚାଷ କରିବାକୁ ଅନୁରୋଧ କରିଥିଲେ। ଚାଷୀମାନେ ମଧ୍ୟ ଧଣିଚାର ଉପାଦେୟତା ଦୃଷ୍ଟିରୁ ଆଗାମୀ ବର୍ଷରେ ଆର୍ଥିକ ସହାୟତା, ଧଣିଚା ମଞ୍ଜି କୃଷି ବିଭାଗ ତରଫରୁ ଯୋଗାଇ ଦେଲେ ଉପକୃତ ହୋଇପାରିବୁ ବୋଲି ଜଣାଇଥିଲେ।

# ଗଙ୍ଗାଧର ପ୍ରତିଯୋଗିତା ପାଇଁ ସାହିତ୍ୟ କଳା ପରିଷଦର ପ୍ରସ୍ତୁତି



**ବିଜେପୁର, ୧୧।୭ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ଅବସରରେ ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରାଧ୍ୟାପକ ଡ.ପ୍ରଦୀପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମକରଧ୍ୱଜ ସାହୁ, ଦେବାଶିଷ ମେହେର, ଦିଲେଶ ମେହେର, ସାବିତ୍ରୀ ମେହେର, ଯୋଗେଶ୍ୱର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ରାଜେଶ୍ୱର ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରବନ୍ଧ ଲିଖନ, ବକ୍ତୃତା ତଥା ଗଙ୍ଗାଧର ସଙ୍ଗୀତ ଉପରେ ସପ୍ତମ ରୁ ହାଇସ୍କୁଲ, ଉଚ୍ଚ ମାଧ୍ୟମିକ ବିଭାଗ ଓ ଡିଗ୍ରୀ କଲେଜ ସ୍ତରୀୟ ପ୍ରତିଯୋଗିତା ଆଗାମୀ ୨୫ ଜୁଲାଇରେ ସ୍ଥାନୀୟ ସଂକର୍ଷଣ ଉଚ୍ଚ ପ୍ରାଥମିକ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରତିଯୋଗୀ ଆଗାମୀ ଦଶ ଦିନ ମଧ୍ୟରେ ନାମ ପଞ୍ଜୀକରଣ କରିବା ପାଇଁ ଆୟୋଜକ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ଗୌରୀ ଶଙ୍କର ମନ୍ଦିରରେ 'ଶ୍ରାବଣୀ ଉପାକର୍ମ' ପୂଜା



**ବରଗଡ଼, ୧୧।୭ (ସମିସ):** ବିଗତ ଦଶ ବର୍ଷ ହେଲା ବରଗଡ଼ ଗୌରୀ ଶଙ୍କର ମନ୍ଦିରରେ 'ଶ୍ରାବଣୀ ଉପାକର୍ମ' ପୂଜା ହୋଇଆସୁଛି। ଶ୍ରାବଣ ମାସ ଆରମ୍ଭ ଦିନ ଠାରୁ ମନ୍ଦିରରେ ସମ୍ପୂର୍ଣ୍ଣ ନିଷ୍ଠାର ସହ ଏକ ମାସ ଯାଏଁ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ଶୁକ୍ରବାରରୁ ଆରମ୍ଭ ହୋଇଥିବା ପୂଜାରେ ପ୍ରଥମେ କଳସ ଅଧିବାସ, ସୂର୍ଯ୍ୟପୂଜା, ଗୋ ପୂଜା, ଗୌରୀ ଶଙ୍କର ବାବାଙ୍କ ଷୋଡ଼ଶ ଉପଚାର ପୂଜା, ରୁଦ୍ରାଭିଷେକ, ମହା ମୃତ୍ୟୁଞ୍ଜୟ ଜପ, ଆରତି, ପୁଷ୍ପାଞ୍ଜଳି ଆଦି ହୋଇଥିଲା। କର୍ତ୍ତା ଭାବେ ସତ୍ୟଜିତ କର ତାଙ୍କ ଧର୍ମପତ୍ନୀ ଲିକା କର ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ କିଶୋର ଚନ୍ଦ୍ର ଦାଶ, ପ୍ରତ୍ୟୁଷ ପାଣ୍ଡେ, ରାଜେନ୍ଦ୍ର ତ୍ରିପାଠୀ, ପ୍ରମୋଦ ଦାଶ, ଶିଭମ ଦାଶ, ପ୍ରବୀଣ ଦାଶ, କୃପାଚାର୍ଜ ମିଶ୍ର, ପିଣ୍ଟୁ ମହାପାତ୍ର, ମନୋଜ ପଣ୍ଡା, ହୀରା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏବିଭିପିର ପ୍ରତିଷ୍ଠା ଦିବସରେ ବିଶାଳ ଶୋଭାଯାତ୍ରା

**ବରଗଡ଼, ୧୧।୭ (ସମିସ):** ବରଗଡ଼ ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଏବିଭିପିର ୭୭ ତମ ପ୍ରତିଷ୍ଠା ଦିବସ ଓ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଉପଲକ୍ଷେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବିଦ୍ୟାର୍ଥୀ ଦିବସ ପାଳନ ସହ ନଗର କାର୍ଯ୍ୟକାରିଣୀ ଓ ଜିଲ୍ଲାର ଦାୟିତ୍ୱ ମଧ୍ୟ ଘୋଷଣା ହୋଇଥିଲା। ଏଥିରେ ବିଶେଷ ଭାବେ ଡ.ସଞ୍ଜୀତ ମିଶ୍ର, ସମ୍ବଲପୁର ବିଭାଗ ସଂଯୋଜକ ସଂକେତ ସାହୁ, ଜିଲ୍ଲା ସହପ୍ରମୁଖ ଅଶୋକ ଭୋଇ, ଜିଲ୍ଲା ସଂଯୋଜକ ପ୍ରାଞ୍ଜଳ କଅଁର, ବରଗଡ଼ ନଗର ସମ୍ପାଦକ ଉଦୟ ସା, ରାଜ୍ୟ ସୋଡିଆଲ ମିଡିଆ ସହ ସଂଯୋଜକ ରଜତ ସେଠ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପଞ୍ଚମ, ଜିଲ୍ଲା ସହ ସଂଯୋଜକ ଉପସ୍ଥିତ ଥିଲେ। ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ.ସଞ୍ଜୀତ ମିଶ୍ର ଦେଶର ଉନ୍ନତିରେ ବିଦ୍ୟାର୍ଥୀଙ୍କର ଭୂମିକା ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ।




# ବର୍ଷା ପରେ ଜରୁରିକାଳୀନ ସେବା ଦେବାକୁ ଆପ୍‌ର ଦାବି



**ବରଗଡ଼, ୧୧।୭ (ସମିସ):** ବରଗଡ଼ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ପ୍ରଭାବିତ ଲୋକଙ୍କୁ ପଲିଥିନ ଖଣ୍ଡେ ବି ମିଳୁନାହିଁ ବୋଲି ଆମ୍ ଆଦମୀ ପାର୍ଟି ପକ୍ଷରୁ ଅଭିଯୋଗ ହୋଇଛି। ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଆପ୍ ଶୁକ୍ରବାର ଦାବିପତ୍ର ପ୍ରଦାନ କରିଛି। ଜିଲ୍ଲାରେ ସର୍ବାଧିକ ୫୫୪ ମିମି ବର୍ଷା ରେକର୍ଡ ହୋଇଛି। ଏପରି ସ୍ଥଳେ ବର୍ଷା ପ୍ରଭାବିତ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବା ସରକାରଙ୍କ ଦାୟିତ୍ୱ। ସବୁ ପରିସ୍ଥିତି ପାଇଁ ସରକାର ପ୍ରସ୍ତୁତ ଅଛି ବୋଲି କହୁଥିବା ବେଳେ ବରଗଡ଼ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବର୍ଷାରେ କାହାର ମାଟି ଘରେ ପାଣି ପଶି ଯାଉଛି ତ କାହାର ଘର ଭାଙ୍ଗିବା ଅବସ୍ଥାରେ ରହିଛି। ସେମାନଙ୍କୁ ସରକାରଙ୍କ ତରଫରୁ ପଲିଥିନ ଖଣ୍ଡେ ବି ଯୋଗାଇ ଦିଆଯାଉ ନାହିଁ ବୋଲି ଆପ୍ ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି। ସେହିପରି ବରଗଡ଼ ତହସିଲ ଅଫିସରେ କେହି ବି ଶୁଣିବା ପାଇଁ ନାହାନ୍ତି। ସାଧାରଣ ଲୋକ ବହୁ କଲବଲ ହେଉଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଏହି ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଗ୍ରହଣ କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଆପ୍ ଦଳର ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ, ସମ୍ପାଦକ ସ୍ୱରୂପ ଭୋଇ, ମାରିୟମ ବାର୍ଲା, ଅସିତ ସାହୁ, ମିଲୁ ନାଗ, ପ୍ରଦୀପ ବିଶ୍ୱାଳ, ଦେବେନ୍ଦ୍ର ପ୍ରଧାନ, ନିଖିଳ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ପାର୍ଟି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

## ଡ୍ରେନ ଖୋଳିଦେଇ ଠିକାଦାର ଗାଏବ୍

# ଦୋକାନରେ ପାଣି ପଶି ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ

**ପାଇକମାଲ, ୧୧।୭ (ସମିସ)**

ପାଇକମାଲ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପ୍ରାୟ ଏକ ମାସ ପୁର୍ବରୁ ଡ୍ରେନ କାମ ପାଇଁ ଖୋଳା ଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ପ୍ରବଳ ବର୍ଷା ହେବାରୁ ହାଇସ୍କୁଲ ନିକଟରେ ଥିବା ୫ ଟି ଦୋକାନ ଭିତରକୁ ବର୍ଷା ପାଣି ପଶି ପ୍ରାୟ ୩ ଫୁଟ ଯାଏଁ ଜମି ରହିଥିଲା। ଏଥିରେ ଦୋକାନୀ ମାନଙ୍କର ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ଯାଇଛି। ବର୍ଷାରେ ଡ୍ରେନରେ ଖୋଳା ହୋଇଥିବା ମାଟି ଭର୍ତ୍ତି ହୋଇ ଜାମ୍ ଧରିବାରୁ ଦୋକାନ ମାନଙ୍କରେ ପାଣି ପଶିଥିଲା। ଠିକାଦାର ଡ୍ରେନ ଖୋଳିଦେଇ ବାକି କାମ କାହିଁକି କଲାନାହିଁ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ବିଭାଗୀୟ ଅଧିକାରୀ ଉତ୍ତର ରଖି ନାହାନ୍ତି। ଦୋକାନୀ ମାନଙ୍କର ନଷ୍ଟ ହୋଇଥିବା ଜିନିଷର ଭରଣା କିଏ କରିବ ବୋଲି ପ୍ରଶ୍ନ ଉଠିଛି। ସ୍କୁଲ ଗେଟ ସମ୍ମୁଖରେ ଡ୍ରେନ ଖୋଳା ହୋଇ ପଡ଼ିଥିବାରୁ ଛାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ସଂସଦରେ ଉଠିବ ଓଡ଼ିଶା ମହିଳା ହିଂସା ପ୍ରସଙ୍ଗ



ଭୁବନେଶ୍ୱର, ୧୧।୭ (ସମିସ): ଓଡ଼ିଶାରେ ଘଟୁଥିବା ମହିଳା ହିଂସା ପ୍ରସଙ୍ଗକୁ ସଂସଦରେ ଉତ୍ଥାପନ କରିବ କଂଗ୍ରେସ। ଶୁକ୍ରବାର ସମ୍ବିଧାନ ବଞ୍ଚାଅ ସମାବେଶରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଏହି ସୂଚନା ଦେଇଛନ୍ତି। ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରି ଶ୍ରୀ ଖଡ଼ଗେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର କେବଳ ମିଥ୍ୟା ପ୍ରଚାରରେ ମାତିଛି। ଲୋକଙ୍କୁ ଭୂଆଁ ବୁଲାଉଛି। ଏବେ ରାଜ୍ୟ ସରକାର କେନ୍ଦ୍ର ପ୍ରରୋଚନାରେ ବିମାନବନ୍ଦର, ଖଣି ଆଦି ବିକ୍ରି କରାଯାଉଛି। ଓଡ଼ିଶା ଲୋକ ମଜଭୂତ ଅଛନ୍ତ, ସେମାନେ ବିଜେପିକୁ ଉଚିତ ଶିକ୍ଷା ଦେବେ। ଶିଳ୍ପ ନାମରେ ଜଙ୍ଗଲ କଟାଚାଲିଛି। ସମ୍ବିଧାନକୁ ଧ୍ୱଂସ କରିବାକୁ ଚାଲିଛି ଷଡ଼ଯନ୍ତ୍ର। ସମ୍ବିଧାନ ବଦଳିଲେ ଦେଶରେ ମୌଳିକ ଅଧିକାର କ୍ଷୁଣ୍ଣ ହେବ। ପଣ୍ଡିତ ନେହରୁ, ମହାରା ଗାନ୍ଧୀ ଯେଉଁ ଅଧିକାର ଦେଇଥିଲେ ତାହା ହଟିଯିବ। ମହାରାଷ୍ଟ୍ରରେ ଭୋଟ ଜାଲିଆତି ହୋଇଛି। ବିହାରରେ ୨ କୋଟି ଭୋଟରଙ୍କୁ ବାଦ୍ ଦେବା ଲାଗି ଷଡ଼ଯନ୍ତ୍ର ରଚାଯାଉଛି। ସମ୍ବିଧାନକୁ ବଞ୍ଚାଇବାକୁ ହେଲେ ସମସ୍ତଙ୍କୁ ଏକ ହେବାକୁ ପଡ଼ିବ ବୋଲି ଅପିଲ କରିଛନ୍ତି ଖଡଗେ। କଂଗ୍ରେସ ସରକାରରେ ଥିବାବେଳେ ଓଡ଼ିଶାରେ ନାଲକୋ, ଏନଟିପିସି ପ୍ରତିଷ୍ଠା ହୋଇଥିଲା। ହୀରାକୁଦ ବନ୍ଧ, ପାରାଦୀପ ପୋର୍ଟ ଓ ମଞ୍ଚେଶ୍ୱର ରେଳ କାରଖାନା ସହ ଏମ୍ସ ଭଳି ସଂସ୍ଥା ପ୍ରତିଷ୍ଠା ହୋଇଛି। ଭୁବନେଶ୍ୱରକୁ ପଣ୍ଡିତ ନେହରୁ ରାଜଧାନୀ କରିଥିଲେ। ହେଲେ ବିଜେପି ସରକାର ଏହି ସମୟ ମଧ୍ୟରେ କଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ଲୋକଙ୍କ ସହ କଂଗ୍ରେସ ସାଥୀ ହୋଇ ରହିଛି। କଂଗ୍ରେସ ଯୋଗୁଁ ଓଡ଼ିଶାକୁ ଶିଳ୍ପ ସଂସ୍ଥାମାନେ ଆସୁଛନ୍ତି। ଏହାସହିତ ୨୦୦୬ରେ ଜଙ୍ଗଲ ଆଇନ ଆଣିଥିଲେ ସୋନିଆ ଗାନ୍ଧୀ। ଗରିବଙ୍କୁ ରକ୍ଷା ଲାଗି ଜଙ୍ଗଲ ଆଇନ ଅଣାଯାଇଥିଲା। ଜଙ୍ଗଲ ଅଧିକାର ଲାଗି ଏଣିକି ଲଢେଇ କରିବାକୁ ହେବ ବୋଲି ଖଡଗେ ଆହ୍ୱାନ ଦେଇଛନ୍ତି। ଦେଶକୁ ଏକ କରିବା ଲାଗି ଭାରତ ଯୋଡ଼ ଯାତ୍ରା ହୋଇଥିଲା। ଭାରତ ଯୋଡ଼ ଯାତ୍ରାକୁ ବହୁତ ସମର୍ଥନ ମିଳିଥିଲା। ଇଡି, ସିବିଆଇ, ଆଇଟିର ଅପବ୍ୟବହାର କରୁଛନ୍ତି କେନ୍ଦ୍ର ସରକାର। ଏସବୁ ବିରୋଧରେ ଆନ୍ଦୋଳନ କରିବାକୁ ପଡ଼ିବ। ବଞ୍ଚିବାକୁ ହେଲେ ଡରିବାକୁ ହେବ ନାହିଁ ବୋଲି ଗର୍ଜନ କରି କହିଛନ୍ତି ମଲ୍ଲିକାର୍ଜୁନ ଖଡଗେ। ସେମାନେ ଜେଲ୍‌ରେ ଭର୍ତ୍ତି କଲେ ମଧ୍ୟ ଏହାକୁ ନ ଡରି ସରକାରଙ୍କ ବିରୋଧରେ ଲଢ଼େଇ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

### ସମାବେଶ ପୂର୍ବରୁ ଚାଷୀଙ୍କ ସହ ଆଲୋଚନା

ସମ୍ବିଧାନ ବଞ୍ଚାଅ ସମାରୋହରେ ଯୋଗ ଦେବା ପୂର୍ବରୁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଭାସ୍ଥଳୀ ନିକଟରେ ଓଡ଼ିଶାର କେତେକ ଚାଷୀ ଓ ଚାଷୀନେତାମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଧାନର ଅଭାବୀ ବିକ୍ରି, କଟ୍‌ନି ଛଟନି, ଏମଏସପିଠାରୁ କମ୍ ଦାମରେ ଧାନ କ୍ରୟ, ଚାଷ କ୍ଷେତ୍ରରେ ଜଳସେଚନର ଘୋର ବିପର୍ଯ୍ୟୟ, ଫସଲବୀମା ଯୋଜନାର ଅସଫଳ ଓ ପ୍ରିୟାପ୍ରୀତି, ଭାଗଚାଷୀ ସମସ୍ୟା, ଶସ୍ୟ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବା, କୃଷି ଭିତ୍ତିକ ଶିଳ୍ପ ସଂସ୍ଥାଗୁଡ଼ିକର ପୁନରୁଦ୍ଧାର କରା ନ ଯିବା, ବିହନ ସମସ୍ୟାଠାରୁ ଆରମ୍ଭ କରି ଚାଷୀ ଅନେକ କ୍ଷେତ୍ରରେ ଭୋଗୁଥିବା ଦୁର୍ଦ୍ଦଶା ସମ୍ପର୍କରେ ଚାଷୀମାନେ ରାହୁଲଙ୍କୁ ଅବଗତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଚାଷ ଓ ଚାଷୀର ବିକାଶ ପାଇଁ ଯାହା ଘୋଷଣା କରୁଛନ୍ତି ତାହା କେବଳ ନାଟକବାଜି ଓ ପ୍ରତାରଣା ବୋଲି ଚାଷୀମାନେ କହିଥିଲେ। ରାଜ୍ୟର ଚାଷୀକୁଳର ଏଭଳି ଅଭାବନୀୟ ପରିସ୍ଥିତିକୁ ଜାଣିବାପରେ ବିରୋଧୀଦଳ ନେତା ଚାଷୀଙ୍କୁ ନ୍ୟାୟ ଦେବା ସରକାରର ପ୍ରଥମ କର୍ତ୍ତବ୍ୟ। କିନ୍ତୁ ଚାଷୀ ଆଜି ନ୍ୟାୟ ପାଉନାହିଁ। ଯାହା ଫଳରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ।

### ସିଜିମାଳି ଆସିବେ ରାହୁଲ ଗାନ୍ଧୀ

କୌଣସି ସ୍ଥିରୀକୃତ କାର୍ଯ୍ୟକ୍ରମ ନ ଥାଇ ରାହୁଲ ଗାନ୍ଧୀ ଶୁକ୍ରବାର ଅପରାହ୍ଣରେ କଂଗ୍ରେସ ଭବନରେ ରାଜନୈତିକ ବ୍ୟାପାର କମିଟି ନେତାଙ୍କ ବୈଠକ ପରେ ପରେ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ସିଜିମାଳିରୁ ଆସିଥିବା ବେଦାନ୍ତ ଓ ଆଦାନୀ ବିରୋଧୀ ଆନ୍ଦୋଳନକାରୀ ଆଦିବାସୀଙ୍କ ପ୍ରତିନିଧିଦଳକୁ ଭେଟିଛନ୍ତି। ଏଗାର ଜଣିଆ ପ୍ରତିନିଧି ଦଳ ଆଠ ଜଣ ମହିଳା ଓ ତିନି ଜଣ ପୁରୁଷ ସାମିଲ ହେଇଥିଲେ। ପ୍ରତିନିଧି ଦଳ ଠାରୁ ଶ୍ରୀ ଗାନ୍ଧୀ ସେମାନଙ୍କର ଆନ୍ଦୋଳନ ସଂକ୍ରାନ୍ତରେ ସବିଶେଷ ପଚାରି ବୁଝିଥିଲେ। ଅବହେଳିତ ସୋଶିତ ଲୋକଙ୍କର ଗଣତାନ୍ତ୍ରିକ ଆନ୍ଦୋଳନ ପ୍ରତି ନିଜର ଅକୁଣ୍ଠ ସମର୍ଥନ ଜଣାଇଥିଲେ। ପ୍ରତିନିଧିଦଳର ନିମନ୍ତ୍ରଣ ରକ୍ଷାକରି ସେ ସିଜିମାଳି ଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳ ପକ୍ଷରୁ ଆନ୍ଦୋଳନ ସମ୍ପର୍କିତ ଦାବିପତ୍ର ଶ୍ରୀ ଗାନ୍ଧୀଙ୍କୁ ପ୍ରଧାନ କରାଯାଇଥିଲା। ଗ୍ରାମସଭା ଓ ଜଙ୍ଗଲ ଅଧିକାର ଆଇନ ଉଲ୍ଲଂଘନ କରି ସରକାର ବେଦାନ୍ତ ଓ ଆଦାନୀ ସପକ୍ଷରେ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରିବା, ପୁଲିସ୍ ଦମନ ଲୀଳା, ମିଥ୍ୟା ଗିରଫଦାରୀ ଓ ସରକାରୀ ଗୁଣ୍ଡରାଜ୍ କଥା ଶୁଣି ରାହୁଳ ଗାନ୍ଧୀ ଗଭୀର ସମବେଦନା ଜଣାଇଛନ୍ତି। ବିଶେଷ କରି ବକ୍ସାଇଟ ଖଣି ଖୋଲାହେଲେ ତିନିରୁ ପାଞ୍ଚ ଲକ୍ଷ ଲୋକ ଜୀବନ ଜୀବିକା ହରାଇବେ ଓ ଅଞ୍ଚଳ ମରୁଭୂମିରେ ପରିଣତ ହେବ ବୋଲି ଜାଣି ସରକାରୀ ଆଭିମୁଖ୍ୟ ନେଇ ସନ୍ଦେହ ପ୍ରକାଶ କରିଛନ୍ତି।

### ମଞ୍ଚ ଉପରେ ରାହୁଲଙ୍କ ପାଖକୁ ଜଣଙ୍କ ପରେ ଜଣେ ଆସିଲେ

ରାହୁଲ ଗାନ୍ଧୀ ଅଭିଭାଷଣ ଶେଷ କରିବା ପରେ ଏଆଇସିସି ଅଧ୍ୟକ୍ଷ ଭାଷଣ ଆରମ୍ଭ କରିଥିଲେ। ଏହି ସମୟରେ ମଞ୍ଚରେ ରାହୁଲଙ୍କ ପାଖ ଚେୟାର ଫାଙ୍କା ପଡ଼ିଥିଲା। ରାହୁଲଙ୍କ ପାଖକୁ ଜଣଙ୍କ ପରେ ଜଣେ ରାଜ୍ୟ କଂଗ୍ରେସର ନେତାମାନେ ଆସି ରାହୁଲଙ୍କ ସହ କିଛି କିଛି ସମୟ ଆଲୋଚା କରିଥିଲେ। ଏଥିରେ ପ୍ରଥମେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ପରେ କଂଗ୍ରେସ ଅନ୍ୟ ବିଧାୟକ ଯଥା, ତାରା ପ୍ରସାଦ ବାହୀନିପତି, ସୋଫିଆ ଫିରଦୋସ୍, ଅଶୋକ ଦାସ, ମଙ୍ଗୁ ଖିଲ, ପବିତ୍ର ସାଉନ୍ତା, ସିଏସ୍ ରାଜନ ଏକା, ରମେଶ ଜେନାଙ୍କ ଭଳି ନେତୃବର୍ଗ ରହିଥିଲେ। ଏହା ବ୍ୟତୀତ କଂଗ୍ରେସର ବରିଷ୍ଠ ନେତା ଜୟଦେବ ଜେନା ମଧ୍ୟ ରାହୁଲଙ୍କ ସହ ଅନେକ ସମୟ ପର୍ଯ୍ୟନ୍ତ ଆଲୋଚନା କରୁଥିବାର ଦେଖିବାକୁ ମିଳିଥିଲା।

### ରାହୁଲଙ୍କ କଟ୍ ଆଉଟ୍‌କୁ କ୍ଷୀରରେ ଗାଧୋଇଦେଲେ ପ୍ରଶଂସକ

ବରମୁଣ୍ଡା ପଡ଼ିଆରେ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶ ସଭାସ୍ଥଳ ନିକଟରେ ରାହୁଲଙ୍କର ଏକ ବିରାଟ କଟ୍‌ଆଉଟ୍ ଲାଗିଥିଲା। ଏହି କଟ୍‌ଆଉଟ୍‌କୁ ରାହୁଲଙ୍କ ସମର୍ଥକମାନେ କ୍ଷୀରରେ ଗାଧୋଇ ଦେଇଥିଲେ। ରାହୁଲ ଆଗାମୀ ଦିନରେ ନିଶ୍ଚିତ ପ୍ରଧାନମନ୍ତ୍ରୀ ହେବେ। ସେଥିପାଇଁ ତାଙ୍କର ମହାସ୍ନାନ କରାଯାଇଥିଲା। ଦେଶବାସୀଙ୍କ ପାଇଁ ଦିନରାତି ଏକ କରି ଲଢ଼େଇ କରୁଛନ୍ତି। ତେଣୁ ଜଗନ୍ନାଥଙ୍କ ପବିତ୍ର ମାଟିରେ ସ୍ୱାଗତ କରିବା ପାଇଁ ତାଙ୍କୁ କ୍ଷୀରରେ ଗାଧୋଇ ଦେଇଥିବା ନେଇ ତାଙ୍କ ସମର୍ଥକ କହିଛନ୍ତି।

### ବିମାନବନ୍ଦରରେ ସେଲଫି ନେଲେ ରାହୁଲ୍

ଓଡ଼ିଶା ଗସ୍ତ ଶେଷ କରି ଫେରିବା ସମୟରେ ରାହଲ ଗାନ୍ଧୀ ତାଙ୍କ ସମର୍ଥକମାନଙ୍କୁ ସେଲ୍‌ଫି ଦେଇଛନ୍ତି। ବିମାନବନ୍ଦର ନିକଟରେ ରାହୁଲଙ୍କ ସହ ସେଲଫି ନେବାକୁ କିଛି ସୁରକ୍ଷାକର୍ମୀ ଓ ତାଙ୍କ ସମର୍ଥକ ମନବଳାଇଥିଲେ। ଏହି ସମୟରେ ରାହୁଲ ଜଣେ ସମର୍ଥକଙ୍କଠାରୁ ତାଙ୍କ ମୋବାଇଲ୍ ନେଇ ନିଜେ ସେଲଫି ଉଠାଇଥିଲେ।

### କୁନି ଝିଅ ସହ ମିଶି ଚକୋଲେଟ୍ ଦେଲେ ରାହୁଲ



'ସମ୍ବିଧାନ ବଞ୍ଚାଅ' ସମାବେଶରେ ଏଆଇସିସି ଅଧ ମଲ୍ଲିକାର୍ଜୁନ୍ ଖଡ଼୍‌ଗେଙ୍କ ଭାଷଣ ବେଳେ ମଞ୍ଚ ଉପରକୁ ରାହୁଲ ଗାନ୍ଧୀଙ୍କ ନିକଟକୁ ଜଣେ ୯ ବର୍ଷିୟା ଝିଅ ଆସିଥିଲେ। ରାହୁଲ ତାଙ୍କୁ ଆଲିଙ୍ଗନ କିରିବା ସହ ଭଲ ପଢ଼ିବା ପାଇଁ କହିଛନ୍ତି। ନିଜ କୁନି ପ୍ରଶଂସକଙ୍କ ସହ କିଛି ସମୟ କଥା ହେବା ସହ ରାହୁଲ ତାଙ୍କୁ ଚକୋଲେଟ୍ ମଧ୍ୟ ଦେଇଛନ୍ତି। ଏହି ଝିଅଙ୍କ ନାମ ନିଲମ ବସ୍ତିଆ ସେ ରାହୁଲଙ୍କ ବଡ଼ ପ୍ରଶଂସକ ଓ ବଡ଼ ହେଲେ ପ୍ରିୟଙ୍କା ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ଭଳି ରାଜନୀତି କରିବେ ବୋଲି କହିଛନ୍ତି।



---

ଜାଲ୍ ପ୍ରମାଣପତ୍ରରେ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ

## କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ, ୧୧।୭ (ସମିସ): ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଜାଲ୍ ପ୍ରମାଣପତ୍ର ବଳରେ ଶିକ୍ଷକ ନିଯୁକ୍ତି ଓ କାଗଜକଲମରେ ଭୂତ (ବୋଗସ) ଛାତ୍ରଛାତ୍ରୀଙ୍କ ନାଁ ଗଡୁଥିବା ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ସମସ୍ତ ଜିଲ୍ଲାର ଶିକ୍ଷାଧିକାରୀଙ୍କଠାରୁ ଏଭଳି ନକଲି ଶିକ୍ଷକଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ତଲବ କରାଯାଉ ବୋଲି ମାମଲା ଶୁଣାଣି ବେଳେ ଆମିକସକ୍ୟୁରୀଙ୍କ ପକ୍ଷରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜାଲ ପ୍ରମାଣପତ୍ର ବଳରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସଞ୍ଜୟ କୁମାର ମହାରଣାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

---

ବିଚିତ୍ର ନ୍ୟାୟ

## 'ବର୍ଷେ ଅଧିକ ଚାକିରି କରି ଦରମା ନେଇଛ, ଫେରାଅ'

● ହରଡ଼ଘଣାରେ କର୍ମଚାରୀ, ନେବେ ଆଇନର ଆଶ୍ରୟ

ଜଟଣୀ, ୧୧।୭ (ସମିସ): ଅବଧିଠାରୁ ବର୍ଷେ ଅଧିକ ଚାକିରି କରି ଦରମା ନେଇଛ, ଫେରାଅ। ଏଭଳି ନୋଟିସ୍ ପାଇ ହତବାକ୍ ହୋଇଛନ୍ତି ଜଟଣୀ ପୌର ପରିଷଦରେ ଚାକିରି କରି ଅବସର ନେଇଥିବା ଜଣେ ଝାଡୁଦାର। ତାଙ୍କ ଅବସର ସମୟ କେବେ ସେ ଜାଣିପାରି ନଥିବାବେଳେ ପୂର୍ବଭଳି ନିୟମିତ ରେଜିଷ୍ଟରରେ ହାଜିରା ଦେଇ ମାସକୁ ମାସ କର୍ତ୍ତୃପକ୍ଷଙ୍କଠାରୁ ଆକାଉଣ୍ଟରେ ଦରମା ପାଇଛନ୍ତି। ମାତ୍ର ଏବେ ତାଙ୍କୁ ବର୍ଷକର ଦରମା ଫେରାଇବାକୁ ନୋଟିସ୍ ହୋଇଛି। ଏଭଳି ବିଚିତ୍ର ନ୍ୟାୟରେ ସେ ହତ୍‌ବାକ୍ ହୋଇ କିଭଳି ଟଙ୍କା ଫେରାଇବେ ଚିନ୍ତାରେ ପଡ଼ିଛନ୍ତି।

ଜଟଣୀ ଗଜପତି ନଗର ଅଞ୍ଚଳର କେଦାର ନାୟକ ଜଟଣୀ ପୌର ପରିଷଦରେ ନିୟମିତ ସୁଇପର ଭାବେ କାର୍ଯ୍ୟ କରନ୍ତି। ଚାକିରି ରେକର୍ଡ ଅନୁସାରେ ସେ ୧୯୬୪ ମସିହା ଜୁଲାଇ ୭ ତାରିଖରେ ପୌର ପରିଷଦରେ ସୁଇପର ଭାବେ ନିଯୁକ୍ତି ପାଇଥିଲେ। ସେହି ଅନୁସାରେ ତାଙ୍କର ଅବସର ନେବା ତାରିଖ ହେଉଛି ଜୁଲାଇ ୩୧ ତାରିଖ ୨୦୨୪। କିନ୍ତୁ ପୌର ପରିଷଦର ଖାମ ଖିଆଲ ନୀତି ହେଉ କିମ୍ବା ସମ୍ପୃକ୍ତ ବୃଦ୍ଧ ବ୍ୟକ୍ତି ନ ଜାଣିପାରିବା ଯୋଗୁଁ ସେ ଜୁଲାଇ ୨୦୨୫ ପର୍ଯ୍ୟନ୍ତ କାମ କରି ଚାଲିଛନ୍ତି। ଏପରିକି ଦୈନିକ ପୌର ପରିଷଦ ରେଜିଷ୍ଟରରେ ହାଜିରା ମଧ୍ୟ ଦେଉଛନ୍ତି। ତା' ସହ ଅବସର ସମୟ ଅତିକ୍ରାନ୍ତ ହେବା ପରେ ମଧ୍ୟ ବର୍ଷେ ହେଲାଣି ମାସିକ ୪୧ ହଜାର ଟଙ୍କା ଲେଖାଏ ଦରମା ନେଉଛନ୍ତି। ଏ ନେଇ କେବେ ବି ପୌର ପରିଷଦ ପକ୍ଷରୁ ତାଙ୍କୁ ବାରଣ କରାଯାଇନି କିମ୍ବା ନୋଟିସ୍ ହୋଇନି। ଏପରିକି ଦରମା ମଧ୍ୟ ବନ୍ଦ କରାଯାଇନି। ତେବେ ଚଳିତ ମାସ ୮ ତାରିଖରେ ପୌର ପରିଷଦ ଚିଠି ସଂଖ୍ୟା-୪୦୮୯ରେ ପୌର ନିର୍ବାହୀ ଅଧିକାରୀ ସମ୍ପୃକ୍ତ ସୁଇପରଙ୍କୁ ଏକ ନୋଟିସ ଜାରି କରିଛନ୍ତି। ନୋଟିସ ଅନୁସାରେ ସୁଇପର କେଦାର ନାୟକ ଅବସର ସମୟ ପରେ ନେଇଥିବା ଅଧିକ ଦରମା ଟଙ୍କାକୁ ତାଙ୍କ ଠାରୁ ଫେରସ୍ତ ନିଆଯିବ। ନୋଟିସ ପାଇବା ପରେ ଶ୍ରୀ ନାୟକ ଆଜି ନିଜ ଆଡୁ ପୌର ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦରଖାସ୍ତ ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ ମୁଁ ଜଣେ ବୃଦ୍ଧ, ଭିନ୍ନକ୍ଷମ ଏବଂ ଅଳ୍ପ ଶିକ୍ଷିତ ଲୋକ। ମୋର ଅବସର ତାରିଖ ନ ଜାଣିପାରି ଆଜି ପର୍ଯ୍ୟନ୍ତ ପୌର ପରିଷଦ ରେଜିଷ୍ଟରରେ ହାଜିରା ଦେଇ କାମ କରୁଥିଲି। ପୂର୍ବ ଭଳି ଆକାଉଣ୍ଟରେ ଦରମା ଟଙ୍କା ଆସୁଥିଲା। ମୋତେ ମୋର ଅବସର ତାରିଖ ନେଇ ପୌର ପରିଷଦ ଅବଗତ କରାଇନାହାନ୍ତି। ମୁଁ କୌଣସି ପ୍ରକାରେ ଅଧିକ ଦରମା ନେଇନାହିଁ। ଫେରସ୍ତ ଦେବା ଆବଶ୍ୟକ ନାହିଁ। ଦରକାର ପଡ଼ିଲେ ମୁଁ ଅଦାଲତର ଦ୍ୱାରସ୍ଥ ହେବି। ଏହି ଘଟଣାକୁ ନେଇ ଦାୟିତ୍ୱରେ ଥିବା ପୌର ନିର୍ବାହୀ ଅଧିକାରୀ ରଶ୍ମିତା ନାଥଙ୍କ କହିବା ଅନୁସାରେ ସରକାରୀ ନିୟମ ଅନୁସାରେ ତାଙ୍କୁ ନୋଟିସ୍ ଜାରି ହେବା ସହ ସେ ନେଇଥିବା ଅଧିକ ଦରମା ଟଙ୍କାକୁ କିଭଳି ଭାବେ ଫେରସ୍ତ ନିଆଯିବ ଏ ବାବଦରେ ବିଭାଗୀୟ ସହାୟତା ଲୋଡ଼ା ଯାଇଛି।

---

## ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

■ ଭରସା ପାଲଟିଛି ଘରୋଇ ଟ୍ରାନ୍ସପୋର୍ଟ

■ ଭଡ଼ା ଶୁଣି ଛାନିଆ ଗ୍ରାହକ

ଭୁବନେଶ୍ୱର, ୧୧।୭ (ସମିସ)

ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ପହଞ୍ଚିଥିବା ବେଳେ ଦାବି ପୂରଣ ନ ହେବା ଯାଏ, ଧର୍ମଘଟ ଜାରି ରହିବ ବୋଲି ସଫା ସଫା ଶୁଣାଇ ଦେଇଛି ସଂଘ। ଫଳରେ ଯାତ୍ରୀବାହୀ ଗାଡ଼ି ଚଳାଚଳ କରୁ ନଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ମଧ୍ୟ ବନ୍ଦ ରହିଛି। ଫଳରେ ବାଧାପ୍ରାପ୍ତ ହୋଇଛି ସାଧାରଣ ଜନଜୀବନ। ଗୋଟେପଟେ ପରିବା ଗାଡ଼ି ଆସୁ ନ ଥିବାରୁ ଦର ହୁ ହୁ ହୋଇ ବଢୁଥିବା ବେଳେ ଗମନାଗମନ ପାଇଁ ଘରୋଇ ଗାଡ଼ି ପାଲଟିଛି ଏକମାତ୍ର ନିର୍ଭରଶୀଳ ମାଧ୍ୟମ। ଯାହାର ଫାଇଦା ନେଉଛନ୍ତି ଅଟୋ ଚାଳକଙ୍କ ସମେତ ଓଲା, ଉବେର ଚାଳକ। ଭଡ଼ା ବାବଦକୁ ନିର୍ଦ୍ଧାରିତ ଦର ଠାରୁ ଦ୍ୱିଗୁଣା ଭଡ଼ା ବଢ଼ିଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ୪ଦିନ ହେବ ରାଜ୍ୟବ୍ୟାପୀ ଚାଲିଛି ଡ୍ରାଇଭର ମହାସଂଘର ଷ୍ଟିଅରିଂ ବନ୍ଦ ଆନ୍ଦୋଳନ। ସରକାର ଓ ଡ୍ରାଇଭରଙ୍କ ମଧ୍ୟରେ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇନଥିବାରୁ ନିଜ ଜିଦ୍‌ରେ ଅଟଳ ରହିଛି ସଂଘ। ଏପଟେ ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ସାଧାରଣ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ବ୍ୟକ୍ତିଗତ କାମ ହେଉ ଅବା ଜରୁରୀ



ପରିସ୍ଥିତିରେ ବାଧ୍ୟ ହୋଇ ଘରୋଇ ଗାଡ଼ି କିମ୍ବା ଓଲା, ଉବେର ଆପ୍ ମାଧ୍ୟମରେ ଗାଡ଼ି ବୁକିଂ କରିବାକୁ ବାଧ୍ୟ ହେଉଛନ୍ତି। ହେଲେ ଗାଡ଼ି ଭଡ଼ା ଦେଖି ଛାନିଆ ହେଉଛନ୍ତି ଗ୍ରାହକ। ତା ସାଙ୍ଗକୁ ଆପ୍‌ରେ ଦେଖାଯାଉଥିବା ଭଡ଼ା ଠାରୁ ଅଧିକ ଭଡ଼ା ନେବାକୁ ଦାବୀ କରୁଛନ୍ତି ଚାଳକ। ନ ହେଲେ ବୁକିଂ ନିଜଆଡୁ କ୍ୟାନସଲ୍ କରିବାକୁ ଗ୍ରାହକମାନଙ୍କୁ କହୁଛନ୍ତି। ଫଳରେ ଗ୍ରାହକମାନେ କ୍ୟାନସଲ କଲେ ବି କାନସଲେସନନ୍ ଫାଇନ୍ ଭରିବାକୁ ପଡୁଛି। ତେଣୁ ଅନ୍ୟ ଉପାୟନପାଇ ଚାଳକଙ୍କ ଦାବି ମୁତାବକ ଭଡ଼ା ଦେଉଥିବା ଗ୍ରାହକମାନେ କହିଛନ୍ତି। ସୂଚନା ଅନୁସାରେ, ଓଲା ହେଉ କିମ୍ବା ଉବେର ଆପ୍ଲିକେସନ୍ ମାଧ୍ୟରେ ବାଇକ୍ ଠାରୁ ଆରମ୍ଭ କରି ଅଟୋ, ମିନି କାର୍, ସେଡାନ୍, ଏସୟୁଭି ଆଦି କାର୍ ବୁକିଂର ବ୍ୟବସ୍ଥା ରହିଥିବା ବେଳେ କିଲୋମିଟର ହିସାବରେ ଭଡ଼ା ନେଇଥାନ୍ତି ଚାଳକ। ତା ସାଙ୍ଗକୁ ଘଣ୍ଟିକିଆ ହିସାବରେ ମଧ୍ୟ ବୁକିଂ କରିବାର ସୁବିଧା ଏବଂ ଗ୍ରାହକଙ୍କୁ ସୁହାଇବା ଭଳି ଭଡ଼ା ରହିଥିବାରୁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା କର୍ମଚାରୀମାନେ ଏହାକୁ ବ୍ୟବହାର କରନ୍ତି। ହେଲେ ଗତ ୪ଦିନ ହେବ ଡ୍ରାଇଭରମାନେ ଆନ୍ଦୋଳନ ଜାରୀ ରଖିଥିବାରୁ ୯୦ ପ୍ରତିଶତ ଲୋକେ ବାଧ୍ୟ ହୋଇ ଓଲା କିମ୍ବା ଉବେର ଭଳି ଘରୋଇ ଟ୍ରାନ୍ସପୋର୍ଟକୁ ପୂର୍ବପେକ୍ଷା ଅଧିକ ନିର୍ଭର କରି ଅଧିକ ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି। ୧୦ କିଲୋମିଟର ରାସ୍ତାକୁ ପୂର୍ବରୁ (ମିନି କାର୍) ୧୦୦ରୁ ୧୫୦ ଟଙ୍କା ମଧ୍ୟରେ ରହିଥିବା ବେଳେ ବର୍ତ୍ତମାନ ତାହା ୪୦୦ ଟପିଛି। ସେହିପରି ଭୁବନେଶ୍ୱରରୁ କଟକ ପାଇଁ ଅଟୋ ଭଡ଼ା ୪୦୦ ଟଙ୍କା ରହିଥିବା ବେଳେ ମିନି କାର୍ ୭୫୦, ସେଡାନ୍ ୯୦୦, ଏସୟୁଭି ଭଡ଼ା ୧୦୮୩ ଟଙ୍କା ରହିଛି। ତେବେ ୪ ଦିନ ହେବ ଲୋକେ ଉପାୟଶୂନ୍ୟ ହୋଇଥିବାରୁ ସାଧାରଣ ଲୋକଙ୍କୁ ଘରୋଇ ଗାଡ଼ି ଚାଳକଙ୍କ ଲୁଟୁଥିବା ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ଡିଜେଲ, ପେଟ୍ରୋଲ ପାଇଁ ଘଣ୍ଟା ଧରି ଟାଙ୍କିରେ ଲାଇନ୍ ଦେବାକୁ ପଡୁଥିବା ବେଳେ ଅନେକ ଟାଙ୍କିରେ ତେଲ ନ ଥିବା ସେ କହିଛନ୍ତି। ବଡ଼ି ଭୋରୁ ମଧ୍ୟ ବୁକିଂ ଆସୁଛି। ବର୍ତ୍ତମାନ ଯେଉଁ ଦର ଦେଖାଯାଉଛି ତାହାକୁ ଗାଡ଼ି ଚାଳକ ନୁହେଁ ବରଂ କମ୍ପାନୀ ନିର୍ଦ୍ଧାରିତ କରୁଥିବା ଜଣେ ଓଲା ଚାଳକ କହିଛନ୍ତି।

---

ରଥଯାତ୍ରାରେ ଟିପିସିଓଡିଏଲ୍‌ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସପେନ୍‌ସାରି

## ପୁରୀରେ ୨୯,୦୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଚିକିତ୍ସା ସେବା ପ୍ରଦାନ




ଭୁବନେଶ୍ୱର, ୧୧।୭ (ସିମସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏହାର ସିଏସଆର୍ ପ୍ରୟାସ ଆରୋଗ୍ୟ ଅଧୀନରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସପେନସାରି (ଏମ୍‌ଏଚ୍‌ଡି) ଜରିଆରେ ସମାଜ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ରଥଯାତ୍ରାରେ ପବିତ୍ର ପୁରୀ ବଡ଼ଦାଣ୍ଡରେ ରଥ ଗଡ଼ିବା ସମୟରେ ଟିପିସିଓଡିଏଲ୍‌ର ଏମ୍‌ଏଚ୍‌ଡି ଗୁଡ଼ିକ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲା। ଶରଧାବାଲୀ ସ୍ଥିତ ଟିପିସିଓଡିଏଲ୍ କଣ୍ଟ୍ରୋଲ୍ ରୁମ୍ ନିକଟରେ ସମୁଦ୍ର କୂଳରେ ପଲିଶ୍ରୀ ମେଳା ଏବଂ ପୁରୀ ରେଳଷ୍ଟେସନ୍ ଭଳି ତିନିଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ଭ୍ରାମ୍ୟମାଣ ଡିସପେନସେରି ଗୁଡ଼ିକୁ ନିୟୋଜିତ କରାଯାଇଥିଲା। ସେଗୁଡ଼ିକ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନା ବେଶା ସମୟରେ ୨୯,୦୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଚିକିତ୍ସା ସେବା ପ୍ରଦାନ କରିଥିଲେ। ପ୍ରତ୍ୟେକ ଏମ୍‌ଏଚ୍‌ଡିରେ ଜଣେ ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କର ଏକ ଟିମ୍ ଥିଲା। ସେମାନେ ଫାଷ୍ଟ ଏଡ୍, ରକ୍ତଚାପ ପରୀକ୍ଷା, ସ୍ୱାସ୍ଥ୍ୟ ପରାମର୍ଶ ଏବଂ ମାଗଣା ଔଷଧ ଏବଂ ଓଆରଏସ୍ ପ୍ୟାକେଟ୍ ବିତରଣ କରିବା ଭଳି ପ୍ରାଥମିକ ଚିକିତ୍ସା ସେବା ଯୋଗାଇଦେଇଥିବା ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି।

ସକାଳ THE SAKALA



www.sakalaepaper.com

# ଜଣେ ଶିକ୍ଷକରେ ଚାଲିଛି ବିଦ୍ୟାଳୟ

ବଇଣ୍ଡା, ୧୧।୭ (ସମିସ)



ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏପରିକି ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରାଯାଇ ସ୍ମାର୍ଟ ସ୍କୁଲରେ ପରିଣତ କରାଯାଉଛି। ହେଲେ ଏବେ ବି ବହୁ ବିଦ୍ୟାଳୟ ଅବହେଳିତ ହୋଇ ରହିଛି। ବହୁ ପୁରାତନ ବିଦ୍ୟାଳୟରେ ସମସ୍ୟା ଲାଗି ରହିଥିବା ବେଳେ ସମାଧାନ ହେଉ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ଦେଖାଦେଉଛି। ବର୍ଷ ବର୍ଷ ଧରି ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ପୂରଣ ହେଉନାହିଁ। ଫଳରେ ପାଠପଢ଼ା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଭଗାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏହି ସମସ୍ୟା ଦେଖିବାକୁ ମିଳିଛି। ମାତ୍ର ଜଣେ ଶିକ୍ଷକରେ ଏହି ବିଦ୍ୟାଳୟ ଚାଲିଛି। ଶିକ୍ଷକ ଅଭାବ ସହ ଏହି ବିଦ୍ୟାଳୟରେ ଅନ୍ୟାନ୍ୟ ସମସ୍ୟା ଥିଲେ ମଧ୍ୟ ସମାଧାନ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏ ନେଇ ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୧୯୫୪ରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ ମଧ୍ୟ ମାତ୍ର ଜଣେ ଶିକ୍ଷକ ପାଠ ପଢ଼ାଉଛନ୍ତି। ଶିକ୍ଷକ ନିଯୁକ୍ତି କରିବାରେ ଶିକ୍ଷା ବିଭାଗ ଗୁରୁତ୍ୱ ଦେଉନାହିଁ। ବିଦ୍ୟାଳୟରେ ୩ଟି ଶ୍ରେଣୀଗୃହ ଥିଲେ ମଧ୍ୟ ଅଧିକ ଶିକ୍ଷକ ନ ଥିବାରୁ ସମସ୍ତ ଛାତ୍ରଛାତ୍ରୀ ଗୋଟିଏ କୋଠରିରେ ବସି ପାଠ ପଢୁଛନ୍ତି। ଏ ନେଇ ବହୁବାର ଶିକ୍ଷା ବିଭାଗକୁ ଅଭିଯୋଗ କଲେ ମଧ୍ୟ ଶିକ୍ଷକ ନିଯୁକ୍ତ କରାଯାଉ ନାହିଁ। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଶିବାନନ୍ଦ ଧଡ଼ା କୁହନ୍ତି, ସରକାରଙ୍କ ପକ୍ଷରୁ ଶିକ୍ଷକ ନିଯୁକ୍ତି କରାଗଲେ ଯୋଗାଇ ଦିଆଯିବ।

# ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ତାଲିମ ଏବଂ ନିଯୁକ୍ତି ପରାମର୍ଶ ଶିବିର

ଅନୁଗୋଳ, ୧୧।୭ (ସମିସ): ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ଦିବ୍ୟାଙ୍ଗ ଯୁବକ ଯୁବତୀଙ୍କ ପାଇଁ ମାଗଣା ତାଲିମ ଏବଂ ନିଯୁକ୍ତି ପରାମର୍ଶ ଶିବିର ବଅଁରପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଶିବିରରେ ବିଡିଓ ଲୋଚନ ଦାସ, ଏବିଡିଓ ମାଧବ ପାଣିଗ୍ରାହୀ, ଅନୁଗୋଳ ଡିଏମଏଫ ସେଲର ସଂଯୋଜକ ମନୋରଞ୍ଜନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ୪୦ଜଣ ଦିବ୍ୟାଙ୍ଗ ଯୁବକ ଯୁବତୀ ଯୋଗଦେଇଥିଲେ। ସେଥିମଧ୍ୟରୁ ୧୩ ଜଣ ଚୟନ କରାଯାଇଛି ଓ ସେମାନଙ୍କୁ କଟକସ୍ଥିତ ସ୍କିଲ କାଉନସେଲିଂ ଫର ପର୍ସନ ଉଇଥ ଡିଜାବିଲିଟି (ଏସସିପିଡବ୍ଲ୍ୟୁଡି) ସଂସ୍ଥାରେ ମାଗଣା ତାଲିମ ପ୍ରଦାନ କରାଯିବ। ତାଲିମରେ କୃତିତ୍ୱ ହାସଲ କରିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ଦିଆଯିବ। ତାଲିମ ସମୟରେ



ପ୍ରଶିକ୍ଷାର୍ଥୀଙ୍କୁ ମାଗଣାରେ ରହିବା ଓ ଖାଇବା ସମେତ ପୋଷାକ ଏବଂ ବହିପତ୍ର ଯୋଗାଇ ଦିଆଯିବ। ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଟରିଂ ସେବାରେ କାର୍ଯ୍ୟ ପାଇଁ ୮୦ ଦିନର ପାଠ୍ୟକ୍ରମ ଅବଧି ରହିଛି। ଅଷ୍ଟମ ଶ୍ରେଣୀ ପାସ କରିଥିବା ୧୮ରୁ ୩୫ ବର୍ଷ ପ୍ରାର୍ଥୀମାନେ ଏହାର ସୁଯୋଗ ନେଇପାରିବେ। ସେହିଭଳି କଲ ସେଣ୍ଟର, ଗ୍ରାହକ ସେବା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଗ୍ରାହକ ସେବା କାର୍ଯ୍ୟନିର୍ବାହୀ ପାଠ୍ୟକ୍ରମ ୧୦୦ଦିନ ଅବଧି ରହିଥିବା ବେଳେ ପ୍ରାର୍ଥୀ ପ୍ରାର୍ଥିନୀ ଅନ୍ୟୂନ ଦଶମ ଶ୍ରେଣୀ ପାସ କରିଥିବା ଆବଶ୍ୟକ ବୋଲି ସୂଚନା ଦିଆଯାଇଛି।

■ ଡ୍ରାଇଭର ସଂଘର ଷ୍ଟିୟରିଂଛାଡ଼ ଆନ୍ଦୋଳନ ଚତୁର୍ଥ ଦିନରେ

# ରୋଷେଇ ଗ୍ୟାସ୍ ନ ପାଇ ଲୋକେ ହନ୍ତସନ୍ତ

ବଇଣ୍ଡା, ୧୧।୭ (ସମିସ): ଡ୍ରାଇଭର ମହାସଂଘ ଡାକରାରେ ମଙ୍ଗଳବାରଠାରୁ କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚିଠାରେ କିଶୋରନଗର ଡ୍ରାଇଭର ସଂଘ ପକ୍ଷରୁ ସଭାପତି ମନୋରଞ୍ଜନ ମାଝୀଙ୍କ ନେତୃତ୍ୱରେ ଷ୍ଟିୟରିଂଛାଡ଼ ଆନ୍ଦୋଳନ ଜାରି ରହିଛି। ଶୁକ୍ରବାର ଏହି ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଆନ୍ଦୋଳନ ଯୋଗୁଁ ଏବେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅଭାବ ଦେଖା ଦେଇଛି। ଏବେ ବଇଣ୍ଡା ଅଞ୍ଚଳରେ ରୋଷେଇ ଗ୍ୟାସ ମିଳୁ ନ ଥିବାରୁ ଖାଉଟିମାନେ ହନ୍ତସନ୍ତ ହେଉଛନ୍ତି। ଆଠମଲ୍ଲିକ, କିଶୋରନଗର ଅଞ୍ଚଳରୁ ଗ୍ୟାସ ବୋଝେଇ ଭ୍ୟାନଗୁଡ଼ିକ ଆସିପାରୁ ନ ଥିବାରୁ ସମସ୍ୟା ଉପୁଜିଛି। ସେହିପରି ଆଳୁ, ପିଆଜ ଆଦି କଳାବଜାରୀରେ ବିକ୍ରି ଆରମ୍ଭ ହେଲାଣି। ଆଳୁ ଦର କେଜି ପିଛା ୫ ଟଙ୍କା ଲେଖାଏଁ ବୃଦ୍ଧି ହୋଇଛି।

■ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ନିର୍ବାଚନ

# ଦ୍ୱିତୀୟ ଥର ସଭାପତି ହେଲେ ଦୀପକ ବର୍ମା



ଅନୁଗୋଳ, ୧୧।୭ (ସମିସ): ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ପୁରୁଣା କମିଟିର କାର୍ଯ୍ୟକାଳ ଶେଷ ହେଉଥିବାରୁ ନିର୍ବାଚନ ଅଧିକାରୀ ରବୀନ୍ଦ୍ର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନିର୍ବାଚନ ପାଇଁ ଗତ ୧ ତାରିଖ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସଭାପତି ଓ ସମ୍ପାଦକ ପଦ ପାଇଁ ଯଥାକ୍ରମେ ଦୀପକ କୁମାର ବର୍ମା ଓ ଅଶୋକ କୁମାର ମୋଦି ନାମାଙ୍କନ ଦାଖଲ କରିଥିବା ବେଳେ ଏମାନଙ୍କ ବିପକ୍ଷରେ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ। ତେଣୁ ନିର୍ବାଚନ ଅଧିକାରୀ ରବୀନ୍ଦ୍ର ପଟ୍ଟନାୟକ ଦୀପକ ବର୍ମାଙ୍କୁ ସଭାପତି ଓ ଅଶୋକ କୁମାର ମୋଦିଙ୍କୁ ସମ୍ପାଦକ ଭାବେ ଘୋଷଣା କରିଥିଲେ। ଆସନ୍ତା ୧୭ ତାରିଖ ନବ ନିର୍ବାଚିତ ସଭ୍ୟମାନେ ଶପଥ ଗ୍ରହଣ କରିବେ ବୋଲି ନିର୍ବାଚନ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଦୁଇ ନୂତନ କର୍ମକର୍ତ୍ତାଙ୍କୁ ଅନୁଷ୍ଠାନର ଅନ୍ୟ ସଭ୍ୟମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ ଦୀପକ ବର୍ମା ଦ୍ୱିତୀୟ ଥର ପାଇଁ ସଭାପତି ନିର୍ବାଚିତ ହୋଇଛନ୍ତି।

# ଅନଲାଇନ୍ ମାଧ୍ୟମରେ ବୁଥ୍‌ସ୍ତରୀୟ ତାଲିମ

ବଅଁରପାଳ, ୧୧।୭ (ସମିସ): ବଅଁରପାଳ ବ୍ଲକ ଭିଡିଓ କନଫରେନ୍ସ ହଲ୍‌ରେ ଓ ସ୍ୱାସ ସଫ୍ଟୱେର ମାଧ୍ୟମରେ ଅନଲାଇନ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଅଁରପାଳ ବିଡିଓ ଲୋଚନ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଣିକି କର୍ମଚାରୀମାନେ ବିନା କାଗଜ କଲମରେ ସ୍ୱାସ ମାଧ୍ୟମରେ ବୁଥ୍‌ସ୍ତରୀୟ ସମସ୍ତ କାର୍ଯ୍ୟକ୍ରମ କରିପାରିବେ। ଏ ନେଇ କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଥିଲା। ବ୍ଲକରେ ଥିବା ୬ ବିଭାଗ ଯାଥା ଅର୍ଥ, ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ଆଇସିଡିଏସ୍ ଓ ଭେଟେନାରୀ ପ୍ରମୁଖର ସମସ୍ତ କର୍ମଚାରୀ



ପ୍ରଶିକ୍ଷଣ ନେଇଥିଲେ। ସେହିପରି ବ୍ଲକ ମିଟିଂ ହଲରେ ବୁଥ୍‌ସ୍ତରୀୟ (ବ୍ଲୋ) ଅଧିକାରୀମାନଙ୍କୁ ନେଇ ଜାତୀୟସ୍ତରୀୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ମାୟାଧର ବେହେରା ଏହାକୁ ଉଦଘାଟନ କରିବା ସହ ନିର୍ଭୁଲ ଭୋଟର ତାଲିକା ଉପରେ ସଚେତନ କରାଇଥିଲେ। ମାଷ୍ଟର ଟ୍ରେନର ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଅଧିକାରୀଙ୍କୁ ପ୍ରଶିକ୍ଷଣ ନେଇଥିଲେ। ଦୈନିକ ୫୦ ଜଣଙ୍କୁ ନେଇ ଏହି ବୁଥ୍‌ସ୍ତରୀୟ ତାଲିମ ଚାଲୁ ରହିବ। ଏଥିରେ ବିଡିଓ ଲୋଚନ ଦାସ, ଏବିଡିଓ ମାଧବ ପାଣିଗ୍ରାହୀ ଓ ସିଡିପିଓ ଲିଲି ଦାସ ପ୍ରମୁଖ ଉପସ୍ଥିତ ରହିବେ।

# ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଅବୃତ୍ତି ଓ ସାଧାରଣଜ୍ଞାନ ପ୍ରତିଯୋଗିତା

ଅନୁଗୋଳ, ୧୧।୭ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଅବସରରେ ସ୍ଥାନୀୟ ଜିଲ୍ଲା ପାଠାଗାରରେ ସାହିତ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ କନିଷ୍ଠ ଏବଂ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପ୍ରବନ୍ଧ ପ୍ରତିଯୋଗୀତାରେ ରଣିଆକଟା ଓଏଭିର ସୁଜ୍ଞାନୀ ସୁଶୋଭିତା ପ୍ରଧାନ, ଡେରା ଡିଏଭି ପବ୍ଲିକ ସ୍କୁଲର ଗାୟନ୍ତିକା ପଣ୍ଡା, ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୋନାଲି ବିଶ୍ୱାଳ କନିଷ୍ଠ ବର୍ଗରେ ଏବଂ ତାଳଚେର ଜଗନ୍ନାଥ ଏରିଆ ଡିଏଭି ପବ୍ଲିକ ସ୍କୁଲର ସୁଶ୍ରୀ ସାଇସ୍ମୃତି ସାହୁ, ରଣିଆକଟା ଓଏଭିର ସମୀକ୍ଷା କ୍ଷେତୀ, ଖଲାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଜ୍ୟୋତ୍ସ୍ନାରାଣୀ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଜଗନ୍ନାଥ ଏରିଆ ଡିଏଭି ପବ୍ଲିକ ସ୍କୁଲର ହର୍ଷିକା ପ୍ରଧାନ, ଅନୁଗୋଳ ହୁଲୁରିସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆର୍ଯ୍ୟନ କୁମାର ସାହୁ, ବଇଣ୍ଡା ରାମଦେଓ ସରକାରୀ ଉଚ୍ଚ ବିଦ୍ୟାଳୟର ଅମ୍ବୁଜା ପ୍ରିୟଦର୍ଶିନୀ ସାହୁ, ଏବଂ ବରିଷ୍ଠ ବର୍ଗରେ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ପଟ୍ଟଜୋଶୀ ସୌରୀପ୍ରସାଦ ମିଶ୍ର, ତାଳଚେର ହାଣ୍ଡିଧୁଆ ଉଚ୍ଚ ବିଦ୍ୟାଳୟର ପ୍ରୀତିମଞ୍ଜରୀ ସାହୁ, କଳିଙ୍ଗ ଏରିଆ ଡିଏଭି ପବ୍ଲିକ ସ୍କୁଲର ମଧୁମିତା



ସାହୁ, ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। କବିତା ଅବୃତ୍ତି କନିଷ୍ଠ ବର୍ଗରେ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ଧୀ ସମ୍ପୂର୍ଣ୍ଣା ପ୍ରଧାନ, ଜଗନ୍ନାଥ ଏରିଆ ଡିଏଭି ପବ୍ଲିକ ସ୍କୁଲର ପ୍ରତ୍ୟାଶା ନାୟକ, ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ଦୀପ୍ତି ପ୍ରିୟଦର୍ଶିନୀ ବିନ୍ଧାଣୀ, ରାମଦେଓ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଭାମୟୀ ଶଙ୍ଖାରୀ, ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସାଧାରଣଜ୍ଞାନ ଓ ଅନୁବାଦ ପ୍ରତିଯୋଗୀତାରେ କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟର ସୌଜନ୍ୟା ପ୍ରଧାନ, ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ରତ୍ନ ପଲ୍ଲବୀ ବେହେରା, ତାଳଚେର ଯୁବରାଜ ଉଚ୍ଚ ବିଦ୍ୟାଳୟର ସବ୍ୟସାଚୀ ପରିଡ଼ା କନିଷ୍ଠ ବର୍ଗରେ ଏବଂ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ଅଂଶୁମାନ ପ୍ରଧାନ, ଜଗନ୍ନାଥ ଏରିଆ ଡିଏଭି ପବ୍ଲିକ ସ୍କୁଲର ଅମୃତାଂଶୁ ଦାଶ, ରାମଦେଓ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ଣ୍ଣିମା ପ୍ରଧାନ ବରିଷ୍ଠ ବର୍ଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ ଏବଂ ବିଚାରକ ମଣ୍ଡଳୀ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶ, ଡ. ଇନ୍ଦିରା ଦାଶ, ସଂଗ୍ରାମ କେଶରୀ ପୃଷ୍ଟି, ଦଧିବାମନ ପ୍ରଧାନ, ଅସିତ ପଟ୍ଟନାୟକ ଓ ସରୋଜ ପାଣିଗ୍ରାହୀ ପ୍ରମୁଖ ଉଦଘାଟନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଲାୟନ୍ସ କ୍ଲବ୍ ପକ୍ଷରୁ ଚାରାରୋପଣ

ଅନୁଗୋଳ, ୧୧।୭ (ସମିସ): ଅନୁଗୋଳ ଲାୟନ୍ସ କ୍ଲବ୍‌ର ମେଗା ଚାରାରୋପଣ ତଥା ଆମ ଗାଁ ଆମ୍ବତୋଟାର ଦ୍ୱିତୀୟ ସଂସ୍କରଣ କ୍ଲବ୍ ସଭାପତି ଲାୟନ୍ ତ୍ରୈଲୋକ୍ୟ ଦେହୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶାକୋସିଂହା ଗ୍ରାମର ଉଦୀୟମାନ ଯୁବକ ସଂଘ, ଗ୍ରାମ ମଙ୍ଗଳ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ। କ୍ଲବ୍ ବରିଷ୍ଠ ସଦସ୍ୟ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ପ୍ରଭାତ ପାଲିତ ଓ ପରମାନନ୍ଦ ମିଶ୍ର, ଆଞ୍ଚଳିକ ମୁଖ୍ୟ ଲାୟନ ଅଶୋକ ମୁରାର୍କା, ସମ୍ପାଦକ ସିଏ ସୁଶାନ୍ତ ଖଟୁଆ, ପୂର୍ବତନ କ୍ଲବ୍ ସଭାପତି ଲାୟନ ବାସୁଦେବ ଚୌଧୁରୀ ଓ ଲାୟନ ଅଶୋକ ସାହୁ, ବରିଷ୍ଠ ସଦସ୍ୟ ଲାୟନ ଅଶୋକ ମହନ୍ତ, ଲାୟନ୍ ରାଜକୁମାର ଅଗ୍ରୱାଲ, ଲାୟନ ପବିତ୍ର




ମୋହନ ବିଶ୍ୱାଳ, ଅଧ୍ୟାପିକା ଲାୟନ ଅରୁଣା ମିଶ୍ର, ଲାୟନ ଶୋଭା ମୁରାର୍କା, ଗ୍ରାମ ସଭାପତି କୀର୍ତ୍ତିଶ୍ୱର ପ୍ରଧାନ, ବିଜେପି ପଞ୍ଚାୟତ ସଭାପତି ଜିତେନ୍ଦ୍ର ନାୟକ, ଦୀନବନ୍ଧୁ ପ୍ରଧାନ, ଦୈତାରୀ ପ୍ରଧାନ, ଗ୍ରାମ ମଙ୍ଗଳ ଯୁବକ ସଂଘ ମୁଖ୍ୟ ଅଦ୍ୱୈତ ପ୍ରଧାନ, ଦେବାଶିଷ ପ୍ରଧାନ, ଶ୍ରୀବତ୍ସ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ରାହୁଲ ପ୍ରଧାନ ଓ ଲାୟନ ଚକ୍ଷୁ ଚିକିତ୍ସାଳୟର ମ୍ୟାନେଜର ଲିନୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ଛେଣ୍ଡିପଦା, ୧୧।୭ (ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ମେରା ଭାରତ ଓ ଜୟଦୁର୍ଗା ଯୁବକ ସଙ୍ଘ ତରଫରୁ ଛେଣ୍ଡିପଦାସ୍ଥିତ ଶ୍ରୀଜଗନ୍ନାଥ ଆବାସିକ ବିଦ୍ୟାଳୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ବିଶ୍ୱ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଆଗାମୀ ଦିନରେ ଭାରତରେ ଅରାଜକତା, ବେରୋଜଗାରୀ ଓ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଟୁଙ୍କୁ ସାହୁ, ରମାକାନ୍ତ ସାହୁ, ଭବାନୀ ଶଙ୍କର ସାହୁ, ମେରା ଭାରତ ତରଫରୁ ରାମଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିତାଇଗୌର ଆଶ୍ରମରେ ଗୁରୁ ପୂର୍ଣ୍ଣିମା ପାଳିତ

କଣିହାଁ, ୧୧।୭ (ସମିସ): କଣିହାଁ ବ୍ଲକ ଗହମସ୍ଥିତ ନିତାଇଗୌର ଆଶ୍ରମରେ ଗୁରୁପୂର୍ଣ୍ଣିମା ପାଳନ କରାଯାଇଛି। ବ୍ରହ୍ମ, ମାଦ୍ୱ, ଗୌଡ଼ୀୟ ସମ୍ପ୍ରଦାୟର ପରମ୍ପରା ଅନୁଯାୟୀ ଶ୍ରୀ ଶ୍ରୀ ନିତ୍ୟାନନ୍ଦ ପରମେଶ୍ୱର ଅନ୍ତର୍ଭୁକ୍ତ ଶ୍ରୀରାଧାରମଣ ଦେବଙ୍କୁ ପ୍ରଧାନ୍ୟ କରି ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀଶ୍ରୀ ଗୋପାଳଜୀଉ ନିତାଇଗୌରାଙ୍ଗ ସେବା ଟ୍ରଷ୍ଟ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶ୍ରମ ମୁଖ୍ୟ ବାବାଜୀ ପ୍ରଭୁପାଦ ଦାସ ମହାରାଜାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ସାଂସଦ ମହେଶ ସାହୁ, ଖାଦ୍ୟ ନିଗମ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଞ୍ଚଳର ବହୁ ସାଧୁସନ୍ଥ, ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ।

# ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଦାବିପତ୍ର

ଅନୁଗୋଳ, ୧୧।୭ (ସମିସ): ସାରା ଭାରତବର୍ଷରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଏକ ସଂସ୍ଥା 'ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ' ପକ୍ଷରୁ ଶୁକ୍ରବାର ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳଙ୍କୁ ଜନସଂଖ୍ୟା ବୃଦ୍ଧି ସମସ୍ୟାର ସମାଧାନ ନିମିତ୍ତ ଦାବିପତ୍ର ଦିଆଯାଇଛି। ସମ୍ବିଧାନରେ ୨ଟି ସନ୍ତାନ ପାଇଁ କଠୋର ଆଇନ କରିବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲା ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ତରଫରୁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଜିଲ୍ଲା ସଭାପତି ଆଇନଜୀବୀ ଅନିରୁଦ୍ଧ ଦାସଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ ପ୍ରତାପ ପ୍ରୀତିମୟଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ରାଜ୍ୟ ଉପସଭାପତି ଜଗନ୍ନାଥ ଗଡ଼ନାୟକସିଂହ, ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ କୁମାର ପାଳ, ରାଜ୍ୟ କାର୍ଯ୍ୟକାରିଣୀ ଅଶୋକ ତ୍ରିପାଠୀ, ପ୍ରସନ୍ନ ସାହୁ, ମିଡିଆ ପ୍ରଭାରୀ ରଣଜିତ ଦାସ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# କଳମଛୁଇଁ ଶିଶୁ ମନ୍ଦିରରେ ଗୁରୁ ପୂର୍ଣ୍ଣିମା




ତାଳଚେର, ୧୧।୭ (ସମିସ): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଛି। ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ବିଦ୍ୟୁତ୍ ପରିଷଦ ସଭାପତି ଶିକ୍ଷାବିତ୍ ଦିବାକର ବାରିକ, ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟା ଦମୟନ୍ତୀ ନନ୍ଦ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗୈରିକ ଧ୍ୱଜାରୋହଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ବାରିକ ନିଜ ଅଭିଭାଷଣରେ ଭାରତୀୟ ସଂସ୍କୃତିରେ ଗୁରୁଙ୍କ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଅଜ୍ଞାନ ରୂପକ ଅନ୍ଧକାର ମଧ୍ୟରୁ ଜ୍ଞାନରୂପକ ଆଲୋକକୁ କେବଳ ଗୁରୁ ହିଁ ମାର୍ଗଦର୍ଶନ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ସରସ୍ୱତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ଚତୁର୍ଭୁଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ କମଳ ଲୋଚନ ପ୍ରଧାନ, ଭଗବାନ ବେହେରା, ସଞ୍ଜୟ ସାଲିମା, ତ୍ରିଲୋଚନ ବେହେରା, ଅର୍ଚ୍ଚନା ସାହୁ, ରୀତା ଭୂତିଆ, ସରୋଜା ବେହେରା, ଦୁର୍ଯ୍ୟୋଧନ ସାହୁ, କୁମୁଦ ବେହେରାଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।

# ଅନୁଗୋଳ ବନଖଣ୍ଡ ପକ୍ଷରୁ ୭୬ତମ ବନମହୋତ୍ସବ

ଅନୁଗୋଳ, ୧୧।୭ (ସମିସ)

ଅନୁଗୋଳ ବନଖଣ୍ଡ ଆନୁକୂଲ୍ୟରେ ବନଖଣ୍ଡର ନବନିର୍ମିତ କାର୍ଯ୍ୟାଳୟ ପରିସରରେ ୭୬ତମ ବନମହୋତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଢେଙ୍କାନାଳ ସଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି, ସାଂସଦ ତଥା କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ଦିଲୀପ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର, ଅନୁଗୋଳ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ସତକୋଶିଆ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା, ପ୍ରାଣୀ ସମ୍ପଦ ବିଭାଗ ଉପ ନିର୍ଦ୍ଦେଶକ କେଶବ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାପକ ବନୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ମା' ପାଇଁ ଗଛଟିଏ ଅଭିଯାନର ଶୁଭାରମ୍ଭ ହୋଇଥିଲା। ମୁଖ୍ୟଅତିଥି ସାଂସଦ ପାଣି ଚାରାରୋପଣର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଅନାବୃଷ୍ଟି, ପ୍ରାକୃତିକ ବିପର୍ଯ୍ୟୟ ଭଳି ବିପଦରୁ ବିଶ୍ୱକୁ ଉଦ୍ଧାର କରିବା ପାଇଁ ସବୁଜ ବନାନୀ ନିମିତ୍ତ ବ୍ୟାପକ ସଚେନତା ସୃଷ୍ଟି ଏବଂ ଚାରାରୋପଣକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଜଳ ବିନା ଯେମିତି ଜୀବନ ଅସମ୍ଭବ, ବୃକ୍ଷ ବିନା ବି ଜୀବନ ଅସମ୍ଭବ ବୋଲି



କହିଥିଲେ। ଯେତିକି ସଂଖ୍ୟାରେ ବୃକ୍ଷ ଛେଦନ ହେଉଛି ତା'ର ୧୦ଗୁଣ ଚାରାରୋପଣ ହେବା ଆବଶ୍ୟକ ବୋଲି ସାଂସଦ କହିଥିଲେ।

ବିଧାୟକ ଅଶୋକ ମହାନ୍ତି ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଲେଖାଏଁ ଚାରାରୋପଣ କରି ତାକୁ ନିଜ ମା'ଙ୍କ ନାମରେ ସମର୍ପିତ କରିବା ସହ ନିଜ ସନ୍ତାନ ପରି ତାହାର ଯତ୍ନ ନେବାକୁ ଶପଥ ନେବାକୁ କହିଥିଲେ। ସମସ୍ତଙ୍କ ପ୍ରଚେଷ୍ଟାରେ ଜିଲ୍ଲାରେ ଅତି କମ୍‌ରେ କିପରି ୧୦ଲକ୍ଷରୁ ଅଧିକ ଚାରାରୋପଣ କରାଯାଇ ପାରିବ ସେଥିପାଇଁ ସମସ୍ତେ ପ୍ରୟାସ ଜାରି ରଖି ଏହି ଅଭିଯାନକୁ ସଫଳ କରିବାକୁ ବନଖଣ୍ଡ ଅଧିକାରୀ ନୀତୀଶ କୁମାର କହିଥିଲେ। ବନୀକରଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବନ ସୁରକ୍ଷା ସମିତିଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପୁରସ୍କାର ବାବଦ ଅର୍ଥରାଶିକୁ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟଅତିଥି ସାଂସଦ ପାଣି ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥି ତଥା ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ମିଳିତ ଭାବେ ଚାରାରୋପଣ କରିଥିଲେ।

# ଭୁବନେଶ୍ୱର ସିଟି



ଲୋକଙ୍କୁ ଭୁଆଁ ବୁଲାଇ ଠକୁଥିଲେ

# ପୁଲିସ ସ୍କାନର୍‌ରେ ୫ ଶହ ନକଲି ଆପ୍, ୱେବ୍‌ସାଇଟ୍

ଭୁବନେଶ୍ୱର, ୧୧।୭(ସମିସ)

■ ପୁଲିସ ପାଇଁ ଚ୍ୟାଲେଞ୍ଜ ବିଦେଶୀ ଆପ୍, ୱେବ୍‌ସାଇଟ୍
■ ନକଲି ଆପ୍ ଉପରେ ନଜର ରଖିବ ସାଇବର ଟିମ୍

ବିଦେଶୀ ଆପ୍ ଏବଂ ୱେବ୍‌ସାଇଟ୍ କମିସନରେଟ୍ ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ମାଷ୍ଟରମାଇଣ୍ଡ ଦେଶ ବାହାରେ ବସି ଏହି ନକଲି ଆପ୍ ମାଧ୍ୟମରେ କୋଟି କୋଟି ଟଙ୍କା ଠକୁଥିବାରୁ ଗିରଫ କରିବାରେ ସମସ୍ୟା ହେଉଛି। ଯାହାଫଳରେ ମାଷ୍ଟରମାଇଣ୍ଡ ଭାରତରୁ କୋଟି କୋଟି ଟଙ୍କା ବିଦେଶକୁ ନେଇଯାଉଛନ୍ତି। ତେଣୁ କିଭଳି ଏହି ବିଦେଶୀ ଆପ୍ ଏବଂ ୱେବ୍‌ସାଇଟ୍ ଉପରେ ନଜର ରଖାଯିବ ସେନେଇ କ୍ରାଇମ୍‌ବ୍ରାଞ୍ଚ ଏବଂ କମିଶନରେଟ୍ ପୁଲିସ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ୍ କରିଛି। ତେଣୁ ଏବେ ଠକେଇର ତରିକା ବଦଳିଛି। ପୂର୍ବଭଳି ସିଧା ଉପାୟରେ ଠକେଇ ହେଉନି। ବ୍ୟାଙ୍କ୍ ଆକାଉଣ୍ଟ ଅନ୍ୟନାମରେ ଥିବା ବେଳେ ୟୁପିଆଇ ଅନ୍ୟ ଜଣେ ବ୍ୟବହାର କରୁଛି। ତେଣୁ ଏଭଳି ହାଇଟେକ୍ ଠକେଇକୁ କିଭଳି ମାତ ଦିଆଯିବ ସେନେଇ ଇଓଡବ୍ଲ୍ୟୁ ଏବଂ ପୁଲିସ ନୂଆ ବ୍ୟବସ୍ଥା କରିଛି। ଏଥର ଇଓଡବ୍ଲ୍ୟୁରେ ଏକ ସାଇବର ଟିମ୍ ରଖାଯିବ। ସେମାନେ କିଭଳ ହାଇଟେକ୍ ଠକେଇର ତଦନ୍ତ କରିବେ। ନୂଆ ଆପ୍ ହେଉ ଅବା ଅନ୍‌ଲାଇନ୍ ଟ୍ରେଡିଂ ଠକେଇ। ଏହି ଟିମ୍ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବ। ଆହୁରି ମଧ୍ୟ ଅନେକ ସମୟରେ ଇଓଡବ୍ଲ୍ୟୁ ଅନ୍ୟ ରାଜ୍ୟର ଅଭିଯୁକ୍ତକୁ ଗିରଫ କରିବା ପାଇଁ ଗଲେ। ସେଠାରେ ପୁଲିସ ଯାଇଥିବା ଟିମ୍‌କୁ ସହଯୋଗ କରୁନାହାନ୍ତି। ତେଣୁ ଏଥର ଅନ୍ୟ ରାଜ୍ୟର ତଦନ୍ତକାରୀ ଏଜେନ୍ସି ସହ ସମନ୍ୱୟ ରଖି କାମ କରିବା ପାଇଁ ଏକ ଟିମ୍ କରାଯାଇଛି। ସେମାନେ ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ମାଧ୍ୟମରେ ଯୋଡ଼ିହେବ। ଯଦି କେଉଁ ରାଜ୍ୟରେ ନୂଆ ଟ୍ରେଣ୍ଡରେ ଠକେଇ ହୁଏ, ତୁରନ୍ତ ଏହି ଗ୍ରୁପ୍‌ରେ ଆର୍ଲଟ କରାଯିବ। ଫଳରେ ଅନ୍ୟ ରାଜ୍ୟରେ ହେବାକୁ ଥିବା ଏଭଳି ଠକେଇକୁ ରୋକାଯାଇ ପାରିବ। ଗତ କିଛି ବର୍ଷ ହେବ ଲୋନ୍ ଆପ୍, ଅନଲାନ୍ ଟ୍ରେଡିଂ, ୧୮ ଫୁଟବଲ୍ ଉଟ୍‌କମ୍ ଆଦି ଅନେକ ଠକେଇ ଆପ୍ ଲୋକଙ୍କୁ ଚୂନ ଲଗାଉଛି। ଏପରିକି ଏହି ଆପ୍ ମାଧ୍ୟମରେ ଅନେକ ଲୋକେ ମଧ୍ୟ ଆତ୍ମହତ୍ୟା କରିଥିଲେ। ତେଣୁ ଚାଇନା ଠକ ସବୁ ବେଳେ ଏଭଳି ନକଲି ଆପ୍ ମାଧ୍ୟମରେ ଲୋକଙ୍କୁ ଚୂନ ଲଗାଉଛନ୍ତି। ତେଣୁ ଗଠନ କରାଯାଇଥିବା ସାଇବର ଟିମ୍ ମୁଖ୍ୟତଃ ଏହି ନକଲି ଆପ୍ ଉପରେ ନଜର ରଖିବ। ଫଳରେ କିଛିମାତ୍ରାରେ ଏଭଳି ଠକେଇ କମିବ ବୋଲି ଇଓଡବ୍ଲ୍ୟୁ ଅଧିକାରୀମାନେ ଆଶା କରୁଛନ୍ତି।



ପୂର୍ବରୁ ଲୋନ୍ ଆପ୍ ମାଧ୍ୟମରେ ଓଡ଼ିଶାରୁ ୩୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିଲା। ଏହା ପଛରେ ବିଦେଶରେ ରହୁଥିବା ୩ଜଣ ଠକଙ୍କ ହାତ ରହିଥିଲା। ସେମାନେ ସିଙ୍ଗାପୁରରେ ରହି ଏହି ଲୋନ୍ ଆପ୍ ମାଧ୍ୟମରେ ଠକେଇ କରୁଥିଲେ। ସେମାନେ ଭାରତରୁ ଭିସା ନେଇ ଏଠାକୁ ଆସି ଏଜେଣ୍ଟ ଯୋଗାଡ଼ କରି ଯାଇଥିଲେ। ତେଣୁ ପରବର୍ତ୍ତି ସମୟରେ ତଦନ୍ତ କରିବା ପରେ ସବୁ କିଛି ଜଣାପଡ଼ିଥିଲା। ହେଲେ ମାଷ୍ଟରମାଇଣ୍ଡ ସେତବେଳକୁ ଦେଶ ଛାଡ଼ି ପଳାଇଯାଇଥିଲା। ଯାହାଫଳରେ ଏକାଧିକ ବିଦେଶୀ ଠକଙ୍କ ନାମରେ ଲୁକ୍‌ଆଉଟ୍ ଜାରି କରାଯାଇଥିଲା।

## ଦମ୍ପତିଙ୍କୁ ଲିଫ୍ଟ ଦେଇ ଲୁଟ୍; ଲୁଟେରା ଗିରଫ



ଭୁବନେଶ୍ୱର, ୧୧।୭ (ସମିସ): ବୃଦ୍ଧ ଦମ୍ପତିଙ୍କୁ ଲିଫ୍ଟ ଦେଇ ଲୁଟ୍ କରିଥିବା ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନନ୍ଦନକାନନ ଥାନା ଗଣ୍ଡରପୁରର ନିରଞ୍ଜନ ସାସମଲ ଓରଫ୍ ବାବୁ (୩୩)।

ପୁଲିସ ସୂଚନା ଅନୁସାରେ, ଖଣ୍ଡପଡ଼ାର ପାଲିଆ ମହାପାତ୍ର ଓ ତାଙ୍କ ସ୍ୱାମୀ ନୂଆପଲ୍ଲୀସ୍ଥିତ ଘରୋଇ ଡାକ୍ତରଖାନାକୁ ଚକ୍ଷୁ ଚିକିତ୍ସା ପାଇଁ ଆସିଥିଲେ। ସେମାନେ ଚିକିତ୍ସା ସାରି ବରମୁଣ୍ଡା ଯିବାକୁ ଇସ୍କନ ଛକରେ ଅଟୋକୁ ଅପେକ୍ଷା କରିଥିଲେ। ସେହି ସମୟରେ ବାବୁ ସେମାନଙ୍କ ପାଖକୁ ଆସି ସ୍କୁଟିରେ ଛାଡ଼ି ଦେବ ବୋଲି କହିଥିଲା। ସନ୍ଦେହ ନ ଥିବାରୁ ବୃଦ୍ଧ ଦମ୍ପତି କଥାରେ ବିଶ୍ୱାସ କରି ତା' ସ୍କୁଟିରେ ଚଢ଼ିବା ସହିତ ଟଙ୍କା ଥିବା ବ୍ୟାଗକୁ ଗାଡ଼ିରେ ରଖିଥିଲେ। ରାସ୍ତାରେ ଏକ କୋଚିଂ ସେଣ୍ଟର ନିକଟରେ ଦମ୍ପତିଙ୍କୁ ଛାଡ଼ି ଦେଇ ତା' ପିଇବାକୁ ଯାଉଥିଲା। ଏହାରି ଭିତରେ ଉକ୍ତ ବ୍ୟାଗରୁ ୨୦ ହଜାର ଟଙ୍କା ଚୋରିକରି ନେଇଥିଲା। କିଛି ସମୟ ପରେ ପୁଣିଥରେ କୋଚିଂ ସେଣ୍ଟର ନିକଟକୁ ଆସିଥିଲା ଓ ସେମାନଙ୍କୁ ସ୍କୁଟିରେ ନେଇ ଇସ୍କନ ନିକଟରେ ଛାଡ଼ି ପଳାଇଥିଲା। ବ୍ୟାଗରୁ ଟଙ୍କା ଚୋରି କରିଥିବା ଜାଣିବା ପରେ ପାଲିଆ ମହାପାତ୍ର ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଗାଡ଼ିକୁ ଚିହ୍ନଟ କରିଥିଲା। ଆଜି ଏଜି ଛକ ନିକଟରେ ସ୍କୁଟି ନେଇ ଯାଉଥିବା ବେଳେ ବାବୁକୁ ଗିରଫ କରିଥିଲା। ତା' ଠାରୁ ସ୍କୁଟି ଓ ୧୩ ହଜାର ଟଙ୍କା ଜବତ କରିଥିଲା।

ଆପାର୍ଟମେଣ୍ଟ ମାଲିକଙ୍କ ପ୍ରତି କଠୋର ହେଲା ବିଡିଏ

## ରକ୍ଷଣାବେକ୍ଷଣ ଦେୟ ନ ଦେଲେ ବିଚ୍ଛିନ୍ନ ହେବ ଅତ୍ୟାବଶ୍ୟକ ସେବା

ଭୁବନେଶ୍ୱର, ୧୧।୭(ସମିସ): ଆବାସିକ ଆପାର୍ଟମେଣ୍ଟର ଘର ମାଲିକ ରକ୍ଷଣାବେକ୍ଷଣ ଦେୟ ପୈଠରେ ବିଳମ୍ବ କଲେ କିମ୍ବା ଫି ନ ଦେଲେ ବିଚ୍ଛିନ୍ନ ହେବ ଘରର ଅତ୍ୟାବଶ୍ୟକ ସେବା ବନ୍ଦ କରିବ। ଯଦି ମେଣ୍ଟେନାନ୍ସ ଫି ଘରମାଲିକ ଲଗାତାର ପୈଠ ନ କରନ୍ତି ତେବେ ବିଜୁଳି ସଂଯୋଗ, ଜଳଯୋଗାଣ, ପରିମଳ ଆଦି ବିଭିନ୍ନ ଅତ୍ୟାବଶ୍ୟକ ସେବାରୁ ସମ୍ପୃକ୍ତ ଫ୍ଲାଟ ମାଲିକଙ୍କୁ ବଞ୍ଚିତ ହେବେ। ହାଉସିଂ ସୋସାଇଟି ଏନେଇ ପଦକ୍ଷେପ ଗ୍ରହଣ କରିପାରିବେ। କିଛି ଫ୍ଲାଟ୍ ମାଲିକ ଇଚ୍ଛାକୃତ ଭାବେ ମାସିକ ରକ୍ଷଣାବେକ୍ଷଣ ଦେୟ ପ୍ରଦାନ କରୁ ନ ଥିଲେ। ଏନେଇ ହାଉସିଂ ସୋସାଇଟି ଆସୋସିଏସନ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ- ବିଡିଏରେ ଅଭିଯୋଗ କରିଥିଲେ। ଅଭିଯୋଗର ଶୁଣାଣି କରି ଆସୋସିଏସନ ସପକ୍ଷରେ ବିଡିଏ ରାୟ ଦେଇଛନ୍ତି। ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନର ଧାରା ୧୯-୧ ଅନୁଯାୟୀ ଏହି ନିର୍ଦ୍ଦେଶ ଦେଇଛନ୍ତି ବିଡିଏ। ବକେୟା ଦେୟ ପ୍ରଦାନ ପାଇଁ ପ୍ରଥମେ ଆସୋସିଏସନର ସାଧାରଣ ପରିଷଦ ନୋଟିସ ଜାରି କରିବେ। ନୋଟିସ ପରେ ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଦେୟ ପୈଠ ନହେଲେ ଏନେଇ ଆସୋସିଏସନରେ ଆଲୋଚନା ହେବ। ଏହା ପରେ ଅତ୍ୟାବଶ୍ୟକ ସେବା ବିଚ୍ଛିନ୍ନ କରିବାକୁ ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ ହେବ।

କାର୍ଯ୍ୟାନୁଷ୍ଠାନ ପାଇଁ କୁଳପତିଙ୍କୁ ଫେରାଦ୍ ହେଲା ବିସିଜେଡି

## 'ଉତ୍କଳ' ଶୈକ୍ଷିକ ବାତାବରଣ ନଷ୍ଟ କରୁଛି ଏବିଭିପି

ଭୁବନେଶ୍ୱର, ୧୧।୭(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଶୈକ୍ଷିକ ପରିବେଶକୁ ନଷ୍ଟ କରୁଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)। ଅଣଛାତ୍ର ଓ ଗୁଣ୍ଡାଙ୍କୁ ନେଇ କ୍ୟାମ୍ପସ୍‌ରେ ଶୋଭାଯାତ୍ରା କରି ଛାତ୍ରଛାତ୍ରୀଙ୍କୁ ଭୟଭୀତ କରୁଛି। ସାମ୍ଭାବ୍ୟ ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ପତିଆରା ପ୍ରଦର୍ଶନ ପାଇଁ ପ୍ରୟାସ କରୁଥିବା ଅଭିଯୋଗ କରି ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ କୁଳପତିଙ୍କୁ ଫେରାଦ ହୋଇଛନ୍ତି।



ଶୁକ୍ରବାର ବିସିଜେଡି ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଏବିଭିପିର ଛାତ୍ରନେତା ବିଶ୍ୱଜିତ ପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ଅଣଛାତ୍ରଙ୍କୁ ହଟାଇବାକୁ ଅନଶନରେ ବସିଥିଲେ। ଅଣଛାତ୍ରମାନେ ଶୈକ୍ଷିକ ବାତାବରଣ ନଷ୍ଟ କରୁଥିବାର ଅଭିଯୋଗ ଆଣିଥିଲେ। ହେଲେ ଏବିଭିପି ପ୍ରତିଷ୍ଠା ଦିବସରେ ବହୁ ଅଣଛାତ୍ରଙ୍କୁ ନେଇ କ୍ୟାମ୍ପସ୍‌ରେ ବାଇକ୍ ଶୋଭାଯାତ୍ରା କରିଥିଲେ। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଏହାର ଛାତ୍ର ସଂଗଠନ ଅଧିକ ଉତ୍ସାହିତ ହୋଇଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ପତିଆରା ପ୍ରଦର୍ଶନ କରିବାକୁ ପ୍ରୟାସ ହେଉଛି। ଏହାକୁ ବିସିଜେଡି ତୀବ୍ର ନିନ୍ଦା କରିଛି। ଶ୍ରୀ ପାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଛାତ୍ର ପ୍ରିୟରଞ୍ଜନ ନାୟକ, ସମ୍ବିତ କୁମାର ସାହୁ, ଜଗନ୍ନାଥ ସ୍ୱାମୀ, ପ୍ରଭଞ୍ଜନ ଜେନା, ପ୍ରଦୀପ ମଲ୍ଲିକ, ସମ୍ବିତ କୁମାର ସେଠୀ, ସୌମ୍ୟପ୍ରକାଶ ରାଉତ ପ୍ରମୁଖ କୁଳପତିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଭୁଲ୍‌ରେ ଜରୁରିକାଳୀନ ବଟନରେ ହାତବାଜିଗଲା ବୋଲି

## ଯାତ୍ରୀଙ୍କୁ ମୁଥମାରି ଠେଲିଦେଲେ 'ଆମ ବସ୍' କର୍ମଚାରୀ

ଭୁବନେଶ୍ୱର, ୧୧।୭(ସମିସ)

ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଘଟାଇ ଜଣଙ୍କ ପରେ ଜଣଙ୍କ ମୁଣ୍ଡ ନେଉଥିବା ଆମ ବସ୍ ଏବେ ଆଉ ଏକ ଦୁର୍ନାମ ମୁଣ୍ଡାଇଛି। କ୍ରୁଟ୍ ଦ୍ୱାରା ପରିଚାଳିତ ମୋ ବସ୍‌ର କର୍ମଚାରୀ ଏବେ ଗୁଣ୍ଡାଗର୍ଦ୍ଦିକୁ ଓହ୍ଲାଇଛନ୍ତି। ଯାତ୍ରୀଙ୍କୁ କର୍ମଚାରୀମାନେ ଏବେ ବସ୍ ଭିତରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏମିତି କି ଯାତ୍ରୀଙ୍କୁ ଗାଡିରୁ ଧକ୍କା ଦେଇ ବାହାରୁକୁ ଠେଲି ଦେଇଛନ୍ତି। ସଙ୍ଘବଦ୍ଧ ଭାବେ ନିସ୍ତୁକ ମାଡ଼ ମାରିବା ସହ ସର୍ବସମ୍ମୁଖରେ ଯାତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଭଳି କର୍ମଚାରୀଙ୍କ ନାଁରେ ସାଘାତିକ ଅଭିଯୋଗ ଆସିଛି। କ୍ରୁଟ୍ ଦ୍ୱାରା ନିଯୁକ୍ତି ପାଇଥିବା ଆମ ବସ୍ କର୍ମଚାରୀମାନଙ୍କ ଏଭଳି ବ୍ୟବହାରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେବଳ ସମ୍ପୃକ୍ତ କର୍ମଚାରୀ ନୁହେଁ ବରଂ ଏହାକୁ ଚଳାଉଥିବା ଠିକା ସଂସ୍ଥା ବିରୋଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି କରାଯାଉଛି।



ଆମ ବସ୍ ନମ୍ବର ଓଡ଼ି-୩୩ୟୁ-୯୩୧୮ ଭୁବନେଶ୍ୱରରୁ କଟକ ଆଡ଼କୁ ଯାଉଥିଲା। ୧୦.୧୬ ମିନିଟରେ ପାହାଳ ଛକ ନିକଟରେ ବସ୍ ଚାଳିଲା ବ୍ରେକ୍ ଦେଇଥିଲା। ଯାତ୍ରୀଙ୍କ ଛିଡା ହୋଇଥିବାରୁ ତାଙ୍କ ସନ୍ତୁଳନ ହାରାଇ କିଛି ଉପାୟ ନ ପାଇ ନିକଟରେ ଥିବା ଲୁହା ବାର୍‌କୁ ମାଡି ବସିଥିଲେ। ଏହି ବାର୍‌ରେ ଲାଗି ଥିବା ଜରୁରିକାଳୀନ ବଟମ୍‌ରେ ତାଙ୍କର ହାତ ବାଜିଯାଇଥିଲା। ଫଳରେ ବସ୍ ଅଟକି ଯାଇଥିଲା। ଏହି ଘଟଣାକୁ ନେଇ ତୁରନ୍ତ ଉଗ୍ର ହୋଇଉଠିଲେ ଆମ ବସ୍ କର୍ମଚାରୀ। ସେ କ'ଣ ପାଇଁ ଜରୁରିକାଳୀନ ବଟମ୍ ଦବାଇଛନ୍ତି। ଏହାପଛରେ କାରଣ କ'ଣ କିଛି ବି ବୁଝିଲେ ନାହିଁ। ସିଧାସଳଖ ଦୁଇ କର୍ମଚାରୀ ସଙ୍ଘବଦ୍ଧ ଭାବରେ ଆସି ଆକ୍ରମଣ ଆରମ୍ଭ କରିଦେଲେ। ଅନ୍ୟ ଯାତ୍ରୀଙ୍କ ଉପସ୍ଥିତରେ ବସ୍ ଭିତରେ ସମ୍ପୃକ୍ତ ଯାତ୍ରୀଙ୍କୁ ଆକ୍ରମଣ କଲେ। ତାଙ୍କ ମୁହଁକୁ ମୁଥ ମାରି ମାରି ବସ୍‌ରୁ ଠେଲି ଦେଲେ। ବାହାରେ ନିସ୍ତୁକ ମାଡ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ଆରମ୍ଭ ହୋଇଗଲା। ସେ ଯେତେ ନେହୁରା ହେଲେ ବି ତାଙ୍କ କଥା କେହି ଶୁଣି ନ ଥିଲେ। କିଛି ଯାତ୍ରୀ ଏହାକୁ ବିରୋଧ କରିଥିଲେ ମଧ୍ୟ ଆମ ବସ୍ କର୍ମଚାରୀ କିଛି ଶୁଣୁ ନ ଥିଲେ।

ଏହି ଘଟଣା ସମ୍ପୂର୍ଣ୍ଣ ଏକ ଭିଡିଓ ସୋସିଆଲ ମାଡିଆରେ ଭାଇରାଲ ହେବାରେ ଲାଗିଛି। ସାମାନ୍ୟ ଜରୁରିକାଳୀନ ବଟମ୍ ଦବାଇବାରୁ ଏଭଳି ଭାବେ ଆକ୍ରମଣକୁ ନିନ୍ଦା କରାଯାଉଛି। ଏସମ୍ପର୍କରେ ଉପେନ୍ଦ୍ର ପ୍ରଧାନ ନାମକ ଜଣେ ଏକ୍ସ ୟୁଜର୍ସ କହିଛନ୍ତି ଭୁବେଶ୍ୱରରେରେ ବର୍ତ୍ତମାନ ଆମ ବସ୍‌ର କର୍ମଚାରୀ ମାନଙ୍କ ଉତ୍ପାତ ବହୁତ୍। ଏମାନଙ୍କ ବ୍ୟବହାର ବହୁତ୍ ଖରାପ୍। ଏମାନଙ୍କୁ ଶାସ୍ତି ମିଳିବା ନିହାତି ଜରୁରୀ।

### ବସ୍‌ରୁ ଠେଲି ସଂଘବଦ୍ଧ ଆକ୍ରମଣ

ମିଳିଥିବା ସୂଚନା ମୁତାବକ ଆକ୍ରମଣକାରୀ ଡ୍ରାଇଭର ଜଣଙ୍କ ହେଲେ ଗୋବିନ୍ଦ ବେହେରା। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଗୋବିନ୍ଦଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। କ୍ରୁଟ୍ ପକ୍ଷରୁ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କ୍ରୁଟ୍‌ର ଜଣେ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି।

## କାର୍ ଧକ୍କାରେ ଜଣେ ମୃତ



ଧଉଳି, ୧୧।୭(ସମିସ): ଧଉଳି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ବେହେରା ସାହି ନିକଟସ୍ଥ ଦୁର୍ଗାମଣ୍ଡପ ସମ୍ମୁଖରେ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ଆନନ୍ଦପୁର ଫକୀରପୁର ଗ୍ରାମର ରମେଶଚନ୍ଦ୍ର ନାଥ (୪୧)। ମୃତ ରମେଶଙ୍କ ଶଶୁର ପୂର୍ଣ୍ଣଚନ୍ଦ୍ର ନାଥ ଙ୍କାଇଁଙ୍କ ଦୁର୍ଘଟଣାରେ ମୃତ୍ୟୁ କରିଥିବା ନେଇ ଧଉଳି ଥାନା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି।

ଖବର ନେବାରୁ ଜଣାପଡ଼ିଛି ଯେ, ରମେଶ ରାସ୍ତା ପାର ହେଉଥିବା ବେଳେ ଏକ କାର୍ ଧକ୍କା ଦେଇ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପିଛାକରି କାବୁ କରି ପିପିଲି ଥାନାରେ ଜିମା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ଆସିବା ବିଳମ୍ବ ଯୋଗୁଁ ସ୍ଥାନୀୟଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିଥିଲେ। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ପୁଲିସ୍ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଶବକୁ ମୃତକଙ୍କ ପରିବାର ଲୋକକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ମଞ୍ଚରେ 'ବାଞ୍ଛାର ବଗିଚା'

ଭୁବନେଶ୍ୱର, ୧୧।୭(ସମିସ): ବାଞ୍ଛା ନିଜ ରକ୍ତକୁ ପାଣି କରି ଫୁଲଫଳ ଭରା ସୁନ୍ଦର ବଗିଚାଟିଏ ତିଆରି କରିଥିଲା। ଅଞ୍ଚଳରେ ବହୁତ ଚର୍ଚ୍ଚିତ ତଥା ପ୍ରଶଂସିତ ଏହି ବଗିଚା ଉପର ଜମିଦାର ଛକଡ଼ି ମହାନ୍ତିର ଲୋଲୁପ ଦୃଷ୍ଟି ଥାଏ। ବହୁ ଚେଷ୍ଟା ସତ୍ତ୍ୱେ ବଗିଚାକୁ ହାତେଇବାରେ ଅସଫଳ ହୋଇ ଶେଷରେ ତାଙ୍କର ମୃତ୍ୟୁ ହୋଇଯାଏ। ତଥାପି ମୃତ୍ୟୁ ପରେ ତା'ର ଅତୃପ୍ତ ଆତ୍ମା ସେଇ ବଗିଚାରେ ରହି ବିଳାପ କରେ। ଛକଡ଼ି ମହାନ୍ତିର ମୃତ୍ୟୁ ପରେ ବାବାଙ୍କର ଇଚ୍ଛାକୁ ପୂରଣ କରିବାକୁ ଲାଗିପଡ଼େ ଜମିଦାର ପୁଅ ନକଡ଼ି ମହାନ୍ତି। କୁଚକ୍ରୀ ମୋହରିର ସହିତ ମିଶି ସେ ଏକ ଯୋଜନା ପ୍ରସ୍ତୁତ କରେ। ୯୫ ବର୍ଷର ବୃଦ୍ଧ ରୋଗଗ୍ରସ୍ତ ବାଞ୍ଛାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଏକ ଦୁର୍ବଳ ମୁହୂର୍ତ୍ତରେ ଏକ ଚୁକ୍ତିପତ୍ର କରିବାରେ ସଫଳ ହୁଅନ୍ତି ସେମାନେ। ଚୁକ୍ତି ଅନୁସାରେ ବାଞ୍ଛା ବଞ୍ଚିଥିବା ପର୍ଯ୍ୟନ୍ତ ମାସକୁ ୨୦୦ ଟଙ୍କା କରି ପାଇବ ଏବଂ ମୃତ୍ୟୁ ପରେ ବଗିଚାର ମାଲିକାନା ଜମିଦାର ନକଡ଼ି ମହାନ୍ତି ହାତକୁ ଚାଲିଯିବ। ଛକଡ଼ି ମହାନ୍ତିର ଆତ୍ମା ଏବଂ ନକଡ଼ି ମହାନ୍ତି ଆନନ୍ଦରେ ବାଞ୍ଛାର ମୃତ୍ୟୁକୁ ଅପେକ୍ଷା କରିଥାଆନ୍ତି। କିନ୍ତୁ ଘଟଣା ଘଟେ ବିପରୀତ ଏମିତି କିଛି କାହାଣୀକୁ ନେଇ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଶତାବ୍ଦୀର କଳାକର ପକ୍ଷରୁ ନାଟକ 'ବାଞ୍ଛାର ବଗିଚା' ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଆଇଏସ୍ ସୁଦର୍ଶନ ନାୟକ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସମ୍ପାଦକ ଡ଼. ବିଜୟାନନ୍ଦ ସିଂ, ଏବଂ ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ ଶତପଥୀ ଯୋଗଦେଇଥିଲେ। ଏହି ନାଟକର ରଚନା ମନୋଜ ମିତ୍ର କରିଥିବା ବେଳେ ବୃନ୍ଦାବନ ବାରିକ ନିର୍ଦ୍ଦେଶନା ଦେଇଥିଲେ। ଏହିପରି ନାଟକର ଅନୁବାଦ ଧିର ମଲ୍ଲିକ୍ କରିଥିବା ବେଳେ ସଙ୍ଗୀତରେ ପ୍ରତାପ ରହିଥିଲେ। ବୃନ୍ଦାବନ, ଧିର, ସନ୍ତୋଷ, ଭାରତ, ନରେନ୍ଦ୍ର, ସୌମ୍ୟ ପ୍ରମୁଖ ଅଭିନୟ କରିଥିଲେ।



# ସିସିଟିଏନ୍‌ଏସ୍‌ରେ ସମସ୍ୟା; କମୁଛି ଇ-ଏଫ୍‌ଆଇଆର

ଭୁବନେଶ୍ୱର, ୧୧।୭(ସମିସ)

■ ବର୍ଷକୁ ଗୋଟିଏ ଥାନାକୁ ଆସୁଛି ମାତ୍ର ୧୦ ଅଭିଯୋଗ
■ ଅନ୍‌ଲାଇନ୍ ସମ୍ପର୍କରେ ସଚେତନ ନାହାନ୍ତି ଲୋକେ

ଥାନାକୁ ଆସୁନି ଇ-ଏଫ୍‌ଆଇଆର। ସିସିଟିଏନ୍‌ଏସ୍‌ରେ ସମସ୍ୟା ଦେଖା ଦେଉଥିବାରୁ ଇ-ଏଫ୍‌ଆଇଆର କମୁଥିବା କୁହାଯାଇଛି। ଗୋଟିଏ ଥାନାକୁ ବର୍ଷକୁ ୭ରୁ ୧୦ଟି ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଥିବାରୁ ଇ-ଏଫ୍‌ଆଇଆର ସମ୍ପର୍କରେ ଜାଣି ପାରୁନାହାନ୍ତି। ଯେଉଁଥି ପାଇଁ ଇ-ଏଫ୍‌ଆଇଆର'ରେ ଅଭିଯୋଗ ସଂଖ୍ୟା କମୁଛି। ଗତ ୨ବର୍ଷରେ ୧୦୦ ଟପିନି ଇ-ଏଫ୍‌ଆଇଆର ସଂଖ୍ୟା। ଯାହାକୁ ଅନ୍ୟ ଜିଲ୍ଲା ଅପେକ୍ଷା କମିଶନରେଟ୍ ପୁଲିସରେ ଖୁବ୍ କମ୍। ରାଜଧାନୀରେ ଏଭଳି ଅବସ୍ଥା ସଂଖ୍ୟା ଦେଖିବା ପରେ ଗ୍ରାମାଞ୍ଚଳ ପୁଲିସ ଜିଲ୍ଲାରେ ଇ-ଏଫ୍‌ଆଇଆର ହେଉନଥିବା ଏଥିରୁ ଅନୁମାନ କହି ହେଉଛି। ଲୋକଙ୍କ ଏହି ସୁବିଧା ପ୍ରତି ଆଗ୍ରହ କମିବାର ମୁଖ୍ୟ କାରଣ ହେଲା ସିଟିଜେନ୍ ପୋର୍ଟାଲ ମଧ୍ୟ ସଠିକ୍ ଭାବେ କାମ କରୁଛି। ଅନେକ ସମୟରେ ଲୋକେ ମୋବାଇଲ୍‌ରେ ଖୋଲିଲେ ତାହା ହ୍ୟାଙ୍ଗ ହୋଇଯାଉଛି। ଯଦି ବହୁ କଷ୍ଟରେ ଖୋଲାଯାଉଛି ତେବେ ତଥ୍ୟ ଅପ୍‌ଲୋଡ୍ ହେଉନି। ଯଦି କେହି ଇ-ଏଫ୍‌ଆଇଆର କରୁଛି ସ୍ଥାନୀୟ ଥାନା ପୁଲିସ ତାଙ୍କୁ ଥାନାକୁ ଯିବାକୁ କହୁଛନ୍ତି। ଅଭିଯୋଗକାରୀଙ୍କୁ ନ ଦେଖିଲେ କିଭଳି ମାମଲା କରିବା ବୋଲି ପାଲଟା ଉତ୍ତର କହୁଛନ୍ତି। ଏହି ଇ-ଏଫ୍‌ଆଇଆର ଯୋଗୁଁ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ ରହୁଥିବାରୁ ଲୋକେ ଏହାକୁ ପ୍ରତ୍ୟାକ୍ଷାନ କରୁଛନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ବ୍ୟବସ୍ଥା କରାଯାଇଥିଲା ତାହା ଏବେ ସଫଳ ହେଉନି।

### ଜିରୋ ଏଫ୍‌ଆଇଆର'କୁ ପାଳନ କରୁନି ପୁଲିସ

ବିଏନ୍‌ଏସ୍ ଆସିବା ପରେ ଜିରୋ ଏଫ୍‌ଆଇ ଲାଗୁ କରାଗଲା। ଜଣେ ବ୍ୟକ୍ତି ଯେ କୌଣସି ଥାନାରେ ଅଭିଯୋଗ କରିପାରିବେ। ସେହି ଥାନାରେ ମାମଲା ରୁଜୁ କରାଯାଇ ଅନ୍ୟ ଥାନାକୁ ଏତଲା କପି ପଠାଇ ଦିଆଯିବ। କିନ୍ତୁ ଲୋକ ଅନ୍ୟ ଥାନାରେ ଅଭିଯୋଗ କଲେ ଗ୍ରହଣ କରୁନାହାନ୍ତି। ବରଂ ଅନ୍ୟ ଥାନାକୁ ଯାଇ ଅଭିଯୋଗ କରିବାକୁ କହୁଛନ୍ତି।




### ଇ-ଏଫ୍‌ଆଇଆର ବ୍ୟବସ୍ଥା କ'ଣ

ଇ-ଏଫ୍‌ଆଇଆର ହେଉଛି ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ଅଭିଯୋଗ କରିବା। ଯେକୌଣସି ସର୍ବସାଧାରଣ ସ୍ଥାନରେ ହେଉଥିବା ଚୋରି ଇ-ଏଫ୍‌ଆଇଆର ମାଧ୍ୟମରେ ଅଭିଯୋଗ କରିହେବ। ବହୁ ସମୟରେ ସର୍ବସାଧାରଣ ସ୍ଥାନରେ ଚୋରି ହେଲେ କେଉଁ ଥାନା ଅଞ୍ଚଳରେ ତାହା ସହଜରେ ଜାଣି ହେଉନାହିଁ। ଅନେକ ସମୟରେ ବସ୍‌ରୁ ଓହ୍ଲାଇବା ସମୟରେ ଚୋରି ହୋଇଯାଉଛି। ତେଣୁ ଯାତ୍ରୀ ଅଭିଯୋଗ କରିବା ପାଇଁ କେଉଁ ଥାନାକୁ ଯିବେ ତାହା ଜାଣି ପାରୁନାହାନ୍ତି। ଏଭଳି ସମସ୍ୟା ନହେବା ପାଇଁ ଇ-ଏଫ୍‌ଆଇଆର ବ୍ୟବସ୍ଥା କରାଯାଇଛି।

ଆହୁରି ମଧ୍ୟ ଲୋକେ ନିଜ ଆଣ୍ଡ୍ରୋଏଡ ମୋବାଇଲ୍ କିମ୍ବା କମ୍ପ୍ୟୁଟରକୁ ଯାଇ ସିଟିଜେନ୍ ପୋର୍ଟାଲ ଖୋଲିବେ। ସେଥିରେ ଓଡ଼ିଶା ପୁଲିସ ଲେଖା ଆସିବ। ସେଥିରେ ଇ-ଏଫ୍‌ଆଇଆର'ର ଅପ୍‌ସନ୍ ରହିଛି। ସେଥିରେ ଅଭିଯୋଗକାରୀ ନିଜର ନାମ, ମୋବାଇଲ୍ ନମ୍ବର ଏବଂ ପରିଚୟପତ୍ର ଦେଇ ରେଜିଷ୍ଟ୍ରେସନ କରିବେ। ରେଜିଷ୍ଟ୍ରେସନ କରିବା ପରେ ଏଥିରେ ଅଭିଯୋଗକାରୀ ଅଭିଯୋଗ ଦାଖଲ କରିପାରିବେ। ଆହୁରି ମଧ୍ୟ ଓଡ଼ିଶା ୱାନ୍ ପୋର୍ଟାଲ ମାଧ୍ୟମରେ ମଧ୍ୟ ଅଭିଯୋଗ କରିପାରିବେ। ଆହୁରି ମଧ୍ୟ ଓଡ଼ିଶା ପୁଲିସର ସହାୟତା ଆପ୍ ରହିଛି। ଏହି ଆପ୍ ମାଧ୍ୟମରେ ମଧ୍ୟ ଅନେକ ସୁବିଧା ରହିଛି। ଏଥିରେ ମଧ୍ୟ ଇ-ଏଫ୍‌ଆଇଆର କରିହେବ।

### ଅଭିଯୋଗକାରୀ ଏତଲା କପି ଡାଉନ୍‌ଲୋଡ୍ କରିବାରେ ସମସ୍ୟା

ଅନେକ ସମୟରେ ଅଭିଯୋଗକାରୀ ତାଙ୍କର ଏତଲା କପି ଆଣିବା ପାଇଁ ଥାନାକୁ ଦୌଡୁଥିଲେ। କିନ୍ତୁ ଥାନାରେ ରାଇଟର ଏବଂ ତଦନ୍ତ ଅଧିକାରୀ ନ ଥିଲେ କପି ମିଳୁ ନ ଥାଏ। କିନ୍ତୁ ଜଣେ ବ୍ୟକ୍ତି ଏହି ସିସିଟିଏନ୍‌ଏସ୍ ପୋର୍ଟାଲ ଖୋଲି ସେଥିରୁ ନିଜର ଏତଲା କପି ଡାଉନ୍‌ଲୋଡ୍ କରିପାରିବେ। ସିସିଟିଏନ୍‌ଏସ୍ ପୋର୍ଟାଲ ଖୋଲିବା ପରେ ଡାଉନ୍‌ଲୋଡ୍ ଥିବାନେଇ ଏକ ଅପ୍‌ସନ୍ ଆସିବ। ଏହାକୁ କ୍ଲିକ୍ କରି ନିଜର ସମସ୍ତ ତଥ୍ୟ ପୂରଣ କରି ପଞ୍ଜୀକରଣ କରିବାକୁ ପଡ଼ିବ। ପରେ ଦିଆଯାଇଥିବା ମୋବାଇଲ୍ ନମ୍ବରକୁ ଏକ ଓଟିପି ଯିବ। ଏହି ଓଟିପି ଦେଇ ଅଭିଯୋଗକାରୀ ନିଜର ଏତଲା କପି ପାଇପାରିବେ। କିନ୍ତୁ ସଠିକ୍ ଭାବେ ଅପ୍‌ଡେଟ୍ ହେଉନଥିବାରୁ ଏହାକୁ ଡାଉନ୍‌ଲୋଡ୍ କରି ହେଉଛି।

# ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗ; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧୧।୭ (ସମିସ):** ଜଣେ ୧୬ବର୍ଷିୟ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗରେ ଜରଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଜରଡା ଥାନା ଅଞ୍ଚଳର ରମେଶ କାର୍ଜି(୨୧)। ଅଭିଯୁକ୍ତ ରମେଶ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା ସହ ପୀଡ଼ିତାଙ୍କ ବୟାନ ରେକର୍ଡ ମଧ କରିଛି ପୁଲିସ। ଅଭିଯୁକ୍ତ ରମେଶକୁ ଗିରଫ କରିବା ସହ ଶୁକ୍ରବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି।

ସୂଚନାଯୋଗ୍ୟ ଯେ, ଗତ ଜୁନ ୨୫ତାରିଖରେ ଜରଡା ଥାନା ଅଞ୍ଚଳର ଜଣେ ୧୬ବର୍ଷୀୟ ନାବାଳିକାକୁ ରମେଶ ଅପହରଣ କରି ଆନ୍ଧ୍ର ପଳାଇଥିଲା। କିଛିଦିନ ପୂର୍ବେ ଅଭିଯୁକ୍ତ ରମେଶ ସମ୍ପୃକ୍ତ ନାବାଳିକାକୁ ଧରି ନିଜ ଗାଁ ଜରଡାକୁ ଆସିଥିଲା। ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଅଭିଯୁକ୍ତଙ୍କ ଘରକୁ ଯାଇ ପଚରାଉଚରା କରିବାରୁ ଯୁବକଙ୍କ ପରିବାର ଲୋକେ ଆକ୍ରମଣ ଉଦ୍ୟମ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ଜଣାଇବା ପରେ ଗାଁରେ ଏକ ବୈଠକରେ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲା। କିନ୍ତୁ ସମାଧାନ ହୋଇନପାରିବାରୁ ନାବାଳିକାଙ୍କ ପରିବାର ଲୋକେ ଓ ଅଭିଯୁକ୍ତ ରମେଶଙ୍କ ପରିବାର ମୁହାଁମୁହିଁ ହୋଇଥିଲେ। ନାବାଳିକାଙ୍କ ଭାଇ ରମେଶକୁ ମାରପିଟ କରିବା ସହ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ଜରଡା ଥାନା ପୁଲିସ ଗୁରୁବାର ଉକ୍ତ ଗ୍ରାମରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଅଭିଯୁକ୍ତକୁ କାବୁ କରିଥିଲେ। ଶୁକ୍ରବାର ଅଭିଯୁକ୍ତ ରମେଶକୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଟୁନା ଶାସମଲ ସୂଚନା ଦେଇଛନ୍ତି। ତଦନ୍ତ ଅଧିକାରୀ ତଥା ଏସଆଇ ମିନାକ୍ଷୀ ଦଳବେହେରା ନାବାଳିକାଙ୍କୁ ପଚରାଉଚରା ବେଳେ ରମେଶ ତାଙ୍କୁ ଆନ୍ଧ୍ର ନେଇଯାଇଥିବାବେଳେ ବାରମ୍ବାର ଦୁଷ୍କର୍ମ କରିଥିବା କହିଥିଲେ।

# ବନ୍ଧୁଙ୍କୁ ସାହାଯ୍ୟ କରି ୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗ

**ବ୍ରହ୍ମପୁର,୧୧।୭ (ସମିସ):** ବନ୍ଧୁଙ୍କ ସାହାଯ୍ୟ କରି ଜଣେ ବ୍ୟବସାୟୀ ୧୮ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଠକେଇର ଶିକାର ହୋଇଥିବା ଯୁବକ ଜଣକ ହେଲେ ଗୋଷାଣିନୂଆଗାଁ ମାଣ୍ଡିଆପଦର ସାହିର ସୁନିଲ କୁମାର ପାଣିଗ୍ରାହୀ(୩୨)। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସୁନିଲ କୁମାର ସାହୁ ଓ ଗୋଷାଣିନୂଆଗାଁ ଗଣେଷ ନଗରର ସିଏଚ ରାଜେଶ କୁମାର ସୁବୁଦ୍ଧି ଦୁହେଁ ଭଲ ବନ୍ଧୁ। ରାଜେଶଙ୍କୁ ୧୮ ଲକ୍ଷ ଟଙ୍କାର ଜରୁରୀ ଆବଶ୍ୟକତା ଥିବା ଦର୍ଶାଇ ରାଜେଶ ନିଜ ବନ୍ଧୁ ସୁନିଲଙ୍କୁ ଟଙ୍କା ଧାର ମାଗିଥିଲେ। ଗତ ଫେବୃୟାରୀ ପ୍ରଥମ ସପ୍ତାହରେ ରାଜେଶଙ୍କୁ ସୁନୀଲ ୧୮ ଲକ୍ଷ ଟଙ୍କା କରଜ ଦେଇଥିଲେ। ଟଙ୍କା ନେବାବେଳେ ରାଜେଶ ଉକ୍ତ ଟଙ୍କା ବାବଦରେ ସୁନିଲଙ୍କୁ ଏକ ବ୍ୟାଙ୍କ ଚେକ ଦେବା ସହ ଜଲଦି ଟଙ୍କା ଫେରସ୍ତ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଉକ୍ତ ଟଙ୍କାକୁ ସେ ଆଉ ଫେରସ୍ତ କରିନଥିଲେ। ସେପଟେ ରାଜେଶ ଦେଇଥିବା ଚେକ୍‌କୁ ନେଇ ସୁନିଲ ବ୍ୟାଙ୍କରେ ଡିପୋଜିଟ କରିବାକୁ ଯାଇଥିବା ବେଳେ ଉକ୍ତ ଆକାଉଣ୍ଟରେ ଟଙ୍କା ନଥିବାରୁ ଚେକ୍‌ଟି ବାଉନ୍ସ ହୋଇଯାଇଥିଲା।

ବାରମ୍ବାର ଟଙ୍କା ମାଗିବା ସତ୍ତ୍ୱେ ରାଜେଶ ଟଙ୍କା ଫେରସ୍ତ ନଦେବାରୁ ସୁନିଲ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଶାଶୁଘରୁ ଟଙ୍କା ଓ ସୁନା ନେଇ ନବବିବାହିତା ଚମ୍ପଟ

**ବ୍ରହ୍ମପୁର,୧୧।୭ (ସମିସ):** ବିବାହର ମାତ୍ର ୫ଦିନ ପରେ ଶାଶୁଘରୁ ସୁନା ଅଳଙ୍କାର ଓ ନଗଦ ଲକ୍ଷାଧିକ ଟଙ୍କା ନେଇ ଚମ୍ପଟ ମାରିଛି ନବ ବିବାହିତା। ଏଭଳି ଏକ ଅଭିଯୋଗ ଆସିଛି ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଜ୍ୟୋତିନଗର ଅଞ୍ଚଳରୁ। ଥାନାରେ ଅଭିଯୋଗ ପରେ ଘଟଣା ପ୍ରଘଟ ହୋଇଛି। ଜ୍ୟୋତିନଗର ୨ୟ ଲାଇନ୍ ନିବାସୀ ପ୍ରମୋଦ କୁମାର ମହାନ୍ତିଙ୍କ ପୁଅ ମନୋଜଙ୍କର ଗତ ୪ ତାରିଖରେ କୋଦଳା ଥାନା ଅନ୍ତର୍ଗତ ମାଟିଗଡ଼ ଗ୍ରାମରେ ବିବାହ ହୋଇଥିଲା। ବିବାହ ପରଠାରୁ ମନୋଜ ପତ୍ନୀଙ୍କ ସହ ରହୁଥିଲେ ମଧ ଶାରିରୀକ ସମ୍ପର୍କ ରଖିବାକୁ ପତ୍ନୀ ଅନିଚ୍ଛା ପ୍ରକାଶ କରୁଥିଲେ ବୋଲି ମନୋଜ ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଗତ ୯ତାରିଖ ଦିନ ଘରେ କେହି ନଥିବାର ସୁଯୋଗ ନେଇ ଶାଶୁ ଘରଲୋକେ ଦେଇଥିବା ସୁନା ଅଳଙ୍କାର ସହ ନଗଦ ପ୍ରାୟ ଦେଢ଼ଲକ୍ଷ ଟଙ୍କା ନେଇ ବୋହୂ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଏପରିକି ସେ ନେଇଥିବା ସୁନା ଅଳଙ୍କାର ମାଗିଲେ ସ୍ୱାମୀ ମନୋଜଙ୍କ ନାଁରେ ମିଥ୍ୟାରେ ଯୌତୁକ ନିର୍ଯାତନା ନେଇ ଥାନାରେ ଅଭିଯୋଗ ଦେବେ ବୋଲି ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ପତ୍ନୀ କୋଦଳାରେ ଥିବା ଜାଣି ମନୋଜ ସେଠାକୁ ଯାଇଥିଲେ। ବହୁତ ବୁଝାସୁଝା ସତ୍ତ୍ୱେ ସେ ଫେରିବାକୁ ମନାକରିବାରୁ ମଙ୍ଗଳ ସୂତ୍ର, ପାଉଁଞ୍ଜି, ଗୋଡମୁଦି ଏବଂ ଲୁଗା ଭର୍ତି ଦୁଇଟି ବ୍ୟାଗ୍ ଇତ୍ୟାଦିକୁ ମନୋଜ ଛଡ଼ାଇ ଆଣିଥିଲେ। ମନୋଜ ଘଟଣାକୁ ନେଇ ଗୁରୁବାର ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଶୁକ୍ରବାର ବୈଦ୍ୟନାଥପୁର ଥାନା ପୁଲିସ ମନୋଜଙ୍କ ପତ୍ନୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡିଛି।

### ସୀମା ଟପିଲାଣି ଯନ୍ତ୍ରୀଙ୍କ ଦୁର୍ନୀତି

# ଭିଜିଲାନ୍ସ ତଦନ୍ତ ଦାବିକଲେ ଚାଷୀ ଓ ଜନପ୍ରତିନିଧି

- ନିମ୍ନମାନର କାର୍ଯ୍ୟ କରି ସରକାରୀ ଅର୍ଥ ହଡ଼ପ ଅଭିଯୋଗ
- ତଦନ୍ତ ଦାବିରେ ଭିଜିଲାନ୍ସ ଏସ୍‌ପିଙ୍କ ଦ୍ୱାରସ୍ଥ ଅଞ୍ଚଳବାସୀ




**ବ୍ରହ୍ମପୁର,୧୧।୭ (ସମିସ)**

ବିଜେପି କ୍ଷମତାକୁ ଆସିବାର ଇତି ମଧ୍ୟରେ ପୂର୍ତ୍ତି ହୋଇସାରିଛି ଏକ ବର୍ଷ। କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଦୂରେ ଥାଉ କ୍ଷମତାକୁ ଆସିବା ପେର ଯେଉଁଭଳି ଭାବେ ବାହାସ୍ଫୋଟ ମାରୁଥିଲେ ସେଭଳି କିଛି ପରିଲକ୍ଷିତ ହେଲାନାହିଁ। ଦିନ ପରେ ଦିନ ଗଡି ଚାଲିବା ସହିତ ଚୌକି ତଳେ ଫାଇଲ ପକାଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହୁଛନ୍ତି ଅଧିକାରୀ। ବିଲ୍ ଉପରେ ବିଲ୍ ହେଉଥିବା ବେଳେ କାମ କିନ୍ତୁ ଶୂନ। ମାଲମାଲ ଫଳକ ସାଙ୍ଗକୁ ଢେଣ୍ଡୁରା ପିଟିବାରେ ସବୁଠି ବ୍ୟସ୍ତ ନେତାଙ୍କ ଠାରୁ ମନ୍ତ୍ରୀ ଆଉ ପ୍ରଶାସନିକ ଅଧିକାରୀ। ଯାହା ଫଳରେ ଲୋକଙ୍କ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ଦ୍ୱିଗୁଣିତ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବୋଲସର, ବାଲ୍ୟାସରା, ଓ ସୁନାରିଝୋଳା ପଞ୍ଚାୟତର ଚାଷୀଙ୍କ ଦୁଃଖ ବଢିଯାଇଛି। ଧନେଇ ନଦୀ ଗର୍ଭରେ ସଦାବର୍ତ୍ତ ନୂଆଗାଁ ଓ ବାଲ୍ୟାସରା ମଧ୍ୟରେ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନାରେ ଦୀର୍ଘ ଦୁଇବର୍ଷ ଧରି ନିର୍ମାଣ ଚାଲିଥିବା ଚେକ୍‌ଡ୍ୟାମଟି ସମ୍ପୂର୍ଣ୍ଣ ହୋଇପାରୁନାହିଁ। ତେବେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଏତେ ନିମ୍ନମାନର ହୋଇଥିଲା ଯେ ନିକଟରେ ହୋଇଥିବା ସାମାନ୍ୟତମ ବର୍ଷାରେ ଡ୍ୟାମଟିର କିଛିଅଂଶ ଧୋଇ ହୋଇଯାଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ଚାଷୀ ଓ ଜନପ୍ରତିନିଧିମାନେ କବିସୂର୍ଯ୍ୟନଗର 'କ୍ଷୁଦ୍ର ଜଳସେଚନ ବିଭାଗ-୨'ର ଯନ୍ତ୍ରୀ ମନୋଜ ଚୌଧୁରୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ଦୀର୍ଘ ୧୪ବର୍ଷ ଧରି ଗୋଟିଏ ସ୍ଥାନରେ ରହି ଦୁର୍ନୀତିକୁ ଚରମ ସୀମାରେ ପହଁଞ୍ଚାଇ ବିଭାଗର ବିଭିନ୍ନ ପ୍ରକଳ୍ପକୁ ନିମ୍ନମାନରେ କରି କୋଟି କୋଟି ଟଙ୍କା ହରିଲୁଟ କରୁଥିବା ଅଭିଯୋଗ ହୋଇଛି। ଦୁର୍ନୀତି ଜରିଆରେ ସରକାରୀ ଅର୍ଥର ବାଟମାରଣା ଓ ଲୋକଙ୍କ ସମସ୍ୟାର ସମାଧାନରେ ବାଧା ସୃଷ୍ଟି କରୁଥିବାରୁ ଯନ୍ତ୍ରୀ ମନୋଜ ଚୌଧୁରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ଚାଷୀକୁଳ ବ୍ରହ୍ମପୁର ଦୁର୍ନୀତି ନିବାରଣ ଅଧିକ୍ଷକ ପ୍ରଦୀପ କୁମାର ପ୍ରଧାନଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଯନ୍ତ୍ରୀ ମନୋଜଙ୍କ ବିରୁଦ୍ଧରେ ଦୁର୍ନିତି ନିବାରଣ ବିଭାଗ ପକ୍ଷରୁ ଆବଶ୍ୟକ ତଦନ୍ତ କରାଯିବାକୁ ସେମାନେ ନିବେଦନ କରିଛନ୍ତି।

### ● ନବନିର୍ବାଚିତ ଗଞ୍ଜାମ ଓକିଲ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

# ନୂତନ ଜୁଡିସିଆଲ୍ କମ୍ପ୍ଲେକ୍ସ ଶିଳାନ୍ୟାସରେ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ନିଷ୍ପତ୍ତି




- ସୁପ୍ରିମକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମଧ କରାଯିବ ଅନୁରୋଧ
- ବାଲେଶ୍ୱରର ବରିଷ୍ଠ ଆଇନଜୀବୀଙ୍କ ଉପରେ ହୋଇଥିବା ମକଦ୍ଦମାକୁ ନିନ୍ଦା

**ବ୍ରହ୍ମପୁର,୧୧।୭ (ସମିସ)**

ସ୍ଥାନୀୟ କମ୍ପାପଲ୍ଲୀ ସ୍ଥିତ ପୂର୍ତ୍ତବିଭାଗ ଡାକ ବଙ୍ଗଳାରେ ନବନିର୍ବାଚିତ ଗଞ୍ଜାମ ଓକିଲ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଏ. ଭେଙ୍କେଟ ରାଓ, ଉପ ସଭାପତି ତିରୁମୁଲା କୁମାର ରେଡ୍ଡୀ ଓ ସହ ସମ୍ପାଦକ ଅସିତ କୁମାର ସାବତ ମଞ୍ଚାସୀନ ଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘକୁ ମନୋନିତ ହୋଇଥିବା ସମସ୍ତ ୭ଜଣ କାର୍ଯ୍ୟକାରିଣୀ ସଦସ୍ୟ ଯଥା ଅଭୟ କୁମାର ପଣ୍ଡା, ରମେଶ ଚନ୍ଦ୍ର ନାହାକ, ଗୌରାଙ୍ଗ ଚୌଧୁରୀ, ଦୁର୍ଗା ପାଢୀ, ଲଳିତ ମଙ୍ଗରାଜ, ଅମରେଶ ଚୌଧୁରୀ ଓ ସଂଘମିତ୍ରା ପଣ୍ଡାଙ୍କ ସମେତ ୭ଜଣ ଉପଦେଷ୍ଟାମଣ୍ଡଳୀ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ନାରାୟଣ ପଣ୍ଡା, ଏସ.ରାମକୁମାର, ଶ୍ରୀନିବାସ ଦାସ, କୈଳାସ ପାଣିଗ୍ରାହୀ, କିଶୋର ପଟ୍ଟନାୟକ, ରମେଶ ପ୍ରଧାନ ଓ ବି.ଭି.ଏଲ.ମୂର୍ତ୍ତି ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ହାଇକୋର୍ଟ ବେଞ୍ଚର ଭର୍ଚୁଆଲ ଶୁଣାଣି ବେଳେ ହେଉଥିବା ସମସ୍ୟା, ସଂଘର ଅସ୍ଥାୟୀ ଆଶ୍ରୟସ୍ଥଳୀ ଓ ଲାଇବ୍ରେରି ଜନିତ ସମସ୍ୟା, ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା, ଅଧିବକ୍ତାଙ୍କ ବୌଦ୍ଧିକ ଜ୍ଞାନର ବିକାଶ ପାଇଁ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ ଏବଂ ଦୀର୍ଘବର୍ଷ ଧରି ସଂଘର କୌଣସି ଉତ୍ସବ ଆୟୋଜନ ହୋଇନଥିବାରୁ ଚଳିତ ବର୍ଷ ଏକ ବର୍ଣ୍ଣାଢ୍ୟ ଉତ୍ସବର ଆୟୋଜନ ଆଦି ବିଭିନ୍ନ ପ୍ରସ୍ତାବ ରଖିଥିଲେ ସଭାପତି ମନୋଜ ପଟ୍ଟନାୟକ। ସେହିଭଳି ନିକଟରେ ବାଲେଶ୍ୱର କୋର୍ଟର ଜଣେ ବରିଷ୍ଠ ଆଇନଜୀବୀଙ୍କ ପ୍ରତି ହୋଇଥିବା ମୋକଦ୍ଦମା ଓ ଅମାନବୀୟ ଅତ୍ୟାଚାର ଘଟଣାକୁ ବୈଠକରେ ନିନ୍ଦା କରାଯାଇଥିଲା। ଜିଲ୍ଲା କୋର୍ଟ ପରିସରରେ ପ୍ରସ୍ତାବିତ ନୂତନ ଜୁଡିସିଆଲ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଓ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିମନ୍ତ୍ରଣ କରିବାକୁ ଆସିଥିବା ପ୍ରସ୍ତାବରେ ସର୍ବସମ୍ମତି କ୍ରମେ ମୋହର ଲାଗିଥିଲା। ଏଥିସହିତ ସଂଘର ବିକାଶ ସହିତ ସଦସ୍ୟ ଆଇନଜୀବୀମାନଙ୍କ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସହିତ କିଭଳି ଉନ୍ନତି କରାଯାଇପାରିବ ସେନେଇ ଆଗତ ବିଭିନ୍ନ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

### ବିଇଏମ୍‌ସିର ୧୬ତମ 'ଉନ୍ନୟନ ଯୋଜନା' ଓ 'କୋଠା ଅନୁମୋଦନ' କମିଟି ବୈଠକ

# ୫ଟି ପ୍ରକଳ୍ପକୁ ଅନୁମତି; ଏଣିକି କୋଠା ଅନୁମୋଦନ ପାଇଁ 'ସୋଲାର ପ୍ୟାନେଲ୍' ଜରୁରୀ

**ବ୍ରହ୍ମପୁର,୧୧।୭ (ସମିସ)**

ସହରରେ ଏଣିକି ନୂତନ କୋଠା ନିର୍ମାଣ ପାଇଁ ପ୍ଲାନ ଅନୁମୋଦନ ପାଇଁ ସୋଲାର ପାନେଲ ବାଧ୍ୟତାମୂଳକ। ଏନେଇ ନିଷ୍ପତ୍ତି ହୋଇଛି ଶୁକ୍ରବାର ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ଉତ୍ତରେଶ୍ୱର ମୌଜାରେ ୩ମହଲା ବିଶିଷ୍ଟ ଏକ ଶିକ୍ଷାନୁଷ୍ଠାନ, ଗୋରାଚନ୍ଦ୍ରପୁର ମୌଜାରେ ପ୍ରସ୍ତାବିତ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ, ଭାପୁର ମୌଜାରେ ପ୍ରାଣୀସମ୍ପଦ ବିଭାଗର ଭ୍ୟାକ୍ସିନ ପ୍ରସ୍ତୁତ ୟୁନିଟ ନିର୍ମାଣ ପାଇଁ

## ୧୮ ମାସ ପରେ କମିଶନର୍‌ଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ବିଇଏମସିର ୧୬ତମ ଉନ୍ନୟନ ପ୍ଲାନ ଓ ବିଲ୍ଡିଂ ପରମିଶନ କମିଟି ବୈଠକରେ। ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବ୍ରହ୍ମପୁର ତହସିଲଦାର, ଅଗ୍ନିଶମ ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ, ଜଙ୍ଗଲ ଓ ପରିବେଶ ବିଭାଗ ଅଧିକାରୀ, ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ, ଜଳସମ୍ପଦ ବିଭାଗ ଅଧିକାରୀ, ଭୂତଳ ଜଳ ବିଭାଗ ଅଧିକାରୀ, ଜାତୀୟ ରାଜପଥ ଓ ପୂର୍ତ୍ତବିଭାଗ ସମେତ ବିଦ୍ୟୁତବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ ଏହି ବୈଠକ ଦିର୍ଘ ୧୮ ମାସ ବା ଦେଢ ବର୍ଷ ଧରି ଅନୁଷ୍ଠିତ ହୋଇନଥିଲା। ଶୁକ୍ରବାର ଅନୁଷ୍ଠିତ ୩ମହଲା ବିଶିଷ୍ଟ କୋଠା ନିର୍ମାଣ, ଅଳକାପୁର ମୌଜାରେ ୧୫ମହଲା ବିଶିଷ୍ଟ ପ୍ରସ୍ତାବିତ ଆପାର୍ଟମେଣ୍ଟ ଏବଂ ଉତ୍ତରେଶ୍ୱର ମୌଜାରେ ପ୍ରସ୍ତାବିତ ୧୩ମହଲା ବିଶିଷ୍ଟ ଆବାସିକ ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଅନୁମୋଦନ ମିଳିଥିବା ଜଣାପଡିଛି। ପୂର୍ବରୁ ଯେକୌଣସି କୋଠା ନିର୍ମାଣ ପାଇଁ ଅନୁମୋଦନ ବେଳେ ବର୍ଷାଜଳ ଅମଳ ପ୍ରକଳ୍ପ ବାଧ୍ୟତାମୂଳକ ଥିବା ବେଳେ ବର୍ତ୍ତମାନ ସୋଲାର ପାନେଲ ବ୍ୟବସ୍ଥାକୁ ମଧ ବାଧ୍ୟତାମୂଳକ କରାଯାଇଥିବା ଜଣାପଡିଛି। ଅନ୍ୟାନ୍ୟ ସର୍ତ୍ତ ସହିତ ଏହି ସର୍ତ୍ତକୁ ପାଳନ କରିବାକୁ ସମ୍ପୃକ୍ତ ସଂସ୍ଥା ତଥା ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବ୍ୟବସାୟୀଙ୍କୁ ଆକ୍ରମଣ କରି ଲୁଟ୍ ମାମଲା; ୨ ଗିରଫ

**ବ୍ରହ୍ମପୁର,୧୧।୭ (ସମିସ)**





ଟଙ୍କା ନଦେବାରୁ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ସୁନା ଅଳଙ୍କାର ଲୁଟ୍ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ବାଲାଜୀପେଣ୍ଠ ସାହିର ସୁଶୀଲ ସେଠୀ (୨୫) ଓ ସିତୁନ ସାହୁ (୨୪)। ସୂଚନାଯୋଗ୍ୟ ଯେ, ଗେଟବଜାର ପ୍ରହଲ୍ଲାଦ ନଗର ନିବାସୀ ତଥା ବ୍ୟବସାୟୀ ଶୁକୁ ଗୌଡ଼(୪୫) ବଡବଜାର ରୋଡ଼ ନିକଟସ୍ଥ ଏକ ପାନ ଦୋକାନ ନିକଟରେ କିଛି କିଣୁଥିବା ବେଳେ ୩ଜଣ ଅଜଣା ବ୍ୟକ୍ତି ତାଙ୍କୁ ଟଙ୍କା ମାଗିଥିଲେ। ସେ ପ୍ରତିବାଦ କରିବାରୁ ସେମାନେ ମାଡ ମାରିବା ସହ ବିୟର ବୋତଲରେ ଆକ୍ରମଣ କରିଥିଲେ। ପରେ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ଶୁକୁ ପିନ୍ଧିଥିବା ସୁନା ଚେନ୍ ଓ ମୁଦି ଛଡ଼ାଇ ନେଇ ଯାଇଥିଲେ। ଘଟଣାକୁ ନେଇ ଶୁକୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ପୁଲିସ ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଶୁକ୍ରବାର ଉପରୋକ୍ତ ଦୁଇ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।

### କ୍ଷତିପୂରଣ ପ୍ରଦାନରେ ରାଜ୍ୟ ସରକାରଙ୍କ ପାତରଅନ୍ତର ନୀତିକୁ ନିନ୍ଦା

# ଡ୍ରେନ୍‌ରେ ପଡ଼ି ମୃତ ମହେନ୍ଦ୍ରଙ୍କ ପରିବାରକୁ ସହାୟତା ପାଇଁ ଓକିଲ ସଂଘର ଦାବି

**ବ୍ରହ୍ମପୁର,୧୧।୭ (ସମିସ)**



ବିଭିନ୍ନ କ୍ଷେତ୍ରରେ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଘୋଷଣା ଓ ପ୍ରଦାନରେ ରାଜ୍ୟ ସରକାରଙ୍କ ପାତରଅନ୍ତର ନୀତିକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଗତ ୧୦ତାରିଖରେ ପାତ୍ରପୁର ବ୍ଲକ ଠଣଗାଁ ନିକଟରେ ହୋଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପ ଓ ପୁଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ମାତ୍ର କିଛିଘଣ୍ଟା ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ପ୍ରତ୍ୟେକ ମୃତକଙ୍କ ପାଇଁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିଲେ। ଯାହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ତେବେ ନିକଟରେ ବ୍ରହ୍ମପୁର ସହରରେ ମୁକୁଳା ଡ୍ରେନ୍‌ରେ ଭାସିଯାଇ ମହେନ୍ଦ୍ର ପାଣିଗ୍ରାହୀ ନାମକ ଜନୈକ ଅଧ୍ୟାପକଙ୍କ ମୃତ୍ୟୁ ହୋଇଥିଲା। ଘଟଣାକୁ ୧୮ ଦିନ ବିତିଥିଲେ ମଧ ମୃତ ମହେନ୍ଦ୍ରଙ୍କ ପରିବାରକୁ ସରକାରୀ ଅନୁକମ୍ପା ରାଶି ମିଳିବା ଦୂରେ ଥାଉ ରେଡକ୍ରସ ଅଥବା ହରିଶ୍ଚନ୍ଦ୍ର ଯୋଜନାରେ ମଧ ଟଙ୍କାଟିଏ ମିଳିନାହିଁ। ଯାହାକୁ ନେଇ ଗଞ୍ଜାମ ଓକିଲ ସଂଘ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ କାହିଁକି ସହାୟତା ପ୍ରଦାନରେ ପାତରଅନ୍ତର କରାଯାଉଛି ବୋଲି ପ୍ରଶ୍ନ କରିଛି। ଏନେଇ ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତା ଓ ଆଇନଜୀବୀମାନେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ କ୍ଷତିପୂରଣ ଦାବି କରିଛନ୍ତି। ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁଙ୍କ ସହିତ ସାକ୍ଷାତ ଆଲୋଚନା କରି ଏହି ଦାବି ଜଣାଇଥିଲେ। ପ୍ରଶାସନର ନଜରକୁ ଏହି ଘଟଣା ଆଣିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ' ଗତ ଜୁନ ୨୫ତାରିଖରେ ସହରରେ ଲଗାଣ ବର୍ଷା ଚାଲିଥିବା ବେଳେ ମହେନ୍ଦ୍ର ସ୍କୁଟିରେ ଖାରବେଳନଗର ସ୍ଥିତ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ସିଦ୍ଧାର୍ଥନଗରକୁ ସଂଯୋଗ କରୁଥିବା ରାସ୍ତା ତଥା ମେଡିକାଲ ଖେଳପଡିଆ ସଂଲଗ୍ନ ମୁକୁଳା ଡ୍ରେନରେ ପଡି ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ମହେନ୍ଦ୍ରଙ୍କ ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିବାବେଳେ ପୁଅ ଏକ ପେଟ୍ରୋଲ ପମ୍ପରେ କାମ କରି ପରିବାର ଚଳାଉଛି।

### ମୁକୁଳା ଡ୍ରେନ୍ କାହାର ଏଯାଏ ତୁଟିନି ବିବାଦ
### ୪ ବିଭାଗ ମଧ୍ୟରେ ଟଣାଓଟରା

ଘଟଣାକୁ ନେଇ ଯଦିଓ ସମସ୍ତେ ଅବଗତ ଏବଂ ଘଟଣା ଦିନ ଗଭୀର ଦୁଃଖପ୍ରକାଶ କରିଥିଲେ ତେବେ ପରବର୍ତ୍ତି ସମୟରେ ନିଜ ଉପରୁ ଦୋଷ ଛଡାଇବାକୁ ଯାଇ ବର୍ତ୍ତମାନ ୪ଟି ବିଭାଗ ପରସ୍ପର ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରି ଖସିଯିବାକୁ ବସିଥିବା ଜଣାପଡିଛି। ଯେଉଁ ମୁକୁଳା ନାଳରେ ପଡି ମହେନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା ତାହା କାହା ଅଧିନରେ ରହିଛି ତାହାକୁ ନେଇ ବର୍ତ୍ତମାନ ଉଠିଛି ବିବାଦ। ଦିର୍ଘ ୩ସପ୍ତାହ ବିତିବାକୁ ବସିଥିବା ବେଳେ ଏହି ବିବାଦର ସମାଧାନ ହୋଇପାରୁ ନାହିଁ। ଡ୍ରେନେଜ, ପୂର୍ତ୍ତବିଭାଗ, ମେଡିକାଲ ଓ ବିଇଏମସି ମଧ୍ୟରେ ଏହାକୁ ନେଇ ଚାଲିଛି ଟଣାଓଟରା। ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଭାପତି ମନୋଜ ପଟ୍ଟନାୟକଙ୍କ ସମେତ ସଂଘର ସମ୍ପାଦକ ଟି. ଭେଙ୍କେଟ ରାଓ, ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତ, ପ୍ରଦୀପ ବେହେରା, ସୂର୍ଯ୍ୟନାରାୟଣ ଚୌଧୁରୀ, ଗୌରାଙ୍ଗ ଚୌଧୁରୀ ଓ ମୁନା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଆର୍ଯ୍ୟଭଟ୍ଟର 'ଲଣ୍ଡା ପାହାଡ଼ ବନୀକରଣ' ଅଭିଯାନ

# ମାସକ ଭିତରେ ୫ ଲକ୍ଷରୁ ଅଧିକ ମଞ୍ଜିବୁଣା

**ବ୍ରହ୍ମପୁର,୧୧।୭ (ସମିସ):** ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ଚଳିତବର୍ଷର ପାହାଡ଼ ଓ ଲଣ୍ଡା ପାହାଡର ବନୀକରଣ ଅଭିଯାନକୁ ଏକମାସ ପୁରିଛି। ଏହି ଅବସରରେ ଆର୍ଯ୍ୟଭଟ୍ଟ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଭୂଆଷୁଣୀ ପାହାଡ଼ରେ ବର ଓସ୍ତ ଚାରା ରୋପଣ କରାଯିବା ସହ ମଞ୍ଜି ଗୁଳା ପ୍ରକ୍ଷେପଣ ଓ ମଞ୍ଜିରୋପଣ କରାଯାଇଥିଲା। ଜୁନ୍ ୧୧ତାରିଖରୁ ଆରମ୍ଭ ହୋଇଥିବା ଚଳିତବର୍ଷର ବନୀକରଣ ଅଭିଯାନରେ ଋଷି ଦଲ୍ଲୀ, ବାଳକୁମାରୀ, ଭାଲୁ ଢ଼ିମ୍ବିରା, ଖୋଲ, ରାମଚନ୍ଦ୍ରପଲ୍ଲୀ ପାହାଡ଼, କରାଖାଇ, ବାନ୍ତାବାଡି, ଭୂଆଷୁଣୀ, ଡଙ୍କାରୀ, ସାନ ବୁରୁଡ଼ା ପାହାଡ଼ରେ ୫୦ହଜାର ମଞ୍ଜି ଗୁଳା ପ୍ରକ୍ଷେପଣ ସହ ୨ଲକ୍ଷରୁ ଅଧିକ ମଞ୍ଜି ଖୋସିକି



ପୋତାଯାଇଛି। ବର, ଓସ୍ତ ସହ ଅନ୍ୟାନ୍ୟ ଫଳ ଧାରଣକ୍ଷମ ଏକଶହ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମ ଆହୁରି ଏକମାସ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡ଼ିଛି। ପୂର୍ବରୁ ଯେଉଁ ଦଶଗୋଟି ପାହାଡରେ ଆର୍ଯ୍ୟଭଟ୍ଟ ପକ୍ଷରୁ ଆଗରୁ ପ୍ରୟାସ କରାଯାଇଥିଲା, ସେଠାରେ ପୁନଃର୍ବାର କାର୍ଯ୍ୟକ୍ରମ କରାଯିବ। ଦୁଇଗୋଟି ନୂଆ ଲଣ୍ଡା ପାହାଡ଼କୁ ଏହି ଅଭିଯାନରେ ସାମିଲ କରାଯିବ ବୋଲି ଆର୍ଯ୍ୟଭଟ୍ଟ ପକ୍ଷରୁ କୁହାଯାଇଛି। ସେହିଭଳି ଋଷିକୂଲ୍ୟା ଅବବାହିକାରେ ୨୦୦୦ଟାଳ ଗଛରୋପଣ ସହ ୩୦ହଜାର ମଞ୍ଜି ଯୋଗାଯିବା ଯୋଜନା ରହିଛି। ଏହି ବର୍ଷର କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ଓ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ସମେତ ଗ୍ରୀନ ମ୍ୟାନ ଅଫ ଓଡ଼ିଶା ଭାବେ ପରିଚିତ ଆର୍ଯ୍ୟଭଟ୍ଟର ନିର୍ଦ୍ଦେଶକ ସୁଧୀର ରାଉତ, ଶକୁନ୍ତଳା ଦେବୀ, ସବିତା ସାହୁକାର, କେ ଘନଶ୍ୟାମ, ରିତେଶ ଉଦଗାତା, କୁଶାଲ୍ ସାହୁ, ଭୀମରାଜୁ ପାତ୍ର, ପ୍ରସନ୍ନ ସ୍ୱାଇଁ, ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ମାଧବ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୧୧/୭/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୬୦,୬୯୯/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୧୫.୫୦୦ ଗ୍ରାମ୍



● ରାମ ମନ୍ଦିର ହୁଣ୍ଡି ଲୁଟ୍ ମାମଲା

## ୨ ଗିରଫ, ଭଙ୍ଗା ହୁଣ୍ଡି ଜବତ

ପୁରୀ,୧୧।୭ (ସମିସ): ପୁରୀ ଷ୍ଟେସନ ନିକଟ ରାମ ମନ୍ଦିର ହୁଣ୍ଡି ଲୁଟ୍ ମାମଲାରେ ୨ ଲୁଟେରାଙ୍କୁ ଗିରଫ କରିଛି ସମୁଦ୍ରକୂଳ ଥାନା ପୁଲିସ। ଅଭିଯୁକ୍ତ ଦ୍ୱୟ ହେଲେ ସତ୍ୟବାଦୀ ଥାନା ବିଶ୍ୱନାଥପୁର ଗ୍ରାମର ଶ୍ରୀଧର ମିଶ୍ର (୩୨) ଓ ସତ୍ୟବାଦୀ ଥାନା ଚନ୍ଦ୍ରକୁଟର ମୁନା ମିଶ୍ର (୨୫)। ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି ପୁଲିସ।

ଅଭିଯୋଗ ଅନୁଯାୟୀ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ଷ୍ଟେସନ ନିକଟ ରାମ ମନ୍ଦିରକୁ ପ୍ରବେଶ କରିଥିଲେ। ସେମାନେ ମନ୍ଦିରର ହୁଣ୍ଡି ବାକ୍ସ ଟେକି ନେଇ ଫେରାର୍ ହୋଇଯାଉଥିବାର ଦୃଶ୍ୟ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଥିଲା। ଭକ୍ତମାନେ ଦାନ କରିଥିବା ସମସ୍ତ ଅର୍ଥ ହୁଣ୍ଡି ବାକ୍ସରେ ଥିଲା। କିନ୍ତୁ ସେଥିରେ କେତେ ଟଙ୍କା ଥିଲା ତାହା ସ୍ପଷ୍ଟ ଜଣାପଡ଼ି ନ ଥିଲା। ଏ ନେଇ ସିଦ୍ଧମହାବୀର ପାଟଣାର ବିକ୍ରମ କୁମାର ଷଡ଼ଙ୍ଗୀ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ପହଞ୍ଚି ତଦନ୍ତ କରିବା ସହ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୧୮୨/୨୫) ରୁଜୁ କରି ଖୋଳତାଡ଼ ଚଳାଇଥିଲା। ସିସିଟିଭି ଫୁଟେଜ ନେଇ ତଦନ୍ତକୁ ଆଗେଇଥିବା ବେଳେ ବୁଧବାର ଅଭିଯୁକ୍ତ ଦୁଇଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା ପୁଲିସ। ସେମାନଙ୍କଠାରୁ ଭଙ୍ଗା ହୁଣ୍ଡି ବାକ୍ସ, ୨୨୦୦ ଟଙ୍କା, ଗୋଟିଏ ସ୍କୁଟି ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ତେବେ ଦୁଇଜଣଙ୍କ ନାଁରେ ପୂର୍ବରୁ ସତ୍ୟବାଦୀ ଥାନାରେ ଏକାଧିକ ମାମଲା ରହିଛି। ଶ୍ରୀଧର ମିଶ୍ର ନାଁରେ ୯ଟି ଏବଂ ମୁନା ମିଶ୍ର ନାଁରେ ୫ଟି ମାମଲା ରହିଥିବା ପୁଲିସ କହିଛି।

● ଦୁର୍ବୃତ୍ତଙ୍କ ଆତଙ୍କରାଜ

## ରାତିରେ ଘରେ ଟଙ୍କା, ସୁନା ଲୁଟିଲେ

ପୁରୀ,୧୧।୭ (ସମିସ): ପୁରୀ ସହରରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ହାତରେ ମାରଣାସ୍ତ୍ର ଧରି ବିଳମ୍ବିତ ରାତିରେ ଘରେ ପଶି କଳାକନା ବୁଲାଉଛନ୍ତି। ତାଳବଣିଆ ଥାନା ଅନ୍ତର୍ଗତ ସର୍ବୋଦୟ ନଗରରେ ଘଟିଛି ଏଭଳି ଏକ ଘଟଣା। ସର୍ବୋଦୟ ନଗରରେ ରହୁଥିବା ସୂର୍ଯ୍ୟକାନ୍ତ ଦାସରାୟଙ୍କ ଘରେ ଗତ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ସୁନା ଚେନ୍, ଚୁଡ଼ି ଓ ୧୦ ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ତେବେ ଦୁର୍ବୃତ୍ତମାନେ ହାତରେ ମାରଣାସ୍ତ୍ର ଧରି ପାଚେରୀ ଡେଇଁ ଘର ଭିତରେ ପଶୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ସମ୍ପୃକ୍ତ ପରିବାର ସଦସ୍ୟ ଭୟଭୀତ ଅବସ୍ଥାରେ ଅଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ପୁଲିସ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛି।

● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ରୋଷଘରେ ୨୦ ସିଲିଣ୍ଡର, ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ

ପୁରୀ,୧୧।୭ (ସମିସ): ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଠିକ୍ ନ ଥିବା ଏବଂ କମ୍ ପ୍ରଦାନ କରାଯାଉଥିବା ଅଭିଯୋଗ ପରେ ଶୁକ୍ରବାର ଜିଲ୍ଲା ଆପ୍ କାର୍ଯ୍ୟକର୍ତ୍ତା ହସ୍ପିଟାଲ ପରିଦର୍ଶନରେ ଯାଇଥିଲେ। ଅଭିଯୋଗ ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏତଦ୍ବ୍ୟତୀତ ଶୁକ୍ରବାର ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟ ମଧ୍ୟ ଦେଖିଥିଲେ। ତେବେ ରୋଷେଇ ସ୍ଥାନ ପରିଦର୍ଶନ ବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ବୋଲି କହିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ରୋଷେଇ ଘରେ ୧୫ରୁ ୨୦ ସିଲିଣ୍ଡର ରହୁଛି, କିନ୍ତୁ କୌଣସି ପ୍ରକାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଏ ବିଷୟର ଉପସ୍ଥିତ କର୍ମଚାରୀଙ୍କୁ ପଚାରିବାରୁ ସେମାନେ କିଛି କହିପାରିଲେ ନାହିଁ। ଏ ସମ୍ପର୍କରେ ହସ୍ପିଟାଲ ମ୍ୟାନେଜର ଅନମୋଲ ମହାନ୍ତିଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ସେ ବାହାରେ ଥିଲେ, ପରେ କଥା ହେବେ ବୋଲି କହିଥିଲେ। ହେଲେ ସବୁଠୁ ଆଶ୍ଚର୍ଯ୍ୟର କଥା ଏତେ ବଡ଼ ତ୍ରୁଟି ଥାଇ ବି ଏହାକୁ ସାମ୍ନାକୁ ଆସିନାହିଁ। ହସ୍ପିଟାଲ ମ୍ୟାନେଜରଙ୍କ ଅଫିସ ବାହାରେ ଦୁଇଟି ସେଫ୍ଟି ସିଷ୍ଟମ ରହିଥିବା ବେଳେ ଯେଉଁଠି ଏହାର ଜରୁରୀ ଆବଶ୍ୟକତା ରହିଛି ସେଠି କିନ୍ତୁ ନାହିଁ। ଯଦି କିଛି ଅଘଟଣ ଘଟେ ତେବେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ କରିଛନ୍ତି ଆପ୍ ଜିଲ୍ଲା ସଭାପତି।

**କ୍ଷୋଭ ପ୍ରକାଶ କଲା ଆପ୍, ତୁରନ୍ତ ବ୍ୟବସ୍ଥା କରାଯାଉ**

ଶ୍ରୀ ମହାନ୍ତି କହିଛନ୍ତି, ସ୍ୱାସ୍ଥ୍ୟ ମନ୍ତ୍ରୀ ବଡ଼ ବଡ଼ ଘୋଷଣା କରୁଥିବା ବେଳେ ଏ ପ୍ରକାର ତ୍ରୁଟି ଉପରେ ତାଙ୍କ ଦୃଷ୍ଟି ପଡୁନି କେମିତି? ସିଡିଏମ୍ଓ ଏବଂ ଏଡିଏମ୍ଓଙ୍କ ବୈଠକରେ କେବେ ଏ ବିଷୟରେ ଆଲୋଚନା କାହିଁକି ହେଉନାହିଁ। ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ। ଫଳରେ ଅଘଟଣକୁ ଘଟେ ଏହାକୁ ଏଡାଇ ଦିଆଯାଇପାରିବ ବୋଲି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅନିଲ ସେନାପତି, ଜିଲ୍ଲା ସମ୍ପାଦିକା ସନ୍ଧ୍ୟାରାଣୀ ଦାସ, ପୁରୀ ମହିଳା ସଭାପତି ଜୟନ୍ତୀ ଜେନା, ଉପସଭାପତି ସମିନା ନାୟକ ଓ ଜନ୍ମେଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ପଥର ପୋଖରୀ ପୁନରୁଦ୍ଧାର କେବେ?

# ବଢ଼ିଥିଲା ଅନୁଦାନ, ୬ ମାସରେ କାମ ସାରିବାକୁ ରହିଥିଲା ଲକ୍ଷ୍ୟ

ପୁରୀ,୧୧।୭ (ସମିସ)





ପୁନରୁଦ୍ଧାର ହେବ ପଥର ପୋଖରୀ। ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଏହି ପୁଷ୍କରିଣୀ ପାଇବ ନୂଆରୂପ। ୬ ମାସ ମଧ୍ୟରେ ଏହାର କାମ ଶେଷ ହେବ। ଗତ ଏପ୍ରିଲ ମାସରେ ଏହି ନିଷ୍ପତ୍ତି ନିଆଯାଇ ଆବଶ୍ୟକ ଅର୍ଥ ବ୍ୟୟବରାଦ ହୋଇଥିଲା। ଇତିମଧ୍ୟରେ ୪ ମାସ ହୋଇଗଲାଣି ଏ ପର୍ଯ୍ୟନ୍ତ ପଥର ପୋଖରୀ ପୁନରୁଦ୍ଧାର କାମ ଆରମ୍ଭ ହୋଇନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ପୋଖରୀ ସମ୍ପୂର୍ଣ୍ଣ ଅବ୍ୟବହୃତ ହୋଇପଡ଼ିଛି।

ଅବଡା ଯୋଜନାରେ ପଥର ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏଥିଲାଗି ୨କୋଟି ୧୬ଲକ୍ଷ ୫୨ ହଜାର ୨୮୮ ଟଙ୍କା ମଞ୍ଜୁର ହୋଇଥିଲା। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ କାମ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପାଇପ୍ ଯୋଗେ ପୋଖରୀରୁ ପାଣି ନିଷ୍କାସନ କରାଯାଇଥିଲା। କିନ୍ତୁ ମଞ୍ଜୁର ଅର୍ଥରେ ପୋଖରୀର ପୁନରୁଦ୍ଧାର ସମ୍ପୂର୍ଣ୍ଣ ହେବ ନାହିଁ। ତେଣୁ ଅନୁଦାନ ରାଶି ବଢ଼ାଇବା ପାଇଁ କାମ ଅଟକିଥିଲା। ଗତ ଏପ୍ରିଲରେ ଅନୁଦାନ ପରିମାଣ ବଢ଼ାଯାଇଥିଲା।

ଶ୍ରୀକ୍ଷେତ୍ରର ଅନ୍ୟ ତୀର୍ଥ ପୁଷ୍କରିଣୀ ଭଳି ପଥର ପୋଖରୀକୁ ମଧ୍ୟ ଖଣ୍ଡୋଲାଇଟ୍ ପଥରରେ ଆଚ୍ଛାଦିତ କରାଯିବା ନେଇ ଯୋଜନା ହୋଇଥିଲା। ଏହାବ୍ୟତୀତ ଚତୁଃପାର୍ଶ୍ୱରେ ଖଣ୍ଡୋଲାଇଟ ପଥରରେ ପୌରାଣିକ କଥାବସ୍ତୁର ଅବତାରଣା କରାଯିବା ନେଇ ଡିଜାଇନ ପ୍ରସ୍ତୁତ ହୋଇଥିଲା। ଓବିସିସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପୁଷ୍କରିଣୀରୁ ପାଇପ ଯୋଗେ ପାଣିଖାଲି କରାଯାଇଥିଲା। ପାଣିଖାଲି ହେବା ପରେ ମାଟି ପରୀକ୍ଷା ହୋଇଥିଲା। ପରୀକ୍ଷା ପରେ ସ୍ଥିତି ଦେଖି ଡିଜାଇନରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲା ଓବିସିସି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଣି ଖାଲି ହେବା ପରେ ପୁରୁଣା ରିଟେନିଂ ୱାଲର ପଥର ଦୁର୍ବଳ ହୋଇଯାଇଥିବା ଜଣାପଡ଼ିଥିଲା। ତେଣୁ ପୁଷ୍କରିଣୀର ପୂର୍ବ ଡିଜାଇନ ଅନୁଯାୟୀ କାମ କରିବା ସମ୍ଭବ ନୁହେଁ ବୋଲି ଓବିସିସିର ଯନ୍ତ୍ରୀ ସ୍ପଷ୍ଟ କରିଥିଲେ। ତେଣୁ ସେତେବେଳର ନିଷ୍ପତ୍ତି ମୁତାବକ ଅନୁଦାନ ରାଶି ୨କୋଟି ୧୬ଲକ୍ଷରୁ ୪ କୋଟି ୧୩ଲକ୍ଷ ୩୫ ହଜାର ୪୪୬ ଟଙ୍କା, ଅର୍ଥାତ ଦୁଇ ଗୁଣା ବୃଦ୍ଧି କରାଯାଇଥିଲା। ଟେଣ୍ଡର ଡକାଯାଇ ୬ ମାସରେ କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଥିଲା।

ଶ୍ରୀକ୍ଷେତ୍ରର ପ୍ରବେଶ ପଥ ଅଠର ନଳା ନିକଟରେ ରହିଛି ମା' ଆଲାମଚଣ୍ଡୀଙ୍କ ମନ୍ଦିର। ମନ୍ଦିର ସମ୍ମୁଖ ଭାଗରେ ରହିଛି ଏହି ପୁଷ୍କରିଣୀ। ଏହାକୁ ମଧ୍ୟ କେହି କେହି ମା' ଆଲାମଚଣ୍ଡୀଙ୍କ ପୁଷ୍କରିଣୀ କହିଥାନ୍ତି। ଏହି ପଥର ପୋଖରୀ ନବକଳେବର ସହ ଜଡ଼ିତ। ମହାପ୍ରଭୁଙ୍କ ନବକଳେବର ଦଇତାପତିମାନେ ବନଯାଗ ଯାତ୍ରାରେ ଦାରୁ ନେଇ ଫେରିବା ବେଳେ ଏଇଠାରେ ବିଶ୍ରାମ ନେଇ ପୁଷ୍କରିଣୀରେ ସ୍ନାନ କରନ୍ତି। ସେଠାରେ ଅଟକି ଥିବା ଦାରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରେ। ମାତ୍ର ଐତିହ୍ୟ ଗୁରୁତ୍ୱ ବହନ କରୁଥିବା ଏହି ପୁଷ୍କରିଣୀ ପର୍ଯ୍ୟଟକଙ୍କ ଆଢୁଆଳରେ ରହିଯାଇଛି। ନବକଳେବର ଯାତ୍ରାକୁ ଦୃଷ୍ଟିରେ ରଖି ୨୦୧୩ ମସିହାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୋଖରୀର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯାଇଥିଲା। ଏଥିଲାଗି ୨୬ଲକ୍ଷ ୫୨ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏହି ଅନୁଦାନରେ ପୋଖରୀର ପୁନରୁଦ୍ଧାର, ପାହାଚ, ଚତୁଃପାର୍ଶ୍ୱରେ ୩ ଫୁଟର ପାଚେରି, ଲ୍ୟାଣ୍ଡ ସ୍କେପିଂ ଓ ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ରହିଥିଲା। ୨୦୧୪ରେ ଏହାର ପନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ପୋଖରୀରୁ ପଙ୍କୋଦ୍ଧାର ସହ ଲ୍ୟାଣ୍ଡ ସ୍କେପିଂ, ଉଜ୍ଜଳ ଆଲୋକୀକରଣ, ପାଚେରି ଆଦି କରାଯାଇଥିଲା। ଏହି ପୁନରୁଦ୍ଧାର କାର୍ଯ୍ୟ ୨୦୧୫ ମାର୍ଚ୍ଚରେ ଶେଷ ହୋଇଥିଲା। କିନ୍ତୁ ପୋଖରୀର ପୁନରୁଦ୍ଧାର ସତ୍ତ୍ୱେ ପାଣି ପ୍ରଦୂଷିତ ରହିବାରୁ ନବକଳେବର ବେଳେ ଦଇତାପତିମାନେ ସ୍ନାନ ପାଇଁ ବ୍ୟବହାର କରିପାରି ନ ଥିଲେ। ନବକଳେବର ଯାତ୍ରା ଶେଷ ପରେ ପୋଖରୀର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଗଲା ନାହିଁ। ୨୦୧୬ ବର୍ଷା ଦିନରେ ଏହାର ଦକ୍ଷିଣ ପାର୍ଶ୍ୱର୍ ପାଚେରି ଭୁଶୁଡ଼ି ପଡ଼ିଲା। ନିମ୍ନମାନର କାମ ଯୋଗୁଁ ଏପରି ଘଟିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ ସହ ଆନ୍ଦୋଳନ କରିଥିଲେ। ଏହା ସତ୍ତ୍ୱେ ଭୁଶୁଡ଼ି ଥିବା ପାଚେରିର ମରାମତି କରା ଯାଇ ନ ଥିଲା। ବର୍ତ୍ତମାନ ଏହି ଐତିହ୍ୟ ପୁଷ୍କରିଣୀର ଅବସ୍ଥା ଆହୁରି ଅଧିକ ଖରାପ ହୋଇପଡ଼ିଛି। ତିନିପାର୍ଶ୍ୱରୁ ଜବରଦଖଲ ହୋଇଥିବା ବେଳେ ପାଚେରି ଭୁଶୁଡ଼ି ପଡ଼ିଛି। ଏହାର ପାଣି ପ୍ରଦୂଷିତ ହୋଇଯାଇଥିବା ବେଳେ ଏହା ଏକପ୍ରକାର ଅଣଦେଖା ଅବସ୍ଥାରେ ରହିଛି।



ରଥରୁ ଉପର କଳସ କଢ଼ାଯାଉଛି

### କୈଳାସ ରାୟ ସ୍ମୃତି ସମାରୋହ

## ପରକୁ ଆପଣା କରିବା ଥିଲା କୈଳାସ ରାୟଙ୍କ ବିଶେଷ ଗୁଣ

ପୁରୀ,୧୧।୭ (ସମିସ): ସତ୍ୟବାଦୀ ଚେତନା ଚିନ୍ତନ ନ୍ୟାସ ପକ୍ଷରୁ ବିଶିଷ୍ଟ ସାହିତ୍ୟ ସଙ୍ଗଠକ କବି କୈଳାସ ରାୟଙ୍କ ଦ୍ୱିତୀୟ ସ୍ମୃତି ସମାରୋହ ମାରୁତି ନଗର କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନ୍ୟାସର କାର୍ଯ୍ୟକାରୀ ସଭାପତି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ହେମେନ୍ଦ୍ର ନାଥ ବେହେରା ମୁଖ୍ୟଅତିଥି, ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ. କାର୍ତ୍ତିକ କୁମାର ଦାସ, ମାରୁତି ନଗର ଉନ୍ନୟନ ପରିଷଦ ସଭାପତି ଗୋଲୋକ ଚନ୍ଦ୍ର ଜେନା ବରେଣ୍ୟ ଅତିଥି ଅତିଥି ରୂପେ ମଞ୍ଚାସୀନ ଥିଲେ। ନ୍ୟାସର ସମ୍ପାଦକ ମହେନ୍ଦ୍ର ବିଶୋଇ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ ରମେଶ ଚନ୍ଦ୍ର ଦାଶ। ଅନ୍ୟମାନଙ୍କ ମଧ୍ୟରେ କାମଦେବ ମହାରଣା, ଶ୍ୟାମପ୍ରକାଶ ସେନାପତି, ବିଦ୍ୟୁତ୍ କର୍ମଚାରୀ ନେତା ଜୟକୃଷ୍ଣ ମଲ୍ଲିକ ସ୍ୱର୍ଗତ ରାୟଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥିମାନେ ଉଦ୍‌ବୋଧନ ଦେଇ ଗୋପବନ୍ଧୁ ସାହିତ୍ୟ ଚେତନା, ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ଆତ୍ମୀୟତା ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ପରକୁ ଆପଣାର କରିବାରେ ସ୍ୱର୍ଗତ କୈଳାସ ରାୟଙ୍କ ବିଶେଷ ଗୁଣ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ଚିତ୍ରକଳା, ଓଡ଼ିଆ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାର କୃତି ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଜ୍ଞା ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଲକ୍ଷ୍ମୀଧର ମାଝୀ। ଏହି ଅବସରରେ ଖଣ୍ଡିଆ ବନ୍ଧ କ୍ରିଷ୍ଣା ନଗରରେ ବୃକ୍ଷ ରୋପଣ କରାଯାଇଥିଲା।



### ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀ ପଞ୍ଚମ ଅଧିବେଶନ

# 'ଜ୍ଞାନ ଆମ ମାଟିର ଉତ୍ପାଦ'

ପୁରୀ,୧୧।୭ (ସମିସ)




**ଭାରତୀୟ ଜ୍ଞାନ ପରମ୍ପରା ବିଶ୍ୱ ଜ୍ଞାନ ପରିମଣ୍ଡଳକୁ ପରିବର୍ଦ୍ଧିତ କରିଛି**

ଭାରତୀୟ ଜ୍ଞାନ ପରମ୍ପରା ବିଶ୍ୱ ଜ୍ଞାନ ପରିମଣ୍ଡଳକୁ ବ୍ୟାପକ ଭାବେ ପରିବର୍ଦ୍ଧିତ କରିଛି। ହଜାର ହଜାର ବର୍ଷ ବ୍ୟାପୀ ଏହି ପରମ୍ପରା ବିଶ୍ୱ ଜନ ମାନସକୁ ସମ୍ଭାଷିତ କରି ଆସିଅଛି ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ପ୍ରସନ୍ନ କୁମାର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଶୁକ୍ରବାରଠାରୁ ତିନି ଦିନ ବ୍ୟାପୀ ଆୟୋଜିତ ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀର ପଞ୍ଚମ ବାର୍ଷିକ ସମ୍ମିଳନୀ ଓ ଜାତୀୟ କର୍ମଶାଳାରେ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରଫେସର ସ୍ୱାଇଁ କହିଲେ, ଓଡ଼ିଆ ଓ ସଂସ୍କୃତ କେବେ ବି ଶ୍ରେଣୀକକ୍ଷର ଭାଷା ନ ଥିଲା। ବରଂ ଜନ ଜୀବନର ଭାଷା ରୂପେ ଜ୍ଞାନ ପରମ୍ପରା କ୍ଷେତ୍ରରେ ନୂତନ ଦିଶା ନିର୍ଦ୍ଦେଶ କରିଥିଲା। ଯିଏ ଯେତେ ଆଧୁନିକ ହେଲେ ମଧ୍ୟ ଭାରତୀୟ ଜ୍ଞାନକୁ ଅସ୍ୱୀକାର କରିପାରିବେ ନାହିଁ।

ସମ୍ମାନିତ ଅତିଥି ତଥା ବିଷୟ ବିଶେଷଜ୍ଞ ରୂପେ ଯୋଗଦେଇ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଭାଷା ଭବନର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୈଳାଶ ପଟ୍ଟନାୟକ କହିଥିଲେ, ପରିବର୍ତ୍ତିତ ପ୍ରେକ୍ଷାପଟରେ ଦେଶ ବଦଳେ, ସମୟ ବି ବଦଳେ, ମାତ୍ର ସତ୍ୟ ସ୍ଥିର ନିଶ୍ଚିତ ଥାଏ। ଏକବିଂଶ ଶତାବ୍ଦୀରେ ଠିଆ ହୋଇଥିଲେ ମଧ୍ୟ ଆମେ ଆମର ମୂଳ ଜ୍ଞାନ ପରମ୍ପରାଠାରୁ ବିଚ୍ୟୁତ ହୋଇପାରିବା ନାହିଁ। ବରଂ ପ୍ରାଚ୍ୟ ଜ୍ଞାନ ପରମ୍ପରାର ପୁନର୍ବିନ୍ୟାସ ହେବା ଆବଶ୍ୟକ। ଜ୍ଞାନ ଆମ ମାଟିର ଉତ୍ପାଦ। ଏହାକୁ ପରିବର୍ଦ୍ଧିତ କରିବା। ପାରମ୍ପରିକ ଜ୍ଞାନ ଓ ଆଧୁନିକ ଜ୍ଞାନ ସମନ୍ୱୟରେ ଭାରତୀୟ ଜ୍ଞାନ ପରମ୍ପରା ବିକଶିତ ହେବ ବୋଲି ପ୍ରଫେସର୍ ପଟ୍ଟନାୟକ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଖ୍ୟାତିସମ୍ପନ୍ନ କବୟିତ୍ରୀ ଡ. ମନୋରମା ବିଶ୍ୱାଳ ମହାପାତ୍ର ବୈଦିକ ଜ୍ଞାନର ଆଧୁନିକ ମୂଲ୍ୟାୟନ ଉପରେ ଗୁରୁତ୍ୱ ଆରୋପ କରିଥିଲେ।

ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏଥିରେ ପୌରୋହିତ୍ୟ କରିଥିଲେ। ଡ. କୁଳମଣି ଓଝା କାର୍ଯ୍ୟକ୍ରମର ସଂଚାଳନା ଓ ସଂଯୋଜନା କରିଥିବା ବେଳେ ସଂଗୋଷ୍ଠୀର ସମ୍ପାଦକ ଡ. ଶରତ କୁମାର ଜେନା ପ୍ରାକ୍ ସୂଚନା ଓ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀ ପକ୍ଷରୁ ପ୍ରକାଶିତ ସଂକଳିତ ଗ୍ରନ୍ଥ 'ଓଡ଼ିଆ ସାହିତ୍ୟ: ଭାରତୀୟ ଜ୍ଞାନ ପରମ୍ପରା', ଡ. କୃଷ୍ଣପ୍ରସାଦ ମହାପାତ୍ରଙ୍କ ଗବେଷଣା ନିବନ୍ଧ 'ରୋମାଣ୍ଟିକ୍ କାବ୍ୟାନୁଭୂତି ଓ କବି ବିଭୁଦତ୍ତ ମିଶ୍ର', ଡ. ଲମ୍ବୋଦର ପାଣିଗ୍ରାହୀଙ୍କ ସଂପାଦିତ ଗ୍ରନ୍ଥ 'ଓଡ଼ିଆ ଚଉପଦୀ ସାହିତ୍ୟ ଓ କବିସୂର୍ଯ୍ୟ ବଳଦେବ ରଥ' ପୁସ୍ତକ ତ୍ରୟର ଲୋକାର୍ପଣ କରାଯାଇଥିଲା। ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବରେ ୧୨ ଜଣ ସେବାନିବୃତ୍ତ ବରିଷ୍ଠ ପ୍ରାଧ୍ୟାପକଙ୍କ ମଧ୍ୟରୁ ୪ ଜଣ ଡ. ମନୋରମା ବିଶ୍ୱାଳ ମହାପାତ୍ର, ଡ. ରମେଶ ଚନ୍ଦ୍ର ପ୍ରଧାନ, ଡ. ପୁଷ୍ପଲତା ସାହୁ, ପ୍ରାଧ୍ୟାପକ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କୁ ପ୍ରଶସ୍ତିପତ୍ର ଓ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆସିପାରି ନ ଥିବା ଡ. ତୁଳସୀ ଓଝା, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ଦୁର୍ଗାମାଧବ ନନ୍ଦ, ଡ. ସ୍ୱରାଜଲକ୍ଷ୍ମୀ ମିଶ୍ର, ଡ. ଉମେଶ ଚନ୍ଦ୍ର ଚିନ୍ନାରା, ଡ. ସୁବାସ ଚନ୍ଦ୍ର ଜେନା, ଡ. ହରପ୍ରସାଦ ମିଶ୍ର ଓ ପ୍ରାଧ୍ୟାପକ ଲୋକନାଥ ମହାନ୍ତି ପ୍ରମୁଖଙ୍କ ଉପାୟନ ଓ ପ୍ରଶସ୍ତିପତ୍ର ସଂଗୋଷ୍ଠୀ ପକ୍ଷରୁ ପ୍ରଦାନ କରାଯିବ।

ମଧ୍ୟାହ୍ନରେ ଭଞ୍ଜ ସାହିତ୍ୟର ବିଶିଷ୍ଟ ବିଦ୍ୱାନ୍ ପ୍ରଫେସର୍ ବାଉରିବନ୍ଧୁ ସାହୁ ଏହି ଅନ୍ତର୍ଜାତୀୟ ଅଧିବେଶନ ଓ କର୍ମଶାଳାର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ପର୍ବରେ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ମୁଖ୍ୟଅତିଥି ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜି.ଏସ୍.ଭି. ଦତ୍ତାତ୍ରେୟ ମୂର୍ତ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଡ. କୁଳମଣି ଓଝା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସଂପାଦକ ଡ. ଶରତ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୋଡ଼ ଅଧିବେଶନରେ ଶାନ୍ତି ନିକେତନ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର୍ ଗିରିବାଳା ମହାନ୍ତି ପୌରୋହିତ୍ୟ କରିଥିଲେ। କେନ୍ଦ୍ର ଲଳିତ କଳା ଏକାଡେମୀର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଦିଲୀପ କୁମାର ତ୍ରିପାଠୀ ବିଷୟ ବିଶାରଦ ରୂପେ ଓଡ଼ିଆ କାବ୍ୟ ସାହିତ୍ୟରେ ଭାରତୀୟ ଚିତ୍ରକଳା ଓ ଓଡ଼ିଶୀ ଚିତ୍ରକଳାର ପ୍ରତିଫଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ଅନୁପ କୁମାର ମାର୍ଥାଙ୍କ ସଂଚାଳନାରେ ଅନୁଷ୍ଠିତ ପ୍ରଥମ ବୈଷୟିକ ଅଧିବେଶନରେ ପ୍ରଫେସର ବାଉରିବନ୍ଧୁ ସାହୁ ଭଞ୍ଜ ସାହିତ୍ୟ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ପୁଷ୍ପଲତା ରଥ ଆଧୁନିକ ଓଡ଼ିଆ ସାହିତ୍ୟରେ ଭାରତୀୟ ଜ୍ଞାନର ପ୍ରତିଫଳନ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଡ. କୃଷ୍ଣପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଜ୍ଞାନବିଜ୍ଞାନ ମେଳାରେ ୯୭ ପ୍ରକଳ୍ପ ପ୍ରଦର୍ଶିତ

ପୁରୀ,୧୧।୭ (ସମିସ): ସ୍ଥାନୀୟ ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟା ନିକେତନର ୨୬ତମ ଦୁଇଦିନିଆ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଏହି ମେଳାରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୭ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାମ୍ବର ରଥ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ପ୍ରାତଃ ବିଭାଗ ସଂଚାଳିକା ମମତା ଦାସ ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାର୍ଥୀ ତଥା ଅଭିଭାବକମାନେ ଏହି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀକୁ ବୁଲି ଦେଖିବା ସହିତ ପ୍ରଶ୍ନ ମଞ୍ଚରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ବିନା ପବନରେ ବେଲୁନ୍ ଫୁଲିବା, ଚନ୍ଦ୍ରଯାନ-୩ , ଜଳବାୟୁ ପରିବର୍ତ୍ତନ, ଗଣିତ କୁହୁକ, କରୋନା ନିରାକରଣ, ସୋଲାର ଡ୍ରିପ୍ ଇରିଗେସନ୍ ସିଷ୍ଟମ୍, ଡେଙ୍ଗୁ ଜ୍ୱର ସଚେତନତା, ପତ୍ରର ଔଷଧୀୟ ଗୁଣ, ଲେମନ୍ ଗ୍ରାସ ପ୍ଲାଣ୍ଟ, ସବୁଜ କୋଠରି ପ୍ରଭାବ ଆଦି ବିଜ୍ଞାନ ପ୍ରକଳ୍ପଗୁଡ଼ିକ ନିକଟରେ ଦର୍ଶକଙ୍କ ଭିଡ଼ ଜମିଥିବା ଲକ୍ଷ୍ୟ କରାଯାଇଥିଲା। ବରିଷ୍ଠ ବିଜ୍ଞାନ ଶିକ୍ଷକ ବ୍ରହ୍ମାନନ୍ଦ ଦାଶ, ପ୍ରଭାସ ଚନ୍ଦ୍ର ମିଶ୍ର, ପୀତାମ୍ବର ରଥ, ଜ୍ୟୋତି ପ୍ରକାଶ ମହାରଣା ଏବଂ ବିନୋଦିନୀ ବେହେରା ପ୍ରମୁଖ ବିଚାରକ ରୂପେ ଯୋଗଦାନ କରି ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ପୀତବାସ ସ୍ୱାଇଁ ଓ ଅପରାଜିତା ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ଫ୍ଲକ୍ ଲିଡର ପ୍ରୀତିମୟୀ ମହାପାତ୍ର ଏବଂ ସୁସ୍ମିତା ବାରିକଙ୍କ ନେତୃତ୍ୱରେ କବ୍ ବୁଲବୁଲ୍ କ୍ୟାଡେଟମାନେ ଶାନ୍ତି ଶୃଙ୍ଖଳା ରକ୍ଷା ସହ ପ୍ରଶ୍ନ ମଞ୍ଚ ସଞ୍ଚାଳନ କାର୍ଯ୍ୟରେ ସହଯୋଗ କରିଥିଲେ।





# ଭୁବନେଶ୍ୱର ସିଟି

## ବଡ଼ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ

# ‘ମିଛ କହୁଛନ୍ତି ଏସ୍‌ସିବି କର୍ତ୍ତୃପକ୍ଷ’

■ ସ୍ୱାସ୍ଥ୍ୟ ବିଭାଗ ଉପରେ ବର୍ଷିଲେ ଏଆଇଜି ଅଧିକାରୀ

■ ଦୋଷ ଲୁଚାଉଛନ୍ତି, ରୋଗୀଙ୍କୁ ମରଣମୁହଁକୁ ଠେଲୁଛନ୍ତି

**କଟକ,୧୧।୭ (ସମିସ):** ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ରହିବା ଘଟଣାକୁ ନେଇ ଡିଏମଇଟିଙ୍କ କାର୍ଯ୍ୟାଳୟ ପକ୍ଷରୁ ତନାଘନା ଆରମ୍ଭ ହେଲାଣି। ଯକୃତ ପ୍ରତିରୋପଣ ୟୁନିଟରୁ ମେସିନ ଅନ୍ୟ ବିଭାଗକୁ ସ୍ଥାନାନ୍ତର କରାଯିବା ପ୍ରସଙ୍ଗରେ ମଧ୍ୟ ପଚରାଉଚରା ହୋଇଛି। ତେବେ ପ୍ରତିରୋପଣ ବନ୍ଦ ରହିବା ପଛରେ ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ତଥା ଏଆଇଜି ଉପରେ ଏସ୍‌ସିବି କର୍ତ୍ତୃପକ୍ଷ ଦୋଷ ଲଦୁଛନ୍ତି। ଏଆଇଜି ଅଧିକାରୀଙ୍କ ସହଯୋଗ ନମିଳିବାରୁ ପ୍ରତିରୋପଣ ଆଗେଇ ପାରୁନି ବୋଲି ମତ ଦେଉଛନ୍ତି। ଏହି ପ୍ରସଙ୍ଗରେ ଏଆଇଜିର ଜଣେ ବରିଷ୍ଠ ପଦାଧିକାରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏସସିବି କର୍ତ୍ତୃପକ୍ଷ ମିଛୁଆ, ସେମାନଙ୍କ ନିକଟରେ ଆନ୍ତରିକତା ନାହିଁ, ସ୍ୱାସ୍ଥ୍ୟବିଭାଗକୁ ଭୁଆଁ ବୁଲାଉଛନ୍ତି ଏବଂ ରୋଗୀଙ୍କୁ ମରଣମୁହଁକୁ ଠେଲି ଦେଇ ନିଜ ଦୋଷ ଘୋଡାଉଛନ୍ତି ବୋଲି କ୍ଷୋଭର ସହ କହିଛନ୍ତି। ଏପରିକି ଏଭଳି ଅବ୍ୟବସ୍ଥାକୁ ନେଇ ସେ ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗ ଉପରେ ବର୍ଷିଛନ୍ତି।

ଏଆଇଜି ଅଧିକାରୀଙ୍କ କହିବା ଅନୁସାରେ, ବଡ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ହେବା ପଛରେ ସେଠାକାର କେତେକ ବରିଷ୍ଠ ଡାକ୍ତର ଓ ପ୍ରଶାସନିକ ଦୁର୍ବଳତା ହିଁ ଦାୟୀ। ଦେଶର ବିଭିନ୍ନ ସ୍ଥାନରେ ଏଆଇଜି ଯକୃତ ପ୍ରତିରୋପଣ କରୁଛି। ଏସ୍‌ସିବିରେ ପ୍ରତିରୋପଣ କରାଇବା କ୍ଷେତ୍ରରେ ଦ୍ୱିଧା ନାହିଁ। ମାତ୍ର ସେମାନଙ୍କ ପାଖରେ ପ୍ରକୃତ ଆନ୍ତରିକତା ନାହିଁ। କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ଲୋକଦେଖାଣିଆ। ଏପ୍ରିଲ ଓ ସେପ୍ଟେମ୍ବରରେ ଯେଉଁ ଦୁଇଥର ଯକୃତ ପ୍ରତିରୋପଣ କରାଯାଇଥିଲା ସେତେବେଳେ ଏଆଇଜି ତରଫରୁ ବିଶେଷ ଉଦ୍ୟମ ହୋଇଥିଲା। ଗତ ୩ ମାସ ଭିତରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୫ଜଣଙ୍କ ଯକୃତ ପ୍ରତିରୋପଣ ହୋଇଛି। ଏଥିରେ ଏଆଇଜି ପୂର୍ଣ୍ଣ ସହଯୋଗ କରିଛି। ଏସ୍‌ସିବିରେ ପ୍ରତିରୋପଣ କରାଇବାରେ ଏଆଇଜିର କୌଣସି ବି ସମସ୍ୟା ନାହିଁ ବୋଲି ଅଧିକାରୀଜଣକ କହିଛନ୍ତି। ଯକୃତ ପ୍ରତିରୋପଣ ବନ୍ଦ ହେବା ପଛରେ ସେ ସ୍ୱାସ୍ଥ୍ୟ ବିଭାଗର ଜନୈକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ପ୍ରତିରୋପଣ ୟୁନିଟକୁ ଅଚଳ କରିବା ଦିଗରେ ବଡ ମେଡିକାଲ ଏବଂ ସ୍ୱାସ୍ଥ୍ୟ ବିଭାଗର କେତେକ ପଦାଧିକାରୀଙ୍କ ସମ୍ପୃକ୍ତି ଥିବା ସେ କହିଥିଲେ। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାର ସମୟ ଆସିଛି। ନଚେତ୍ ୟୁନିଟ ସବୁଦିନ ପାଇଁ ବନ୍ଦ ହୋଇଯିବ ବୋଲି ସେ ମତ ଦେଇଥିଲେ।

ପ୍ରକାଶଯୋଗ୍ୟ, ଏଆଇଜି ଅଧିକାରୀମାନଙ୍କୁ ଏସ୍‌ସିବିରେ ଅସହଯୋଗ କରାଯିବା ଖବର ମଧ୍ୟ କ୍ରମଶଃ ସାମ୍ନାକୁ ଆସିଛି। କିଛି ମାସ ପୂର୍ବେ ଏଆଇଜିର ଜନୈକ ଅଧିକାରୀ ଯକୃତ ରୋଗୀଙ୍କ ସଂକ୍ରାନ୍ତରେ ଆଲୋଚନା କରିବାକୁ ବଡ ମେଡିକାଲ ଆସିଥିଲେ। ସେଦିନ ଶନିବାର ଥିଲା। ହେଲେ ଭେଟିହେବ ନାହିଁ ବୋଲି କହିବା ସହ କିଛି ଦିନ ପରେ ଆସିବାକୁ କହି ଜଣେ ବରିଷ୍ଠ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ଏପରିକି ପ୍ରତିରୋପଣ ନିମନ୍ତେ କେତେକ ଉପକରଣ କ୍ରୟ କରିବାକୁ ଏଆଇଜି ପକ୍ଷରୁ ଗତବର୍ଷ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ଉପକରଣ କ୍ରୟ ନିମନ୍ତେ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ଏଆଇଜିର ପରାମର୍ଶ ସତ୍ତ୍ୱେ ଏସ୍‌ସିବି ପକ୍ଷରୁ ଆବଶ୍ୟକ ଉପକରଣଗୁଡିକ ଅଣାଯାଉନାହିଁ।

## ବୃଦ୍ଧା ମା’କୁ କାନ୍ଧରେ ଧରି ପାଣି ଢାଳିବାକୁ ଗଲେ ପୁଅ

**କଟକ,୧୧।୭(ସମିସ):** ଶ୍ରାବଣ’ର ପ୍ରଥମ ସୋମବାର ପାଇଁ କଟକ ସହରରେ ଦେଖିବାକୁ ମିଳିଛି ବୁଢ଼ୀ ମା’ ଏବଂ ପୁଅ ମଧ୍ୟରେ ଥିବା ଅନାବିଳ ଭଲ ପାଇବାର ଶାଶ୍ୱତ ଉଦାହରଣ। ସ୍ନେହ ଓ ମମତା’ର ମୂଳକରେ ବନ୍ଧା ପୁଅ ତା’ କାନ୍ଧରେ ଭାର କରି ବୁଢ଼ୀ ମା’କୁ ବସାଇ ପୁରୀ ଲୋକନାଥ ମନ୍ଦିରକୁ ନେଇ ବାହାରିଛି। ଗୌପ୍ୟନଗରୀ ରାସ୍ତାରେ ପିତାମାତାଙ୍କ ପ୍ରତି ନିବିଡ ଅନୁରକ୍ତି ଝଲସି ଉଠିଛି। ଯେମିତି ଶ୍ରବଣଙ୍କ ପିତା ମାତା ଋଷି ଥିଲେ ଓ ଆଶ୍ରମ କରି ରହୁଥିଲେ। ତାଙ୍କର ନାମ ଶାନ୍ତନୁ ଓ ଜ୍ଞାନବତୀ ରହିଥିଲା ଏବଂ ଥରେ ସେମାନେ ତାଙ୍କ ପୁତ୍ରକୁ କହିଲେ ଯେ, ସେମାନେ ଅତ୍ୟନ୍ତ ବୃଦ୍ଧାବସ୍ଥାକୁ ଆସିଯାଇଥିବାରୁ ଥରେ ତୀର୍ଥ ଯାତ୍ରାରେ ଯିବାକୁ ଇଚ୍ଛୁକ। ସେମାନେ ଭାରତବର୍ଷର ୪୦ଟି ତୀର୍ଥସ୍ଥଳୀ ଦେଖିବାକୁ ଇଚ୍ଛା କରିଥିଲେ। ହିନ୍ଦୁ ଧର୍ମରେ ବିଶ୍ୱାସ ଥାଏ ଯେ ବାର୍ଦ୍ଧକ୍ୟ ଅବସ୍ଥାରେ ତୀର୍ଥସ୍ଥଳୀ ଗଲେ ଆତ୍ମାକୁ ଶାନ୍ତି ମିଳିଥାଏ। ସେ ସମୟରେ ଯାତାୟତ ବ୍ୟବସ୍ଥା ବିରଳ ଓ ବହୁ ଖର୍ଚ୍ଚ ବିଶିଷ୍ଟ ଥିଲା। ତେଣୁ ପିତୃ-ମାତୃ ଭକ୍ତ ଶ୍ରବଣ ୨ଟି ଝୁଡିରେ ସେମାନଙ୍କୁ ବସେଇ ବାଉଁଶ ଭାର ସାହାଯ୍ୟରେ ବୋହି ସେମାନଙ୍କୁ ସବୁ ତୀର୍ଥ ବୁଲେଇଥିଲେ। ଆଜି ଠିକ୍ ସେମିତି ପୁରୀ ଜିଲ୍ଲା ଅନ୍ତର୍ଗତ ଡେଲଙ୍ଗପୁର ଅଞ୍ଚଳର ବୃଦ୍ଧା ମା’କୁ ଝୁଡ଼ି ଦ୍ୱାରା କାନ୍ଧରେ ବସାଇ ପୁଅ ଅର୍ଜୁନ ସ୍ୱାଇଁ ଗଡ଼ଗଡିଆରୁ ପାଣି ଭାର ନେଇ ପ୍ରଭୁ ଲୋକନାଥ ଅଭିମୁଖେ ବାହାରିଛନ୍ତି। ସାଙ୍ଗରେ ବନ୍ଧୁ ସତ୍ୟବାନ ପ୍ରଧାନ ଏବଂ ଅର୍ଜୁନଙ୍କ ପତ୍ନୀ ମାମିନା ସ୍ୱାଇଁ ସାଙ୍ଗରେ ଯାଉଛନ୍ତି। ଏହି ଶ୍ରାବଣ’ର ଶ୍ରବଣଙ୍କୁ ଦେଖିବାକୁ ରାସ୍ତା କଡରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

## ୧୬ରୁ ସାହାଣୀ କପ୍: ଭାଗନେବେ ୩୩ ଦଳ

**ଭୁବନେଶ୍ୱର, ୧୧।୭ (ସମିସ):** ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନସିପ୍‌ର ୬୪ତମ ସଂସ୍କରଣ ଜୁଲାଇ ୧୬ରୁ ଆରମ୍ଭ ହେବ। ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ରାଜ୍ୟର ୩୦ ଜିଲ୍ଲା ଦଳ ସହ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି), ପାରଦୀପ୍ ପୋର୍ଟ ଟ୍ରଷ୍ଟ ଓ ଭୁବନେଶ୍ୱର ଦଳ ଅଂଶଗ୍ରହଣ କରିବେ। ୪ଟି ଜୋନ୍ କେନ୍ଦୁଝର, କେନ୍ଦ୍ରାପଡ଼ା, ବୌଦ୍ଧ ଓ ବ୍ରହ୍ମପୁରରେ ମ୍ୟାଚ୍ ଖେଳାଯିବ।

● ଜାତୀୟ ଜୁନିଅର୍ ରଗ୍‌ବୀ ଆଜିଠୁ

## ଟାଇଟଲ୍ ବଜାୟ ଲକ୍ଷ୍ୟରେ ଓଡ଼ିଶା ବାଳକ

**ଭୁବନେଶ୍ୱର, ୧୧।୭ (ସମିସ):** ଜାତୀୟ ଜୁନିଅର୍ ରଗବୀ-୭ ଚାମ୍ପିଅନସିପ୍ ଶନିବାରଠାରୁ ଉତ୍ତରାଖଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ୧୨ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ଗ୍ରୁପ୍-ଏ’ରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ସହ ଆସାମ ଓ ତାମିଲନାଡୁ ସ୍ଥାନ ପାଇଛନ୍ତି। ଉଦ୍‌ଘାଟନୀ ଦିବସରେ ତାମିଲନାଡୁ ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଗତ ସଂସ୍କରଣରେ ଚାମ୍ପିଅନ ହୋଇଥିବା ଓଡ଼ିଶା ଦଳ ଏଥର ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଧୀରେନ କୁମାର ରାଉତ ପ୍ରଶିକ୍ଷକ, ମୁନା ମୁର୍ମୁ ମ୍ୟାନେଜର ଏବଂ ଅର୍ଜୁନ ସିଂ ଫିଜିଓ ଭାବେ ଦଳ ସହ ଗସ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ବାଳିକା ଦଳ ଏହି ପ୍ରତିଯୋଗିତାରେ ରନର୍ସଅପ୍ ହୋଇଥିଲା।

ଓଡ଼ିଶା ବାଳକ ଦଳ: ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ, ରାହୁଲ ମାଝୀ, ଚିନ୍ମୟ କୁମାର ନାୟକ, ସୂରଜ କୁମାର ଦୋରା, ଈଶ୍ୱର ପୂଜାରୀ, ମଣ୍ଟୁ ଟୁଡୁ, ସାଇବା ସୋରେନ, ଭରତ କିଶାନ, ଆତ୍ମା ମୁର୍ମୁ, ସୁବାଷ ହାଁସଦା, ଶୁଭପତି ନାୟକ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ

**ଭୁବନେଶ୍ୱର, ୧୧।୭ (ସମିସ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁପୂର୍ଣ୍ଣିମା ଅବସରରେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ସମାରୋହକୁ ଉଦ୍‌ଘାଟନ କରି ମହର୍ଷି ବ୍ୟାସଦେବଙ୍କୁ ଭାରତୀୟ ଐତିହ୍ୟ ଓ ସଂସ୍କୃତିର ଏକ ମହାନ୍ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ। ଡ. ଅଜୟ କୁମାର ବିଶ୍ୱାଳ, ଡ. ଲକ୍ଷ୍ମଣ କୁମାର ସାହୁ ଓ ଡ. ଜ୍ଞାନରଞ୍ଜନ ପଣ୍ଡା ଯୋଗଦେଇ ବ୍ୟାସଦେବଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଇତିଶ୍ରୀ ସାହୁଙ୍କ ନିର୍ଦ୍ଦେଶନାରେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀମାନଙ୍କ ଦ୍ୱାରା ଗୁରୁବନ୍ଦନା ପରିବେଷିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ପୂଜ୍ୟପୂଜା ଉତ୍କଳୀୟ ସଂସ୍କୃତିର ମହାନ ପରମ୍ପରା



**ଭୁବନେଶ୍ୱର, ୧୧।୭ (ସମିସ):** ପୂଜ୍ୟପୂଜା ଉତ୍କଳୀୟ ସଂସ୍କୃତିର ମହାନ ପରମ୍ପରା ବୋଲି ପୂଜ୍ୟପୂଜା ଓଡ଼ିଶାର ମାସିକ ଆଲୋଚନାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର କହିଛନ୍ତି। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଲେଖକ ସମବାୟ ସମିତି ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଅଲେଖ ଚନ୍ଦ୍ର ପଢ଼ିଆରୀ ଗୁରୁପୂର୍ଣ୍ଣିମାର ବୈଶିଷ୍ଟ୍ୟ ବର୍ଣ୍ଣନା କରିବା ସହ ଗୁରୁଶିଷ୍ୟ ପରମ୍ପରା କିପରି ଆଜି ଅବକ୍ଷୟମୁଖୀ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କର୍ମବୀର ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ବୈକୁଣ୍ଠ ନାଥ ଦେ, ରାଧାନାଥ ରାୟ ପ୍ରମୁଖଙ୍କ ସ୍ମୃତିଚାରଣ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବକ୍ତା ଓ ଆଲୋଚକ ଭାବେ ଡ. ଆରତି କର, ବିଜୟ କୁମାର ମହାନ୍ତି, ମିନତୀ ଷଡ଼ଙ୍ଗୀ, ଆଶିଷ କର ପ୍ରମୁଖ ବ୍ୟାସ ପୂର୍ଣ୍ଣିମା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶାସ୍ୱତ ଭାରତ ପତ୍ରିକା ଉନ୍ମୋଚନ ହୋଇଥିଲା, ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶାର ସମସ୍ତ ସଭା ସମିତି ଓ ଆଲୋଚନା ଚକ୍ରରେ ସରକାରୀ ବେସରକାରୀ ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ପ୍ରାରମ୍ଭରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଏକ ମିନିଟ ଶ୍ରଦ୍ଧାଞ୍ଜଳି ଜଣାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାପରେ ପ୍ରହ୍ଲାଦ ସାହୁ ଭଜନ ଗାନ କରିଥିଲେ ଏବଂ ଶେଷରେ ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରୟାଲ ସାଇନ୍ସ କଲେଜରେ ସ୍ୱାଗତୋତ୍ସବ



**ଭୁବନେଶ୍ୱର, ୧୧।୭ (ସମିସ):** ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ରୟାଲ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି +୨ ଆବାସିକ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ କଲେଜର ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ଯୋଗଦେଇ କଠୋର ପରିଶ୍ରମ ବଳରେ ଜୀବନର ଲକ୍ଷ୍ୟ ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଉପାଧ୍ୟକ୍ଷ ମିଲନ୍ ମହାନ୍ତି ଉଚ୍ଚାଭିଳାଷି ହେବା ସହ ତାକୁ ହାସଲ କରିବାକୁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନାଥ, ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର, ରୟାଲ ସ୍କୁଲ ଅଧ୍ୟକ୍ଷ ସର୍ବେଶ୍ୱର ସାମଲ, ମ୍ୟାନେଜର ଅଜୟ କୁମାର ଦାଶ ଏବଂ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କଲେଜ୍‌ର ପ୍ରାଚୀର ପତ୍ର ‘ରିଜନ୍ ଦି ଏଟ୍ରା’ର ଉଦ୍‌ଘାଟିତ ହୋଇଛି। ନବାଗତ ବିଦ୍ୟାର୍ଥୀମାନେ ନିଜର ପରିଚୟ ପ୍ରଦାନ କରି ଭବିଷ୍ୟତର ଲକ୍ଷ ସମ୍ପର୍କରେ କହିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଂରାଜୀ ଅଧ୍ୟାପକ ସମ୍ବିତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବକୁ ଦ୍ୱିତୀୟ ବର୍ଷ ଛାତ୍ରୀ ଲକ୍ଷ୍ମୀବ୍ରତା ପ୍ରଧାନ ପରିଚାଳନା କରିଥିବାବେଳେ ପ୍ରଥମ ବର୍ଷ ଛାତ୍ରୀ ସୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଏମ୍‌ରେ ଏଲ୍‌ଇଏପି ସିରିଜ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୧।୭ (ସମିସ):** ଶିକ୍ଷାରେ ବୌଦ୍ଧିକତା ବିଦ୍ୟାର୍ଥୀ ଚେତନାକୁ ଜାଗ୍ରତ କରେ। ଗୁଣାତ୍ମକ ଶିକ୍ଷାସହିତ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ସେମାନଙ୍କ ଜୀବନକୁ ଶୈକ୍ଷିକ, ବୌଦ୍ଧିକ, ମାନସିକ ତଥା ବ୍ୟାବହାରିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ କରେ। ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏଲ୍‌ଇଏପି ସିରିଜ୍ କାର୍ଯ୍ୟକ୍ରମରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପ୍ରତିଷ୍ଠାନର ଖଣିଜ ପ୍ରକ୍ରିୟାକରଣ ବିଭାଗ ମୁଖ୍ୟ ବୈଜ୍ଞାନିକ ଡ. ରଞ୍ଜନ କୁମାର ଦ୍ୱାରି, ଆର୍‌ଏମ୍‌ଏନ୍‌ଏଚ୍‌ର ବରିଷ୍ଠ ବୈଜ୍ଞାନିକ ଗୌରବ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବୈଜ୍ଞାନିକ ଡ. ପ୍ରସାଦ କୁମାର ଦାଶ, ମେଜର ଇନ୍‌ସପେକ୍ଟର ଜେନେରାଲ୍, ଆସାମ ରାଇଫଲ୍ସ (ଉତ୍ତର)ର ମେଜର ଜେନେରାଲ୍ ବିଏସ୍. ଦାସ ଏବଂ ଦିଲ୍ଲୀ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଜୀବନରେ ସଫଳ ହେବାକୁ ପଥ ପ୍ରଦର୍ଶନ କରିବା ସହ ନିରନ୍ତର ଉଦ୍ୟମ ଜାରି କରିବାକୁ ପ୍ରୋତ୍ସାହିତ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୫ଟି ଅଧିବେଶନରେ ମେଜର୍ ଜେନେରାଲ୍ ସାଇ ଅତନୁ ପଟ୍ଟନାୟକ, ଡ. ସଞ୍ଜୀବ ମହାପାତ୍ର, ଡ. ସିଦ୍ଧାର୍ଥ ମହାନ୍ତି, ଯୁବଦ୍ୟୋଗୀ ଦେବାଶିଷ କୁମାର ଓ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ନଗେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ନିଜ ଜୀବନର ସଂଘର୍ଷ ଓ ପରିଶ୍ରମ ଦ୍ୱାରା ପାଇଥିବା ସଫଳତା ସମ୍ପର୍କରେ ଅବଗତ କରିଛନ୍ତି। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ଷଡଙ୍ଗୀ ଧନ୍ୟବାଦ ଜ୍ଞାପନ କରିଥିଲେ।



## ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ବିକ୍ରେତା ସଂଗ୍ରହ ଅଭିଯାନ



**ଭୁବନେଶ୍ୱର, ୧୧।୭ (ସମିସ):** ଷ୍ଟାର୍ଟଅପ୍ ଓଡ଼ିଶା, ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ସହଯୋଗରେ ଭୁବନେଶ୍ୱରର ଓ-ହବ ଅଡିଟୋରିୟମ୍ ହଲ୍‌ରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉପରେ ବିକ୍ରେତା ସଂଗ୍ରହ ଅଭିଯାନ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଶିଳ୍ପ ମହାସଂଘର କାର୍ଯ୍ୟ ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ବେହେରା, ହସ୍ତଶିଳ୍ପ ବିଭାଗ ଉପନିର୍ଦ୍ଦେଶକ ପ୍ରବୀଣା ନାୟକ, ନିଯୁକ୍ତି ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଲିନୁ ଦାସ, ଖୋର୍ଦ୍ଧା ଜିଲ୍ଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ସମୁଚିତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମଶାଳା ଏମଏସଏମଇ ଆରଏଏମପି ଯୋଜନା ଅଧୀନରେ ବ୍ୟବସାୟ ବିକାଶ ସେବା ପ୍ରଦାନକାରୀ ପଦକ୍ଷେପର ଏକ ଅଂଶ ଥିଲା। ଏହି କର୍ମଶାଳାରେ ଉଦ୍ୟୋଗୀ, ଏମଏସଏମଇ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରଭାବଶାଳୀ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକୀୟ ଜ୍ଞାନ ଏବଂ ଉପକରଣ ବିଷୟରେ ଅବଗତ କରାଯାଇଥିଲା। ବିଶେଷଜ୍ଞମାନେ ପ୍ରକଳ୍ପ ଉଦ୍ଦେଶ୍ୟ, ବଜାର ବିଶ୍ଳେଷଣ, ଆର୍ଥିକ ଆକଳନ ଓ ବିପଦ ହ୍ରାସ ରଣନୀତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଅଧିବେଶନଗୁଡ଼ିକରେ ନବସୃଜନ, ଲକ୍ଷ୍ୟ ନିର୍ଦ୍ଧାରଣ ଏବଂ ଦୀର୍ଘକାଳୀନ ବ୍ୟବସାୟ ଯୋଜନା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଶ୍ନୋତ୍ତର ଅଧିବେଶନ ଆୟୋଜିତ ହୋଇଥିଲା।

# ଠୁଙ୍ଗାର ସ୍ଥାନ ନେଇଛି ପେପର ବ୍ୟାଗ୍

**ଭୁବନେଶ୍ୱର, ୧୧।୭ (ସମିସ):** ଆଗରୁ ପେପରକୁ କାଟି ସେଥିରେ ଅଠାକୁ ଲଗାଇ ପରସ୍ତ ପରସ୍ତ ଭାଙ୍ଗି ଶହେ ଗ୍ରାମ ଠାରୁ ଆରମ୍ଭ କରି ୫କିଲୋ ଜିନିଷ ରଖିଲା ଭଳି ଠୁଙ୍ଗା ତିଆରି ହୋଇପାରୁଥିଲା। ହେଲେ ଏବେ ଏହି ଠୁଙ୍ଗାକୁ ଆଉ କୌଣସି ଦୋକାନରେ ଦେଖିବାକୁ ମିଳୁନାହିଁ। ବର୍ତ୍ତମାନ ସମୟରେ ଏହି ଠୁଙ୍ଗାର ସ୍ଥାନ ନେଇଛି କାଗଜ ପେପର ବ୍ୟାଗ୍। ଠୁଙ୍ଗାରେ ଆଗରୁ କେବଳ ଗୋଟିଏ ଜିନିଷ ଭର୍ତ୍ତି ହେଇ ପାରୁଥିଲା ହେଲେ ଏହି ପେପର ବ୍ୟାଗ୍‌ରେ ବିଭିନ୍ନ ଜିନିଷ ବୋହି ଆଣି ହେଉଛି। ଦିନ ଥିଲା ଏହି ଠୁଙ୍ଗାକୁ ଗାଁ ରୁ ସହର ପର୍ଯ୍ୟନ୍ତ ମହିଳାମାନେ ପେପର କାଟିବା ଠାରୁ ନେଇ ଯେ ଆଠା ତିଆରିବା, ଠୁଙ୍ଗା ଶୁଖାଇବା ଆଦି କାର୍ଯ୍ୟ କରୁଥିଲେ। ହେଲେ ବର୍ତ୍ତମାନ ପେପର ବ୍ୟାଗ୍‌କୁ ଆଉ ମଣିଷ ମାନେ ତିଆରି କରୁନାହାନ୍ତି ମେସିନ୍ ଏହି ବ୍ୟାଗ୍ ତିଆରି କରୁଛି।

ରାଜଧାନୀରେ ମଧ୍ୟ ବିଭିନ୍ନ ଛୋଟ ବଡ଼ ଦୋକାନରେ ଆଗରୁ ଏହି ଠୁଙ୍ଗା ବିକ୍ରି ହେଉଥିଲା। ହେଲେ ଏବେ ସବୁ ଦୋକାନରେ ପେପର ବ୍ୟାଗ ଉପଲବ୍ଧ ହେଉଛି। ଏହି ପେପର ବ୍ୟାଗରେ ବର୍ତ୍ତମାନ ମଲ୍, ରାସନ ଦୋକାନ, ମେଡ଼ିସିନ୍ ଷ୍ଟୋର ସହିତ ବିଭିନ୍ନ ଫ୍ଷ୍ଟଫୁଡ୍ ଦୋକାନରେ ମଧ୍ୟ ଉପଲବ୍ଧ ହେଉଛି। ଯେଉଁଥି ପାଇଁ ଏବେ ଠୁଙ୍ଗାର ସ୍ଥାନ ପେପର ବ୍ୟାଗ ନେଇଛି। ଏବଂ ଏହି ପେପର ବ୍ୟାଗ ଲୋକଙ୍କର ଆଦୃତ ହୋଇ ପାରିଛି।

ବର୍ତ୍ତମାନ ବିଭିନ୍ନ ପ୍ରକାରର ପେପରକୁ ପେପର ବ୍ୟାଗ ତିଆରି ହୋଇ ପାରୁଛି। ପେପର ବ୍ୟାଗ ତିଆରି ପାଇଁ ପେପର ସବୁ ଚେନ୍ନାଇ, ଦିଲ୍ଲୀ, ମୁମ୍ବାଇ ଆଦିରୁ ପେପର ଆସୁଛି। ବିଶେଷ କରି ମ୍ୟାଟ ପେପର, ଗ୍ଲସି ପେପର, ନ୍ୟୁଜ୍ ପେପର, କ୍ରାଫ୍ଟ ପେପର ଆଦିରେ ପେପର ବ୍ୟାଗ ତିଆରି କରାଯାଉଛି। ଲୋକମାନଙ୍କର ଅଧିକ ମ୍ୟାଟ ପେପର, ଗ୍ଲସି ପେପର ବ୍ୟାଗ ଅଧିକ ପସନ୍ଦ କରୁଛନ୍ତି। ପେପରର କ୍ୱାଲିଟିକୁ ନେଇ ଦର ରହିଥାଏ। ୫ ଟଙ୍କାରୁ ନେଇ ୧୦୦ ଟଙ୍କା ପର୍ଯ୍ୟନ୍ତ ଦର ରହିଥାଏ। ବ୍ୟାଗକୁ ଯେତେ ସୁନ୍ଦର କରିପାରିବା ସେତେ ଅଧିକ ଦର ରହିବ। ୫ ଇଞ୍ଚିରୁ ନେଇ ୧୮ ଇଞ୍ଚି ପର୍ଯ୍ୟନ୍ତ ବ୍ୟାଗ ତିଆରି ହୋଇଥାଏ ବୋଲି ଭିଏସ୍‌ଏସ୍ ନଗରରେ ଥିବା ପ୍ରଗତି କ୍ରିଏସନ ପେପର ବ୍ୟାଗ୍‌ର ମାଲିକ ସୁଜିତ୍ କୁମାର ଦାସ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଠୁଙ୍ଗା ଭଳି ଏହି ପେପର ବ୍ୟାଗ୍ ବି ମାଟିରେ ପଡ଼ିଲେ ବିଘଟନ ହେଇଯିବ ବୋଲି ସେ କହିଛନ୍ତି।




## ମାନସିକ ଅନଗ୍ରସରଙ୍କ ଦ୍ୱାରା ପ୍ରସ୍ତୁତ କାଗଜ ବ୍ୟାଗ୍

**ଭୁବନେଶ୍ୱର, ୧୧।୭ (ସମିସ):** ସେମାନେ ମାନସିକ କ୍ଷେତ୍ରରେ ଅନଗ୍ରସର ହେଲେ ବି ସକ୍ଷମ। ସାଧାରଣ ଲୋକଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି। ଅନ୍ୟର କଥାକୁ ଠିକ୍ ଭାବେ ବୁଝିବା ବା ଗ୍ରହଣ କରିପାରୁ ନ ଥିବା ଅଟିଜିମ୍ (ମାନସିକ ଅନଗ୍ରସର) ମାନେ ରୋଜଗାରକ୍ଷମ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। କାଗଜ ବ୍ୟାଗ୍ ପ୍ରସ୍ତୁତ କରି ଏମାନେ କେବଳ ରୋଜଗାରକ୍ଷମ ହୋଇପାରି ନାହାନ୍ତି ବରଂ ପରିବେଶ ସୁରକ୍ଷା ପାଇଁ ପଲିଥିନ୍‌ର ବିକଳ୍ପ ଭାବେ ଏହାକୁ କରିବାକୁ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଭଳିକିଭଳି କାଗଜ ବ୍ୟାଗ୍ ରାଜଧାନୀର ବିଭିନ୍ନ ସପିଂମଲ୍‌ରେ ଉପଲବ୍ଧ ରହିଥିବା ଦେଖିବାକୁ ମିଳିଛି।

ସ୍ଥାନୀୟ ପୋଖରୀପୁଟସ୍ଥିତ ଏନସିଏସସିଡିଏ (ନ୍ୟାସନାଲ କ୍ୟାରିଅର ସର୍ଭିସ୍ ସେଣ୍ଟର ଫର୍ ଡିଫରେଣ୍ଟଲି ଏବଲ୍‌ଡ) ପରିସରରେ ଥିବା ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରତିଷ୍ଠାନରେ ବୃଦ୍ଧି ଜରିଆରେ ଅଟିଜିମ୍ (ମାନସିକ ଅନଗ୍ରସର) ପିଲାମାନେ ପେପର ବ୍ୟାଗ୍ ତିଆରି କରି ରୋଜଗାରକ୍ଷମ ହୋଇପାରିଛନ୍ତି। ସେହିପରି ଓପନ୍ ଲର୍ଣ୍ଣିଂ ସିଷ୍ଟମ୍‌ରେ ରହୁଥିବା ଅନ୍ତେବାସୀମାନେ ଭଳି କି ଭଳି ଆକର୍ଷଣୀୟ କାଜଗ ବ୍ୟାଗ ତିଆରି କରି ବଜାରକୁ ଯୋଗାଉଛନ୍ତି। ସେହିପରି ଇଣ୍ଡିଆନ୍ ରେଡକ୍ରସ ସୋଇଟି ଦ୍ୱାରା ପରିଚାଳିତ ‘ସହାୟ’ ଅନୁଷ୍ଠାନରେ ରହୁଥିବା ମୁକବଧିର ଓ ମାନସିକ ଅନଗ୍ରସର ପିଲାମାନେ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହାନ୍ତି। ଏଠାରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବାକୁ ରାଜ୍ୟ ବାହାରୁ ପ୍ରଶିକ୍ଷଣ ଦଳ ଅନୁଷ୍ଠାନର କର୍ମଚାରୀଙ୍କ ସମେତ ଉଭୟ ଅଭିଭାବକ ଏବଂ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ପ୍ରତିବର୍ଷ ବିଭିନ୍ନ ସ୍ଥାନରୁ ପିଲାମାନେ ଏହି ଅନୁଷ୍ଠାନଗୁଡ଼ିକରେ ପ୍ରଶିକ୍ଷଣ ନେଇଥାନ୍ତି। ସାଧା ପେପର, ପ୍ରିଣ୍ଟେଡ୍ ପେପର ଦିନକୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି। ଏହି ବ୍ୟାଗ୍ ଗୁଡ଼ିକ ବିଭିନ୍ନ ସପିଂ ମଲ୍, ଗହଣା ଦୋକାନ, ଉପହାର ଦୋକାନ ଏବଂ ବୁକ୍ ଷ୍ଟୋର ଗୁଡ଼ିକ ଅର୍ଡର ଦେଇଥାନ୍ତି। ଏହାସହିତ ସରକାରଙ୍କ ଟିଡିସିସି ଅଧିନସ୍ଥ ଆଦିଶାରେ ମଧ୍ୟ ଏହି ବ୍ୟାଗ୍ ବିକ୍ରି କରାଯାଉଥିବା ଟ୍ରେନିଂ ସେଣ୍ଟରର (ଏସଏସପିଇଡି) ସଭାପତି ସଂଯୁକ୍ତା ପଟ୍ଟନାୟକ କହିଛନ୍ତି। ଏଥିରୁ ମିଳୁଥିବା ଲାଭ ଅର୍ଥରେ ପୁନର୍ବାର କଞ୍ଚାମାଲ କିଣାଯିବା ସହ ବଳକା ଟଙ୍କା ପ୍ରତ୍ୟେକ ପିଲାମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ମାସିକ ପାରିଶ୍ରମିକ ଦିଆଯାଉଛି। ଏହାଦ୍ୱାରା ମାନସିକ ଅନଗ୍ରସର ଏବଂ ମୁକବଧିର ପିଲାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଥିବା ସହାୟ ପକ୍ଷରୁ କୁହାଯାଇଛି।



# ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି



ପରଜଙ୍ଗ, ୧୧।୭(ସମିସ): ରାଜ୍ୟବ୍ୟାପୀ ଡ୍ରାଇଭରମାନଙ୍କ ଷ୍ଟିୟରିଂଛାଡ଼ ଆନ୍ଦୋଳନ ଜାରି ରହିଥିବା ବେଳେ ଅନ୍ୟପଟେ ଲଗାଣ ବର୍ଷାରେ ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି। ଫଳରେ ବଜାରରେ ଏବେ ପନିପରିବା ଦର ଆକାଶଛୁଆଁ ହୋଇଛି। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ହୁ ହୁ ହୋଇ ବଢ଼ି ଚାଲିଛି ପରିବା ଦର। ବ୍ଲକର ବିଭିନ୍ନ ସ୍ଥାନରେ ସାପ୍ତାହିକ ହାଟ ରହିଥିବା ବେଳେ ଭାଲୁମୁଣ୍ଡାରେ ମଙ୍ଗଳବାର ହାଟ, କୁଆଲୁରେ ଶୁକ୍ରବାର ହାଟ ଓ ସାଆନ୍ଦାରେ ରବିବାର ହାଟ ରହିଛି। ଏହି ହାଟରେ ଖାଉଟିମାନଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳିଥାଏ। ଗାଁଗହଳି ଓ ବଜାର ଅପେକ୍ଷା ଖାଉଟିମାନେ ସୁଲଭ ମୂଲ୍ୟରେ ପରିବା କିଣିବା ପାଇଁ ସାପ୍ତାହିକ ହାଟ ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ କିଛିଦିନ ହେବ ହାଟରେ ପରିବା ଦର ଆକାଶଛୁଆଁ ହୋଇଯାଇଛି। ଫଳରେ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ଦରଦାମ ବୃଦ୍ଧି ଯୋଗୁଁ ଲୋକେ ବାଧହୋଇ ଘରକୁ କମ୍ ପରିମାଣରେ ପରିବା ନେବାକୁ ବାଧ ହେଉଛନ୍ତି। ଶ୍ରାବଣ ମାସ ଆରମ୍ଭ ହୋଇଥିବା ବେଳେ ନିରାମିଷ ଖାଦ୍ୟର ଅଧିକ ଚାହିଦା ରହିଥାଏ। ନିରାମିଷ ଖାଦ୍ୟ ପ୍ରସ୍ତୁତ ପାଇଁ ପନିପରିବା ଉପରେ ନିର୍ଭର କରିବାକୁ ପଡୁଥିବାବେଳେ ବଜାର ଦର ଏବେ ଚିନ୍ତାର କାରଣ ହୋଇଛି। ବିଭିନ୍ନ ହାଟରେ ଏବେ କଞ୍ଚାଲଙ୍କା ୨୫୦ ଟଙ୍କା, ଆଳୁ ୨୦ରୁ ୨୫ ଟଙ୍କା, ପିଆଜ ୩୦, ସାରୁ ୫୦, ଭେଣ୍ଡି ୫୦ରୁ ୬୦, ଛୁଇଁ, ବାଇଗଣ, ଦେଶୀ ପୋଟଳ, ଝୁଡ଼ୁଙ୍ଗ, କାଙ୍କଡ଼ ୧୦୦ ଟଙ୍କା ଉପରେ ରହିଛି। ଅନ୍ୟ ପନିପରିବା ଦର ମଧ୍ୟ ଢେର୍ ଅଧିକ ରହିଛି। ପନିପରିବା ଦର ଏବେ ଗରିବ, ମଧ୍ୟବିତ୍ତ ଓ ନିମ୍ନବିତ୍ତ ପରିବାର ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ୫୦୦ ଟଙ୍କା ନେଇ ବଜାରକୁ ଗଲେ ବ୍ୟାଗ ଭର୍ତ୍ତି ହେଉନାହିଁ। ଏ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ମିଳିନାହିଁ ଘର, ଅନ୍ତ୍ୟୋଦୟ କାର୍ଡ

# ଗୁରୁଣ୍ଡି ଗୁରୁଣ୍ଡି ବିଡିଓଙ୍କୁ ଦୁଃଖ ଜଣାଇଲେ ଦିବ୍ୟାଙ୍ଗ

କାମାକ୍ଷାନଗର, ୧୧।୭(ସମିସ)

ଘର ଖଣ୍ଡିଏ ପାଇଁ ମା' ଛେଉଣ୍ଡ ଦୁଇ ପିଲା ଓ ବୁଢ଼ୀ ମା'କୁ ଧରି ଗୁରୁଣ୍ଡି ଗୁରୁଣ୍ଡି ବ୍ଲକକୁ ଆସି ବିଡିଓଙ୍କୁ ଦୁଃଖ ଜଣାଇଲେ ଦିବ୍ୟାଙ୍ଗ। ଦିବ୍ୟାଙ୍ଗ ଜଣକ ହେଲେ କାମାକ୍ଷାନଗର ବ୍ଲକ ପଣ୍ଡୁଆ ଗ୍ରାମର ଖଗେଶ୍ୱର ନାଏକ (୪୫)। ଖଗେଶ୍ୱର ପିଲାଦିନରୁ ପୋଲିଓରେ ଆକ୍ରାନ୍ତ ହୋଇ ଶାରୀରିକ ଭାବେ ଅକ୍ଷମ ଥିଲେ। କିଛିବର୍ଷ ତଳେ ହଠାତ ତାଙ୍କୁ ପାରାଲିସିସ ହେବା ଫଳରେ ସେ ସମ୍ପୂର୍ଣ୍ଣ ଭାବେ ଅକ୍ଷମ ହେବା ସହ ଚଲାବୁଲା କରିପାରୁ ନାହାନ୍ତି। ସ୍ତ୍ରୀ ରୀନା ନାଏକଙ୍କ ମୃତ୍ୟୁ ହୋଇଥିଲା ବେଳେ ଦୁଇ ପୁଅ ଓ ବୃଦ୍ଧ ମା'କୁ ଧରି ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ଖଗେଶ୍ୱର। ଦିବ୍ୟାଙ୍ଗ ଭତ୍ତା ଓ ପାଞ୍ଚ କିଲୋ ଚାଉଳରେ ପୂରା ପରିବାର ଚଳୁଥିବା ବେଳେ ଘର ଖଣ୍ଡିଏ ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶ ହୋଇଛନ୍ତି। ବାରମ୍ବାର ନିରାଶ ହେବା ପରେ ଶୁକ୍ରବାର ନିଜ ଦୁଇ ପୁଅ ଓ ବୁଢ଼ୀ ମା'କୁ ଧରି କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଗୁରୁଣ୍ଡି ଗୁରୁଣ୍ଡି ଯାଇ ବିଡିଓଙ୍କୁ ଘର ଖଣ୍ଡିଏ ପାଇଁ ନିବେଦନ କରିବା ସହ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ପାଇଁ ଅନୁରୋଧ କରିଛନ୍ତି ଖଗେଶ୍ୱର। ତେବେ ଏ ସମ୍ପର୍କରେ ଜାଣିବା ପରେ ବିଡିଓ ପ୍ରଭୁ କଲ୍ୟାଣ ଦାଶ ତୁରନ୍ତ ଖଗେଶ୍ୱରଙ୍କ ପରିବାରକୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ଦୁଇ ପୁଅଙ୍କ ପାଠପଢ଼ା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।



# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ



ଖଜୁରିଆକଟା, ୧୧।୭(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଗୌତମ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ପ୍ରଦୀପ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ପୂର୍ବତନ ଆଚାର୍ଯ୍ୟ ତଥା ଅଖିଳ ଭାରତୀୟ ବୈଦିକ ଗଣିତ ସହ ସଂଯୋଜକ ପ୍ରସନ୍ନ କୁମାର ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ସମ୍ପାଦକ ଶଶିଭୂଷଣ ବେହେରା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ମନ୍ଦିରର ସ୍ଥାୟୀ ସଭାପତି ସୁକୁମାର ବିଶ୍ୱାଳ ପରିଚାଳନା କମିଟି ସଦସ୍ୟଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଶୈକ୍ଷିକ ବ୍ୟବସ୍ଥାର ପରିଚାଳନା ଯେତେ ଭଲ ହେବ ଶିକ୍ଷାର ମାନ ସେତେ ଭଲ ହେବ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ, ନୂତନ ଓ ପୁରାତନ ପରିଚାଳନା ସମିତି ସଦସ୍ୟ, ମାତୃ ଭାରତୀ, ବହୁ ଶୁଭେଚ୍ଛୁ, କାର୍ଯ୍ୟରତ ଗୁରୁଜୀ ଓ ଗୁରୁମା ସମେତ ପୂର୍ବତନ ପ୍ରଧାନଆଚାର୍ଯ୍ୟମାନେ ଉପସ୍ଥିତ ଥିଲେ। ଉପସଭାପତି ତ୍ରିଲୋଚନ ମିଶ୍ର, ଯୁଗ୍ମ ସମ୍ପାଦକ ମନୋଜ କୁମାର ପ୍ରଧାନ, କୋଷାଧ୍ୟକ୍ଷ ସୁରେଶ କୁମାର ସାହୁ, ବିମଳ ପ୍ରଧାନ, ଦୀପ୍ତିମୟୀ ପତି, ମୌସୁମୀ ବେହେରା, କୀର୍ତ୍ତିମୟୀ ଦାସ, ପୂର୍ବତନ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ଡାକ୍ତର ଚୈତନ୍ୟ ସାହୁ, ଡାକ୍ତର ପଣ୍ଡିତ କର, ଅଭୟ କୁମାର ସାମଲ, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି ଓ ମଙ୍ଗରାଜ ପ୍ରଧାନ ପ୍ରମୁଖ ଅନୁଷ୍ଠାନର କାର୍ଯ୍ୟଶୈଳୀ ଓ ରୂପରେଖ ସମ୍ପର୍କରେ ଅବତାରଣା କରିଥିଲେ। ସଭାପତି ସୁକୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଗୁରୁ ପୂର୍ଣ୍ଣିମା



ପରଜଙ୍ଗ, ୧୧।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଗଡ଼ପରଜଙ୍ଗ ଗ୍ରାମସ୍ଥିତ ମା' ସିଦ୍ଧ ମହାପାଟ୍ଟ ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ପ୍ରଣତୀ ଦଳବେହେରାଙ୍କ ନେତୃତ୍ୱରେ ଗ୍ରାମଦେବୀ ମହାପାଟ୍ଟ ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଛି। ଏହି ଅବସରରେ ମହାପାଟ୍ଟ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀର ୨ ଜଣ ଗୁରୁ ଦୁର୍ଗାଚରଣ କର ଓ ଲଳିତ ମୋହନ ନାୟକଙ୍କୁ ଧୂପଦୀପ, ଫୁଲ ଚନ୍ଦନ ଦେଇ ବନ୍ଦାପନା କରି ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁଙ୍କ ଚରଣରେ କୀର୍ତ୍ତନ ମଣ୍ଡଳୀର କଳାକାରମାନେ ପ୍ରଣାମ କରିବା ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶେଷରେ କୀର୍ତ୍ତନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୀର୍ତ୍ତନ ମଣ୍ଡଳୀର ଉଦ୍ୟୋକ୍ତା ବିନୟ କୁମାର ଦଳବେହେରା ସହଯୋଗ କରିଥିଲେ।

# ୨ ସନ୍ତାନ ଆଇନ ଲାଗୁ କରିବାକୁ ଦାବିପତ୍ର



ଢେଙ୍କାନାଳ, ୧୧।୭(ସମିସ): ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ଓଡ଼ିଶା ତଥା ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ଢେଙ୍କାନାଳ ଶାଖା ତରଫରୁ ଜନସଂଖ୍ୟା ନିୟନ୍ତ୍ରଣ ଦିବସରେ ଦେଶରେ ସବୁ ନାଗରିକଙ୍କ ପାଇଁ ୨ ସନ୍ତାନ ଆଇନ ଲାଗୁ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି କଲ୍ୟାଣ କାନୁନଗୋ ଓ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଗୋଟିଏ ଦେଶରେ ଏକାଧିକ ଆଇନ ପ୍ରଚଳନ ଭାରତୀୟ ସମ୍ବିଧାନର ଧାରା ୪୪ର ସ୍ପଷ୍ଟ ଅବମାନନା ବୋଲି କହିଥିଲେ। ଯଥାଶୀଘ୍ର ଏହାକୁ ଉଚ୍ଛେଦ କରି ଗୋଟିଏ ଦେଶ ଗୋଟିଏ ଆଇନ ପ୍ରଚଳନ କରିବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ମନମୋହନ ତ୍ରିପାଠୀ, ଆଶୁତୋଷ ପଟ୍ଟନାୟକ, ନରେନ୍ଦ୍ରନାଥ ସାହୁ, ଅବିନାଶ ପଟ୍ଟନାୟକ, ଶରତ କୁମାର ଷଡ଼ଙ୍ଗୀ, ସଚ୍ଚିଦାନନ୍ଦ ସିଂହ, ଆଇନଜୀବୀ ଅମ୍ବିକା ପ୍ରସାଦ ମିଶ୍ର, ପ୍ରକାଶ କୁମାର ଦାଶ, ରବିନାରାୟଣ ମହାନ୍ତି, ରାମଚନ୍ଦ୍ର ଦେବତା, ପ୍ରଭାକର ରାଉତ, ପ୍ରମୋଦ କୁମାର ପରିଡ଼ା, ଭାସ୍କର ଚନ୍ଦ୍ର ନାୟକ, ପ୍ରଭାତୀ ମହାପାତ୍ର ଓ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ରହି ସମର୍ଥନ କରିଥିଲେ।

# ଇଫୁନା ଓ ଉଫୁନା ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ

ଢେଙ୍କାନାଳ, ୧୧।୭(ସମିସ): ସ୍ଥାନୀୟ ଏକ ହୋଟେଲ୍ କନଫରେନ୍ସ ହଲ୍‌ରେ ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ୍ (ଇଫୁନା) ଓ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ୍ (ଉଫୁନା) ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଛି। ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ୍‌ର ଭାଇସ୍ ଚେୟାରମ୍ୟାନ୍ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଇଫୁନାର ଜାତୀୟ ଉପସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଅଭାସୀ ମାଧ୍ୟମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ କହିଲେ ଯେ ୨୦୨୫ ମସିହା ସମସ୍ତଙ୍କ ସର୍ବାଙ୍ଗୀନ ବିକାଶର ବର୍ଷ ହେଉ। ଜନସଂଖ୍ୟା ସଚେତନତା ହିଁ ସୁରକ୍ଷା ବୋଲି ସେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଦୁର୍ଗାମାଧବ ପୃଷ୍ଟି ଯୋଗଦେଇ କହିଲେ, ମୋ ଜନସଂଖ୍ୟା, ମୋ ଦାୟିତ୍ୱ। ଜନସଂଖ୍ୟା ସଚେତନତା ହିଁ ସୁରକ୍ଷା ଓ ସୁରକ୍ଷା ହିଁ ଜୀବନ ରକ୍ଷା। ସମସ୍ତଙ୍କ ଉନ୍ନତିରେ ହିଁ ସମାଜର ପ୍ରଗତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସର୍ବୋଦୟ ନେତା ଲଳିତ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିବେକାନୁମୋଦିତ ଜନସଂଖ୍ୟା ନିୟନ୍ତ୍ରଣ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ ବୋଲି କହିଥିଲେ। ଜନସଂଖ୍ୟା ସ୍ଥିରତା ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ଜନସଂଖ୍ୟା ସ୍ଥିରତା ଏକାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, ଫିନଲ୍ୟାଣ୍ଡ ଯଦିଓ ଜନସଂଖ୍ୟା ଦୃଷ୍ଟିରୁ ଏକ କ୍ଷୁଦ୍ର ରାଷ୍ଟ୍ର କିନ୍ତୁ ଏହା ବିଶ୍ୱର ଏକନମ୍ବର ଖୁସି ଦେଶର ମାନ୍ୟତା ପାଇଛି ବୋଲି ମତ ପ୍ରକାଶ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଉଫୁନାର ସମ୍ପାଦକ କବି ବାହାଦୁର ପାଟ୍ଟସାହାଣୀ, ଶିକ୍ଷାବିତ୍ ଗୋଲକ ବିହାରୀ ବେହେରା, ଡ. ଦେବୀପ୍ରସାଦ ମିଶ୍ର, ସମାଜସେବୀ ସରୋଜ ଶତପଥୀ, ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ।




# ଜିଏମ୍‌ଆରରେ ସହଯୋଗ ଉତ୍ସବ; ଶ୍ରମିକଙ୍କୁ ସାଇକଲ ପ୍ରଦାନ

ଢେଙ୍କାନାଳ, ୧୧।୭(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମଆର କମଳାଙ୍ଗ ଏନର୍ଜି ଲିମିଟେଡରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସହଯୋଗ ଉତ୍ସବ' ସ୍ଥାନୀୟ ଆଡମିନ ବିଲ୍ଡିଂରେ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଏସପି ଅଭିନବ ସୋନକର ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଏସପି କମ୍ପାନୀରେ କାର୍ଯ୍ୟରତ ୭୦ ଜଣ ସ୍ଥାନୀୟ ଶ୍ରମିକଙ୍କୁ ସାଇକଲ ବଣ୍ଟନ କରିଥିଲେ। ଜିଏମଆର ଭରଲକ୍ଷ୍ମୀ ଫାଉଣ୍ଡେସନ ଦ୍ୱାରା ପ୍ରସ୍ତୁତ ପୁସ୍ତକ 'ଶକ୍ତି'କୁ ଏସପି ଉନ୍ମୋଚନ କରିଥିଲେ। ଜିକେଇଲ କର୍ମଚାରୀଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବେ ଅର୍ଥ ସଂଗ୍ରହ କରି ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି କ୍ଷେତ୍ରରେ ବିନିଯୋଗ କରୁଥିବାରୁ ସମସ୍ତଙ୍କୁ ଏସପି ଧନ୍ୟବାଦ ଜଣାଇଥିଲେ। ଜିକେଇଲ ପ୍ଲାଣ୍ଟ ମୁଖ୍ୟ ମନୋଜ ମିଶ୍ର ଏସପିଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରତିବର୍ଷ କମ୍ପାନୀ କର୍ମଚାରୀ ଓ ଆସୋସିଏସଟ ଏଜେନ୍ସିମାନେ ସ୍ୱେଚ୍ଛାକୃତ ଭାବେ ଅର୍ଥ ସଂଗ୍ରହ କରି 'ସହଯୋଗ ଉତ୍ସବ' ପାଳନ କରିବା ସହ କମଳାଙ୍ଗ ଓ ମଙ୍ଗଳପୁର ପଞ୍ଚାୟତର ଉନ୍ନତି କ୍ଷେତ୍ରରେ ବିନିଯୋଗ କରିଆସୁଛନ୍ତି।



# ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ



ଯୋରନ୍ଦା, ୧୧।୭(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ୭୦ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ସଂସଦ ସଭାନେତ୍ରୀ ମନୋଜମଞ୍ଜରୀ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ପଞ୍ଚାନନ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନରେଗା ଲୋକପାଳ ଅମରେନ୍ଦ୍ର ମଲ୍ଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଯୋରନ୍ଦା ସରପଞ୍ଚ ପ୍ରକାଶ କୁମାର ରାଉତ, ଅବସରପ୍ରାପ୍ତ ସେନା ଅଧିକାରୀ ଶରତ କୁମାର ରାଉତ, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବନଜା ସାହୁ ପ୍ରମୁଖ ଯୋଗଦେଇଥିଲେ। ଆନନ୍ଦ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ଉତ୍ତମ କୁମାର ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତ ମାସ ଶେଷ ସପ୍ତାହରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଷ୍ଠା ଉତ୍ସବ ପାଇଁ ଆଲୋଚନା ହୋଇଥିଲା। ପୁରାତନ ଛାତ୍ର ସଂସଦ ସଭ୍ୟ ବିଦ୍ୟାଧର ବେହେରା, ବସନ୍ତ କୁମାର ପାତ୍ର, ପ୍ରହଲ୍ଲାଦ ସାହୁ, ପ୍ରଫୁଲ୍ଲ ରାଉତ, ରଞ୍ଜନ ନାୟକ, ଅମ୍ବିକା ପ୍ରସାଦ ମିଶ୍ର, ଧର୍ମାନନ୍ଦ ରାଉତ, ହିମାଂଶୁ ନାୟକ, ଆଲୋକ ରଞ୍ଜନ ରାଉତ, ଗୌତମ ପ୍ରଧାନ, ପ୍ରଦୀପ ସାହୁ, ବିଜୟ ରାଉତ, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

# ରାସ୍ତାରୁ ବିପଦସଙ୍କୁଳ ଶୁଖିଲା ଗଛ କଟାଯାଉନି

ପରଜଙ୍ଗ, ୧୧।୭(ସମିସ)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରକୁ ଲାଗି ରହିଥିବା ଥାନା ପାଚେରୀ ପାଖରେ ଦୀର୍ଘଦିନ ଧରି ଗୋଟିଏ ଶୁଖିଲା ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଗଛ ତଳେ ବଜାରରୁ ଭାଲୁମୁଣ୍ଡା ଦିଗକୁ ପୂର୍ତ୍ତ ବିଭାଗ ରାସ୍ତା ଯାଇଥିବା ବେଳେ କେତେବେଳେ କାହା ଉପରେ ଏହି ଶୁଖିଲା ଗଛ ପଡ଼ି ଧନଜୀବନ ହାନି ଘଟିବ ତାହା କହିହେବନାହିଁ। ଗଛ ସମ୍ମୁଖରେ କୋମଳମତି ପିଲାଙ୍କ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଏହା ପରିସରରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ରହିଛି। ଏହାସହ ଗଛ ନିକଟରେ ପରଜଙ୍ଗ ବଜାର, ଥାନା, ତହସିଲ କାର୍ଯ୍ୟାଳୟ, କୋର୍ଟ, ପୋଷ୍ଟ ଅଫିସ ସମେତ ପରଜଙ୍ଗ ଗ୍ରାମର ସାଦନପଦା ସାହି ରହିଛି। ଏହା ଲୋକଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବାବେଳେ ସଦାସର୍ବଦା ଚଳଚଞ୍ଚଳ ରହିଥାଏ। ତେଣୁ ଏହି ଶୁଖିଲା ଗଛ ସବୁ ସମୟରେ ଲୋକଙ୍କ ପାଇଁ ବିପଦର କାରଣ ସାଜିଛି। ଏଥିସହ ଭାଲୁମୁଣ୍ଡା ଛକରୁ ସାଆନ୍ଦା ଦିଗକୁ ଯାଇଥିବା ପୂର୍ତ୍ତବିଭାଗ ରାସ୍ତାର କଟାବାହାଳ ଗ୍ରାମ ନିକଟରେ ରାସ୍ତାକୁ ଲାଗି ଗୋଟିଏ ବଡ଼ ଶୁଖିଲା ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଦୁଇ ଶୁଖିଲା ଗଛକୁ କାଟି ହଟାଇବାକୁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଗଛ କାଟିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଗତ ଜୁନ ୨୫ ତାରିଖରେ ବନ ବିଭାଗ ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଚିଠିଲେଖି ଅବଗତ କରାଯାଇଥିଲା।।। ତେବେ ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ବନ ବିଭାଗ ଗଛ କାଟିବା ଦିଗରେ କୌଣସି ପଦକ୍ଷେପ ନେଇନାହିଁ। କୌ÷ଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ଡ୍ରାଇଭର ଆନ୍ଦୋଳନର ପ୍ରଭାବ

# ପରିବା ଦର ଆକାଶଛୁଆଁ

ଗଁଦିଆ, ୧୧।୭(ସମିସ): ଡ୍ରାଇଭରଙ୍କ ଷ୍ଟିୟରିଂଛାଡ଼ ଆନ୍ଦୋଳନ ଯୋଗୁଁ ଗାଡ଼ି ଚଳାଚଳ ହୋଇପାରୁ ନ ଥିବାରୁ ଏହାର ସିଧାସଳଖ ପ୍ରଭାବ ବଜାର ଦର ଉପରେ ପଡ଼ିଛି। ଗଁଦିଆ ସାପ୍ତାହିକ ହାଟରେ ପରିବା ଦର ଆକାଶଛୁଆଁ ହୋଇଛି। କେବଳ ଆଳୁକୁ ଛାଡ଼ି ଅନ୍ୟ ସମସ୍ତ ପରିବା ଚଢ଼ା ଦରରେ ବିକ୍ରି ହେଉଛି। ଆଳୁ କେଜି ପ୍ରତି ଦର ୨୦ଟଙ୍କା ଥିବା ବେଳେ ବାଇଗଣ ୮୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଟମାଟୋ କିଲୋ ୫୦ଟଙ୍କା, କଲରା ୭୦ଟଙ୍କା, ପିଆଜ ୩୦ଟଙ୍କା, ଝୁଡ଼ୁଙ୍ଗ ୬୦ ଟଙ୍କା, ପୋଟଳ ୭୦ଟଙ୍କା, କଖାରୁ ୪୦ ଟଙ୍କା, ଭେଣ୍ଡି ୭୦ ଟଙ୍କା, ସଜନାଛୁଇଁ ୧୦୦ରୁ ୧୨୦ ଟଙ୍କାରେ ବିକ୍ରି ହେଉଛି। ଫଳରେ ଖାଉଟିମାନେ ପରିବା କ୍ରୟ କରିବାକୁ ଡରୁଛନ୍ତି। ଡ୍ରାଇଭର ଆନ୍ଦୋଳନ ଯୋଗୁଁ ବାହାରୁ ପରିବା ଆସିବା ସମ୍ଭବ ହେଉ ନ ଥିବାରୁ ଦର ବୃଦ୍ଧି ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ସ୍ଥାନୀୟ ଅଞ୍ଚଳରୁ ଯାହା କିଛି ପନିପରିବା ଉତ୍ପାଦିତ ହେଉଛି ତାହାକୁ ଚାଷୀଙ୍କଠାରୁ ଉଚ୍ଚା ଦରରେ କ୍ରୟକରି ବିକ୍ରି କରିବାକୁ ପଡୁଛି। ଅନ୍ୟପଟେ ଲଗାଣ ବର୍ଷା ସହ ହାତୀ ଉପଦ୍ରବ ଯୋଗୁଁ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଏହା ମଧ୍ୟ ଦର ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ବୋଲି ବ୍ୟବସାୟୀ କହିଛନ୍ତି।



ସକାଳ THE SAKALA



www.sakalaepaper.com

## ଜିଲ୍ଲା ବିକାଶରେ ବାଧକ ସାଜିଛି ପୂର୍ତ୍ତ ବିଭାଗ

# ଲୋକଙ୍କୁ ଯନ୍ତ୍ରଣା ଦେଉଛି ପ୍ରକଳ୍ପ

ସମ୍ବଲପୁର, ୧୧।୭ (ସମିସ)

ସମ୍ବଲପୁର ଜିଲ୍ଲା ସମେତ ମହାନଗର ନିଗମର ବିକାଶରେ ବୋଝ ସାଜିଛି ଜିଲ୍ଲା ପୂର୍ତ୍ତ ବିଭାଗ। କୌଣସି ବି କାର୍ଯ୍ୟ କିମ୍ବା ନୂତନ ପ୍ରକଳ୍ପ ହାତକୁ ନେଲେ ତାର ବିକାଶ ହେଉନି ଅଥବା, ବିନାଶ ହେବା ପରି ପରିସ୍ଥିତି ଦେଖାଦେଇଛି। ନୂତନ ରାସ୍ତା ହେଉକି, ବ୍ରିଜ ନିର୍ମାଣ କଥା ହେଉ ସବୁ, ନିର୍ମାଣର କେଇ ଦିନ ପରେ ମରାମତି ମାଗୁଛି। ପ୍ରତି କାମରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏପରିକି ନିମ୍ନ ମାନର ସାମଗ୍ରୀ ବ୍ୟବହାର ଯୋଗୁଁ ସମସ୍ତ ପ୍ରକଳ୍ପ ନଷ୍ଟ ହେବାକୁ ବସିଥିବା ଚର୍ଚ୍ଚା ହେଉଛି। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ପୂର୍ତ୍ତ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଦୁର୍ଗାପାଲି ଓଭରବ୍ରିଜ ନିର୍ମାଣ କରାଗଲା। ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା ପରେ ମୁଖ୍ୟଅତିଥିଙ୍କ ଉପସ୍ଥିତ ବିଳମ୍ବ ଯୋଗୁଁ ଉଦ୍‌ଘାଟନ ମଧ୍ୟ ବିଳମ୍ବ ହୋଇଥିଲା। ଶେଷରେ ମେ ୨୫ ତାରିଖ ବ୍ରିଜକୁ ଉଦ୍‌ଘାଟନ କରାଗଲା। କିନ୍ତୁ ଏହି ନୂତନ ବ୍ରିଜ ଲୋକଙ୍କ କାମରେ ଲାଗିବା ବଦଳରେ ବାରମ୍ବାର ମରାମତି କାମ ମାଗୁଛି। ଉଦ୍‌ଘାଟନ ହେବାକୁ ମାତ୍ର ମାସେ ଉପରେ ହୋଇଛି, କିନ୍ତୁ ଏତିକି ଦିନରେ ବ୍ରିଜରେ ୩ ଥର ଫାଟ ସୃଷ୍ଟି ହେଲାଣି।

ରାଜ୍ୟ ସରକାରଙ୍କ ପୂର୍ତ୍ତବିଭାଗର ଖାମଖିଆଲ କାମ ପଦାରେ ପଡ଼ିଛି। ବ୍ରିଜ କାର୍ଯ୍ୟରେ ଏତେ ମାତ୍ରାରେ ଅନିୟମିତତା ହୋଇଛି, ଉଦ୍‌ଘାଟନର ୨୪ ଘଣ୍ଟା ନ ପୁରୁଣୁ ବ୍ରିଜ ଦବି ଯାଇଥିଲା। ପରେ ପୁଣି ଚଳିତ ମାସ ୩ ତାରିଖରେ ବ୍ରିଜରେ ଫାଟ ସୃଷ୍ଟି ହୋଇଥିଲା। ଉକ୍ତ ଦିନ ଏକ ମାଲ ବୋଝେଇ ଟ୍ରକ୍ ମଧ୍ୟ ବ୍ରିଜ ଗର୍ତ୍ତରେ ଫସି ରହିଥିଲା। ଗତ ସୋମବାର ଦିନ ପ୍ରବଳ ବର୍ଷା ପାଇଁ ବ୍ରିଜରେ ୪ଟି ସ୍ଥାନରେ ଗର୍ତ୍ତ ଦେଖାଯାଇଥିଲା। ଗର୍ତ୍ତ ସ୍ଥାନର ଫୋଟ ସୋସିଆଲ ମିଡିଆରେ ଭାଇରାଲ ପରେ ପୂର୍ତ୍ତ ବିଭାଗ ଦୋଷ ଲୁଚାଇବାକୁ ଯାଇ ତରବରିଆ ଭାବେ ପ୍ୟାଚ ପକାଉଛି। କିନ୍ତୁ ସେହି ମରାମତି କାମ ମଧ୍ୟ ୫ ଦିନ ରହୁନାହିଁ। ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ପୂର୍ତ୍ତବିଭାଗ ତରଫରୁ ସମ୍ବଲପୁର ଦୁର୍ଗାପାଲି ରେଳବାଇ ଓଭରବ୍ରିଜର ୬୦ କୋଟି ୪୩ ଲକ୍ଷ ୭୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। କିନ୍ତୁ ଏତେ ଟଙ୍କାର ବ୍ରିଜରେ ବାରମ୍ବାର ଫାଟ ସୃଷ୍ଟି ଘଟଣା ସମ୍ବଲପୁରବାସୀଙ୍କୁ ମର୍ମାହତ କରୁଛି। ସେହିପରି ଶୀତଳଷଷ୍ଠୀ ଯାତ୍ରାର କିଛି ଦିନ ପୂର୍ବରୁ ସହରର ବିଭିନ୍ନ ରାସ୍ତାକୁ ପ୍ରଶସ୍ତିକରଣ ସହ ପିଚୁ କରାଯାଇଥିଲା। ଜବରଦଖଲ ହଟାଇ ସହରକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଯାତ୍ରା ସମୟରେ ସହରକୁ ଲୋକଙ୍କ ସମାଗମ ଛୁଟି ଥାଏ। ତେଣୁ ସହର ଭିତରର ପ୍ରମୁଖ ରାସ୍ତା ଗୁଡ଼ିକୁ ପିଚୁ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପ୍ରାୟ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପୂର୍ତ୍ତ ବିଭାଗ ଓ ଏସଏମସି ପକ୍ଷରୁ ଏହି ରାସ୍ତା ଗୁଡ଼ିକୁ ନିର୍ମାଣ କରାଯାଇଥିଲା। କିନ୍ତୁ ୨ ମାସ ନ ବିତୁଣି ରାସ୍ତା ଫାଟି ଆଁ କରିଛି। ଲଗାଣ ବର୍ଷା ଯୋଗୁଁ ରାସ୍ତା ଉପରୁ ପିଚୁ, ଚିପ୍ସ ସବୁ ଭାସି ଯାଇଛି। ଫଳରେ ମଝିରେ ମଝିରେ ଫାଟ ସୃଷ୍ଟି ହୋଇଛି। ସହରର ପ୍ରବେଶ ଦ୍ୱାର ଅଇଁଠାପାଲି-ଲକ୍ଷ୍ମୀଟକିଜ ରାସ୍ତା ମରଣଯନ୍ତା ପାଲଟିଛି। ସେହିପରି ଧୁଚରାପଡ଼ାରୁ ଲକ୍ଷ୍ମୀଟକିଜ ଯାଏଁ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତ ସୃଷ୍ଟି ହେବାର ଫୋଟ ଭାଇରଲା ପରେ ପୂର୍ତ୍ତ ବିଭାଗ ମରାମତି କରିଥିଲା। କିନ୍ତୁ ମରାମତି କାର୍ଯ୍ୟ ମଧ୍ୟ ଗୋଟେ ଦିନ ରହିଲାନି। ବିକାଶ ଆଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା କରାଗଲା, କିନ୍ତୁ ଏବେ ସେହି ରାସ୍ତାରେ ସମ୍ବଲପୁରବାସୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତର ଗୁଣବତ୍ତାକୁ ନେଇ ସବୁଠି ପ୍ରଶ୍ନ ସୃଷ୍ଟି ହୋଇଛି। ଜିଏମ୍‌ୟୁ- ଡିଏଚ୍‌ଏଚ ରାସ୍ତା ଉପରେ ପୋଲ ନିର୍ମାଣ ହେଉଛି। ଯାହାକି ମନ୍ଥର ଗତିରେ ହେଉଥିବା ଆଲୋଚନା ହେଉଛି। ପୋଲ ନିର୍ମାଣରେ ବିଳମ୍ବ ଯୋଗୁଁ ଟ୍ରାଫିକ ସମସ୍ୟା ପ୍ରତିଦିନ ଦେଖାଯାଉଛି। ବିପର୍ଯ୍ୟସ୍ଥ ରାସ୍ତା କଥା ଏସଏମସିର ଦୃଷ୍ଟି ଆକର୍ଷଣକଲେ ପୂର୍ତ୍ତ ବିଭାଗକୁ ଦୋଷ ଦେଇ ଖସି ଯାଉଛି। ତେଣୁ ସହର ବିକାଶ ଆଳରେ ଲୋକଙ୍କୁ ଅଧିକ ଯନ୍ତ୍ରଣା ନ ଦେବାକୁ ସାଧାରଣରେ ଦାବି ହୋଇଛି।

**ବିଭିନ୍ନ ରାସ୍ତାରେ ଖାଲ**

**ଦୁର୍ଗାପାଲି ଓଭର ବ୍ରିଜ ବାରମ୍ବାର ଫାଟୁଛି**

**ମରାମତି କାମ ଗୋଟିଏ ଦିନ ଯାଉନି**

# ପଲିଥିନ ତଳେ ଦିବ୍ୟାଙ୍ଗ ପରିବାର

**ନାକଟିଦେଉଳ, ୧୧।୭ (ସମିସ):** ରାଜ୍ୟରେ ରାଜ୍ୟ ସରକାର ଶାସନର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀ କରୁଥିବା ନେଇ ପ୍ରଚାର କରୁଥିବା ବେଳେ ଏହି ଯୋଜନା ଗୁଡିକର ସଫଳ ରୂପାୟନ ବାସ୍ତବ କ୍ଷେତ୍ରରେ ପ୍ରକୃତ ହିତାଧିକାରୀ ନିକଟରେ ପହଞ୍ଚି ପାରୁ ନାହିଁ।ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଠାରୁ ପ୍ରକୃତ ହିତାଧିକାରୀ ବହୁ ଦୂରରେ ରହି ଦୁର୍ବିସହ ଜୀବନ ବିତାଉଛନ୍ତି। ଏଭଳି ଦୟନୀୟ ଘଟଣା ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକର ନାକଟିଦେଉଳ ଗ୍ରାମରେ ଅବସ୍ଥିତ ଥିବା ଦିବ୍ୟାଙ୍ଗ ବାସନ୍ତୀ ଲୁହାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଘର ଖଣ୍ଡିଏ ନ ଥିବାରୁ ପରିବାରର ୭ପ୍ରାଣୀ କୁଟୁମ୍ବକୁ ନେଇ ଦୀର୍ଘ ୮ବର୍ଷ ହେବ ପଲିଥିନ ତଳେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ବାସନ୍ତୀ। ତେବେ ବୟସର ଅପରାହ୍ନରେ ଉପନୀତ ଥିଲେ ମଧ୍ୟ ମୂଲ ଲାଗି ପରିବାର ଚଳାଉଛନ୍ତି ବାସନ୍ତୀ। ବର୍ତ୍ତମାନ ସମୟରେ ଆବାସ ଯୋଜନା ଦିବ୍ୟାଙ୍ଗଙ୍କ ପାଇଁ ଆସିଥିବା ବେଳେ ଏହି ପରିବାରର ନାମ ଥିଲେ ମଧ୍ୟ ଘର ଡିହ ପଟା ନଥିବାରୁ କାର୍ଯ୍ୟାଦେଶ ଏ ପର୍ଯ୍ୟନ୍ତ ମିଳିପାରିନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଶୁଣୁନଥିବା କହିଛନ୍ତି ବାସନ୍ତୀ। ରାଜସ୍ୱ ନିରୀକ୍ଷକ ଉଭୟ ତହସିଲଦାର ଓ ବିଡ଼ିଓଙ୍କୁ ଘର ପଟା ନଥିବା ସୂଚନା ପ୍ରଦାନକାରୀ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟାଦେଶ ନ ମିଳିବା ତାହା ସନ୍ଦେହ ଘେରରେ ରହିଛି। ବର୍ତ୍ତମାନ ଦୀର୍ଘ ୧୫ ଦିନ ହେବ ଲଗାଣ ବର୍ଷା ଲାଗିରହିଥିବାରୁ ମାଟିରେ ରୋଷେଇ କରିନପାରି ତିନିଦିନ ହେବ ଶୁଖା ଖାଦ୍ୟ ଖାଇ ଚଳୁଛନ୍ତି ପରିବାର। ତେବେ ଏହି ଗରିବ ଦିବ୍ୟାଙ୍ଗ ପରିବାରକୁ ତୁରନ୍ତ କାର୍ଯ୍ୟାଦେଶ ଯୋଗାଇ ଦେବା ଦିଗରେ ସମ୍ବଲପୁର ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ଏହି ପରିବାର।



# ଲଗାଣ ବର୍ଷାରେ ପଦ୍ମଶ୍ରୀଙ୍କ ଘର ଭାଙ୍ଗିଲା



**ସମ୍ବଲପୁର, ୧୧।୭ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷାରେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲଙ୍କ ଘରର କିଛି ଅଂଶ ଭାଙ୍ଗିଯାଇଛି। ସମ୍ବଲପୁର ମହାନଗର ୧୮ ନଂ ବାର୍ଡ଼ ଷ୍ଟେସନପଡ଼ାରେ ତାଙ୍କ ଘର। ଯାହା ଏବେ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ପଦ୍ମଶ୍ରୀ ହରିପାଲ ଅନେକ ସମ୍ବଲପୁରୀ ଗୀତରେ କଣ୍ଠଦାନ କରିଥିବା ବେଳେ ରଙ୍ଗବତୀ ଗୀତ ତାଙ୍କୁ ବିଶ୍ୱପ୍ରସିଦ୍ଧ କରିଥିଲା। ହେଲେ ଏହି ପଦ୍ମଶ୍ରୀଙ୍କ ଘର କଥା ନକହିବା ଭଲ। ଘର ଭିତରକୁ ଗଲେ ମୁଣ୍ଡ ବାଜୁଛି। ସବୁ ଆଡୁ କାଠ ଭାଙ୍ଗି ତଳେ ପଡ଼ିଛି। ଭିତର ପାଣି ପଚ୍‌ପଚ୍। ଟାଳ ଛପର ମାଟି ଘରେ ରହୁଥିବା ଏହି ମଣିଷ ପାଖରେ ଆଜିବି ଭଲ ଘରଟିଏ ନାହିଁ। ଯାହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହି ଘରଟି ବହୁ ପୁରୁଣା। ତାଙ୍କ ଅଜା ଏହାକୁ ତିଆରି କରିଥିଲେ। ଘରଟି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ୪ ବଖରା ଘର କିନ୍ତୁ ରହିବା ସମ୍ଭବପର ନୁହଁ। ତେଣୁ ପରିବାର ସହିତ ଜଗନ୍ନାଥ କଲୋନୀରେ ଭଡ଼ା ରହୁଛନ୍ତି। ମଝିରେ ମଝିରେ ଏଠାକୁ ଆସି ମୁଁ ବସବାସ କରେ। ଆଜି ଆସି ଲଗାଣ ବର୍ଷାରେ ଘର କାନ୍ଥ ଭାଙ୍ଗିଯାଇଥିବା ଦେଖିବାକୁ ପାଇଥିଲେ। ଉପରୁ ପାଣି ବୋହୁଛି। କୋଭିଡ଼ ସମୟରେ ମଧ୍ୟ ଏହି ଘଟଣା ଘଟିଥିଲା। ସେତେବେଳେ ପ୍ରଶାସନର ଅଧିକାରୀମାନେ ଆସି ତଦାରଖ କରିଥିଲେ। କିନ୍ତୁ ଆବଶକୀୟ ସହାୟତା ମିଳିପାରିନଥିଲା। ପୁଣି ସେଇ ଭଙ୍ଗା ଦଦରା ଘରେ ରହିଆସୁଛୁ। ଏନେଇ ପ୍ରଶାସନ ଦୃଷ୍ଟି ଦେଉ ବୋଲି ଡ. ହରିପାଲ କହିଛନ୍ତି। ସେହି ଘର ପାଖରେ ତାଙ୍କ ଭାଇଁ ଓ ଝିଅ ରହୁଛନ୍ତି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଜମି ତାଙ୍କ ନାମରେ ନଥିବାରୁ ଘର ଦିଆ ହୋଇପାରୁନାହିଁ। ଏବେ ତାଙ୍କୁ ସେ ବାବଦରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଭଙ୍ଗା ଘରକୁ ମରାମତି ମଧ୍ୟ ବହୁତ ଶୀଘ୍ର କରାଯିବ ବୋଲି କହିଛନ୍ତି।

## ସୋଲାର ଲାଇଟ୍ ଚୋରି: ୨ଗିରଫ

# ଚୋରି ସାମଗ୍ରୀ ଜବତ



**କୁଚିଣ୍ଡା, ୧୧।୭ (ସମିସ):** ଗତ ୬ତାରିଖ ରାତିରେ ସମ୍ବଲପୁର ଜିଲ୍ଲାର ମାହୁଲପାଲି ଥାନା ଅନ୍ତର୍ଗତ ଦୁଖୁଝରମୁଣ୍ଡା ଗାଁର ଚାରିପାଖା ଛକ ନିକଟରେ ଥିବା ଦୁଇଟି ସୋଲାର ଷ୍ଟ୍ରିଟ୍ ଲାଇଟ ଚୋରି ହୋଇଛି। ଏହି ବିଷୟରେ ଗତକାଲି ଗୁରୁବାର ଦୁଖୁଝାରମୁଣ୍ଡା ଗ୍ରାମବିକାଶ ପରିଷଦର ସଦସ୍ୟ ମଙ୍ଗନାଥ ଦୁଡୁମ (୫୫) ମାହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ ବର୍ଷ ସିଡିଆଇ ଏଫଏଫଭିଡିପି ଯୋଜନା ଅନ୍ତର୍ଗତ ଗାଁର ବିଭିନ୍ନ ସ୍ଥାନରେ ତିନୋଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଥିଲା। ତେବେ, ଗତ ୩ ଦିନ ଧରି ହେଉଥିବା ବର୍ଷା ହେତୁ ଅଭିଯୋଗକାରୀ ଥାନାକୁ ଆସିପାରିନଥିଲେ। ସେ ସ୍ଥାନୀୟ ଅଞ୍ଚଳ ଓ ପଡ଼ୋଶ ଗ୍ରାମରେ ଚୋରି ହୋଇଥିବା ସୋଲାର ଲାଇଟ ଖୋଜିଲେ, କିନ୍ତୁ ମିଳିନଥିବା ପରେ ଥାନାରେ ଅଭିଯୋଗ କଲେ। ଚୋରି ହୋଇଥିବା ଲାଇଟ ଦୁଇଟିର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କା। ଅଭିଯୋଗ ଉପରେ ଆଧାର କରି ମାହୁଲପାଲି ଥାନାରେ ମାମଲା ନମ୍ବର ୮୮/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।ତଦନ୍ତକାରୀ ଅଧିକାରୀ ଏଏସଆଇ ଏ.କୁମାର ଦ୍ୱାରା ତଦନ୍ତ ସମୟରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନେ ଛାଟିପୋଷ (ଓଝାପଡ଼ା) ଗ୍ରାମର ଭଜା କାଦିଆଙ୍କ ପୁଅ ହେମନ୍ତ କାଦିଆ (୩୩) ଓ ପଶ୍ଚିମବଙ୍ଗ ମୁର୍ଷିଦାବାଦ ଜିଲ୍ଲାର କାଙ୍କୁରିଆ ଗ୍ରାମର କିନ୍ତୁ ବର୍ତ୍ତମାନ ତୁରେଇବାସିନ୍ଦା ଏମଡି ହାନିଫ୍ ଏସ କେ(୩୨)କୁ ଗିରଫ କରିଛି। ତାଙ୍କ ଠାରୁ ଶିବାନୀ ସୌର ଶକ୍ତି ସୋଲାର ଷ୍ଟ୍ରିଟ୍ ଲାଇଟ୍, ସୌର ପ୍ୟାନେଲ୍ ଏବଂ ଲାଇଟ୍ ଷ୍ଟାଣ୍ଡ, ଗୋଟିଏ ହର୍କୁଲିସ୍ ସାଇକେଲ, ତାର ସହିତ ସଂଯୁକ୍ତ ସୌର ଆଲୋକ ଏବଂ ବ୍ୟାଟେରୀ - ୦୨ ସେଟ୍, ସୌର ପ୍ୟାନେଲ୍ ଜବତ କରି ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବର୍ଷା ଓ ବନ୍ୟାରେ କୁଚିଣ୍ଡା ଓ ବାମର ବ୍ଲକ୍ ପ୍ରଭାବିତ

**କୁଚିଣ୍ଡା, ୧୧।୭ (ସମିସ):** ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଓ ବାମର ବ୍ଲକର ବହୁ ଗ୍ରାମରେ ପ୍ରବଳ ବର୍ଷା ଓ ବନ୍ୟା ପାଇଁ ଗମ୍ଭୀର ପ୍ରଭାବିତ ହୋଇଛି। ରାମଝାଲି, ଠେଙ୍କୋବୁଡ, କହ୍ଲାପଡ଼ା, ଉଲୁଣ୍ଡା, କଟୁପାଲି, ଲଏଗୁରା, ଲସରାଟାଙ୍ଗ, ଲାଙ୍ଗବାହାଲ, ଛତିପୋଷ, ବାବୁନିକ୍ତିମାଲ, କୁରମୁଲେଇ, ବଡଭୂଇଁ, ବଳଦମାଳ ଭଳି ଗ୍ରାମଗୁଡ଼ିକୁ ବନ୍ୟା ଜଳ ଗ୍ରାସି ନେଇଛି। ଏହି ସମସ୍ୟାପୂର୍ଣ୍ଣ ପରିସ୍ଥିତିର ଅନୁଧ୍ୟାନ ପାଇଁ କୁଚିଣ୍ଡା ବ୍ଲକକୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ପରିଦର୍ଶନ କରିଛନ୍ତି।ସେମାନେ ବନ୍ୟା ପ୍ରଭାବିତ ଗ୍ରାମବାସୀଙ୍କ ସହ ସାକ୍ଷାତକାର କରି ତାଙ୍କ ଘର, ଚାଷ ଓ ସମ୍ପତ୍ତିର କ୍ଷୟକ୍ଷତି ମୂଲ୍ୟାୟନ କରିଛନ୍ତି। ଏହି ଅଞ୍ଚଳଗୁଡ଼ିକୁ ପାନୀୟ ଜଳ, ଖାଦ୍ୟ, ଆଶ୍ରୟ ଓ ଚିକିତ୍ସା ସୁବିଧା ଶୀଘ୍ର ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବାମର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ଦର୍ଶନ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଜିଲ୍ଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଯାଇଛନ୍ତି। ସେଠାରେ ବର୍ଷା ଜଳ ପ୍ରବେଶ ହେବା ଦ୍ୱାରା ଗ୍ରାମଅଞ୍ଚଳର ରାସ୍ତା ବିକ୍ଷିପ୍ତ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି ବନ୍ୟା ଅଞ୍ଚଳର ଲୋକମାନେ ଆହାର, ପାନୀୟ ଜଳ ଓ ଚିକିତ୍ସା ଜନିତ ଅନେକ ଅସୁବିଧା ସହି ଚାଲିଛନ୍ତି। ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ପ୍ରଭାବିତ ଲୋକମାନଙ୍କ ସହିତ ସାକ୍ଷାତ କରି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ବୁଝି ବ୍ୟବସ୍ଥା ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଘର ଓ ଚାଷ ଉପରେ ହୋଇଥିବା କ୍ଷତି ଅନୁମାନ କରି ଶୀଘ୍ର କ୍ଷତିପୂରଣ ପାଇଁ ଜିଲ୍ଲାପାଳ ଓ ସମ୍ପର୍କିତ ବିଭାଗମାନଙ୍କୁ କଠୋର ନିର୍ଦ୍ଦେଶ ଦିଆଯାଇଛି।ପ୍ରଶାସନ ଦ୍ୱାରା ଏହି ଦୁର୍ଦ୍ଦଶାର ସମୟରେ ଲୋକମାନେ ମୌଳିକ ଅଧିକାର ସୁନିଶ୍ଚିତ ଭାବେ ପାଇପାରିବେ ବୋଲି ଆଶ୍ୱାସନ ମିଳିଛି।ଜଳବନ୍ୟା ପାଇଁ ପ୍ରଭାବିତ ଅଞ୍ଚଳରେ ପୁନର୍ବାସ, ଆହାର ବିତରଣ, ଓ ଆରୋଗ୍ୟ ସୁବିଧା ଯଥାସମୟରେ ଦିଆଯିବା ନିମନ୍ତେ ଅଭିଯାନ ଆରମ୍ଭ ହୋଇଛି।

**ପ୍ରଶାସନ ଓ ମନ୍ତ୍ରୀଙ୍କ ପରିଦର୍ଶନ**

**ସହାୟତା ପାଇଁ ଶୀଘ୍ର ପଦକ୍ଷେପ**



# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ଛାତ୍ର ମୃତ

**ରେଢ଼ାଖୋଲ, ୧୧।୭ (ସମିସ):** ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ଅନ୍ତର୍ଗତ ବଲବସପୁରଗ୍ରାମର ଜହୁର ଭୋଇଙ୍କ ସାନପୁଅ ପ୍ରେମରାଜ ଭୋଇ(୧୫) ଶୁକ୍ରବାର ଦିନ ନିଜ କାକା ଘରର ଛାତ ଉପରେ ରଡ଼ ବାନ୍ଧୁ ଥିବା ସମୟରେ ଘର ଛାତ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରେ ଲୁହା ରଡ଼ ଲାଗି ଯିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ ଉପରେ ଟଳି ପଡ଼ିଥିଲେ। ପରିବାରଲୋକ ତାକୁ ତୁରନ୍ତ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ କୁ ଆଣି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ନାବାଳକ ଛାତ୍ର ଜଣଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଥାଉ କି ପ୍ରେମରାଜ ଭୋଇ ମାଟ୍ରିକ ପରୀକ୍ଷାରେ ୬୭% ରଖିଥିବା ବେଳେ ସମ୍ବଲପୁର ଜି.ଏମ କଲେଜରେ ଯୁକ୍ତ ଦୁଇ ପଢ଼ିବା ପାଇଁ ନାମ ଲେଖାଇଥିଲେ।



# ବେଆଇନ କଫ ସିରପ୍ ମାମଲାରେ ୩ ଗିରଫ

**ସମ୍ବଲପୁର, ୧୧।୭ (ସମିସ):** ଟାଉନ ଥାନା ପୁଲିସ କଫସିରପ କାରବାର ଅଭିଯୋଗରେ ଆଜି ୩ ଜଣଙ୍କୁ ଗିରଫ କରିଛି। ସମସ୍ତେ ସାହୁ କଲୋନୀର। ସେମାନେ ହେଲେ ସୟଦ୍ ସୁମସାଦ ଅଲ୍ଲୀ(୫୦), ବାସନ୍ତୀ ବାଗ୍(୪୦), ଗତିଶିଳା ବାଗ୍(୬୦)। ସେମାନଙ୍କ ନିକଟରୁ ୪୮ ଟି କଫସିରପ ବୋତଲ, ୫ ଲିଟର କଫସିରପ ଯୁକ୍ତ ଧଳା ରଙ୍ଗର ଜାରକିନ୍, ୩୯ ଟି ନାଟ୍ରୋଜେନ୍ ନିଶା ବଟିକା ଏବଂ ୧୦ ଟି ଦେଶୀ ପାଉଚ୍ ଜବତ କରାଯାଇଛି। ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଆଇଆଇଏମ୍‌ରେ ଜାତୀୟ ଡିଜିଟାଲ୍ ଲାଇବ୍ରେରି କର୍ମଶାଳା

**ସମ୍ବଲପୁର, ୧୧।୭ (ସମିସ):** ଆଇଆଇଏମ୍ ସମ୍ବଲପୁର ଜାତୀୟ ଡିଜିଟାଲ ଲାଇବ୍ରେରୀ ଅଫ ଇଣ୍ଡିଆ (ଏନ୍‌ଡିଏଲ୍‌ଆଇ) ଏବଂ ଆଇଆଇଟି ଖଡ଼ଗପୁର ସହ ମିଳିତ ସହଯୋଗରେ 'ଏନ୍‌ଡିଏଲ୍‌ଆଇ ଅନ୍ୱେଷଣ: ଲାଇବ୍ରେରିଆନଙ୍କୁ ଡିଜିଟାଲ ଜ୍ଞାନର ସାମର୍ଥ୍ୟ ସହିତ ସଶକ୍ତ କରିବା' ବିଷୟବସ୍ତୁ ଉପରେ ଦିନିକିଆ ଜାତୀୟ ଡିଜିଟାଲ ପାଠାଗାର କର୍ମଶାଳା ଆୟୋଜନ କରାଯାଇଛି। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ସମସ୍ତ ପ୍ରାନ୍ତରୁ ଆସିଥିବା ପାଠାଗାର ପେସାଦାରମାନଙ୍କୁ ସଶକ୍ତ କରିବା। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରଯୋଜିତ ଏବଂ ଆଇଆଇଟି ଖଡ଼ଗପୁର ଦ୍ୱାରା ଡିଜାଇନ୍ କରାଯାଇଥିବା 'ଜାତୀୟ ଡିଜିଟାଲ ଲାଇବ୍ରେରୀ ଅଫ ଇଣ୍ଡିଆ' (ଏନ୍‌ଡିଏଲ୍‌ଆଇ) ଯାହା ବିଭିନ୍ନ ବିଷୟ ଏବଂ ଶିକ୍ଷାଗତସ୍ତରରେ ଶିକ୍ଷାଭିତିକ ଉପକରଣକୁ ସୁବିଧାରେ ପ୍ରଦାନ କରୁଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ଡ. ମହାଦେବ ଜୟସ୍ୱାଲ, ସମ୍ମାନିତ ଅତିଥି ଭାବରେ ଆଇଆଇଏମ ସମ୍ବଲପୁରର ପାଠାଗାର କମିଟି ଅଧ୍ୟକ୍ଷ ପ୍ରଫେସର ଡ. ରାମକୃଷ୍ଣ ପାଢ଼ୀ, ଆୟୋଜନ ମୁଖ୍ୟ ଭାବରେ ଆଇଆଇଏମ୍ ସମ୍ବଲପୁରର ଲାଇବ୍ରେରିଆନ୍ ଡ.ଏସ.କନ୍ନନ, ଜାତୀୟ ଡିଜିଟାଲ ଲାଇବ୍ରେରୀ ଅଫ ଇଣ୍ଡିଆର ଯୁଗ୍ମ ପ୍ରମୁଖ ଇନଭେଷ୍ଟିଗେଟର ଓ ଆଇଆଇଟି ଖଡ଼ଗପୁରର ସେଣ୍ଟ୍ରାଲ ଲାଇବ୍ରେରୀର ଲାଇବ୍ରେରିଆନ୍ ଡ. ବି.ସୁତ୍ରଧାର, ରିସୋର୍ସ ପର୍ସନ ଭାବେ ଏନ୍‌ଡିଏଲ୍‌ଆଇ କ୍ଲବ୍‌ର ଆଉଟ୍‌ରିଚ୍ ମ୍ୟାନେଜରଦୁବେନ୍ଦୁଚକ୍ରବର୍ତ୍ତିପ୍ରମୁଖଉପସ୍ଥିତଥିଲେ। ଓଡ଼ିଶାର ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରୁ ଆସିଥିବା ୧୦୦ରୁ ଅଧିକ ପାଠାଗାର ପେସାଦାରମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି କହିଥିଲେ ଯେ, 'ଡିଜିଟାଲ ଜ୍ଞାନର ମୁକ୍ତ ପ୍ରବେଶ ସର୍ବସାଧାରଣ ଶିକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ଆଜିର ଡିଜିଟାଲ ଯୁଗରେ ଗବେଷଣା ପ୍ରକାଶନ, କେସ୍ ଷ୍ଟଡି ଏବଂ ଡାଟାବେସ୍ ପ୍ରାୟତଃ ଅଧିକ ମୂଲ୍ୟରେ ଉପଲବ୍ଧ ହୋଇଥାଏ ଯାହା ଭାରତ ଭଳି ଦେଶରେ ଅନେକ ପ୍ରତିଷ୍ଠାନ ପାଇଁ ସୁବିଧାଜନକ ହୋଇପାରିନାହିଁ। ଆଇଆଇଏମ୍ ସମ୍ବଲପୁର ଶୀଘ୍ର ଗ୍ଲୋବାଲ୍ କେସ୍ କ୍ୟାପାବିଲିଟି ସେଣ୍ଟର (ଜିସିସିସି) ଆରମ୍ଭ କରିବାକୁ ଯାଉଛି ଯାହା ବିଶ୍ୱର ବିଭିନ୍ନ କେସ୍ ଷ୍ଟଡି ଏବଂ ଗବେଷଣାକୁ ମାଗଣାରେ ପ୍ରଦାନ କରିବ। ଯାହାଦ୍ୱାରା ଜ୍ଞାନ ଆଉ କେବଳ ପ୍ରତିଷ୍ଠିତ ପ୍ରତିଷ୍ଠାନ ପାଇଁ ସୀମିତ ରହିବ ନାହିଁ। ଡ. ସୁତ୍ରଧାର ଡିଜିଟାଲ ଲାଇବ୍ରେରୀର ଗୁରୁତ୍ୱ ବିଷୟରେ ବ୍ୟାଖ୍ୟା କରିଥିଲେ। ଶ୍ରୀ ଚକ୍ରବର୍ତ୍ତିଙ୍କ ଦ୍ୱାରା 'ବ୍ରିଜ ଦ ନଲେଜ ଗ୍ୟାପ୍: ଦ ରୋଲ ଅଫ ଏନ୍‌ଡିଏଲ୍‌ଆଇ କ୍ଲବ୍ ଇନ ଏଜୁକେସନ୍' ବୈଷୟିକ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା।




**ପାଠାଗାର ପେସାଦାରଙ୍କୁ ସଶକ୍ତ କରିବା ଲକ୍ଷ୍ୟ**

# ଶିଶୁମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ

**ନାକଟିଦେଉଳ, ୧୧।୭ (ସମିସ):** ନାକଟିଦେଉଳ ବ୍ଲକ ସରସ୍ୱତୀ ଶିଶୁ ମନ୍ଦିର ଜଗନ୍ନାଥପ୍ରସାଦ ନାକଟିଦେଉଳ ପ୍ରାଙ୍ଗଣରେ ଗୁରୁପୂର୍ଣ୍ଣିମା ତଥା ବ୍ୟାସ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଛି। ମା' ବାଗଦେବୀ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମହର୍ଷି ବେଦବ୍ୟାସ ଓ ପରମ ପୂଜ୍ୟ ଭଗବା ଗୈରିକ ଧ୍ୱଜର ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ରୀମାନ ବିଜୟକୁମାର ସାହୁ ଓ ବିଦ୍ୟାଳୟର ଅନ୍ୟ ଗୁରୁଜୀ ଗୁରୁମା ଗୁରୁପୂର୍ଣ୍ଣିମା ଉତ୍ସବ ପାଳନର ଉଦ୍ଦେଶ୍ୟ ଓ ଗୁରୁଙ୍କ ମହତ୍ୱ ସମ୍ବନ୍ଧରେ ଶିଶୁମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କ ଦ୍ୱାରା ରାଷ୍ଟ୍ର କାର୍ଯ୍ୟରେ ସହାୟତା ନିମିତ୍ତ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପ୍ରତି ବର୍ଷ ସମସ୍ୟାରୁ ଶିଖିପାରୁନି ଏସଏମସି

# ବର୍ଷାରେ ଟାଙ୍ଗରପାଲି ଜଳମଗ୍ନ, ଲୋକେ ହନ୍ତସନ୍ତ

ସମ୍ବଲପୁର, ୧୧।୭ (ସମିସ)

ପ୍ରତି ବର୍ଷ ବର୍ଷା ଦିନେ ପଡ଼ାରେ ପାଣି ଜମିରୁହେ। ଘର ଭିତରକୁ ବର୍ଷା ପାଣି ପଶିଯାଏ। ରାସ୍ତା ଉପରେ ୨ ଫୁଟର ଉଚ୍ଚତାରେ ପାଣି ପ୍ରବାହିତ ହୁଏ। ଲୋକେ ଘରୁ ପାଣି କାଢି ନୟାନ୍ତ ହୁଅନ୍ତି।ଘରୁ ବାହାରକୁ ବାହାରି ମଧ୍ୟ ପାରନ୍ତି ନାହିଁ। ବାଧହୋଇ ସମ୍ବଲପୁର ମହାନଗର ନିଗମ ଉପରେ ଅସନ୍ତୋଷ ଝାଡିଥାନ୍ତି। ଏସଏମ୍‌ସିକୁ ଅଭିଯୋଗ ମଧ୍ୟ କରିଥାନ୍ତି। ଆର ବର୍ଷ ଏପରି ସମସ୍ୟା ହେବ ନାହିଁ ବୋଲି ଏସଏମସି ପ୍ରତିଶ୍ରୁତି ଦେଇଥାଏ। କିନ୍ତୁ ତାହା ବାସ୍ତବରେ ପରିଲକ୍ଷିତ ହୋଇ ନଥାଏ। ବର୍ଷା ଦିନ ଆସିଲା ମାତ୍ରେ ଟାଙ୍ଗରପାଲି ବାସୀଙ୍କ ଦୁଃଖ ବଢ଼ିଯାଇଥାଏ। ବାରମ୍ବାର ଏସଏମସିକୁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳି ପାରୁନାହିଁ। କେବଳ ଟାଙ୍ଗରପାଲି କଥା ନୁହେଁ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷା ପାଣି ଲହଡ଼ି ମାରୁଛି। ଯାହାର ପ୍ରଭାବରେ ସମ୍ବଲପୁର ସହରର ଦଳଦଳିପଡ଼ା, କ୍ଷେତରାଜପୁର, ଗୋପାଳମାଳ, ସାକ୍ଷୀପଡ଼ା, ଶୁଭଶ୍ରୀବିହାର ତଳି ଅଞ୍ଚଳରେ ବର୍ଷା ପାଣି ଲହଡ଼ି ମାରୁଛି। ଡ୍ରେନେଜ ସୁବିଧା ନଥିବାରୁ ପାଣି ନିଷ୍କାସନ ହୋଇ ପାରୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସହରରେ ବନ୍ୟା ନିୟନ୍ତ୍ରଣ ପାଇ ସମସ୍ତ ସୁବିଧା କରାଯାଇଛି। ହେଲେ ବିଭିନ୍ନ ସ୍ଥାନରେ ଡ୍ରେନ ସମସ୍ୟା ଲାଗି ରହୁଛି। ଡ୍ରେନ ସୁବିଧା ନଥିବା ଅଞ୍ଚଳରେ ବର୍ଷା ହେଲେ ପାଣି ଘରଗୁଡ଼ିକୁ ଘେରି ରହୁଛି। ଯଦି ବର୍ଷାର ପରିମାଣ ବଢ଼ିଲେ ଘର ଭିତରୁ ପ୍ରବେଶ କରୁଛି। ସାକ୍ଷୀପଡ଼ା ଅଞ୍ଚଳରେ ଡ୍ରେନ ରହିଛି। ହେଲେ ତ୍ରୁଟି ପୂର୍ଣ୍ଣ ଭାବେ ଡ୍ରେନ ନିର୍ମାଣ ହୋଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ପାଣି ଯିବା ଉଚ୍ଚତାଠୁ ଡ୍ରେନର ଉଚ୍ଚତା ଅଧିକ ରହିଛି। ସେଥିପାଇଁ ପାଣି ନିଷ୍କାସନ ହୋଇ ନପାରି ଘର ମୁହାଁ ହୋଇଛି। ସେହିପରି ଅଇଁଠାପାଲି ଶୁଭଶ୍ରୀବିହାର ଅଞ୍ଚଳରେ ଆଜିର ବର୍ଷାର ପ୍ରଭାବରେ ପାଣି ରାସ୍ତାର ୨ଫୁଟ ଯାଏଁ ବୋହିଥିଲା। ଟାଙ୍ଗରପାଲି ଅଞ୍ଚଳ ପୁରା ଜଳମଗ୍ନ ରହିଛି। ସକାଳୁ ସହରରେ ବର୍ଷାର ପରିମାଣ କମିଥିଲା। ହେଲେ ମଧ୍ୟ ଅଞ୍ଚଳରୁ ପାଣିର ସୁଅ କମିନଥିଲା। ଅପରାହ୍ନରେ ପୁଣି ବର୍ଷା ହେବା ଯୋଗୁଁ ଅଞ୍ଚଳ ଏବେ ଜଳମଗ୍ନ ରହିଛି। ଛୋଟ ଛୋଟ ଡ୍ରେନ ଲାଗି ଏପରି ସମସ୍ୟା ଲାଗି ରହୁଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳରେ ନର୍ଦ୍ଦମା ପାଣି ପଶି ଯାଇଛି। ଘରୁ ପାଣି କାଢ଼ିକାଢ଼ି ଲୋକେ ନୟାନ୍ତ ହୋଇପଡ଼ିଛନ୍ତି। ପୂରା ପାଣି ବାହାର କରିବା ପରେ ମଧ୍ୟ ପଚାଗନ୍ଧରେ ନାକ ଫାଟି ପଡୁଛି। ଅଧିକାଂଶ ଲୋକଙ୍କ ଘରେ ରୋଷେଇ କରି ଖାଇବା ସମ୍ଭବ ହୋଇନାହିଁ। ଏମିତିକି ହୋଟେଲ୍‌ରୁ ଖାଇବା କିଣି ଆଣିଲେ ବି ପଚା ଗନ୍ଧରେ ଲୋକେ ଖାଇ ପାରିନାହାନ୍ତି। ଖାଲି ଆଜି ନୁହେଁ, ପ୍ରତିବର୍ଷ ବର୍ଷାଦିନେ ଏଭଳି ଦୟନୀୟ ସ୍ଥିତି ସାମ୍ନା କରୁଛନ୍ତି ଟାଙ୍ଗରପାଲିରବାସୀ। ପାଣି ଜମିଥିବାରୁ ମଶାଙ୍କ ବଂଶ ବଢ଼ିବାରେ ଲାଗିଛି। ମଇଳା ପାଣିରେ ଯିବା ଆସିବା କରିବା ଫଳରେ ଗୋଡ଼ କୁଣ୍ଡେଇ ହେଉଥିବା ଅଭିଯୋଗ କରିଛନ୍ତି। ସେହିପରି ବର୍ଷା କମିଲେ ମଧ୍ୟ ପଡ଼ାବାସୀଙ୍କୁ ଭୟଘାରି ରହୁଛି। ବିଷାକ୍ତ ଜଳଚର ପୋକ ଓ ସାପ କାମୁଡିବାର ଭୟରହୁଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ପ୍ରତି ବର୍ଷାରେ ଏପରି ସ୍ଥିତି ଟାଙ୍ଗରପାଲିରେ ଉପୁଜୁଛି। କିନ୍ତୁ ସମ୍ବଲପୁର ମହାନଗର ନିଗମ ଏଥିରୁ କିଛି ସମାଧାନ କାଢି ପାରୁନାହିଁ। ଯାହା ଫଳରେ ପଡ଼ାବାସୀ ପ୍ରତି ବର୍ଷରେ ନୟାନ୍ତ ହେଉଥିବା ଅଭିଯୋଗ କରିଛନ୍ତି।



- ରାସ୍ତା ଉପରେ ୨ ଫୁଟର ପାଣି
- ଡ୍ରେନ ସମସ୍ୟା ଯୋଗୁଁ ଘର ମୁହାଁ ପାଣି
- ବିଷାକ୍ତଜଳଚର ପୋକ ଓ ସାପଙ୍କ ଭୟ ରହୁଛି

### ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା

# କେଉଁଠି ଲାଲସା ତ କେଉଁଠି ଭଲ ମାନର ଖାଦ୍ୟ ପରଷିବା ଚିନ୍ତା

**ବଲାଙ୍ଗିର, ୧୧ । ୭ (ସମିସ)**

ବଲାଙ୍ଗିର ଜିଲ୍ଲାରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ଚାଲିଛି ବଡ ଅନିୟମିତତା । ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ କାର୍ଯ୍ୟକ୍ରମରେ ସ୍କୁଲରେ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ ପ୍ରତିଦିନ ଏହି ବ୍ୟବସ୍ଥାରେ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି । ସ୍କୁଲ ଉପସ୍ଥାନରେ ହେରାଫେରୀ, ଚାଉଳ, ଡାଲି ଓ ଅନ୍ୟ ସାମଗ୍ରୀରେ ହେରାଫେରୀ କରି କେତେକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଟଙ୍କା ହଡପ ହେଉଥିବା ବେଳେ ଆଉ କିଛି ସ୍କୁଲରେ ଭଲ ଖାଇବା ପ୍ରଦାନ ଓ ଏହି ବ୍ୟବସ୍ଥାର ସୁପରିଚାଳନା ପାଇଁ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ଏପଟସେପଟ କରାଯାଉଥିବା ଅଭିଯୋଗ ହୋଇଛି ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥାଏ । ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନାରେ ଏହା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ ବଲାଙ୍ଗିର ଜିଲ୍ଲାରେ ପ୍ରତିଦିନ ହେରାଫେରୀ ହେଉଥିବା ଅଭିଯୋଗ ହୋଇଛି । ନିୟମାନୁସାରେ ପ୍ରତିଦିନ ସ୍କୁଲ ଉପସ୍ଥାନ କୁ ନେଇ ପ୍ରଧାନଶିକ୍ଷକେ ରିପୋର୍ଟ ପ୍ରସ୍ତୁତ କରିଥାନ୍ତି । ଏହି ରିପୋର୍ଟ ଅନୁସାରେ ସେହି ଦିନ ସେତିକି ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଇଥାଏ । ତେବେ ଅଭିଯୋଗ ଅନୁସାରେ ଜିଲ୍ଲାର ବିଭିନ୍ନ ସ୍କୁଲ ପ୍ରଧାନଶିକ୍ଷକ ଲାଭଖୋର ମନୋବୃତ୍ତିନେଇ ଅଧିକ ସଂଖ୍ୟାରେ ଉପସ୍ଥାନ ରିପୋର୍ଟ ପ୍ରଦାନ କରୁଥିବା ଅଭିଯୋଗ ହୋଇଛି । ଫଳରେ ଅଧିକ ଛାତ୍ରଛାତ୍ରୀଙ୍କ ଅନୁସାରେ ଟଙ୍କା ଖର୍ଚ୍ଚ ଦେଖାଇ ବାକିତକ ଟଙ୍କାରେ ନିଜ ପକେଟ ଗରମ କରୁଥିବା ଅଭିଯୋଗ ହୋଇଛି । ଏହି ଅନୁସାରେ ଅଧିକ ଚାଉଳ ବ୍ୟବହାର ଦେଖାଇ ତାକୁ ମଧ କିଛି ସ୍କୁଲରେ ବିକ୍ରୀ କରାଯାଉଥିବା ପୂର୍ବରୁ ଅଭିଯୋଗ ରହିଆସିଛି । ଏହା ସହିତ ଉକ୍ତ ସ୍କୁଲ ମାନଙ୍କରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବାରୁ ଅନେକ ଛାତ୍ରଛାତ୍ରୀ ସ୍କୁଲ ରେ ନଖାଇ ଘରେ ଖାଉଥିବା ଅଭିଯୋଗ ହୋଇଛି । ତଥାପି ସେମାନଙ୍କ ନାମରେ ଖାଇବା ଦିଆଯାଇଥିବା ଦର୍ଶାଇ ଟଙ୍କା ହଡପ କରାଯାଉଥିବା ବିଭାଗୀୟ କିଛି ଶିକ୍ଷକ ନିଜ ନାମ ଗୋପନ ସର୍ତ୍ତେରେ ପ୍ରକାଶ କରିଛନ୍ତି । ସେହିପରି ଆଉ କେତେକ ସ୍କୁଲରେ ମଧ୍ୟାହ୍ନ ଭୋଜନ ଭଲ ମାନର ଦେବାକୁ ଉଦ୍ୟମ କରାଯାଉଥିବା ମଧ ଦେଖିବାକୁ ମିଳିଛି ଏହି ସ୍କୁଲରେ ଉପସ୍ଥାନ ରିପୋର୍ଟରେ ଅଧିକ ଉପସ୍ଥାନ ଦେଖାଯାଉଛି ସତ କିନ୍ତୁ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ଭୋଜନକୁ ହଡପ ନକରି ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ଭଲ ଖାଇବା ଦିଆଯାଉଥିବା ଦେଖିବାକୁ ମିଳିଛି । ଯାହାକି ଏକ ଭଲ ଉଦ୍ୟମ । ଏବିଷୟରେ କିଛି ସ୍କୁଲର ପ୍ରଧାନଶିକ୍ଷକମାନଙ୍କ ସହ ଆଲୋଚନା ସମୟରେ ଅନେକ ସତ କଥା ପଦାକୁ ଆସିଥିଲା । ଶିକ୍ଷକ ମାନଙ୍କ ସୂଚନା ଅନୁସାରେ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ଠିକାଦାର ମାଧ୍ୟମରେ ଯୋଗାଣ ହୋଇଥାଏ । ଖାଦ୍ୟ ସାରଣୀ ଅନୁସାରେ ଭାତ ସହ ଗୋଟିଏ ଦିନ ଡାଲମା, ଦୁଇ ଦିନ ସୋୟାବଡି ଓ ଅନ୍ୟ ତିନି ଦିନ ଅଣ୍ଡା ତରକାରୀ ଦିଆଯାଇଥାଏ । ଏହା ସହିତ ତିନି ଦିନ ପୋଷଣ ଯୁକ୍ତ ଲଡୁ ଦିଆଯାଇଥାଏ । ଚଳିତ ବର୍ଷ ରୁ ଏଥିପାଇଁ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଉପସ୍ଥାନ ପ୍ରତି ୧୧.୧୫ ଟଙ୍କା ଓ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉପସ୍ଥାନ ପ୍ରତି ୧୪.୭୪ ଟଙ୍କା ବିଭାଗ ପକ୍ଷରୁ ଚଳିତ ବର୍ଷରୁ ପ୍ରଦାନ କରାଯାଉଥିବା ଜଣାପଡ଼ିଛି । ଏଥିରେ ବି କିଛି ଶିକ୍ଷକ ଲାଭ ଚିନ୍ତା କରି ହେରାଫେରୀ କରନ୍ତି ସତ ଆଉ କିଛି ଶିକ୍ଷକ ମହତ ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରିଥାନ୍ତି । ସେହିପରି ଆଉ କିଛି ଶିକ୍ଷକଙ୍କ କହିବା ଅନୁସାରେ ଚାଉଳ ଯୋଗାଣ ହେବା ସମୟରେ ଧାର୍ଯ୍ୟ ଓଜନ ବଦଳରେ କମ ପରିମାଣର ଚାଉଳ ଠିକାଦାର ଦେଇଥାନ୍ତି । ଏହା ସହିତ ଆଜିର ମହଙ୍ଗା ଯୁଗରେ କମ ସରକାରୀ ଟଙ୍କାରେ ଛାତ୍ରଛାତ୍ରୀମାନଙ୍କୁ ଭଲ ଖାଇବା ଦେବା ପାଇଁ ବାଧ ହୋଇ ଉପସ୍ଥାନ ଅଧିକ ଦେଖାଇବାକୁ ପଡୁଥିବା ସ୍ୱୀକାର କରିଛନ୍ତି । ଏମିତି ସ୍ଥିତିରେ ବଲାଙ୍ଗିର ଜିଲ୍ଲାରେ କିଭଳି ଭାବେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ତାହା ସହଜରେ ଅନୁମାନ କରାଯାଇପାରେ । ଡାଲି ଠାରୁ ଆରମ୍ଭ କରି ପନିପରିବା ପର୍ଯ୍ୟନ୍ତ ଦର ଆକାଶ ଛୁଆଁ ରହିଥିବା ବେଳେ ଏତେ କମ ଟଙ୍କାରେ କିଭଳି ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦିଆଯାଉଛି ତାହା ସହଜରେ ଅନୁମାନ କରାଯାଇପାରେ । ଅନ୍ୟ କିଛି କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ନିମ୍ନରୁ ଆହୁରି ଖରାପ ମାନର ଖାଇବା ଦେଇ ଟଙ୍କା ହଡପ କରୁଥିବା ଚିତ୍ର ମଧ ରହିଛି । ଏଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହିତ ଅନିୟମିତତା କରୁଥିବା ସ୍କୁଲ ପ୍ରଧାନଶିକ୍ଷକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଉଚ୍ଚମାନର ଖାଇବା ଦେଉଥିବା ସ୍କୁଲକୁ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ଦାବି ହୋଇଛି ।

**ଉପସ୍ଥାନ ରିପୋର୍ଟରେ ହେରାଫେରି**

PM POSHAN

---

## ବାଇକ୍ ସହ ୮ କେଜି ଗଞ୍ଜେଇ ଜବତ, ୨ ଗିରଫ

**ପାଟଣାଗଡ଼, ୧୧ । ୭ (ସମିସ):** ଶୁକ୍ରବାର ପାଟଣାଗଡ଼ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ସମୟରେ ପାଟଣାଗଡ଼ ଧୂମାଭଟା ରାସ୍ତାର ଘୁମପାଲି ଠାରେ ୮ କେଜି ଓ ଗୋଟିଏ ପୁରୁଣା ବାଇକ୍‌କୁ ଜବତ କରିବା ସହ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଗ୍ରାମର ପପୁଲାଲ ବେହେରା ଓ ଭତ୍ରା ଗ୍ରାମର ଶରତ ମହାନନ୍ଦ । ଅବକାରୀ ବିଭାଗ ରୁ ମିଳିଥିବା ସୂଚନାନୁସାରେ ରାଜ କୁମାର ବେହେରା ଅବକାରୀ ଅଧିକାରୀ ପାଟଣାଗଡ଼ଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ସକାଳ ୮ ଟା ୩୦ରେ ପାଟ୍ରୋଲିଂ କରୁଥିବା ସମୟରେ ପାଟଣାଗଡ଼ ଧୂମାଭଟା ରାସ୍ତାର ଘୁମପାଲି ଠାରେ ଦୁଇ ଜଣ ବ୍ୟକ୍ତି ଏକ ପୁରୁଣା ଲାଲ ରଙ୍ଗର ବାଇକ ରେ ଏକ ଜରି ବସ୍ତା ଧରି ଆସୁଥିଲେ । ବିଭାଗର କର୍ମଚାରୀମାନେ ସନ୍ଦେହରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ଉକ୍ତ ଜରି ବସ୍ତାରେ ଗଞ୍ଜେଇ ବାହାରିଥିଲା । ଉଭୟଙ୍କୁ ଗିରଫ କରି ପାଟଣାଗଡ଼ ଅଫିସକୁ ଆଣି ଅଧିକ ତଦନ୍ତ କରାଯାଇଥିଲା । ପରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବା ଜାଣି ଉଭୟ ଅଭିଯୁକ୍ତ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଗାଁର ପପୁଲାଲ ବେହେରା ଓ ଭତ୍ରା ଗାଁର ଶରତ ମହାନନ୍ଦଙ୍କ ନାଁରେ ମାମଲା ରୁଜୁ କରି ପାଟଣାଗଡ଼ ଏଡିଜେକୋର୍ଟକୁ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଅଶି ହଜାର ହେବ ବୋଲି ଅବକାରୀ ଅଧିକାରୀ ରାଜ କୁମାର ବେହେରା ସୂଚନା ଦେଇଛନ୍ତି ।



## ପୋଖରୀରେ ବୁଡ଼ି ବିଟେକ୍ ଛାତ୍ରଙ୍କ ମୃତ୍ୟୁ

**ଟିଟିଲାଗଡ଼, ୧୧ । ୭ (ସମିସ):** ଟିଟିଲାଗଡ଼ କୁମୁଡ଼ା ପାହାଡ ଉପରେ ଥିବା ପୋଖରୀ ବୁଡି ଜଣେ ବି ଟେକ ଛାତ୍ର ଙ୍କ ଅକାଳ ମୃତ୍ୟୁ ଘଟିଛି ।ସୂଚନା ଅନୁଯାୟୀ ବଡ଼ମାଳ ଗୋଳାବାରୁଦ କାରଖାନାର ୯ ଜଣ ଛାତ୍ର ଏକାଠି ହୋଇ ଟିଟିଲାଗଡ଼ର ହୋଟେଲ ଡିଏନ ରିସୋର୍ଟକୁ ଖାଇବାକୁ ଆସିଥିଲେ । ହୋଟେଲର ସୁଇମିଙ୍ଗପୁଲ କାର୍ଯ୍ୟକ୍ଷମ ନଥିବାରୁ ସେମାନେ ହୋଟେଲରେ ଖାଇବା ଅଡର ଦେଇ କୁମୁଡା ପାହାଡ ଉପରେ ଥିବା ଏକ ପୋଖରୀ ଗାଧୋଇବାକୁ ଯାଇଥିଲେ ।ସନ୍ତରଣ ଜାଣି ନଥିବା ସବୁ ସାଙ୍ଗ ମେଳି ହୋଇ ପୋଖରୀକୁ ପଶିଥିବା ବେଳେ ଗୋଡ଼ ଖସିଯାଇ ଜଣେ ପାଣିରେ ବୁଡି ଯାଇଥିଲେ ।ପାହାଡ ଉପରେ ଥିବା କିଛି ଯୁବକ ସେମାନଙ୍କୁ ଉଦ୍ଧାର କରିବାସହ ବୁଡି ଯାଇଥିବା ଛାତ୍ରକୁ ଖୋଜାଖୋଜି କରି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ପୁଲିସ ପହଞ୍ଚି ଛାତ୍ରଙ୍କ ଶବ ଜବତ କରି ବ୍ୟବଚ୍ଛେଦ କରାଇଥିଲା ।ମୃତ ଛାତ୍ର ଜଣକ ଗୋଳାବାରୁଦ କାରଖାନା ଟାଉନ ଇଲେକ୍ଟ୍ରିକାଲ ମେଣ୍ଟେନେସ ସେକ୍ସନର ଜୁନିଅର ୱର୍କସ ମ୍ୟାନେଜର ସୁନିଲ କୁମାର ଗହିରଙ୍କ ଏକମାତ୍ର ପୁତ୍ର ବିପୁଳ ଗହିର(୧୮)ବୋଲି ଜଣାପଡ଼ିଛି । ବିପୁଳ ଭିସୁଟ ବୁର୍ଲା କଲେଜର ବି ଟେକ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ ।ଏହି ଅଭାବନୀୟ ଘଟଣାକୁ ନେଇ ଡାକ୍ତରଖାନା ପରିସରରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା ।

## ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ




**ବଲାଙ୍ଗିର, ୧୧ । ୭ (ସମିସ):** ସ୍ଥାନୀୟ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଡ. ଧନଞ୍ଜୟ ସେଠଙ୍କ ମାର୍ଗ ଦର୍ଶନରେ ଓ ଯୁବ ରେଡକ୍ରସ କାଉନସିଲର ତଥା ଜିଲ୍ଲା ସଂଯୋଜକ ଡ. ଦୈତାରୀ ପୂଜାରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀମାନେ କଲେଜରେ ଚାରାରୋପଣ କରିଥିଲେ ।ବଲାଙ୍ଗିର ବନ ବିଭାଗରୁ ୫୦୦ ବୃକ୍ଷ ଯୋଗାଇ ଦିଆଯାଇଥିଲା । ବୃକ୍ଷରୋପଣ ପରେ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ବୃକ୍ଷର ଯତ୍ନ ନେବା ସକାଶେ ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା ପଦ୍ମାଳୟା ତ୍ରିପାଠି, ଚାରୁଲତା ମିଶ୍ର, ସୁଦାମଚରଣ ଖମାରୀ, ପ୍ରକୃତି ବନ୍ଧୁ ଡ.ପବିତ୍ର କୁମାର ଦଣ୍ଡସେନା, ରାଧାକାନ୍ତ ସାହୁ, ପ୍ରମାନନ୍ଦ ବିଶି, ଦୁର୍ବାଦଳ ମିଶ୍ର, ଦିଗାମ୍ବର ପାଣ୍ଡେ, ଦୁଃଖିଶ୍ୟାମ ବାଗ ସମେତ କଲେଜର ସ୍ୱେଚ୍ଛାସେବୀ ରୁଦ୍ର, କୈଳାସ, ସାହିଲ, ପ୍ରିତମ, ଜବା, ସୁନିତା, ମାନିନି, ନିକିତା, ଝରଣା, ସଙ୍ଗିତା, ଲିଜା ପ୍ରମୁଖ ସହଯୋଗ କରିଥିଲେ ।

---

### ଡ୍ରାଇଭର ଆନ୍ଦୋଳନ ପ୍ରଭାବ

## ଅସାଧୁ ବ୍ୟବସାୟୀଙ୍କ କଳାବଜାରି

**ବଲାଙ୍ଗିର, ୧୧ । ୭ (ସମିସ):** ରାଜ୍ୟ ଡ୍ରାଇଭର ମହାସଂଘ ନିର୍ଦ୍ଦେଶରେ ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ଆନ୍ଦୋଳନର ପ୍ରଭାବ ସିଧାସଳଖ ସାଧାରଣଜନତାଙ୍କ ଉପରେ ପଡ଼ିଛି । ଗୋଟିଏ ପଟେ ପେଟ୍ରୋଲ ଟାଙ୍କି ମାନଙ୍କରେ ତେଲ ନଥିବା ବେଳେ ଅନ୍ୟ ପଟେ ଗ୍ୟାସ ଗୋଦାମମାନଙ୍କରେ ଗ୍ୟାସ ନଥିବା ଜଣାପଡ଼ିଛି । ଫଳରେ କିଛି ବ୍ୟବସାୟୀ ଏବେ ଏହି ପେଟ୍ରୋଲ ଓ ଗ୍ୟାସକୁ ନେଇ ଆରମ୍ଭ କରିଛନ୍ତି କଳାବଜାର । ଯଦିଓ ପୁଲିସ ଅଟକ ଥିବା ଜରୁରୀକାଳିନ ସାମଗ୍ରୀ ଗାଡିକୁ ନ ଅଟକାଇ ରଖିବା ପାଇଁ ଡ୍ରାଇଭରଙ୍କୁ ତାଗିଦ କରିଛି ତଥାପି ଗାଡି ଡ୍ରାଇଭରମାନେ ଗାଡି ଚଳାଇବାକୁ ମନା କରିଦେବାରୁ ଅନେକ ଗାଡି ବନ୍ଦ ରହିଥିବା ଦେଖିବାକୁ ମିଳିଛି ।

ରାଜ୍ୟ ଡ୍ରାଇଭର ମହାସଂଘର ଆନ୍ଦୋଳନରେ ବିଶେଷ ଭାବେ ପ୍ରଭାବିତ ହୋଇଛି ବଲାଙ୍ଗିର ଜିଲ୍ଲା । ପରିବା ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର ସାମଗ୍ରୀ, ପେଟ୍ରୋଲ, ଗ୍ୟାସ ଗାଡି ଗୁଡିକ ଜିଲ୍ଲା ବାହାରେ ଅଟକି ରହିଥିବାରୁ ଜିଲ୍ଲାରେ ଏକ ଦୁର୍ଭାଗ୍ୟଜନକ ସ୍ଥିତି ସୃଷ୍ଟି ହୋଇଛି । ଗୁରୁବାର ବଲାଙ୍ଗିର ସହରରେ ଥିବା ପେଟ୍ରୋଲ ଟାଙ୍କିମାନଙ୍କରେ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା । ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ସରିବା ଭୟରେ ଲୋକେ ଲମ୍ବା ଲାଇନ ଲଗାଇ ଲୋକେ ତେଲ ଭରିଥିବା ଦେଖିବାକୁ ମିଳିଥିଲା । ସେହିପରି ବଲାଙ୍ଗିର ବଜାର କୁ ପରିବା ଗାଡି ମଧ ଆସିନପାରିବାରୁ ପରିବା ଦର ମଧ ବୃଦ୍ଧି ପାଇଛି । ଫଳରେ ଖାଉଟିମାନେ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ଏବେ ରୋଷେଇ ଶାଳକୁ ଗ୍ୟାସ ଦର ପ୍ରଭାବିତ କରିଛି । ଜିଲ୍ଲାରେ ଥିବା ଗ୍ୟାସ ଗୋଦାମମାନଙ୍କରେ ଗ୍ୟାସ ସିଲିଣ୍ଡର ସରିଯାଇଥିବା ଦେଖିବାକୁ ମିଳିଛି । ଫଳରେ ଲୋକେ ସିଲିଣ୍ଡର ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଗ୍ୟାସ କଳାବଜାର ଆରମ୍ଭ କରିଥିବା ଅଭିଯୋଗ ହୋଇଛି । ଗ୍ୟାସ ଦୋକାନମାନଙ୍କରେ କେଜି ଅନୁସାରେ ଗ୍ୟାସ ଭର୍ତ୍ତିକରି ବିକ୍ରୀ କରାଯାଉଥିବା ବେଳେ ଆଉ କିଛି ବ୍ୟବସାୟୀ ସିଧାସଳଖ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ପ୍ରତି ୧୪୦୦ରୁ ୧୫୦୦ ଟଙ୍କାରେ ବିକ୍ରୀ କରୁଥିବା ଅଭିଯୋଗ ହୋଇଛି । କେବଳ ଗ୍ୟାସ କାହିଁକି ପେଟ୍ରୋଲ ଡିଜେଲର ମଧ କଳାବଜାର ମଧ ଦେଖିବାକୁ ମିଳିଛି ।ଲୋକେ ତେଲ ଆଗୁଆ କିଣି ଲିଟର ପ୍ରତି ୧୨୦ରୁ ୧୫୦ ଟଙ୍କାରେ ବିକ୍ରୀ ହେଉଥିବା ଦେଖିବାକୁ ମିଳିଛି । ଗୋଟିଏ ପଟେ ଡ୍ରାଇଭର ସଂଘ ନିଜ ଜିଦରେ ଅଟଳ ଥିବା ବେଳେ ଅନ୍ୟପଟେ ଏହାର ପ୍ରଭାବ ଗରିବ ଖାଟିଖିଆଙ୍କ ଉପରେ ପଡ଼ିଥିବା ଅଭିଯୋଗ ହୋଇଛି ।

## ଆନ୍ଦୋଳନକୁ ଆପ୍‌ର ସମର୍ଥନ



**ବଲାଙ୍ଗିର, ୧୧ । ୭ (ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନକୁ ଆଜି ଆପ୍ ବଲାଙ୍ଗିର ଟିମ୍ ସମର୍ଥନ ଜଣାଇଛି । ବଲାଙ୍ଗିର ଜିଲ୍ଲାପାଳ ଅଫିସ ସାମ୍ନାରେ ବସିଥିବା ଡ୍ରାଇଭର ସଂଘ ଏବଂ ତାଙ୍କ ସଭାପତି ସହିତ ଆପ୍ ବଲାଙ୍ଗିର ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେ ଆଲୋଚନା କରିଛନ୍ତି । ଏବଂ ଶ୍ରୀ ପାଣ୍ଡେ କହିଛନ୍ତି ଡ୍ରାଇଭରମାନଙ୍କ ଆନ୍ଦୋଳନ ନ୍ୟାର୍ଯ୍ୟ ଦାବି ସରକାର ପୁରଣ କରିବା ନିହାତି ଆବଶ୍ୟକ । ଡ୍ରାଇଭରମାନଙ୍କର ୭ଟି ଦାବି ନ୍ୟାର୍ଯ୍ୟ ଦାବି ତାହା ସରକାର ପୁରଣ କରନ୍ତୁ, ଖାଲି ପ୍ରତିଶ୍ରୁତି ଦିଅନ୍ତୁ ନାହିଁ ଯେତିକି ସାଧାରଣ ଜନତାଙ୍କୁ ଠକି କି ବିଜେପି ସରକାର ଆସିଲା ତାହା ସମସ୍ତଙ୍କୁ ୩ହଜାର ଭତ୍ତା ହେଉ କି ମାଗଣା ୩୦୦ ୟୁନିଟ୍ ବିଜୁଳି ହେଉ କି ୨୪ ଘଣ୍ଟା ଭିତରେ ଚିଟ୍ ଫଣ୍ଡ ଟଙ୍କା ଫେରସ୍ତ କରିବା କଥା ହେଉ ସବୁ ଥିରେ ଜନତାଙ୍କୁ ଲଣ୍ଠନ ଦେଖାଇଛି ବିଜେପି ସରକାର । ସହିପରି ଡ୍ରାଇଭର ସଂଘକୁ ମଧ ଭୁଆଁ ବୁଲାଇ ଚାଲିଛି ବିଜେପି ଓଡ଼ିଶା ସରକାର । ତେଣୁ ବଲାଙ୍ଗିର ଆମ ଆଦମୀ ପାର୍ଟି ସମ୍ପୂର୍ଣ୍ଣ ଭାବରେ ଡ୍ରାଇଭର ମହାସଂଘର ଏହି ଅନିର୍ଦ୍ଦିଷ୍ଟ ଆନ୍ଦୋଳନ ଏବଂ ତାଙ୍କର ୭ଟି ନ୍ୟାର୍ଯ୍ୟକୁ ସମର୍ଥନ ଜଣାଉଛି । ଆପ ବଲାଙ୍ଗିରର ଯୁବ ମୋର୍ଚ୍ଚା ରମାକାନ୍ତ ବେହେରା, ଅମନ ମହାପାତ୍ର, ଅନ୍ତର୍ଯ୍ୟାମୀ ସାହୁ, ସୁନ୍ଦର ରାୟ, ରଞ୍ଜନ ସେଠ, କାହ୍ନୁ କରଣ, ବାଳକୃଷ୍ଣ ନୈକ, ସଦାଶିବ ମେହେର ପ୍ରମୁଖ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ ।

---

## ସଞ୍ଜୀବ ଶର୍ମା ରାଜ୍ୟସଭା ସାଂସଦଙ୍କ ବ୍ଲକ୍ ପ୍ରତିନିଧି

**ବେଲପଡ଼ା, ୧୧ । ୭ (ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଅନ୍ତର୍ଗତ କପାଣୀଗ୍ରାମର ସଞ୍ଜୀବ ଶର୍ମାଙ୍କୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ତାଙ୍କୁ ବେଲପଡ଼ା ବ୍ଲକ ପ୍ରତିନିଧି ଦାୟିତ୍ୱ ଦେଇଛନ୍ତି । ଆଜି ସଞ୍ଜୀବ ଶର୍ମା ବେଲପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେଶ ମେହେରଙ୍କୁ ଭେଟି ରାଜ୍ୟସଭା ସାଂସଦ ଶ୍ରୀ ବିଶିଙ୍କ ସ୍ୱକୃତିପତ୍ର ପ୍ରଦାନ କରିଛନ୍ତି ।ଶ୍ରୀ ଶର୍ମା ଅଞ୍ଚଳରେ ବେଶ୍ ପରିଚିତ ଓ ଲୋକଙ୍କ ଦୁଃଖ ସୁଖରେ ଠିଆ ହୋଇଥାନ୍ତି । ।ତାଙ୍କୁ ଏହି ପଦ ମିଳିଥିବାରୁ ରାଜ୍ୟସଭା ସାଂସଦ ଶ୍ରୀ ବିଶିଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ପ୍ରକୃତି ମିତ୍ର ବିଦ୍ୟାଳୟର ପରିବେଶ ସଚେତନତା

**ଟିଟିଲାଗଡ଼, ୧୧ । ୭ (ସମିସ):** ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଟିଟିଲାଗଡ଼ ବ୍ଲକର ଏକ ମାତ୍ର ବିଦ୍ୟାଳୟ ଭାବରେ ସ୍ଥାନୀୟ ପ୍ରଭାବତୀ ପବ୍ଲିକ ସ୍କୁଲ ପ୍ରକୃତି ମିତ୍ର ପୁରସ୍କାର ଲାଭ କରିଛି । ତତଲାଗଡ଼ ଭାବରେ ପରିଚିତ ଟିଟିଲାଗଡ଼ ସହରରେ ଥିବା ବିଦ୍ୟାଳୟ ଏକ ବିରାଟ ବନ ସୃଷ୍ଟି ସହ ସ୍ଥାନୀୟ ବୁଦ୍ଧିଜୀବୀ, ପରିବେଶବିତ ମହଲରେ ପ୍ରଶଂସନୀୟ ହୋଇପାରିଛି । ବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସୁନନ୍ଦା ଜତିଙ୍କ ନେତୃତ୍ୱରେ ଚଳିତ ବର୍ଷ ମଧ ବର୍ଷା ଋତୁ ଆଗମନରେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ତଥା ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଉତ୍ସାହ ସୃଷ୍ଟି ସହ ଅନ୍ୟ ପାଇଁ ପ୍ରେରଣା ସୃଷ୍ଟି କରିଛି । ଏହିକ୍ରମରେ ବିଦ୍ୟାଳୟ ପକ୍ଷରୁ ଟିଟିଲାଗଡ଼ ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ସହରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ୟାମାଲତା ଅଗ୍ରୱାଲ, ସଦସ୍ୟ ବିଶିଷ୍ଟ ଆଇନଜୀବୀ ମନୋଜ ହାତୀ, ମାଳିନୀ ଶତପଥୀ, ଟିଟିଲାଗଡ଼ ମାରୱାଡି ଯୁବା ମଞ୍ଚ ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ରେଖା ଅଗ୍ରୱାଲ, ଉପାଧ୍ୟକ୍ଷା ନିଲମ ଅଗ୍ରୱାଲ, ସଚିବ ରିମଝିମ ଜୈନ, ଯୁଗ୍ମ ସଚିବ ଖୁସବୁ ଜୈନ, କୋଷାଧ୍ୟକ୍ଷା ପିଙ୍କି ଜୈନ, ବେବି ଜୈନ, ଜ୍ୟୋତି ସିଂଘଲ, ସୁନିତା ଅଗ୍ରୱାଲ, ସୋନୁ ଅଗ୍ରୱାଲ, ମନିଷା ଅଗ୍ରୱାଲ, ଦୀପା ଅଗ୍ରୱାଲ, ସୋନମ କମାନୀ ରୋନକ ମରୋଡ଼ିଆ ପ୍ରମୁଖ ସାମିଲ ହୋଇଥିଲେ । ବିଦ୍ୟାଳୟର ମୁଖ୍ୟ ସଂଯୋଜକ ଅନୁପମା ଚୌଧୁରୀ, ଉପାଧ୍ୟକ୍ଷା ପିତାମ୍ବର ଶର୍ମା, ପିଆରଓ ପ୍ରମୋଦ ପାଳ, କ୍ରୀଡା ପ୍ରଶିକ୍ଷକ ଧ୍ରୁବଳେଶ୍ୱର ଦଳବେହେରା ପ୍ରମୁଖ ସାମିଲ ହୋଇଥିଲେ ।




---

## ଜନସଂଖ୍ୟା ଦିବସରେ ଲାୟନ୍ସଙ୍କ ସଚେତନତା




**ଟିଟିଲାଗଡ଼, ୧୧ । ୭ (ସମିସ):** ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଲାୟନ୍ସ କ୍ଲବ୍ ଟିଟିଲାଗଡ଼ ଶାଖା ପକ୍ଷରୁ ଶୁକ୍ରବାର ସଚେତନତା ଶୋଭାଯାତ୍ରା ତଥା ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜୈନଭବନରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜନସଂଖ୍ୟା ନିୟନ୍ତ୍ରଣ ନହେଲେ ଆମ ଦେଶର ଆଗାମୀ ପୀଢ଼ିର ଭବିଷ୍ୟତ ନଷ୍ଟ ହେବା ସୁନିଶ୍ଚିତ ବୋଲି କହିଥିଲେ । ପିଆରଓ ଶୈଳେଶ ଗୋଏଲଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଘନଶ୍ୟାମ ଯୋଗଦେଇ ଆମ ଦେଶର ଜନସଂଖ୍ୟା ଚୀନକୁ ଟପି ୧୪୬ କୋଟିରେ ପହଞ୍ଚିଲାଣି । ଏନେଇ ଗମ୍ଭୀରତା ପ୍ରଦର୍ଶନ ନ କଲେ ସୀମିତ ଜମି, ଜଙ୍ଗଲ, ଜଳ ନିଅଣ୍ଟ ହୋଇ ଦାରିଦ୍ର୍ୟତା ବୃଦ୍ଧି ସହ ହିଂସାକାଣ୍ଡ ସୀମା ଲଙ୍ଘିବ ବୋଲି ସତର୍କ କରିଥିଲେ ।ସଭାପତି ସଞ୍ଜୟ ସୋନି ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ପୌରାଧ୍ୟକ୍ଷାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ଭଉଣୀ, ପ୍ରକୃତି ରକ୍ଷା ସଂଗଠନ ସଭାନେତ୍ରୀ ସାରଦା ରାଓ, ମାରୱାଡି ପ୍ରଗତି ଶାଖା ଅଧ୍ୟକ୍ଷା ରେଖା ଅଗ୍ରୱାଲ, ଉପାଧ୍ୟକ୍ଷା ନିଲମ ଅଗ୍ରୱାଲ, ସଚିବ ରିମଝିମ ଜୈନ, ଲାୟନ୍ସ କ୍ଲବ୍ ସମ୍ପାଦକ ପଙ୍କଜ ନାମଦେବ, କୋଷାଧ୍ୟକ୍ଷ ବିନୟ ଜୈନ, ପୂର୍ବତନ ପିଡିଜି ୱାଇପି ଗୋଏଲ, ପୂର୍ବତନ ସଭାପତି ଲିଙ୍ଗରାଜ ସାହୁ, ଶମ୍ଭୁପ୍ରସାଦ ଗୋଏଲ, ଶମ୍ଭୁପ୍ରସାଦ ଗୋଏଲ, ଗଙ୍ଗାଧର ଶର୍ମା, ଗୋପାଳକ୍ରିଷ୍ଣ ଜୈନ, ମନିଷ ଗୁପ୍ତା, ସିଏ ଆନନ୍ଦ ଜୈନ, ଅଜିତ ପାତ୍ର, ଆବାସ ଖାନ, ଦୀପକ ପୃଷ୍ଟି, ପ୍ରଦୀପ ବାରିକ, ଟିନୁ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ ।

### ଝରିଆଲ ପଞ୍ଚାୟତରେ ମନରେଗା କାମରେ ଅନିୟମିତତା

## ଅଭିଯୋଗ ପରେ ବି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଶୂନ

**କଣ୍ଟାବାଞ୍ଜି, ୧୧ । ୭ (ସମିସ)**

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଝରିଆଲ ପଞ୍ଚାୟତରେ ମନରେଗା ଯୋଜନାର ମେଟ୍ରିଆଲ କାମରେ ବ୍ୟାପକ ଅନ୍ୟମିତତା ହେବା ସହ କୌଣସି କାମ ନ କରି ଲକ୍ଷାଧିକ ଟଙ୍କା ମେଟ୍ରିଆଲ ଟଙ୍କା ଭେଣ୍ଡର ଆକାଉଣ୍ଟରେ ଟଙ୍କା ପକାଇ ଥିବା ନେଇ ଝରିଆଲ ପଞ୍ଚାୟତବାସୀ ବଙ୍ଗୋମୁଣ୍ଡା ବିଡ଼ିଓ ବାସନ୍ତୀ ସେଠିଙ୍କୁ ଅଭିଯୋଗ ପତ୍ର ସୋମବାର ପ୍ରଦାନ କରିଥିଲେ । କିନ୍ତୁ ଅଭିଯୋଗ କରିବାକୁ ଦିନ ପରେ ବଙ୍ଗୋମୁଣ୍ଡା ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଶୂନ ଦେଖା ଦେଇଥିବା ବେଳେ ଦୁର୍ନୀତି ଚାପିକୁ ପ୍ରୟାସ ଆରମ୍ଭ ହୋଇଛି ବୋଲି ଅଭିଯୋଗ ହୋଇଛି । ଝରିଆଲ ପଞ୍ଚାୟତବାସୀଙ୍କ ଅଭିଯୋଗ ଆନୁସାରେ ମନରେଗାର ଯୋଜନାରେ ମେଟ୍ରିଆଲ କାମ ହୋଇଥିବା ତଳରବନ୍ଧ ଟେଙ୍କ ରାଣୀପୁର, ବେହେରାବନ୍ଧ ଟେଙ୍କ ରାଣୀପୁର, ଉପରବନ୍ଧ ଟେଙ୍କ ରାଣୀପୁର, ଝରିଆଲରୁ ଝାକରପଡ଼ା ରାସ୍ତା, ନର୍ଲାବନ୍ଧରୁ ବାଲିଖମାର ରାସ୍ତା, ରାଣୀପୁର ଝରିଆଲ ଆରଡି ରାସ୍ତା ଠାରୁ ରୁରାଲ ପାର୍କ, ପ୍ଲେଗ୍ରାଉଣ୍ଡ ଝରିଆଲ, ନୂଆବନ୍ଧ ଟେଙ୍କ ଝରିଆଲ ଏହି ୮ ଟି କାମ ପଞ୍ଚାୟତରୁ ଚଳିତ ୨୦୨୪-୨୫ ଓ ୨୦୨୫-୨୬ ରେ ମନରେଗାର ଯୋଜନାରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମେଟ୍ରିଆଲ କାମ ନ କରି ଭେଣ୍ଡର ଆକାଉଣ୍ଟ ଟଙ୍କା ପକା ଯାଇଥିବା ଅଭିଯୋଗ ଆଣିଛନ୍ତି । ବର୍ତ୍ତମାନ ଯାଏ ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଏହି ସମସ୍ତ ମେଟ୍ରିଆଲ କାମ କରି ନିଜେ କରିଥିବା ଦୁର୍ନୀତିକୁ ଚାପି ଦେବାକୁ ପ୍ରାୟସ ଆରମ୍ଭ କରାଯାଇଛି । ବଙ୍ଗୋମୁଣ୍ଡା ବିଡ଼ିଓଙ୍କୁ ଅଭିଯୋଗ କଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ସନ୍ଦେହ ଘେରକୁ ଆସୁଛନ୍ତି । ଅନ୍ୟପକ୍ଷରେ ଝରିଆଲ ପଞ୍ଚାୟତ ଦାୟିତ୍ୱ ଥିବା କନିଷ୍ଠ ଯନ୍ତ୍ରୀ ଜୟ ନାରାୟଣ ବାଗ ପ୍ରତିକ୍ରିୟା ଦେଇଛନ୍ତି । ବର୍ତ୍ତମାନ ଯେଉଁ ମେଟ୍ରିଆଲ କାମ ବିଲ ଉଠୁଛି ବୋଲି ଝରିଆଲ ପଞ୍ଚାୟତ କିଛି ଲୋକ ଯେଉଁ ଅଭିଯୋଗ ଆଣିଛନ୍ତି ସେହି ବିଲ ମୋ ଅଜଣାରେ କରାଯାଇଛା କିଏ ବିଲ କରିଛି ମୁଁ ଜାଣି ନାହିଁ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଯେଉଁ କୌଣସି ସରକାରୀ ନିର୍ମାଣ କାର୍ଯ୍ୟ କରାଯାଇଥାଏ ତାହା ଦାୟିତ୍ୱ ଥିବା କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନ କରାଯାଏ ଏବଂ ସେମାନେ କାର୍ଯ୍ୟ ତଦାରଖ କଲା ପରେ ବିଲ ହୋଇଥାଏ । କିନ୍ତୁ ଏହି ଝରିଆଲ ପଞ୍ଚାୟତ ରେ କାମ ନ କରି ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଲ ଉଠୁଥିବା ନେଇ ଅଭିଯୋଗ କାମରେ ଦାୟିତ୍ୱ ଥିବା କନିଷ୍ଠ ଯନ୍ତ୍ରୀଙ୍କ ବିନା ଅନୁମତି କେମିତି ବିଲ ବୋଲି ବଡ ପ୍ରଶ୍ନ ଉଠୁଛି । ବଲାଙ୍ଗିର ଜିଲ୍ଲାପାଳ ନଜର ଦେଇ କନିଷ୍ଠ ଯନ୍ତ୍ରୀଙ୍କ ବିନା ଅନୁମତି କେମିତି ବିଲ ଉଠୁଛି ସେନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି ।



### ମ୍ୟାଲେରିଆ କବଳରେ କଳାହାଣ୍ଡି

# ଲାଞ୍ଜିଗଡ଼ ବ୍ଲକ୍‌ରେ ସର୍ବାଧିକ ମେଲେରିଆ ରୋଗୀ

ଭବାନୀପାଟଣା, ୧୧।୭(ସମିସ)

କଳାହାଣ୍ଡି ଜିଲ୍ଲାକୁ ଦୀର୍ଘ ୧୦ବର୍ଷ ପରେ ମ୍ୟାଲେରିଆ ପୁନର୍ବାର କବଳିତ କରିବା ଲକ୍ଷ୍ୟ କରାଯାଇଛି। ମ୍ୟାଲେରିଆ ଜ୍ୱରରେ ଗତ କିଛି ବର୍ଷଧରି କେହି ମୃତ୍ୟୁବରଣ କରିନାହାନ୍ତି ସତ; କିନ୍ତୁ ଚଳିତ ବର୍ଷ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ପୂର୍ବ ବର୍ଷମାନେ ଜାନୁଆରୀଠାରୁ ମେ' ମାସ ମଧ୍ୟରେ ଯେଉଁ ପରିମାଣରେ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲା ଚଳିତ ବର୍ଷ ତାହା ଦୁଇଗୁଣକୁ ବୃଦ୍ଧିପାଇଛି। ଜିଲ୍ଲାରେ ସବୁ ପ୍ରକାର ସ୍ୱାସ୍ଥ୍ୟଜନିତ ପ୍ରତିକାର ବ୍ୟବସ୍ଥା ସ୍ୱାସ୍ଥ୍ୟବିଭାଗ ଦ୍ୱାରା ନିଆଯାଉଥିବା କୁହାଯିବା ସତ୍ତ୍ୱେ କାହିଁକି ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଘଟିଲା ତାହା ହିଁ ଚିନ୍ତାର କାରଣ ହୋଇଛି। ୨୦୨୨ରେ ୩୭୫୯୫୦ଜଣଙ୍କ ରକ୍ତନମୁନା ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୩୮୪୦ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୩ ମସିହାରେ ୪୨୪୮୧୪ଜଣଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷାପରେ ୭୫୪୩ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ କରାଯାଇଥିଲା। ୨୦୨୪ରେ ୪୮୦୯୭୨ ଜଣଙ୍କ ରକ୍ତ ନମୁନା ପରୀକ୍ଷାପରେ ୧୪୩୯୯ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ଯାହାକି ସ୍ୱାସ୍ଥ୍ୟବିଭାଗ ପାଇଁ ଉଦବେଗର କାରଣ କୁହାଯାଉଛି। କେବଳ ସେତିକି ନୁହେଁ; ଗତ ବର୍ଷ ଜାନୁଆରୀ ମାସରୁ ମେ'ମାସ ଭିତରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ମାତ୍ର ୨୦୯୧ ଥିବାବେଳେ ଚଳିତ ବର୍ଷ ତାହା ବୃଦ୍ଧି ପାଇ ୪୩୨୧ ମ୍ୟାଲେରିଆ ରୋଗୀ ସଂଖ୍ୟାରେ ପହଁଞ୍ଚିଛି। ଜିଲ୍ଲାରେ ଥିବା ୧୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ହିସାବରୁ ଜଣାଯାଇଛି ଯେ, ଦୁର୍ଗମ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକ ୫ମାସ ମଧ୍ୟରେ ମ୍ୟାଲେରିଆ ରୋଗୀ ୯୮୧ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଗାଁ ଗୁଡିକରେ ମ୍ୟାଲେରିଆ ପ୍ରାଦୁର୍ଭାବ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଏହି ବ୍ଲକରେ ରୋଗୀଙ୍କ ସଂଖ୍ୟା ୧୯୭୫ ବୋଲି ରିପୋର୍ଟରୁ ସୂଚନା ମିଳିଛି। ମଦନପୁର ରାମପୁର ବ୍ଲକରେ ୫୩୪ ଜଣ ଏହିପରି ଜିଲ୍ଲାରେ ୫ମାସରେ ମ୍ୟାଲେରିଆ ରୋଗୀ ଆଶାତୀତ ବୃଦ୍ଧି ପାଇ ୪୩୨୧ ଜଣଙ୍କୁ ଆକ୍ରାନ୍ତ କରିସାରିଛି। ଗତ ୨୦୨୦ ମସିହାରୁ ୨୦୨୪ ପର୍ଯ୍ୟନ୍ତ ମ୍ୟାଲେରିଆ ରୋଗ ନିୟନ୍ତ୍ରଣ ଭିତରେ ରହିଥିଲା। ୨୦୨୪ରୁ ମ୍ୟାଲେରିଆ ଆତଙ୍କ ଗ୍ରାମାଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଚାଲିଛି। ମ୍ୟାଲେରିଆ ରୋଗରୁ ଶିକାର ନ ହେବା ଲାଗି

**ମାତ୍ର ୫ମାସରେ ପୂର୍ବାପେକ୍ଷା ଦୁଇଗୁଣ ରୋଗୀ ସଂଖ୍ୟା ବୃଦ୍ଧି**

ଔଷଧ ଯୁକ୍ତ ମଶାରୀ ବଣ୍ଟନ କରାଯାଇଛି। ତେବେ ଏଯାବତ କେସିଙ୍ଗା ଓ ଗୋଲାମୁଣ୍ଡା ବ୍ଲକ ସମେତ ଜିଲ୍ଲାର ୩ଟି ପୌର ବିଜ୍ଞପିତ ଅଞ୍ଚଳ ଜୁନାଗଡ଼, ଧର୍ମଗଡ଼ କେସିଙ୍ଗା ଏବଂ ଭବାନୀପାଟଣା ପୌରାଞ୍ଚଳରେ ମଶାରୀ ବଣ୍ଟନ ହୋଇନାହିଁ। ଏବେ ସୁଦ୍ଧା ଜିଲ୍ଲାରେ ୮୩୬୦୭ ମଶାରୀ ଆବଶ୍ୟକ ଥିବା ସ୍ଥଳେ ୮୨୭୨୪୯ ମଶାରୀ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପ୍ରକାଶ କରିଛି। ଆହୁରି ୧ଲକ୍ଷ ୮୧ହଜାର ମଶାରୀର ବାଣ୍ଟିବାକୁ ଅଛି। ମଶାରୀ ଜିଲ୍ଲାରେ ପହଞ୍ଚିଲେ ଯୋଗାଇ ଦିଆଯିବ। ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଜରୁରୀକାଳୀନ ଔଷଧ ବାଣ୍ଟିଛନ୍ତି। ନବୀନ ସରକାର ସମୟରେ ଆରମ୍ଭ ହୋଇଥିବା ଦମନ କାର୍ଯ୍ୟକ୍ରମ କିପରି ଚାଲିଛି ତାହା ଅନୁଧ୍ୟାନସାପେକ୍ଷ। ମଶାରୀ ହିତାଧିକାରୀ ନିକଟରେ ପହଞ୍ଚିଲା କି ନାହିଁ ତାହାର ଯାଞ୍ଚ ହେବା ସଙ୍ଗେସଙ୍ଗେ ଔଷଧର ବ୍ୟବହାରକୁ ନେଇ ସଚେତନ କରିବା ଗୁରୁତ୍ୱପୂର୍ଣ୍ଣ। ଲାଞ୍ଜିଗଡ଼ ବ୍ଲକର ଉପାନ୍ତରେ ଥିବା ଗାଁଗୁଡ଼ିକରେ ପ୍ରତିଘରେ ମ୍ୟାଲେରିଆ ରୋଗୀଥିବା ଖବର ହସ୍ତଗତ ହେଉଛି। ଠିକ୍ ସେହିଭଳି ଥୁଆମୂଳ ରାମପୁର ବ୍ଲକର ବୁଡି ଅଞ୍ଚଳ ବେଶ ପ୍ରଭାବିତ ହୋଇଛି। ଜନନୀ ଯନ୍ତ୍ରଣା ହେଉ କି ମ୍ୟାଲେରିଆ, ଡେଙ୍ଗୁ ଝାଡ଼ାବାନ୍ତି ରୋଗରେ ଶିକାର ହେଉଥିବା ରୋଗୀ ଚିକିତ୍ସା ପାଇଁ ଏବେ ବି କେତେକ ଅଞ୍ଚଳରୁ ଖଟିଆରେ ବୁହା ହୋଇ ଆସୁଥିବାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ମ୍ୟାଲେରିଆ ନିୟନ୍ତ୍ରଣ କାଗଜ କଲମରେ ନକରି ବାସ୍ତବ ସେବା ଯୋଗାଇବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି।

---

### ■ ଖାଲଖମାରେ ଭର୍ତ୍ତି ଦପଲା ତିଲକାମାଲ ରାସ୍ତା

## ୫ ବର୍ଷ ହେଲା ମାଟି ମୁଠାଏ ପଡ଼ିନି

**ଶଗଡ଼ା, ୧୧।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲାପଞ୍ଚାୟତ ଦପଲାରୁ ତିଲକାମାଲ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟର ସହିତ ଶହଶହ ଲୋକ ଯାତାୟାତ କରିଥାନ୍ତି।ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି।ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଗାଡିତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ପଡେ। ପାଣି କାଦୁଅ ରାସ୍ତାରେ ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ସମୟରେ ଅନେକ ଲୋକ ପଡ଼ି ଯିବା ସହ ଗାଡି ମଧ୍ୟ ଭାଙ୍ଗି ଯାଇଥିବା ନଜିର ରହିଛି।ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ରାଜ୍ୟ ସରକାର ଯାତାୟତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟି ଥିବା ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରି ନାହିଁ। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ଖୁବ ଶୀଘ୍ର ମରାମତି କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।



---

## ଗାଡ଼ି ଧକ୍କାରେ ରେଳ ଫାଟକ ଭାଙ୍ଗିଲା




**ସଇଁତଲା, ୧୧।୭(ସମିସ):** ସମ୍ବଲପୁର-ଟିଟିଲାଗଡ଼ ରେଳ ଲାଇନ ସଇଁତଲା ଦେଇ ଯାଇଛି। ସଇଁତଲା ବ୍ଲକ ଛକ ନିକଟରେ ଏକ ରେଳ ଫାଟକ ରହିଛି। ଉକ୍ତ ଫାଟକକୁ ଗୁରୁବାର ବିଳମ୍ବିତ ରାତ୍ରରେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଭାଙ୍ଗି ଯାଇଥିବା ଜଣାଯାଏ। ଜିଆରପିଏଫ ଏସଆଇ ଏସଏସ. ସାହୁଙ୍କ ସୂଚନା ଅନୁସାରେ ଗତ ରାତ୍ର ୧୨ଟା ୧୫ ମିନିଟ ସମୟରେ ଟ୍ରେନ ଆସୁଥିବାରୁ ଫାଟକଟି ବନ୍ଦ ରହିଥିଲା। ଗେଟରେ କାର୍ଯ୍ୟରତ ଥିବା ବ୍ୟକ୍ତି ଜଣକ ଗେଟ ପକାଇ ଲକ କରିବାକୁ ଗେଟ କ୍ୱାର୍ଟର ଭିତରକୁ ପଶିଥବା ବେଳେ ଏକ ଅଜଣା ଗାଡ଼ି ଦ୍ରୁତ ଗତିରେ ଆସି ଗେଟକୁ ଧକ୍କା ଦେଇ ଚାଲିଯାଇଥଲା। କାର୍ଯ୍ୟରତ ବ୍ୟକ୍ତି ଜଣଜ କ୍ୱାର୍ଟରରୁ ବାହାରି ଦେଖବା ସମୟରେ ଗାଡ଼ିଟି ଦ୍ରୁତ ଗତିରେ ପଳାଉଥିଲା। ଅନ୍ଧର ହୋଇଥିବାରୁ କାର୍ଯ୍ୟରତ ବ୍ୟକ୍ତି ଜଣକ କେବଳ ପଛପଟରୁ ଏକ ଟ୍ରକ୍ ଧକ୍କାଦେଇ ଚାଲିଯାଇଥିବା କହିଛନ୍ତି। ଏ ବିଷୟରେ ସଇଁତଲା ଷ୍ଟେସନମାଷ୍ଟରଙ୍କୁ କାର୍ଯ୍ୟରତ ବ୍ୟକ୍ତି ଜଣକ ଜଣାଇବା ପରେ ଘଟଣାସ୍ଥଳରେ ଜିଆର୍‌ପିଏଫ ପହଞ୍ଚି ତଦନ୍ତ ଚଳାଇଛି।

## ସରକାରୀ ସହାୟତାରୁ ବଞ୍ଚିତ ପାନା

**ତୁରେକେଲା, ୧୧।୭(ସମିସ):** ୧୦ ବର୍ଷ ତଳେ ଛତିଶଗଡ଼ ରାୟପୁରକୁ କାମ କରିବାକୁ ଯାଇଥିବା ବେଳେ ସ୍ୱାମୀ ମୃତ୍ୟୁବରଣ କରିଥିଲେ। ସେ ଦିନ ଠାରୁ ବହୁ ସଂଘର୍ଷ କରି ଜୀବନଯାପନ କରୁଛନ୍ତି। ପାନ ବିଧବା ହୋଇ ୧୦ ବର୍ଷ ପରେ ମଧ୍ୟ ଆଜିଯାଏ ତାଙ୍କୁ କୌଣସି ସରକାରୀ ସହାୟତା ମିଳିପାରିନାହିଁ। ଏହିଭଳି ଦୁଃଖ ଦାୟକ ଘଟଣା ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ କରୁଆଁମୁଣ୍ଡା ପଞ୍ଚାୟତ ବିର୍ନା ଗାଁରେ ଦେଖିବାକୁ ମିଳିଛି। ଏହି ଗାଁର ବିଧବା ମହିଳା ପାନ ମାଝି ଗତ ୧୦ ବର୍ଷ ତଳେ ତାଙ୍କ ସ୍ୱାମୀ ନାରାୟଣ ମାଝିଙ୍କ ମୃତ୍ୟୁ ହୋଇଥିଲା। ହେଲେ ଆଜିଯାଏ ବିଧବା ମହିଳାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଧବା ମାସିକ ଭତ୍ତା ଦିଯାଉନାହିଁ ବାରମ୍ବାର ପଞ୍ଚାୟତରୁ ବ୍ଲକ ପ୍ରଶାସନ ଦ୍ୱାରସ୍ଥ ହେଲେ ମଧ୍ୟ ତାଙ୍କ କଥା କେହିଁ ଶୁଣୁନଥିବା ଯୋଗୁଁ ସେ ନିରାଶ ହୋଇପଡ଼ିଛନ୍ତି। ତାଙ୍କ ଦୁଃଖ ଦେଖି ଗାଁ ଲୋକେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିବେଦନ କରିବା ପରେ ସେ ଗାଁ ବିଦ୍ୟାଳୟରେ ପାଚିକା ଭାବରେ କାମ କରୁଛନ୍ତି। ସେଠାରୁ ସାହା ରୋଜଗାର କରୁଛନ୍ତି ସେଥିରେ ୪ ପିଲାଙ୍କୁ ନେଇ ଜୀବନ ବିତାଉଛନ୍ତି। ସେହିପରି ତାଙ୍କ ସ୍ୱାମୀ ମୃତ୍ୟୁବରଣ କରି ୧୦ ବର୍ଷ ଅଧିକ ସମୟ ହୋଇଥିଲେ ସୁଦ୍ଧା ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ମିଳିନାହିଁ। ସରକାର ବିଧବା ମହିଳାଙ୍କ ପାଇଁ କାହିଁକି କେତେ ଯୋଜନା କରୁଥିବା ବେଳେ ବାସ୍ତବରେ ଯୋଜନାରୁ ବଞ୍ଚିତ ବିଧବା ମହିଳା ଯାହାର ଜଳନ୍ତା ଉଦାହରଣ ହେଉଛନ୍ତି ପାନ। ଜିଲ୍ଲା ପ୍ରଶାସନ ନଜର ଦେଇ ଏହି ବିଧବା ମହିଳାଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ସାଇଭାଇ ସୋସିଆଲ ୱାର୍କର ଅନୁଷ୍ଠାନ ଦାବି କରିଛି।



## ନିଶାସକ୍ତଙ୍କ ଆଡ୍ଡାସ୍ଥଳ ପାଲଟିଛି ମିଶନ ଶକ୍ତି ଘର




**ବୌଦ୍ଧ, ୧୧।୭(ସମିସ):** ବୌଦ୍ଧ ବ୍ଲକ ତେଲିବନ୍ଧ ଛକ ନିକଟରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସୂଚନାଯୋଗ୍ୟ ଯେ ୨୦୨୨ ମସିହାରେ ମିଶନ ଶକ୍ତି ମହିଳାମାନଙ୍କ ବୈଠକ ଓ କାର୍ଯ୍ୟ ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଗୃହ ନିର୍ମାଣ କରାଯାଇଥିଲା। ତେବେ ଏହାର ବିଦ୍ୟୁତ ସଂଯୋଗ ହୋଇ ନଥିବାରୁ ଏହା ମହିଳାମାନଙ୍କ କାର୍ଯ୍ୟରେ ଲାଗୁନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ପୁରୁଣା ଘରକୁ ମିଶନ ଶକ୍ତି ମହିଳାମାନେ ବ୍ୟବହାର କରୁଛନ୍ତି। ନୂତନ ଭାବେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହ ସନ୍ଧ୍ୟାହେଲେ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି।ଯାହା ଫଳରେ ୫ ଲକ୍ଷ ଟଙ୍କା ଏଠାରେ ଖତ ଖାଉଛି। ତୁରନ୍ତ ଘରକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

---

### ଦାବ୍ରୀଗାଁ ରାସ୍ତା କାମରେ ଅନିୟମିତତା ଅଭିଯୋଗ

## ସୂଚନାଫଳକରେ କଂକ୍ରିଟ ରାସ୍ତା; ବାସ୍ତବରେ ନାହିଁ

**ତୁରେକେଲା, ୧୧।୭(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ହିଆଁଳ ପଞ୍ଚାୟତରେ ସରକାରୀ ନିୟମ ଉଲ୍ଲଂଘନ କରି ଗୋଟିଏ ଗୋଟିଏ କାମ କରି ସରକାରୀ ଅନୁଦାନ ଦୁରୁପଯୋଗ କରାଯାଉଥିବା ଅଭିଯୋଗ ହେଉଛି। ମନରେଗା ଯୋଜନାରେ ପୋଖରୀ ନ ଥାଇ ପାହାଚ ନିର୍ମାଣ କରି ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଥିବା ବେଳେ ସୂଚନା ଫଳକରେ କଂକ୍ରିଟ ରୋଡ ନିର୍ମାଣ କରିବା ଲେଖି ବାସ୍ତବରେ ନ କରିବାକୁ ଯୋଗୁଁ ଲୋକେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ ହିଆଁଳ ପଞ୍ଚାୟତର ଦାବ୍ରୀ ଗାଁ ଅଙ୍ଗନବାଡ଼ିକେନ୍ଦ୍ର ଠାରୁ ଟାଙ୍ଗରପଡ଼ା ପର୍ଯ୍ୟନ୍ତ କଂକ୍ରିଟରୋଡ ନିର୍ମାଣ ଓ ପୋଲ ରକ୍ଷାଣବେକ୍ଷଣକୁ ନେଇ ହିଆଁଳ ପଞ୍ଚାୟତ କେନ୍ଦ୍ର ପଞ୍ଚଦଶ ଅର୍ଥ ୨୦୨୪-୨୫ରେ କାମ କରାଯାଇଥିବା ନେଇ ସୂଚନା ଫଳକ ଉଲ୍ଲେଖ ରହିଥିବା ବେଳେ ଏହାରେ ଫଳ ଅନୁସାରେ କାମ କରାଯାଇନାହିଁ।



୩ ଲକ୍ଷ ଟଙ୍କାରେ ସେଠାରେ ପୋଲ ନିର୍ମାଣ କରାଯାଉଥିବା ବେଳେ କଂକ୍ରିଟ ରୋଡ ଦେଖା ନାହିଁ। ନବନିର୍ମିତ ପୋଲ କାମ ମଧ୍ୟ ଅତି ନିମ୍ନମାନର କରାଯାଇଥିବା ଅଭିଯୋଗ ହେଉଛି।ଗୋଟିଏ ପଟେ ସୂଚନା ଫଳକ ଅନ୍ୟ ତଥ୍ୟ ଲେଖୁଥିବା ବେଳେ ଅନ୍ୟପଟ ବାସ୍ତବରେ ଅନ୍ୟ କାମ କରାଯାଉଛି ଏହି ହିଆଁଳ ପଞ୍ଚାୟତରେ। କଂକ୍ରିଟ ରୋଡ ନିର୍ମାଣ କରିବାକୁ ଅନୁଦାନ ମଞ୍ଜୁର ହୋଇଥିଲା କିନ୍ତୁ ସେହି କଂକ୍ରିଟ ରୋଡ ନିର୍ମାଣ କରିବା ଯୋଗୁଁ ସେହି ରାସ୍ତା କାଦୁଅ ପଚପଚ ହୋଇପଡ଼ିଛି। ଯେଉଁ ଟଙ୍କା କଂକ୍ରିଟ ରୋଡ ନିର୍ମାଣ ପାଇଁ ଆସିଥିଲା ସେହି ଟଙ୍କାକୁ ନିଜ ମନମୁତାବକ କାହିଁକି କାର୍ଯ୍ୟ କରୁଛନ୍ତି ଦାୟିତ୍ୱ ଥିବା କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀମାନେ। ବାରମ୍ବାର ଏହିଭଳି ସରାକରୀ ନିୟମ ଉଲ୍ଲଂଘନ କରି କାମ କରୁଥିବା କର୍ମଚାରୀଙ୍କ ବିରୋଧ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତୁରେକେଲା ବ୍ଲକ ପ୍ରଶାସନ। ବାରମ୍ବାର ହିଆଁଳ ପଞ୍ଚାୟତରେ ଅନେକ କାମରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତୁରେକେଲା ବ୍ଲକ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ ଯାହାକୁ ନେଇ ଦାୟିତ୍ୱ ଥିବା ପ୍ରଶାସନିକ ଅଧିକାରୀଙ୍କ ଭୂମିକାକୁ ନେଇ ବଡ ପ୍ରଶ୍ନ ଉଠୁଛି। ଏନେଇ ତୁରେକେଲା ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ନବ ମଳିକଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରିଥିଲୁ ହେଲେ ତାଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ବଲାଙ୍ଗିର ଜିଲ୍ଲା ପ୍ରଶାସନ ନଜର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

---

## ଦୁଷ୍କର୍ମ ଓ ଭିଡିଓ ଭାଇରାଲ ଅଭିଯୋଗରେ ୩ ଗିରଫ

**ତରଭା, ୧୧।୭(ସମିସ):** ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଓ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଭିଡିଓ ଭାଇରାଲ କରିବା ଅଭିଯୋଗରେ ଅଭିଯୁକ୍ତ ଯୁବକ ଓ ଦୁଇ ସହଯୋଗୀଙ୍କୁ ତରଭା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମନୋଜ ମାଝୀ(୨୧) ଓ ତା'ର ସହଯୋଗୀ ଲାଲଚନ୍ଦ ବଗର୍ତ୍ତୀ ଓ ପ୍ରଶାନ୍ତ ବରାଳ। ତରଭା ଥାନା ଆଇଆଇସି ଅନିତା କିଡୋଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ, ଶିବତୁଲା ପଞ୍ଚାୟତର ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ସହ ବାଲାଡି ଗ୍ରାମର ଅଭିଯୁକ୍ତ ଯୁବକ ମନୋଜ ମାଝୀଙ୍କ ୨୦୨୩ ମସିହାରୁ ପ୍ରେମ ସମ୍ପର୍କ ରହିଥିଲା। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବାର ଧମକ ଦେଇ ଗତ ଜୁଲାଇ ୧ ତାରିଖରେ ଅଭିଯୁକ୍ତ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ପୁଣି ୮ ତାରିଖରେ ଅଭିଯୁକ୍ତ ମନୋଜ ଏକ ବାଇକରେ ତା'ର ଦୁଇ ଜଣ ସାଙ୍ଗ ପ୍ରଶାନ୍ତ ବରାଳ(୨୭) ଓ ଲାଲଚନ୍ଦ ବଗର୍ତ୍ତୀ(୩୪)ଙ୍କୁ ଧରି ନାବାଳିକାଙ୍କ ଘରକୁ ଆସିଥିଲା। ଘରେ କେହି ନଥିବାର ସୁଯୋଗ ନେଇ ମନୋଜ ଘର ଭିତରେ ପଶି ନାବାଳିକାକୁ ଜୋର ଜବରଦସ୍ତି ଶାରୀରିକ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲା। ଝିଅଟିର ଚିତ୍କାର ଶୁଣି ପଡ଼ିଶା ଘର ଲୋକେ ପହଞ୍ଚି ଯିବାରୁ ମନୋଜ ସେଠାରୁ ଫେରାର ହୋଇଯାଇଥିଲା। ଏନେଇ ତରଭା ଥାନାରେ ନାବାଳିକା ଲିଖିତ ଅଭିଯୋଗ କରିଥିଲେ। ନାବାଳିକାଙ୍କ ଏତଲାକୁ ଭିତ୍ତିକରି ତରଭା ପୁଲିସ ବାଲାଡି ଗ୍ରାମରୁ ମନୋଜ ଓ ତା'ର ଦୁଇ ସହଯୋଗୀକୁ ଗିରଫ କରି ତରଭା ଥାନାକୁ ଆଣିଥିଲେ। ଉଭୟଙ୍କ ଡାକ୍ତରୀ ମଇନା ପରେ ନାବାଳିକାକୁ ସୋନପୁର ସିଡବ୍ଲ୍ୟୁସିକୁ ପଠାଯାଇଥିବା ବେଳେ ତିନି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ କେସ୍ ନମ୍ବର ୧୬୯/୨୫ ପୋକ୍ସୋ ଆକ୍ଟରେ ମାମଲା ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଅନିତା କିଡୋ କହିଛନ୍ତି।

## ବିପୁଳ ପରିମାଣର ବିଅର ଜବତ, ଜଣେ ଗିରଫ

**ଶଗଡ଼ା, ୧୧।୭(ସମିସ):** କଣ୍ଟାମାଳ ଥାନା ଲମ୍ବସରୀ ରାସ୍ତାର ଖଲିଆପାଲି ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ କଣ୍ଟାମାଳ ପୁଲିସ ବିପୁଳ ପରିମାଣର ବିଅର ଜବତ କରିବା ସହ ଘଟଣାରେ ଜଣକୁ ଗିରଫ କରିଛି। ବେଆଇନ ଭାବରେ ବିଦେଶୀ ମଦ ଚୋରା ଚାଲାଣ ହେଉଥିବା ନେଇ ପୁଲିସ ଖବର ପାଇ ଛକି ବସିଥିଲା। ରାସ୍ତାରେ ଆସୁଥିବା କୃଷ୍ଣଚନ୍ଦ୍ର ସାହୁକୁ ଅଟକାଇ ଯାଞ୍ଚ କଲା ପରେ ୫୪ଲିଟରରୁ ଅଧିକ ବିଅର ବାହାରି ଥିଲା। ବିଅର, ବାଇକ୍ ସହ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା। ଏ ନେଇ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

---

### ପାଟଣାଗଡ଼ରେ ଉନ୍ନୟନମୂଳକ କାମ ବ୍ୟାହତ

## ସୋମବାରଠାରୁ ଆମରଣ ଅନଶନରେ ବସିବେ ସମିତି ସଭ୍ୟ



**ପାଟଣାଗଡ଼, ୧୧।୭(ସମିସ):** ବିଜେପି ସରକାର ଆସିବା ଦିନଠାରୁ ପାଟଣାଗଡ଼ରେ ଉନ୍ନୟନମୂଳକ କାମ ଠପ ହୋଇପଡ଼ିଥିବା ଅଭିଯୋଗ ନେଇ ଗତ ୨୪ ତାରିଖ ଠାରୁ ପାଟଣାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ସମିତି ସଭ୍ୟ ସଭ୍ୟାଙ୍କ ଧାରଣା ଶୁକ୍ରବାର ଚଉଦ ଦିନରେ ପହଞ୍ଚିଛି। କିନ୍ତୁ ଏହି ଧାରଣାକୁ ପ୍ରଶାସନ ତରଫରୁ ସମାଧାନ ପାଇଁ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ଧାରଣାରତ ସମିତି ସଭ୍ୟ, ସଭ୍ୟା ଆସନ୍ତା ସୋମବାର ଦିନ ଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ପାଇଁ ଜିଲ୍ଲାପାଳ ବଲାଙ୍ଗିର, ଉପଜିଲ୍ଲାପାଳ ପାଟଣାଗଡ଼, ଉପଖଣ୍ଡିୟ ସ୍ୱାସ୍ଥ୍ୟ ଅଧିକାରୀ ପାଟଣାଗଡ଼, ଏସଡ଼ିପିଓ ପାଟଣାଗଡ଼ ଓ ଥାନାଧିକାରୀ ପାଟଣାଗଡ଼ଙ୍କୁ ଲିଖିତଭାବେ ଅବଗତ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାର ଆସିବା ଦିନ ଠାରୁ ପାଟଣାଗଡ଼ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି। ସମିତି ସଭ୍ୟ, ସଭ୍ୟା ଙ୍କ ପାଇଁ ଥିବା ଫଣ୍ଡକୁ ବନ୍ଦ କରିଦିଆଯାଇଛି। କେତେକ ପୁରୁଣା କାମର ବିଲକୁ ମଧ୍ୟ ବନ୍ଦ କରିଦିଆଯାଇଛି। କାହା ଚାପ ଯୋଗୁଁ ଉନ୍ନୟନ କାମକୁ ବନ୍ଦ କରାଯାଇଛି। ଏନେଇ ବିଡ଼ିଓ ପାଟଣାଗଡ଼ ଓ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ବିଭିନ୍ନ ସମୟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନ ନେଇ ଚୁପ ରହିଥିଲେ। ତେଣୁ ବାଧ୍ୟ ହୋଇ ନିଜ ହକ ପାଇଁ ଗତ ୨୪ ତାରିଖ ଠାରୁ ପାଟଣାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିର୍ବାଚିତ ସମିତି ସଭ୍ୟ, ସଭ୍ୟା ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ତଥାପି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନ ନେବାରୁ ସୋମବାର ଠାରୁ ଆମରଣ ଅନଶନରେ ବସିବାକୁ ବାଧ୍ୟ ହେବୁ ସେଥିପାଇଁ କୌଣସି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ସମିତି ସଭ୍ୟ ସଂଘ ସଭାପତି ଗୋବିନ୍ଦ ମେହେର, ସମ୍ପାଦକ ଜୟନ୍ତ କୁମ୍ଭାର ଙ୍କ ସହ ଧାରଣାରତ ସମିତି ସଭ୍ୟ, ସଭ୍ୟା କହିଛନ୍ତି।

---

# ସବୁ କୋଠରି ଭଙ୍ଗା; ୨୪୭ ଛାତ୍ରଛାତ୍ରୀ ଅସୁରକ୍ଷିତ

ନୂଆପଡ଼ା, ୧୧।୭ (ସମିସ)

ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଯାଇ ବିଦ୍ୟାଳୟ ଗୁଡିକରଭିତ୍ତିଭୂମିର ବିକାଶ ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି; ହେଲେ ଶିକ୍ଷା ବ୍ୟବସ୍ଥା ସଜାଡିବା ପୂର୍ବରୁ ବିଦ୍ୟାଳୟ ଶ୍ରେଣୀ କୋଠରୀ ସହ ଆନୁଷଙ୍ଗିକ ବ୍ୟବସ୍ଥା ସୁଧାରିବାରେ ବିଫଳ ହେଉଛନ୍ତି। ନୂଆପଡ଼ା ଜିଲ୍ଲା ସଦର ମହକୁମାର ପ୍ରାଥମିକ ବିଦ୍ୟାଳୟଗୁଡିକର ସ୍ଥିତି ଦେଖିଲେ ସବୁ ଜଳ ଜଳ ହୋଇ ବାରି ହୋଇପଡୁଛି। ଜିଲ୍ଲା ସଦର ମହକୁମାର ୧୪ନମ୍ବର ୱାର୍ଡ ଅର୍ଥାତ ମହୁଲଭଟା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏହାର ଏକ ଜ୍ୱଳନ୍ତ ଉଦାହରଣ। ବିଦ୍ୟାଳୟ ଗେଟ୍ ପାଖରୁ ଆରମ୍ଭ କରି ସବୁ କୋଠରି ଏପରିକି ଅଫିସ କୋଠରିରେ ମଧ୍ୟ ଅସରାଏ ବର୍ଷା ହେଲେ ପାଣି ଗଳୁଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ୮ଟି ଶ୍ରେଣୀରେ ମୋଟ






୨୪୭ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସବୁ ଶ୍ରେଣୀରେ ପାଣି ଗଳୁଛି। ଅସରାଏ ବର୍ଷା ହେଲେ ପାଣି ଥପ୍ ଥପ୍ ହୋଇ ପଡୁଛି। ଗୋଟିଏ ଘଣ୍ଟା ବି ସୁରକ୍ଷିତ ଭାବେ ପାଠ ପଢ଼ିବା କଷ୍ଟକର ହୋଇପଡୁଛି। ପାଠ ପଢ଼ିଆସୁଥିବା ଛାତ୍ରଛାତ୍ରୀ ଏହି ହେତୁ ବହୁ ସମୟରେ ଜ୍ୱର, ଝାଡାବାନ୍ତି ଭଳି ରୋଗରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ପୁନଃରୁଦ୍ଧାର ପାଇଁ ବାରମ୍ବାର ବ୍ଲକ ପ୍ରଶାସନକୁ ଜଣାଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଏଠିକାର ପିଲା ବିଗତ ଦିନରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ନାଁ କରିଛନ୍ତି। ଆଜିକୁ ୮ ଦିନ ହେବ ଲଗାଣ ବର୍ଷାରେ ପିଲାଙ୍କ ପାଠ ପଢ଼ା ବାଧା ପ୍ରାପ୍ତ ହୋଇଛି। ଏଥିପ୍ରତି ବ୍ଲକ ତଥା ଜିଲ୍ଲା ଶିକ୍ଷା ବିଭାଗ ବେଳ ହୁଁ ଦୃଷ୍ଟି ନ ଦେଲେ କେତେବେଳେ ଯେ କୌଣସି ପ୍ରକାର ଅଘଟଣ ଘଟିବ କହିହେବ ନାହିଁ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ପୁଲିସ କବ୍ଜାରେ ୩ ଆନ୍ତଃରାଜ୍ୟ ଲୁଟେରା

ବଡ଼ବିଲ/ଯୋଡ଼ା, ୧୧।୭ (ସମିସ)



**ଲକ୍ଷାଧିକ ଟଙ୍କାର ଗହଣା ଓ ବାଇକ୍ ଜବତ, ୫ ଗିରଫ**

କେନ୍ଦୁଝରଜିଲ୍ଲା ବଡ଼ବିଲପୁଲିସ୩ଆନ୍ତଃରାଜ୍ୟଲୁଟେରା ସମେତ ୫ ଜଣଙ୍କୁ ଗିରଫ କରିଛି । ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଥାନାଞ୍ଚଳରେ ସକାଳ ବେଳା ଓ ସନ୍ଧ୍ୟା ସମୟରେ ବୟସ୍କ ମହିଳାଙ୍କଠାରୁ ସୁନା, ରୁପା ଅଳଙ୍କାର ଲୁଟ ଆଦି ଅନେକ ମାମଲା ଦୃଷ୍ଟିରୁ କେନ୍ଦୁଝର ଏସ୍‌ପି ନୀତିନ କୁଶଲକାରଙ୍କ ନିର୍ଦ୍ଦେଶକ୍ରମେ ବଡ଼ବିଲ ଥାନାଧିକାରୀ ଅଶୋକ ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଚଢ଼ଉ କରି ଏହି ସଫଳତା ପାଇଛନ୍ତି । ପୁଲିସର ଦୁଇଟି ଟିମ ଝାଡ଼ଖଣ୍ଡସ୍ଥିତ ପୂର୍ବ ସିଂହଭୂମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ୩ ଜଣ ଅନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରା ସାମଗ୍ରୀ କିଣୁଥିବା ୨ ଜଣ ଅଳଙ୍କାର ଦୋକାନୀକୁ ମଧ୍ୟ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମ ଜିଲ୍ଲା ମଝିଗାଁ ଥାନାଞ୍ଚଳର ରାଜେନ୍ଦ୍ର ପିଙ୍ଗୁଆ(୩୨), ଦୀପକ ଗୋପ (୩୦) ଓ ଜଗନ୍ନାଥପୁର ଥାନାଞ୍ଚଳର ସରୋଜ କେଶରୀ(୩୨) । ରାଜେନ୍ଦ୍ର ନାମରେ ଯୋଡ଼ା, ବଡ଼ବିଲ, ଚମ୍ପୁଆ ଓ ଝାଡ଼ଖଣ୍ଡ ପ୍ରଦେଶ ହାଟଗମାରିହା ଥାନାରେ ୧୦ଟି ମାମଲା, ସରୋଜ ନାମରେ ଯୋଡ଼ା ଓ ବଡ଼ବିଲ ଥାନାରେ ୮ଟି ମାମଲା ଓ ଦୀପକ ନାମରେ ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି । ଏମାନଙ୍କ ଠାରୁ ଚୋରାରେ ଅଳଙ୍କାର କିଣୁଥିବା ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମି ବାଗବେଡା ଥାନାଞ୍ଚଳର ଶିବପ୍ରକାଶ ପ୍ରସାଦ ଓ ରାଜେନ୍ଦ୍ର ପ୍ରସାଦ । ଏମାନଙ୍କଠାରୁ ୩ କି.ଗ୍ରା ୬୮୧ ଗ୍ରାମ ଓଜନର ରୁପା ଗହଣା, ୨୯ ଗ୍ରାମ ୨୭ ମିଲିଗ୍ରାମ ଓଜନର ସୁନା ଗହଣା ଓ ଏକ ଚୋରା ବାଇକ (ଜେଏଚ ୦୫. ବି ଏନ୍ ୯୨୬୬)କୁ ଜବତ କରାଯାଇଥିବା ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି ।

## ଓଷ୍ଟା ବାଂଶପାଳ ବ୍ଲକ୍‌ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ




କେନ୍ଦୁଝର, ୧୧।୭(ସମିସ): ନବନିର୍ବାଚିତ ଜିଲ୍ଲା ଓଷ୍ଟା ସଭାପତି ମନ୍ମଥନାଥ ମହାନ୍ତ ଓ ଉପସଭାପତି ବୈକୁଣ୍ଠନାଥ ମହାନ୍ତଙ୍କୁ ବାଂଶପାଳ ବ୍ଲକ ଓଷ୍ଟା ତରଫରୁ ବରଗୋଡା ଗୁପ୍ତେଶ୍ୱର ହାଇସ୍କୁଲ୍‌ରେ ସମ୍ବର୍ଦ୍ଧିତ କରାଯାଇଛି । ବିଶ୍ୱନାଥ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲମ୍ବୋଦର ମହାନ୍ତ, ଅଁରା ହାଇସ୍କୁଲ୍‌ର ବିଜ୍ଞାନ ଶିକ୍ଷକ ତାରିଣୀ ପ୍ରସାଦ ନନ୍ଦ, ଯାତ୍ରା ସରକାରୀ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ସାଇସଂକଳ୍ପ ସେଠୀ, ମା' ପାଟେଶ୍ୱର ଉଚ୍ଚ ବିଦ୍ୟାଳୟଟଣର ତପନ ସାହୁ ଯୋଗ ଦେଇଥିଲେ । ରଞ୍ଜନ ସାମଲ, ରବିନ୍ଦ୍ର ମହାନ୍ତ, ରମେଶଚନ୍ଦ୍ର ମହାନ୍ତ, ଭୀମସେନ ବେହେରା, ନିନା ସୌଭାଗ୍ୟଲକ୍ଷ୍ମୀ ମହାନ୍ତ, ଦୟାନିଧି ରାଉଳ ପ୍ରମୁଖ ଶିକ୍ଷକ ସହଯୋଗ କରିଥିଲେ । ହିନ୍ଦୀ ଶିକ୍ଷକ ରବିନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କ ତାଲିମ ଶିବିର



ଆନନ୍ଦପୁର, ୧୧।୭ (ସମିସ): ଘସିପୁରା ବ୍ଲକ ସମ୍ମିଳନୀ କକ୍ଷରେ ଗତ ୮ ତାରିଖରୁ ବୁଥସ୍ତରୀୟ ଅଧିକାରୀଙ୍କ ନିମିତ୍ତ ତିନିଦିନିଆ ତାଲିମ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଘସିପୁରା ବ୍ଲକର ବୁଥସ୍ତରୀୟ ଅଧିକାରୀ ଓ ସମସ୍ତ ସୁପରଭାଇଜର ଅଂଶଗ୍ରହଣ କରିଥିଲେ । ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ କୁ ଯୋଗ୍ୟତା ତାରିଖ ରୂପେ ଧରାଯାଇ ସାବାଳକ ଭୋଟରମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା, ମୃତ, ଅନୁପସ୍ଥିତ ଓ ସ୍ଥାନାନ୍ତରିତ ଭୋଟରଙ୍କୁ ବାଦ୍ ଦେବା ଏବଂ ଭୋଟରଙ୍କ ତଥ୍ୟ ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧବ ସୁନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସଞ୍ଜୟ କୁମାର ସାମନ୍ତରାୟ, ବିଡିଓ ବିନିତା ବିଜୟିନୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଶୁଭେନ୍ଦୁ ସାହୁ ଏବଂ ଗୌରାଙ୍ଗ ଜେନା ପ୍ରଶିକ୍ଷଣ ଦେଇଥିଲେ । ଜିପିଡିଓ ଜିତେନ୍ଦ୍ର ସେଠୀ, ପେସା ସଂଯୋଜକ ରଶ୍ମିରଞ୍ଜନ ପତି ଓ ଓସ୍ମାନ ସଂଯୋଜକ ତାପସ ବାରିକ ପରିଚାଳନା କରିଥିଲେ ।




ବେଲବାହାଲି: ଗୁରୁପୂର୍ଣ୍ଣିମା ଉପଲକ୍ଷେ ଜଗନ୍ନାଥ ଧାମ ପୁରୀରେ ଦୟାଲ ବାବା ଭଜନ ଆରାଧନା ପକ୍ଷରୁ ଭଜନ ପରିବେଷଣ

## ସ୍କୁଲ ଘର ଉଦ୍‌ଘାଟନକୁ ନେଇ ତେଜିଲା ବିବାଦ




ହାଟଡ଼ିହୀ, ୧୧।୭(ସମିସ): ହାଟଡ଼ିହୀ ଶିକ୍ଷାମଣ୍ଡଳ ଅଧୀନ ୪୪ ଲକ୍ଷ ଟଙ୍କା ବ୍ୟୟରେ ସରକାରୀ ଅନୁଦାନରେ ନିର୍ମିତ ଏକ ଶ୍ରେଣୀଗୃହ ଉଦଘାଟନକୁ ନେଇ ବିବାଦ ଆରମ୍ଭ ହୋଇଛି । ବ୍ଲକ ପକ୍ଷରୁ ଏହି ଘର ନିର୍ମାଣ କରାଯାଉଥିବା ବେଳେ ବିଡିଓ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ଅଗୋଚରରେ ଏହି ଶ୍ରେଣୀଗୃହ କିପରି ଉଦଘାଟନ ହେଲା ତାକୁ ନେଇ ଉଠିଛି ପ୍ରଶ୍ନବାଚୀ । ସୂଚନାରୁ ଜଣାଯାଇଛି ଯେ ନସିରିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ପକ୍ଷରୁ ଶ୍ରେଣୀଗୃହ ନିର୍ମାଣ ଲାଗି ଅନୁଦାନ ଯୋଗାଇ ଦିଆଯାଇଥିଲା । ଏବେ ବି ମଧ୍ୟ ଏହି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ ହୋଇନାହିଁ । ଗତ ରବିବାର ବିଦ୍ୟାଳୟର ପ୍ରଧାନଶିକ୍ଷକ କୌଣସି ସରକାରୀ ଅଧିକାରୀଙ୍କୁ ନଜଣାଇ କିଛି ଶିକ୍ଷକ ନେତାଙ୍କୁ ଧରି ବିଦ୍ୟାଳୟର ନୂତନ ଶ୍ରେଣୀଗୃହକୁ ଉଦଘାଟନ କରାଇଛନ୍ତି । ଏଥିରେ ଜଣେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ମୁଖ୍ୟଅତିଥି ହୋଇଥିବା ବେଳେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଯେ କି ନିଜକୁ ଜିଲ୍ଲାସ୍ତରୀୟ ସଂଘ ନେତା ଭାବେ କହି ବୁଲୁଛନ୍ତି ସେ ମୁଖ୍ୟବକ୍ତା ହୋଇଥିଲେ । ବିଡ଼ିଓ, ବ୍ଲକ ଶିକ୍ଷାଧିକାରୀ, ବ୍ଲକ ସହ ଶିକ୍ଷାଧିକାରୀ, ସ୍ଥାନୀୟ ସରପଞ୍ଚ କେହିବି ଏ ବାବଦରେ ଜାଣି ନଥିବା କହିଛନ୍ତି । ପ୍ରଧାନଶିକ୍ଷକଙ୍କ ଏପରି ମନମୁଖୀ କାର୍ଯ୍ୟକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏହା ଏକ ଅଗଣତାନ୍ତ୍ରିକ ଓ ଖରାପ ପରମ୍ପରା ସୃଷ୍ଟି କରିଛି ବୋଲି କୁହାଯାଉଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ କୁହନ୍ତି ଯେ ପୁରୁଣା ଘରଟି ଭାଙ୍ଗି ବିପଦସଙ୍କୁଳ ହୋଇଥିବାରୁ ସେ ଏପରି ପଦକ୍ଷେପ ନେଲେ । ମାତ୍ର ଠିକାଦାର ଘର ହସ୍ତାନ୍ତର କରି ନଥିବା ବେଳେ ପଦାଧିକାରୀଙ୍କ ସମ୍ମତି ନନେଇ ଅବସରପ୍ରାପ୍ତ ଶିକ୍ଷାଧିକାରୀଙ୍କୁ ଡାକି ଉଦଘାଟନ କରିବା କେତେଦୂର ଯଥାର୍ଥ ସେନେଇ ବ୍ଲକ ଶିକ୍ଷାଧିକାରୀ ପ୍ରଶ୍ନ ଉଠାଇଛନ୍ତି । ସେ ଏନେଇ କାରଣ ଦର୍ଶାଅ ନୋଟିସ କରିବେ ବୋଲି କହିଛନ୍ତି ।

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ




ଆନନ୍ଦପୁର, ୧୧।୭ (ସମିସ): ଆନନ୍ଦପୁରର ଶାଳପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୭୬ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ସହ ବନ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଅଗ୍ନିଶମ ଅଧିକାରୀ ରାଧୁଚରଣ ମଲ୍ଲିକ ଯୋଗ ଦେଇଥିଲେ । ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ ଓ ଜଙ୍ଗଲ ସଂପଦର ସୁରକ୍ଷା, ଅଭିବୃଦ୍ଧି ବର୍ତ୍ତମାନ ପାଇଁ ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ । ଏହାପରେ ଅଧକ୍ଷଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

ବଡ଼ବିଲ: କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଥିବା ରୋଟାରୀ କ୍ଲବ ପକ୍ଷରୁ ଗୁରୁବାରଠାରୁ ବୃକ୍ଷ ରୋପଣ ସପ୍ତାହର ଶୁଭାରମ୍ଭ ପରିପ୍ରେକ୍ଷୀରେ ଚାରା ରୋପଣ କରାଯାଇଛି । ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ ୪ ନମ୍ବର ୱାର୍ଡ ସେଡିଂ ବସ୍ତି ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୨୫ରୁ ଅଧିକ ଫଳ ଚାରା ରୋପଣ କରାଯାଇଥିଲା । ବଡ଼ବିଲ ରେଞ୍ଜର ସଂଜୀବ ରାଉତ, ବଡ଼ବିଲ ରୋଟାରୀ କ୍ଲବର ସଭାପତି ସୁନୀଲ ଝା, ସମ୍ପାଦକ ହରିହର ମିଶ୍ର, ଅଶୋକ ଠକ୍କର, ମଜିନଦର ସିଂ, ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ବଡ଼ବିଲ ରୋଟାରୀ କ୍ଲବ ପକ୍ଷରୁ ବଡ଼ବିଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ଲବର ସଭାପତି ସୁନୀଲ ଝା ସୂଚନା ଦେଇଛନ୍ତି ।

## ବାରିଗାଁରେ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ସଭା



ବେଲବାହାଲି, ୧୧।୭(ସମିସ): ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ବାରିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଣ୍ଡାଙ୍କୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପେରେଇ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦଳେଇ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ଜିଲ୍ଲା ଏୟୁପିଟିଏଫ ସଭାପତି ଅତୁଲ୍ୟ କୁମାର ବଳ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସାହୁ, ସିଆରସିସି ଶଶିକାନ୍ତ ମହାନ୍ତି, ବାଇଲୋ ପଞ୍ଚାୟତ ସରପଞ୍ଚ କଳ୍ପନା ଜେନା, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଚିତ୍ତରଞ୍ଜନ ଘଡ଼େଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଂଜୁଲତା ପୁଷ୍ଟି ବିଦାୟୀ ଶିକ୍ଷକଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ବ୍ରହ୍ମାନନ୍ଦ ଜେନା, ଯୁଧିଷ୍ଠିର ଯେନା, ବାଳକୃଷ୍ଣ ପଣ୍ଡା ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦେବୀ, ପ୍ରଭାତୀ ରଥ, ସାଗରିକା ପହି, ରୀନା ବେହେରା, ଦିପ୍ତୀମୟୀ କୁଅଁର ପରିଚାଳନା କରିଥିଲେ । ଏନେଇ ସହକାରୀ ଶିକ୍ଷକ ବିଦାୟ ଦିଆଯାଉଥିବାରୁ ଛାତ୍ରଛାତ୍ରୀମାନେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ ।

## ପୁଲିସକୁ ଆକ୍ରମଣ ଘଟଣାରେ ଅଭିଯୁକ୍ତର ଟେର୍ ପାଉନି ପୁଲିସ

ରାମଚନ୍ଦ୍ରପୁର, ୧୧।୭ (ସମିସ): ରାମଚନ୍ଦ୍ରପୁର ଥାନା ୨୦ ନମ୍ବର ଜାତୀୟ ରାଜପଥ ସୁଆଁପଦା ଛକରେ ଏକମାସ ପୂର୍ବରୁ ଏକ ଗାଡ଼ି ଦୁର୍ଘଟଣା ହୋଇଥିଲା । ସେଠାରେ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିବା ରାମଚନ୍ଦ୍ରପୁର ଥାନାର ପୁଲିସ ଏସଆଇ ସୁଶାନ୍ତ ମହାକୁଡ ଏବଂ ଶାନ୍ତନୁ ଜେନାଙ୍କ ସହ ସ୍ଥାନୀୟ ଖଲଣା ଗ୍ରାମର କିଛି ଯୁବକଙ୍କ ହାତାହାତିକୁ ନେଇ ରୁଜୁ ହୋଇଥିବା ମାମଲାର ତଦନ୍ତ ଶିଥିଳ ପଡ଼ିଛି । ଏହି ଘଟଣାରେ ଅଭିଯୁକ୍ତର ଟେର ପାଉନି ପୁଲିସ । ନିଜ ସୁରକ୍ଷା କରିପାରୁ ନଥିବା ପୁଲିସ ଜନସାଧାରଣଙ୍କୁ କିପରି ସୁରକ୍ଷା ଦେବ, ତାହା ସାଧାରଣରେ ଚର୍ଚ୍ଚା ହେଉଛି । କେବେ ଗିରଫ ହେବେ ଅଭିଯୁକ୍ତ ତାହା ଦେଖିବାକୁ ବାକି ରହିଛି ।

## ସାପ କାମୁଡ଼ାରେ ଯୁବକ ମୃତ



ହାଟଡ଼ିହୀ, ୧୧।୭ (ସମିସ): ନନ୍ଦିପଦା ଥାନା ଅଧୀନ ଗୋପ(ଡ଼ିଗିସାହି) ଗ୍ରାମର ରଞ୍ଜନ କୁମାର ବେହେରା(୪୫)ଙ୍କ ମୃତ୍ୟୁ ଘଟିଛି । ଗତକାଲି ସେ ଖାଇପିଇ ଶୋଇବା ପରେ ତାଙ୍କୁ କୌଣସି ବିଷଧର ସାପ ଦଂଶନ କରିଥିଲା । ପରିବାର ଲୋକଙ୍କ ସହ ପାଖ ପଡ଼ୋଶୀ ଗୌରାଙ୍ଗ ରଣା, ମିହିର ବେହେରାଙ୍କ ସହାୟତାରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଞ୍ଜନଙ୍କ ମୃତ୍ୟୁ ଘଟିଛି । ହାଟଡ଼ିହୀ ସରପଞ୍ଚ ଚିନ୍ମୟ ନାୟକ, ସମିତିସଭ୍ୟ କୈଳାସ ରାଉତ ପରିବାର ଲୋକଙ୍କୁ କିପରି ଆର୍ଥିକ ସହାୟତା ମିଳିପାରିବ ସେନେଇ ଚେଷ୍ଟା କରିବେ ବୋଲି କହିଛନ୍ତି ।

## ଗୁରୁ ପୂର୍ଣ୍ଣମୀରେ ଅଖଣ୍ଡ ଯପ ଏବଂ ଦୀପ ମହାଯଜ୍ଞ

ରାମଚନ୍ଦ୍ରପୁର, ୧୧।୭ (ସମିସ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଗୁରୁପୂର୍ଣ୍ଣମୀ ଅବସରରେ ବିଭିନ୍ନ ଶକ୍ତିପୀଠ, ପ୍ରଜ୍ଞାପୀଠ, ମହିଳା ମଣ୍ଡଳ ଏବଂ ସ୍ୱାଧ୍ୟାୟ କେନ୍ଦ୍ରରେ ଅଖଣ୍ଡ ଯପ ସହ ସଂଧ୍ୟାରେ ଦୀପଯଜ୍ଞର ଆୟୋଜନ କରାଯାଇଛି । ଘସିପୁରା ବ୍ଲକ ଅଲତିର ପୁରାତନ ରାଧାକୃଷ୍ଣ ମନ୍ଦିରରେ ଏକ ସତସଂଗ ସହ ଦୀପ ଯଜ୍ଞର ଆୟୋଜନ କରାଯାଇଥିଲା । ଅନୁରୂପ ଭାବେ ସାଇଁକୁଳ, ଶୈଳଙ୍ଗ, ବାହ୍ମଣୀପାଳ, ତରିମୂଳ ଏବଂ ଘସିପୁରା ଶାଖା ପକ୍ଷରୁ ମଧ୍ୟ ଅଖଣ୍ଡ ଯପର ଆୟୋଜନ କରାଯାଇଥିଲା । ଜିଲ୍ଲା ସଂଯୋଜକ ରମେଶଚନ୍ଦ୍ର ମିଶ୍ର ଏବଂ ବ୍ଲକ ସଂଯୋଜକ ପ୍ରମୋଦ ବରାଳଙ୍କ ମାର୍ଗଦର୍ଶନରେ ଶତାଧିକ ପ୍ରଜ୍ଞା ପରିଜନ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଥିଲେ । ୨୦୨୬ରେ ଅଖଣ୍ଡ ଜ୍ୟୋତିର ଶତବାର୍ଷିକୀ ପୂର୍ବରୁ ଯଜ୍ଞ ସଂସ୍କାର ସହ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ଜାରି ରଖିବାକୁ ସଂକଳ୍ପବଦ୍ଧ ହୋଇଥିଲେ । ଶ୍ରଦ୍ଧାଳୁ ବିଷ୍ଣୁନାରାୟଣ ସାମଲ, କାର୍ତ୍ତିକପ୍ରସାଦ ଶତପଥି, ବିଚିତ୍ରାନନ୍ଦ ବିଶ୍ୱାଳ, ଜଗବନ୍ଧୁ ମହାରଣା, ନରେନ୍ଦ୍ର ନାଏକ, ଦିଲ୍ଲୀପ ସାହୁ, ରବିନ୍ଦ୍ର ନାୟକ, ବାସନ୍ତୀ ଓଝା, ପ୍ରଭାସମଞ୍ଜରୀ ପୁହାଣ, ଆରତୀ ଦାସ, ଶକୁନ୍ତଳା ମଲ୍ଲିକ, ମିନାରାଣୀ ବରାଳ ସମେତ ଅନେକ ପ୍ରଜ୍ଞାପରିଜନ ସାମିଲ ହୋଇଥିଲେ ।

## ସରସ୍ୱତୀ ଶିଶୁମନ୍ଦିରରେ ଗୁରୁ ପୂର୍ଣ୍ଣିମା



ଆନନ୍ଦପୁର, ୧୧।୭ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଗୁରୁପୂର୍ଣିମା ଅବସରରେ ରାଜ୍ୟ ଗୋସମ୍ବର୍ଦ୍ଧନା ଏବଂ ଅନୁସନ୍ଧାନ ସଂସ୍ଥାନ ସହସଞ୍ଚ । ।ଳକ ନିତ୍ୟାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁପୂର୍ଣ୍ଣିମା ମହତ୍ତ୍ୱ ଓ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ନିଜର ମତ ରଖୁଥିଲେ । ପରିଚାଳନା ସମିତି ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ପତି ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଚାର୍ଯ୍ୟ ପଙ୍କଜ ମହାନ୍ତି ଦାୟିତ୍ୱ ନିର୍ବାହ କରିଥିବାବେଳେ ଅନ୍ୟତମ ଆଚାର୍ଯ୍ୟ ହେମନ୍ତ ସାହୁ ଧ୍ୱଜ ଆରୋହଣ କରିବା ସହିତ ସଂଘ ପ୍ରାର୍ଥନା ଗାନ କରିଥିଲେ । ଆଚାର୍ଯ୍ୟା ଅହଲ୍ୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଏବଂ କର୍ମଚାରୀ ସହଯୋଗ କରିଥିଲେ ।

## ଭୁଶୁଡ଼ିଲା ରୋଷେଇଗୃହ; ମଧ୍ୟାହ୍ନ ଭୋଜନରେ ସମସ୍ୟା



କେନ୍ଦୁଝର, ୧୧।୭ (ସମିସ): ଲଗାଣ ବର୍ଷାରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପୋଶି ପଞ୍ଚାୟତ ସିଲିସୁଆଁ ଗାଁ ବିଦ୍ୟାଳୟର ରୋଷେଇ ଗୃହ କାନ୍ଥ ଭୁଶୁଡି ପଡିଛି । ଫଳରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବାବେଳେ ସମସ୍ୟା ହୋଇଛି । ଏହି ବିଦ୍ୟାଳୟଟି ୧୯୯୭ରେ ସ୍ଥାପିତ ହୋଇଛି । ବିଦ୍ୟାଳୟର ରୋଷେଇ ଘରର ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇ ପଡିଥିଲା । ଏବାବଦରେ ସ୍ଥାନୀୟ ଲୋକେ ଶିକ୍ଷା ପ୍ରଶାସକଙ୍କୁ ଲୋକେ ଅନେକବାର ଜଣାଇଛନ୍ତି; କିନ୍ତୁ କାହାରି ନିଘା ନାହିଁ । ଫଳରେ ଲଗାଣ ବର୍ଷାରେ ପଶ୍ଚିମ କାନ୍ଥଟି ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି । ଏଠାରେ ୨୩୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ନୂତନ ମଧ୍ୟାହ୍ନ ଭୋଜନ ଗୃହ ନିର୍ମାଣ ସମେତ ବିଦ୍ୟାଳୟର ଆବଶ୍ୟକ ମୌଳିକ ସମସ୍ୟା ଦୂର କରିବାକୁ ଦାବି ହୋଇଛି ।

## ଡ୍ରାଇଭର ଆନ୍ଦୋଳନ; ବିଧାୟକଙ୍କ ଆଲୋଚନା





ଆନନ୍ଦପୁର/ବେଲବାହାଲି/ରାମଚନ୍ଦ୍ରପୁର, ୧୧।୭ (ସମିସ): ଆନନ୍ଦପୁର ବ୍ଲକ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଚାଲିଥିବା ଡ୍ରାଇଭର ସଙ୍ଘର ଧାରଣାସ୍ଥଳକୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଯୁବନେତା ଦେବପ୍ରିୟ ପାତ୍ର, ବିଧାୟକ ପ୍ରତିନିଧି ମାନସ ବାରିକ, ସମାଜସେବୀ ସୁବାସ ଜେନା, ରମେଶ ସାହୁ ପ୍ରମୁଖ ଆଲୋଚନା କରିଥିଲେ । ଡ୍ରାଇଭର ମାନଙ୍କୁ ଭେଟିବା ସହ ତୁରନ୍ତ ରାଜ୍ୟ ସରକାର ସେମାନଙ୍କ ଦାବିଗୁଡ଼ିକୁ ମାନିବା ପାଇଁ ବିଧାୟକ ଶ୍ରୀ ସେଠୀ କହିଛନ୍ତି । ଆନନ୍ଦପୁର ବ୍ଲକ ଡ୍ରାଇଭର ସଙ୍ଘ ସଭାପତି ସତ୍ୟାନନ୍ଦ ସାହୁଙ୍କ ନେତୃତ୍ୱରେ ସମସ୍ତ ଡ୍ରାଇଭ ରାଜରାସ୍ତାରେ ଧାରଣା ଦେଇଛନ୍ତି । ଯେ ପର୍ଯ୍ୟନ୍ତ ଦାବିଗୁଡିକ ପୂରଣ ନହେବ ସେ ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ଆନନ୍ଦପୁର ଡ୍ରାଇଭର ମହାସଂଘର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ଉପସଭାପତି ଶ୍ରୀକାନ୍ତ ବାରିକ୍, ସହସମ୍ପାଦକ ଅଶୋକ ବାରିକ, କୋଷାଧ୍ୟକ୍ଷ ରଞ୍ଜନ ସାହୁ, ଉପଦେଷ୍ଟା ଶ୍ରୀନିବାସ ପାଲ ପ୍ରମୁଖ ପ୍ରକାଶ କରିଛନ୍ତି । ସେହିପରି ଘସିପୁର ବିଧାୟକ ବଦ୍ରିନାରାୟଣ ପାତ୍ର ସୁଆପଦା ନିକଟ ୨୦ ନଂ ଜାତୀୟ ରାଜପଥର ଧାରଣାସ୍ଥଳକୁ ଆସି ଡ୍ରାଇଭରମାନଙ୍କ ସହ ଆଲୋଚନା କରିଥିଲେ ।

### ଟୁଙ୍କୁଣା ନଦୀବନ୍ଧ ରାସ୍ତା କାର୍ଯ୍ୟ ନିମ୍ନମାନର

## ଜଳସମ୍ପଦ ବିଭାଗରେ ଗ୍ରାମବାସୀ ଫେରାଦ

ଆନନ୍ଦପୁର, ୧୧।୭ (ସମିସ)





ଟୁଙ୍କୁଣା ନଦୀବନ୍ଧ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ରାସ୍ତାରେ ଥିବା ଖାଲଖମା ମରାମତି କରା ନଯାଇ ରାସ୍ତା ନିର୍ମାଣ କରାଯାଉଛି । ବହୁ ପରିମାଣର ଡଷ୍ଟ ବ୍ୟବହାର କରାଯାଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି । ଟୁଙ୍କୁଣାଠାରୁ ପଞ୍ଚୁପଲ୍ଲୀ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ନଦୀବନ୍ଧ ରାସ୍ତାରେ ନିର୍ମାଣ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଆଜି କେତେକ ଗ୍ରାମବାସୀ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା କରିବା ସହ ଏକ ଲିଖିତ ଅଭିଯୋଗ କରିଛନ୍ତି । ଗତ ସପ୍ତାହ ଲଘୁଚାପ ବର୍ଷାରେ ତରବରିଆ ମରାମତି କାମକୁ ନେଇ ପ୍ରଶ୍ନ ଉଠିଛି । ଆନନ୍ଦପୁର ଜଳସମ୍ପଦ ବିଭାଗ ପକ୍ଷରୁ ଟୁଙ୍କୁଣା-ପଞ୍ଚୁପଲ୍ଲୀ ରାସ୍ତାପାଇଁ ପ୍ରତିବର୍ଷ ଅର୍ଥ ବ୍ୟୟ ବରାଦ କରାଯାଉଛି । ହେଲେ ଠିକାଦାରଙ୍କ ପକ୍ଷରୁ ଡବ୍ଲୁଏମ୍‌ଏମ୍ ନାମରେ ମାଟିମିଶା ଡଷ୍ଟ ପକାଯାଉଛି । ଏହିରାସ୍ତା ଖୁବ କମ ଦିନରେ ନଷ୍ଟ ହୋଇଯାଉଛି । ବାଇଲୋ, ପଞ୍ଚୁପଲ୍ଲୀ, ବେଲବାହାଲି ପଞ୍ଚାୟତର ଜନସାଧାରଣଙ୍କ ଦୈନନ୍ଦିନ ଯାତାୟାତରେ ଅସୁବିଧା ହେଉଥିବା ଅଭିଯୋଗ କରାଯାଇଛି ।

## ଜିଲ୍ଲା କାରାଗାରରେ ଚାରାରୋପଣ କାର୍ଯ୍ୟକ୍ରମ



ବାଲେଶ୍ୱର,୧୧।୭ (ସମିସ): ଜିଲ୍ଲା କାରାଗାରରେ 'ଏକ ପେଡ ମାଆ କେ ନାମ୍' କାର୍ଯ୍ୟକ୍ରମ ଏମ ବିଗ୍ନେଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୋ ଯୁବ ଭାରତ କେନ୍ଦ୍ର ଓ ଉତ୍କଳା କଲ୍‌ଚରାଲ ଏକାଡେମୀ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଗଛ ଲଗାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା କାରାଗାର ମୁଖ୍ୟ ଅଧିକାରିଣୀ ସୁଚିତ୍ରା ଦାସ ବୃକ୍ଷର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା କାରାଗାର ଜେଲର ପ୍ରଦୀପ୍ତ କୁମାର ମହାଲିକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ, ଜିଲ୍ଲା କାରାଗାର ୱେଲଫେୟାର ଅଫିସର ଜୟରାମ ମେହେର ଉପସ୍ଥିତ ଥିଲେ। ଶେଷରେ ଉତ୍କଳା କଲ୍‌ଚୁରାଲ ଅଧ୍ୟକ୍ଷ ତଥା ମୋ ଯୁବ ଭାରତ କେନ୍ଦ୍ରର ସ୍ୱେଚ୍ଛାସେବୀ ବିକ୍ରମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କାରାଗାରର ହାବିଲଦାର ଏବଂ ଅନ୍ୟ କର୍ମକର୍ତ୍ତାଙ୍କସହ ଉତ୍କଳା କଲ୍‌ଚୁରାଲ ଏକାଡେମୀର ଜଗତ ଜୀବନ ମହାଲିକ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାଉଁ ଆଞ୍ଚଳିକ ସରକାରୀ ବିଦ୍ୟାଳୟରେ ସଚେତନତା ସଭା



ବାଲେଶ୍ୱର,୧୧।୭ (ସମିସ): ସାଉଁ ଆଞ୍ଚଳିକ ସରକାରୀ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ, ପୂର୍ବତନ ପ୍ରଧାନ ଶିକ୍ଷକ ଓ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଭାସ୍କର ଚନ୍ଦ୍ର ପରିଡା, ସମ୍ପାଦକ ଜିତେନ୍ଦ୍ର ରାଉତ ସଭାରେ ଉପସ୍ଥିତ ଥିଲେ। ଏହି ସଭାରେ ମାଆ ପାଇଁ ଗଛଟିଏ ଉପରେ ଗୁରୁତ୍? ଦିଆଯାଇଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ପାତ୍ର ବୃକ୍ଷରୋପଣର ମାହାତ୍ମ୍ୟ ବିଷୟରେ ପ୍ରକାଶ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି କୋଷାଧ୍ୟକ୍ଷ ହରି ନାରାୟଣ ନନ୍ଦ ଓ ପୁରାତନ ଛାତ୍ର ଶଶିଧର ବାରିକ ସମାଜ ପ୍ରତି ବୃକ୍ଷର ଦାନ ବିଷୟରେ ଆଲୋକପାତ କରିଥିଲେ। ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ ସଭାପତିତ୍ୱ କରିଥିଲେ। ଶେଷରେ ସ୍କୁଲର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକଶିକ୍ଷୟିତ୍ରୀ ଓ ଜୁବଲୀ କମିଟିର ସମସ୍ତ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯାଇଥିଲା।

## ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଗୁରୁପୂର୍ଣ୍ଣିମା



ବାଲେଶ୍ୱର,୧୧।୭ (ସମିସ): ଚାନ୍ଦମାରିପଡ଼ିଆ ସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ପବିତ୍ର ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଶିଶୁ ବିକାଶ ବିଦ୍ୟାଳୟର ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରହରାଜ ବକ୍ତବ୍ୟ ରଖିଥିଲେ। ପରେ ପିଲାମାନେ ମଧ୍ୟ ମହର୍ଷି ବ୍ୟାସଦେବଙ୍କ ବିଷୟରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ମହର୍ଷି ବ୍ୟାସଦେବ, ଡ.କେଶବ ବାଲିରାମ୍ ହେଡଗୋବାର୍, ଗୁରୁଜୀ, ଭାରତମାତା ପଟ୍ଟଚିତ୍ର ଏବଂ ଗୈରିକ ଧୋଜାରେ ବିଦ୍ୟାଳୟର ଭାଇ, ଭଉଣୀ, ଗୁରୁମା ଗୁରୁଜୀ ଏବଂ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପିଲାମାନେ ଗୁରୁପୂଜନ କାର୍ଯ୍ୟ ମଧ୍ୟ ସମ୍ପାଦନ କରିଥିଲେ ଏବଂ ଗୁରୁଦକ୍ଷିଣା ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ରଶ୍ମିକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ ଓ ଗୁରୁମାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସ୍ଥାନୀୟ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କୁ ଜଣାଇଲେ ଖଇରାବାସୀ

ବାଲେଶ୍ୱର,୧୧।୭ (ସମିସ)



- ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବେଆଇନ ପଥରଖନନ ନଷ୍ଟ କରୁଛି
- ସୋରରୁ କୁପାରୀ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ
- ରାସନ୍ କାର୍ଡ ଓ ପିଏମ୍ ଆବାସରୁ ବଞ୍ଚିତ ଅନେକ ହିତାଧିକାରୀ

ଜିଲ୍ଲାପାଳଙ୍କୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟାର ଦୃଷ୍ଟି ଆକର୍ଷଣ କରିଛନ୍ତି ଖଇରା ବ୍ଲକ୍‌ବାସୀ। ଶୁକ୍ରବାର ସିମୁଳିଆ ନିର୍ବାଚନମଣ୍ଡଳୀ ଖଇରା ବ୍ଲକର ଭୋଟର୍‌ମାନେ ଏନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଭୋଟରମାନେ ବିଭିନ୍ନ ସମସ୍ୟା ବାବଦରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଥିବା ସମସ୍ୟା ଅନୁସାରେ, କୁପାରିରୁ ୬ କିଲୋମିଟର ଏବଂ ବାଲେଶ୍ୱର ସହରଠାରୁ ୭୪ କିଲୋମିଟର ଦୂରରେ ସାରି ସୁଆ ପ୍ରାକୃତିକ ଝରଣା ଏହି ସ୍ଥାନରେ ବେଆଇନ ପଥର ଖନନ ପରେ ସୃଷ୍ଟି ହୋଇଛି। ପାହାଡ଼ ଉପରୁ ପ୍ରବାହିତ ଏହି ଜଳପ୍ରପାତ ସାଧାରଣତଃ ବର୍ଷା ଦିନରେ ତଳକୁ ପ୍ରବାହିତ ହୁଏ। ଏହି ଜଳପ୍ରପାତ ପାହାଡ଼ ଘେରି ରହିଛି ଏବଂ ନୀଳଗିରି ନିକଟରେ ଏକ ପିକନିକ୍ ସ୍ପଟ୍ ଅଛି। ଏହା ଓଡ଼ିଶାର ବାଲେଶ୍ୱରର ପର୍ଯ୍ୟଟନ ଆକର୍ଷଣ ସ୍ଥାନ ମଧ୍ୟରୁ ଗୋଟିଏ। କିନ୍ତୁ ଏହା ପରିତାପର ବିଷୟ ଯେ, ଏହି ପାହାଡ଼ର ବେଆଇନ ପଥର ଖନନ ବାୟୁମଣ୍ଡଳୀୟ ଅବସ୍ଥାକୁ ପରିବର୍ତ୍ତନ କରି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ କରିଚାଲିଛି। ବେଆଇନ କାର୍ଯ୍ୟ ଖଣି, ଜଙ୍ଗଲ ଏବଂ ପରିବେଶ ଆଇନର ଉଲ୍ଲଂଘନ କରିଥାଏ। ବେଆଇନ ଭାବରେ ଖଣି ମାଫିଆମାନେ ବର୍ତ୍ତମାନ ଉକ୍ତ ପାହାଡ଼କୁ ଲୁଟ୍ କରୁଥିବା ଅଭିଯୋଗ କରିଛନ୍ତି। ସେହିପରି ସ୍କୁଲ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ୟୁନିଫର୍ମ ପ୍ରଦାନ କରାଯାଉଛି। ଏଥିପାଇଁ ତଦନ୍ତ କରିବାକୁ ଦୃଢ଼ ଅନୁରୋଧ କରାଯାଉଛି। ବେଆଇନ ମଦ ଯୋଗାଣ ପ୍ରତି ପ୍ରଶାସନ ଅଧିକାରୀ ନୀରବ ଏବଂ ଅଧିକାରୀମାନେ ପରୋକ୍ଷ ଭାବରେ ମଦର ଏପରି ଅପ୍ରତ୍ୟାଶିତ ଯୋଗାଣ ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗ ଆଣିଛନ୍ତି। ସୋରରୁ କୁପାରୀ ପର୍ଯ୍ୟନ୍ତ ରାସ୍ତାର ଭୌଗୋଳିକ ଅବସ୍ଥା କଳ୍ପନା ବାହାରେ। ଉକ୍ତ ରାସ୍ତାଟି କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି ଏବଂ ସମସ୍ତ ପ୍ରକାରର ଯାନବାହାନ ଚାଳକଙ୍କ ପାଇଁ ମୃତ୍ୟୁର କାରଣ ପାଲଟିଛି। ପୁଣି ଖଇରା ବ୍ଲକ୍ ଅଧୀନ ଆଲଡା-ପଳାସା-ଡୁଙ୍ଗୁରା ରାସ୍ତା ପ୍ରତି ଏପର୍ଯ୍ୟନ୍ତ କୌଣସି ଧ୍ୟାନ ଦିଆଯାଇନାହିଁ। ଏହି ରାସ୍ତା ଭୟଙ୍କର ଗର୍ତ୍ତରେ ପରିପୂର୍ଣ୍ଣ ଯାହା ଅପ୍ରତ୍ୟାଶିତ ଦୁର୍ଘଟଣା ଘଟାଉଛି। ଏହାବ୍ୟତୀତ ଖଇରା ବ୍ଲକର ଅନେକ ଲୋକ ରାସନ କାର୍ଡ ପାଇଛନ୍ତି ଏବଂ ସେମାନେ ଚାରିଚକିଆ ଯାନ ଏବଂ ଅଧିକ ଜମି ସମ୍ପତ୍ତି ସହିତ ସମସ୍ତ ସରକାରୀ ସୁବିଧା ଉପଭୋଗ କରୁଛନ୍ତି। ଯାଞ୍ଚକାରୀ ଅଧିକାରୀମାନେ ସରକାରୀ ଗାଇଡ୍ ଲାଇନ ସହିତ ସମତୁଲ୍ୟ କାର୍ଯ୍ୟ କରୁନାହାଁନ୍ତି। ପ୍ରକୃତ ଲୋକଙ୍କୁ ବଞ୍ଚିତ କରାଯାଉଛି। ସେହିପରି ଗୋଟିଏ ପରିବାରର ସଦସ୍ୟ ଗୋଟିଏରୁ ଅଧିକ ପିଏମ୍ ଆବାସ ନେଉଛନ୍ତି ଏବଂ ପରିବାରର ପ୍ରତ୍ୟେକ ସଦସ୍ୟ ମିଥ୍ୟା ସୂଚନା ଦେଇ ଲାଭ ପାଉଛନ୍ତି। ଏହି ଲୋକମାନଙ୍କର ସ୍ଥାୟୀ କୋଠା ଅଛି; କିନ୍ତୁ ସେମାନେ ତଦନ୍ତ ଅଧିକାରୀଙ୍କ ପରିଚାଳନାରେ ଲାଭ ପାଉଛନ୍ତି। ବ୍ୟକ୍ତିଗତ ବ୍ୟବହାର ପାଇଁ ସରକାରୀ ଜମି ଜବରଦଖଲ ଯୋଗୁଁ ଅଳ୍ପ ବର୍ଷାରେ ଗାଁ ବୁଡ଼ିଯାଏ। ଶୃଙ୍ଖଳା ପରିସ୍ଥିତି ଏତେ ଖରାପ ହୋଇଯାଇଛି ଯେ ମାଫିଆମାନେ ପୁଲିସକୁ ଅସମ୍ମାନ କରୁଛନ୍ତି। ତେଣୁ ଉପରୋକ୍ତ ସମସ୍ତ ସମସ୍ୟା ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଖଇରା ବ୍ଲକର ଭୋଟରମାନେ ଅନୁରୋଧ କରିଛନ୍ତି।

## ଦୁଇ ସନ୍ତାନ ଆଇନ ଲାଗୁ ପାଇଁ ପାଞ୍ଚଦଫା ଦାବି




ବାଲେଶ୍ୱର,୧୧।୭ (ସମିସ): ଦୁଇ ସନ୍ତାନ ଆଇନ ଲାଗୁ ନିମନ୍ତେ ପାଞ୍ଚ ଦଫା ସମ୍ବଳିତ ଦାବିପତ୍ର ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ, ଓଡ଼ିଶା ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଦେଶର ଏକ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ୍ ପ୍ରଣୟନ କରିବା ପାଇଁ 'ଜନସଂଖ୍ୟା ସମାଧାନ ଫାଉଣ୍ଡେସନ' ବିଗତ ୨୦୧୩ ମସିହାରୁ ରାଷ୍ଟ୍ରବ୍ୟାପୀ ଜନଜାଗରଣ ସୃଷ୍ଟି କରିବା ସହିତ ସରକାରଙ୍କୁ ଦାବି କରିଆସୁଛନ୍ତି। ସେହିପରି ଶୁକ୍ରବାର ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ, ଓଡ଼ିଶା ଶାଖା ବାଲେଶ୍ୱର ଜିଲ୍ଲା ତରଫରୁ ରାଜ୍ୟ ଉପସଭାପତି ଯତୀନ୍ଦ୍ର କୁମାର ପୁହାଣଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କୁ ବାଲେଶ୍ୱର ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶ ସମସ୍ତ ନାଗରିକଙ୍କ ପାଇଁ ସମାନ ସଂହିତା ଆଇନ୍ ପ୍ରଣୟନ ସହିତ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସବୁ ନାଗରିକମାନଙ୍କ ନିମନ୍ତେ ଦୁଇ ସନ୍ତାନ ଆଇନ୍ ଲାଗୁ କରିବା ପାଇଁ ପାଞ୍ଚ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସଂଗଠନ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ଆଇନ୍‌ଜୀବୀ ପ୍ରତାପ ଚନ୍ଦ୍ର ମହାନ୍ତି, ଉପସଭାପତି ସନ୍ତୋଷ କୁମାର ସେଠୀ, ସମ୍ପାଦନ ମାନସ କୁମାର ଦାସ, ସୀତାରାମ ପ୍ରଧାନ, ଯଦୁନାଥ ନାୟକ, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ମଧୁସୂଦନ ହୋତା ଓ ଅଦୈତ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ବେଆଇନ ବାଲି ଗାଡ଼ି ଅଟକ



ରାଜଘାଟ,୧୧।୭ (ସମିସ): ବେଆଇନ ବାଲିଗାଡ଼ି ଜବତ ୨ ଅଟକ। ସୂଚନାରୁ ପ୍ରକାଶ ଗୁରୁବାର ବିଳମ୍ବିତ ରାତିରେ ଦୁଇଟି ହାଇୱା ସିଙ୍ଗଲା ଥାନା ଗିଲାଯୋଡି ଗ୍ରାମରୁ ବାଲି ନେଇ ଭେଲୋରା ଅଭିମୁଖେ ଯାଉଥିବା ସମୟରେ କିଛି ଧାରଣାରତ ଡ୍ରାଇଭର ପ୍ରଥମେ ତାଙ୍କୁ ଅଟକ ରଖିଥିଲେ। ପରେ ସେଥିରେ ଚୋରା ବାଲି ଥିବା ଜାଣି ବସ୍ତା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ହାଇୱା (ଓଡି୦୧ ଏଆର ୭୦୩୩, ଓଡି୨୨ୱାଇ ୪୨୭୫) କୁ ଜବତ କରି ୨୩୦/୨୫ ରେ ମାମଲା ରୁଜୁକରି ୨ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

## ବାଲିଆ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ




ବାଲେଶ୍ୱର,୧୧।୭ (ସମିସ): ବାଲିଆ ସରସ୍ୱତୀ ଶିଶୁ ମନ୍ଦିରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ବିଶେଷ ଅତିଥି ଓ ବିଦ୍ୟାଳୟର ସଭାନେତ୍ରୀ କାଞ୍ଚନବାଳା ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଭଗବାନ ବେଦବ୍ୟାସଙ୍କ ପୂଜନ ପରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲ୍ଲା ସଭାପତିଙ୍କ ସ୍ୱାଗତ ସୂଚନା ପରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ୨୮ ଗୁରୁମା' ଓ ୧୪ ଗୁରୁଜୀଙ୍କୁ ପୂଜନ କାର୍ଯ୍ୟରେ ଅତିଥିଙ୍କ ସମେତ ଶୁଭଙ୍କର ମହାପାତ୍ର, ପର୍ଶୁରାମ ପରିଡ଼ା, ଶ୍ରୀନିବାସ ପ୍ରଧାନ, ବିଜୟ ସାହୁ, ଶୋଭନ ମହାନ୍ତି, ସୁଷମା ରାଣୀ ବିଶ୍ୱାଳ, ସିପ୍ରାରେଖା ମହାପାତ୍ର, କମଳା ବିନ୍ଧାଣୀ, ମମତା ମହାପାତ୍ର, ମୀନାକ୍ଷୀ ମହାପାତ୍ର, ସସ୍ମିତା ଚାନ୍ଦ, ମହୁଆ ପ୍ରଧାନ, କାର୍ତ୍ତିକ ଗିରି ଓ ଉମାକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ଜନସଂଖ୍ୟା ଦିବସ ପାଳିତ



ବାଲେଶ୍ୱର,୧୧।୭ (ସମିସ): ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ଓ ମାଇଁ ଯୁବ ଭାରତ ପକ୍ଷରୁ ରଣସାହି ୟୁନିଅନ ନୋଡାଲ ସ୍କୁଲ ପରିସରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ମୁନ କମ୍ୟୁନିକେସନ ସମ୍ପାଦକ ଅବନୀ ଜେନାଙ୍କ ନେତୃତ୍ୱରେ ଦିବସବ୍ୟାପୀ କାର୍ଯ୍ୟକ୍ରମରେ ୟୁନିଅନ ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ସୀତାଂଶୁ ଶେଖର ଦେ ଅତିଥି ଭାବେ ଯୋଗଦେଇ ଜନସଂଖ୍ୟା ବୃଦ୍ଧି ହେଲେ ପରିବେଶ ଉପରେ ପଡୁଥିବା ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ସାମାଜିକ ଜୀବନରେ ଜନ ବିସ୍ଫୋରଣ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଲତା ପେଡା ଓ ମୀନାରାଣୀ ଜେନାଙ୍କ ତତ୍ତ୍ୱାବଧାନରେ ଚିତ୍ରକଳା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମୁରଲୀ ଧର ମହାନ୍ତିଙ୍କ ନେତୃତ୍ୱରେ ମହିଷାଳି ମୁହାଣକୁ ପ୍ଲାଷ୍ଟିକ ମୁକ୍ତ କରାଯାଇଥିଲା। କାର୍ଯ୍ୟକ୍ରମକୁ କାର୍ତ୍ତିକ ନାୟକ, ଜିତେନ୍ଦ୍ର ଦାସ, ଜଳଧର ବେହେରା, ଉଦୟ ଭାନୁ ନାୟକ, କରୁଣା କର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ଫକୀରମୋହନ ସେନାପତି ଆଧୁନିକ ଓଡ଼ିଶାର ନିର୍ମାତା

ବାଲେଶ୍ୱର,୧୧।୭ (ସମିସ)






- ଅରୂପା ପତାଙ୍ଗିଆ କାଳିତାଙ୍କୁ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର
- ରକ୍ତଦାନ ଶିବିରରୁ ୬୦ ୟୁନିଟ୍ ସଂଗ୍ରହ

ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବିଶ୍ୱବିଦ୍ୟାଳୟର ଅତୀତର ସଂଘର୍ଷ ଓ ବର୍ତ୍ତମାନର ବିକଶିତ ଚିତ୍ର ଉପରେ ଆଲୋକପାତ କରି ଛାତ୍ର ଜୀବନର ବିଶେଷତ୍ୱ ସମ୍ପର୍କରେ ସମ୍ବୋଧନ କରିଥିଲେ। ଏଅବସରରେ ସୁପ୍ରତିଷ୍ଠିତ ଭାରତୀୟ ଲେଖକ ପ୍ରଫେସର ଅରୂପା ପତାଙ୍ଗିଆ କାଳିତାଙ୍କୁ ୨୦୨୫ ମସିହା ପାଇଁ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନ ସ୍ୱରୂପ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନପତ୍ର ସମ୍ମାନ ଓ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପ୍ରଫେସର ଅରୂପା ପତାଙ୍ଗିଆ କାଳିତା ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ଉଦ୍‌ବୋଧନରେ ଫକୀରମୋହନ ସେନାପତିଙ୍କୁ ଆଧୁନିକ ଓଡ଼ିଶାର ନିର୍ମାଣକର୍ତ୍ତା ବୋଲି ସମ୍ବୋଧନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦ୍‌ବୋଧନରେ ବିଶ୍ୱବିଦ୍ୟାଳୟରେ ଭବିଷ୍ୟତରେ ହେବାକୁ ଥିବା ଯୋଜନା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ବ୍ୟାଖ୍ୟା କରିଥିଲେ। ସାଂସ୍କୃତିକ, ଶୈକ୍ଷିକ, କ୍ରୀଡ଼ା, ଓ ଭାଷା ତଥା ଗବେଷଣାତ୍ମକ ଉନ୍ନତିକରଣର ଭିନ୍ନ ପରିବେଶ ନେଇ ବିଶ୍ୱବିଦ୍ୟାଳୟ ନିଜର ୨୭ତମ ପ୍ରତିଷ୍ଠା ଉତ୍ସବ ପାଳନ କରିଛି ବୋଲି ସେ ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦତ୍ତ "ବ୍ୟାସଗୌରବ ସମ୍ମାନ-୨୦୨୫", ବିଶିଷ୍ଟ ଲେଖକ ଅରୁଣ କୁମାର ପାତ୍ର ଓ ସୁଶୀଳ କୁମାର ଦତ୍ତଙ୍କୁ ମାନପତ୍ର ସହ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ତରୁଣ କଥାକାରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ କବିତା ବାରିକ ପ୍ରଦତ୍ତ "ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବଗାଳ୍ପିକ ପୁରସ୍କାର-୨୦୨୫' ଗାଳ୍ପିକ ଦିଲେଶ୍ୱର ରାଣାଙ୍କୁ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଳ୍ପ ଲିଖନ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଚଳିତ "ମନୋଜାୟନ' ସଂଗଠନ ଦ୍ୱାରା 'ମନୋଜ ନବପ୍ରତିଭା କଥା ପୁରସ୍କାର-୨୦୨୫' ପାଇଁ ଦେବବ୍ରତ ମଲ୍ଲିକ (କଲେଜ ଅଫ୍ ଟିଚର ଏଜୁକେସନ) ସମ୍ମାନିତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ କବିତା ଲିଖନକୁ ପ୍ରୋତ୍ସାହିତ କରିବା ପାଇଁ ବବୁଲ କୁମାର କବିଙ୍କୁ "ଜୟନ୍ତ ମହାପାତ୍ର କବିତା ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି। ପ୍ରତିବର୍ଷ ଏହି ପୁରସ୍କାରଟି "ଦି ଓଡ଼ିଶା ଆସୋସିଏସନ ଫର୍ ଇଂଲିଶ ଷ୍ଟଡିଜ' ଦ୍ୱାରା ପ୍ରୋତ୍ସାହିତ ହୋଇଆସୁଛି। ଏଥିସହିତ ଜାତୀୟ ସେବା ଯୋଜନାର ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଥିବା ୪ଜଣ ପ୍ରୋଗ୍ରାମ ଅଫିସର ଓ ୪ଜଣ ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବ୍ୟାସଗୌରବ ସମ୍ମାନପ୍ରାପ୍ତ ବିଶିଷ୍ଟ ଲେଖକ ସୁଶୀଲ କୁମାର ଦତ୍ତ, ଅରୁଣ କୁମାର ପାତ୍ର ଓ ଦିଲେଶ୍ୱର ରାଣା ନିଜ ନିଜ ଲେଖକ ଜୀବନର କାହାଣୀ ଓ ଅଭିଜ୍ଞତା ସଂପର୍କରେ ଦର୍ଶକଙ୍କୁ କହି ଅଭିଭୂତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ "ପୁନଶ୍ଚ ବୋଧଦାୟିନୀ' ଓ ବିଶ୍ୱବିଦ୍ୟାଳୟର କ୍ଷୁଦ୍ର ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରରେ ଖେଳାଯାଇଥିବା ଭଲିବଲ ଟୁର୍ଣ୍ଣାମେଣ୍ଟର ବିଜେତା ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦଳକୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା ତଥା ଉପବିଜେତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳ ଓ ଅନ୍ୟ ପ୍ରତିଯୋଗୀ ଦଳଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରତିଷ୍ଠା ଦିବସ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜିତ କରାଯାଇ ୬୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ତଥା ଫକୀରମୋହନ ସାହିତ୍ୟ ସଂସଦର ସଦସ୍ୟ, 'ମନୋଜାୟନ'ର ସଦସ୍ୟ, ଦି ଓଡ଼ିଶା ଆସୋସିଏସନ ଫର୍ ଇଂଲିଶ ଷ୍ଟଡିଜର ସଦସ୍ୟ ତଥା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ରାଜଶ୍ରୀ ଦତ୍ତ ଓ ଅଧ୍ୟାପକ ଡ. ଜୟନ୍ତ କୁମାର ଦାସ ସଞ୍ଚାଳନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ କୁକୁମୀନା ଦାସ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଉନ୍ନୟନ ଅଧିକାରୀ ପ୍ରଫେସର ପବିତ୍ରମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର,୧୧।୭ (ସମିସ): ରେମୁଣା ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ବରିଷ୍ଠ ଉପଦେଷ୍ଟା ଅଧ୍ୟାପକ ପ୍ରଶାନ୍ତ ବରାଳଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ରେମୁଣା ବ୍ଲକ ଏବିଡିଓ ଶୁଭସ୍ମିତା ସାହୁଙ୍କୁ ପ୍ରଦାନ କରାଯାଇଛି। ସମସ୍ତ ପେନସନ୍ ଭୋଗୀଙ୍କୁ ଅଷ୍ଟମ ଦରମା କମିଶନ ପରି ଦେବାକୁ ଅନୁରୋଧ କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବେହେରା, ପ୍ରାକ୍ତନ ଏବିଡିଓ ରବିନାରାୟଣ ବେହେରା, ପୁଲିସ ଅଧିକାରୀ ରାମ ନାରାୟଣ ବେହେରା, ଉପଦେଷ୍ଟା ଚକ୍ରଧର ଦାସ, ସନ୍ତୋଷ କୁମାର ବେହେରା, ପ୍ରଭାକର ସାହୁ, ଡଃ. ଜଗବନ୍ଧୁ ମହାପାତ୍ର, ବ୍ରହ୍ମାନନ୍ଦ ଦାଶ, ଅବନୀକାନ୍ତ ପ୍ରଧାନ, ହରିମୋହନ




ମାଝୀ, ପଦ୍ମଲୋଚନ ପଣ୍ଡା, କୃଷ୍ଣମୋହନ ମହାରଣା, ଧନେଶ୍ୱର ପାତ୍ର, ଗୌରାଙ୍ଗ ପଢିଆରୀ, ବ୍ରହ୍ମାନନ୍ଦ ବେହେରା, ସୁରେନ୍ଦ୍ର ମହାନ୍ତ ଓ ପ୍ରଦୀପ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାତି ଅଧରେ ବିନା ସୂଚନାରେ ଡ୍ୟାମରୁ ଛଡ଼ାଗଲା ପାଣି

# ରାଣୀତାଲରେ କୃତ୍ରିମ ବନ୍ୟା; ୨୫ ପରିବାର ପ୍ରଭାବିତ

ଭଦ୍ରକ,୧୧।୭(ସମିସ)




ଭଦ୍ରକ ବ୍ଲକ ଅନ୍ତର୍ଗତ ରାଣୀତାଲରୁ ବାଲିଖଣ୍ଡକୁ ଯାଉଥିବା ରାସ୍ତାର କେନାଲ ପୋଲ କାମ ଚାଲିଥିବା ବେଳେ ରାତି ୪ଟାରେ କେନାଲରେ ଆସିଲା ପାଣି। ଫଳରେ କେନାଲ ଭାଙ୍ଗି ଘରେ ପଶିଲା ପାଣି। ପ୍ରକାଶ ଥାଉକି, ଭଦ୍ରକ ବ୍ଲକ ଅନ୍ତର୍ଗତ ରାଣୀତାଲରୁ ବାଲେଶ୍ୱର ଜିଲ୍ଲାର ବାଲିଖଣ୍ଡ ଅଞ୍ଚଳକୁ ଯିବା ପାଇ ରାଣୀତାଲ କେନାଲ ଉପରେ ଥିବା ଏକ ପୋଲ ଯାହା ୧ କୋଟି ୯୮ ଲକ୍ଷ ଟଙ୍କାର ଟେଣ୍ଡର ହୋଇ ମେ ମାସରୁ କାମ ଆରମ୍ଭ ହୋଇଛି; ହେଲେ ଠିକାଦାରଙ୍କର କାର୍ଯ୍ୟର ଅହେତୁକ ବିଳମ୍ବ ହୋଇଥିଲା। କେନାଲକୁ ମାଟି ଦ୍ୱାରା ବନ୍ଦ କରି କାମ ଚାଲୁଥିଲା। କିଛିଦିନ ହେବ କାମ ସାରିଥିଲେ ବି ଠିକାଦାର କେନାଲରୁ ମାଟି କାଢି ନ ଥିଲେ। ଏପଟେ ବିନା ସୂଚନାରେ ଗୁରୁବାର ବିଳମ୍ବିତ ରାତିରେ ହଦଗଡ଼ରୁ ପାଣି ଛାଡି ଥିବାରୁ ରାତି ୪ଟା ବେଳେ ପାଣି କେନାଲର ଡାହାଣ ପାଖ ବନ୍ଦ ଡେଇଁ ସ୍ଥାନୀୟ ଗର୍ଧନପୁର ଗାଁ ଲୋକଙ୍କ ଘରେ ପାଣି ପଶିଥିଲା। ଫଳରେ କିଛି ଲୋକଙ୍କ ଘରର କାନ୍ଥ ପଡି ଯାଇଥିବା ବେଳେ ଅନ୍ୟ କିଛି ଲୋକଙ୍କ ଘରେ ପାଣି ଲହଡି ଭାଙ୍ଗୁଛି। ଲୋକମାନେ ଶୋଇଥିବା ବେଳେ ହଠାତ ପାଣି ଆସିବାରୁ ଲୋକ ମାନେ ଜୀବନ ବିକଳରେ ଉଚ୍ଚା ସ୍ଥାନକୁ ପଳାଇ ଯାଇଥିଲେ। କିଛି ଲୋକ ଧାନ ତଳା ପକାଇଥିବା ବେଳେ ତାହା ନଷ୍ଟ ହୋଇଯାଇଥିବା କିଛି ଲୋକ ପ୍ରକାଶ କରିଛନ୍ତି। ଖବର ପାଇ ରାହାଞ୍ଜି ସରପଞ୍ଚ ରାଜେନ୍ଦ୍ର ଦାଶ, ରାହାଞ୍ଜି ସମବାୟ ସମିତିର ସଭାପତି ସାମ୍ବାଦିକ ତପନ କୁମାର ପଣ୍ଡା, ରାଣୀତାଲ ବଜାର କମିଟି ସଭାପତି ସୁକାନ୍ତ ସାହୁ ପହଞ୍ଚି କ୍ଷତିଗ୍ରସ୍ତ ଲୋକଙ୍କ ଅସୁବିଧାକୁ ରମ୍ଭିଲା ରାଜସ୍ୱ ନିରୀକ୍ଷକ ଗୌତମ ମଲ୍ଲିକଙ୍କୁ ଅବଗତ କରିଥିଲେ। ପରେ ଠିକାଦାର ପହଞ୍ଚି କେନାଲରୁ ମାଟି କାଢିଥିଲେ ବି ସ୍ଥାନୀୟ ଲୋକ କ୍ଷତିପୂରଣ ପାଇଁ ଦାବୀ କରିଥିଲେ। ଅନ୍ୟପଟେ ଘଟଣାକୁ ୧୨ଘଣ୍ଟାରୁ ଅଧିକ ସମୟ ବିତି ଯାଇଥିବା ବେଳେ ନା ଲୋକପ୍ରତିନିଧି ନା ଜିଲ୍ଲା ପ୍ରଶାସନ କାହାର ବି ଦେଖାନାହିଁ। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ

- ଘରେ ପାଣି ପଶି ଜିନଷପତ୍ର ନଷ୍ଟ; ଭାଙ୍ଗିଲା କାନ୍ଥ
- ୧୨ ଘଣ୍ଟା ପରେ ବି ପ୍ରଶାସନ କି ଲୋକ ପ୍ରତିନିଧିଙ୍କ ଦେଖାନାହିଁ



ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, କେନାଲ ପାର୍ଶ୍ୱରେ ଦୀର୍ଘ ଦଶନ୍ଧି ରହୁଥିବା ୨୫ଟି ଗରିବ ପରିବାର ଏଥିରେ ପ୍ରଭାବିତ ହୋଇଛନ୍ତି। ଏହି ପରିବାରଗୁଡିକ ଦୈନିକ ମୁଲ ମଜୁରୀ ଲାଗି ନିଜ ନିଜ ପରିବାର ପତି ପୋଷଣ କରନ୍ତି। ଏପରି ସ୍ଥଳେ ଗତ କାଲି ରାତି ଅଧ ରେ ହଦଗଡ଼ ଡ୍ୟାମର ପାଣି ଅଚାନକ କେନାଲରେ ଛଡା ଯାଇଥିଲା। ରାତି ପ୍ରାୟ ୪ଟା ବେଳେ ଗରିବ ପରିବାର ପିଲା ଛୁଆକୁ ନେଇ ଶୋଇଥିବାବେଳେ କେନାଲ ପାଣି ଆସି ସେମାନଙ୍କ ଝାଟି ମାଟିର ଘରେ ପ୍ରବେଶ କରିଥିଲା। ତେଣୁ ସେହି ଗରିବ ଲୋକ ପିଲା ଛୁଆକୁ ଧରି ବାହାରକୁ ପାଣିରେ ପଶି ବାହାରି ଆସିଥିଲେ; କିନ୍ତୁ ନିଜର କୌଣସି ଜିନିଷ ପତ୍ର ବାହାର କରି ପାରି ନ ଥିଲେ। ନିମିଷକ ମଧରେ କେନାଲ ପାଣିରେ ସେମାନଙ୍କ ଆସବାବପତ୍ର ନଷ୍ଟ ହୋଇଯାଇଛି। ମହିଳାମାନେ ଜୀବନ ବିକଳରେ ପାଖରେ ଥିବା ବାଲି ବସ୍ତା ପକାଇ କେନାଲ ପାଣିକୁ ଯଦିଓ କିଛିଟା ଅଟକାଇ ବାକୁ ଉଦ୍ୟମ କରିଥିଲେ କିନ୍ତୁ ସେତବେଳକୁ କେନାଲ ପାଣି ଘର ଭିତରେ ସୁଅ ମାରି କାନ୍ଥ ଭାଙ୍ଗି ଦେଇଛି। କେନାଲରେ ପାଣି ଛଡା ଯିବାକୁ ନେଇ କୌଣସି ସୂଚନା ପୂର୍ବରୁ ଦିଆ ଯାଇ ନ ଥିବା ଏବଂ କେନାଲ ମଝିରେ ମାଟି ପକାଇ ଅବରୋଧ କରାଯିବା ଫଳରେ ସେମାନଙ୍କ ଜୀବନ ବିପନ୍ନ ହୋଇ ସବୁ କିଛି ଛାରଖାର ହୋଇଗଲା ବୋଲି ବିପନ୍ନ ଗୀତାରାଣୀ ସାହୁ, ରାଜୀବ କୁମାର ମାଝୀ, ଚମ୍ପା ଦାସ ପ୍ରମୁଖ କାନ୍ଦିକାନ୍ଦି ଅଭିଯୋଗ କରିଛନ୍ତି। ବିଭାଗୀୟ ଖାମ ଖିଆଲି ମନୋଭାବ ପାଇଁ ଯେଉଁ ଗରିବଙ୍କ ଜୀବନ ଓ ବାସସ୍ଥାନ ବିପନ୍ନ ହୋଇଛି ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବାଲେଶ୍ୱର ଉପଜିଲ୍ଲାପାଳଙ୍କୁ ଗିରଫ ଦାବିରେ ବିକ୍ଷୋଭ




ଭଦ୍ରକ,୧୧।୭(ସମିସ): ବାଲେଶ୍ୱର ଜିଲ୍ଲାର ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ସହଦେବଖୁଣ୍ଟା ଥାନା ଅଧିକାରୀଙ୍କ ପ୍ରକୋଷ୍ଠରେ ବାଲେଶ୍ୱର ଅତିରିକ୍ତ ଏସପି ଓ ଡିଏସପି ଙ୍କ ଉପସ୍ଥିତିରେ ବାଲେଶ୍ୱର ଉପଜିଲ୍ଲାପାଳ, ପ୍ରୋବେସନର ମହିଳା ଆଇଏଏସ ସାମଲ କଲ୍ୟାଣ ରାଓ ଭଗତ ମରଣାନ୍ତକ ଆକ୍ରମଣ କରିଥିଲେ।ଏହି ଘଟଣା ସଂପର୍କରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଥିଲେ; ହେଲେ ଅଦ୍ୟାବଧି ଏତଲା ରେଜେଷ୍ଟ୍ରି କରାଯାଇନାହିଁ କି ଏହି ଅଭିଯୁକ୍ତ ମହିଳା ଉପଜିଲ୍ଲାପାଳଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ବାଲେଶ୍ୱର ପୁଲିସ ପକ୍ଷରୁ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଅଭିଯୁକ୍ତ ମହିଳା ଆଇଏଏସ ଅଫିସରଙ୍କୁ ତୁରନ୍ତ ଗିରଫ କରିବା, କର୍ତ୍ତବ୍ୟରେ ଖିଲାପ କରିଥିବା ସହଦେବଖୁଣ୍ଟା ଥାନାଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଭଦ୍ରକ ଓକିଲ ସଂଘ ପକ୍ଷରୁ ଜିଲ୍ଲା ଜଜ୍ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ କଳାବ୍ୟାଜ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନରେ ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ଓକିଲ ସଂଘ ସଂପାଦକ ସୂର୍ଯ୍ୟକାନ୍ତ କୁଅଁର, ଭଦ୍ରକ ଓକିଲ ସଂଘର ପୂର୍ବତନ ସଂପାଦକ ଦିବ୍ୟସିଂହ ନାୟକ, ଓଡିଶା ରାଜ୍ୟ ବାର୍ କାଉନସିଲ ର ପୂର୍ବତନ ସଭ୍ୟ ପବନ ଶର୍ମା, ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ, ଅଲଇଣ୍ଡିଆ ଲୟର୍ସ ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ସନ୍ତୋଷ ନାୟକ, ଅଲଇଣ୍ଡିଆ ଲୟର୍ସ ୟୁନିୟନ ଭଦ୍ରକ ଜିଲ୍ଲା ସଂପାଦକ ରାଧା ଦାସ, ବିଶିଷ୍ଟ ଆଇନଜୀବୀ ବିଜନ ଯେନା, ଯୁବ ଆଇନଜୀବୀ ବିକାଶ ନାଥ, ଯୁବ ଆଇନଜୀବୀ ସଞ୍ଜୟ ନାୟକ, ସତ୍ୟ ସୁନ୍ଦର ପତି, ବରିଷ୍ଠ ଆଇନଜୀବୀ ସନ୍ତୋଷ ମହାପାତ୍ର, ଗଦାଧର ବଳ, ପ୍ରଫୁଲ୍ଲ ପାଢୀ, ଚିତରଞ୍ଜନ ନାଥ, ସ୍ୱରଜିତ ମହାପାତ୍ର, ପାର୍ଥସାରଥି ପଣ୍ଡା, ଉମାକାନ୍ତ ବାରିକ୍, ଶଙ୍କର୍ଷଣ ସାହୁ, ଉଜ୍ୱଳ ଯେନା ପ୍ରମୁଖ ନେତୃତ୍ୱ ନେଇଥିଲେ। ଆଗାମୀ ଦିନରେ ଉପଜିଲ୍ଲାପାଳଙ୍କୁ ଗିରଫ କରାନଗଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଆଇନଜୀବୀମାନେ ଚେତାବନୀ ଦେଇଥିଲେ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଥାନା ଆଗରେ ଧାରଣା ଦେବ ରାଷ୍ଟ୍ରୀୟ ଦଳିତ ଆଦିବାସୀ ମହାସଂଘ




ଭଦ୍ରକ,୧୧।୭(ସମିସ): ଭଦ୍ରକ ଜିଲ୍ଲାର ବାଂଶଡା ଥାନା ଅଂଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ବିଶେଷ କରି ଘଣ୍ଟେଶ୍ୱର ଅଂଚଳରେ ପ୍ରତିଦିନ ଶାସକ ଦଳର କିଛି ନେତା ଓ କର୍ମୀ ସମାଜର ନିରୀହ, ଦଳିତ ଲୋକମାନଙ୍କୁ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଥାନାରେ ଅଭିଯୋଗ କଲେ ପୁଲିସ କେବଳ ମାମଲା ରୁଜୁ କରି ଚୁପ ବସୁଛି। ଶାସକ ଦଳର ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅଭିଯୋଗ କରିଛି ଦଳିତ ଆଦିବାସୀ ମହାସଂଘ। ପୁଲିସର ନିଷ୍କ୍ରିୟତା ବିରୋଧରେ ଆସନ୍ତା ରବିବାର ବାଂଶଡା ଥାନା ଆଗରେ ରାଷ୍ଟ୍ରୀୟ ଦଳିତ ମହାସଂଘ ଭଦ୍ରକ ଶାଖା ପକ୍ଷରୁ ଧାରଣା ଦିଆଯିବ ବୋଲି ମହାସଂଘର ରାଜ୍ୟ ସମ୍ପାଦକ ଅଞ୍ଜନ ଦାସ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳିତ ଆଦିବାସୀ ମହାସଂଘ, ଭଦ୍ରକ ଜିଲ୍ଲାର ଉପଦେଷ୍ଟା ବିକାଶ ନାଥଙ୍କ ସମେତ ମାଗୁଣି ଚରଣ ସିଂ, ଅନିଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସହିଦ ପରିବାରକୁ ଭେଟିଲା ଭାରତୀୟ ସେନା ଟିମ୍



ଭଦ୍ରକ,୧୧।୭(ସମିସ): କାରଗିଲ ଯୁଦ୍ଧରେ ଭଦ୍ରକ ଜିଲ୍ଲାର ସହିଦ ପରିବାରକୁ ଭେଟିଲେ ଭାରତୀୟ ସେନାର ଏକ ଟିମ। ସହିଦ ପରିବାରର ସୁଖ ଦୁଃଖ ବୁଝିବା ସହ ସମ୍ମାନିତ କଲେ। ସ୍ମରଣଯୋଗ୍ୟ ଯେ, ୧୯୯୯ ମସିହା କାରଗିଲ ଯୁଦ୍ଧରେ ଓଡ଼ିଶାର ୯ମ ତଥା ଭଦ୍ରକ ଜିଲ୍ଲାର ଏକମାତ୍ର ସହିଦ ହେଉଛନ୍ତି ନିରଞ୍ଜନ ବେହେରା। ଯାହାଙ୍କ ଘର ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଉତୁକୁଡ଼ା ପଂଚାୟତ ପାଙ୍ଗୁଡା ଗ୍ରାମରେ। କାରଗିଲ ଯୁଦ୍ଧକୁ ଇତି ମଧ୍ୟରେ ବିତିଗଲାଣି ୨୬ ବର୍ଷ। ସହିଦଙ୍କ ପରିବାର କେମିତି ଅଛନ୍ତି ବୁଲି ବୁଲି ଦେଖୁଛନ୍ତି ଭାରତୀୟ ସେନାର ଏକ ଟିମ। ଚାନ୍ଦବାଲିର ସହିଦ ନିରଞ୍ଜନ ବେହେରାଙ୍କ ଘରେ ପହଂଚି ସହିଦଙ୍କ ପତ୍ନୀ ସନ୍ଧ୍ୟାରାଣୀ ବେହେରାଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପିଲାମାନେ କଣ କରୁଛନ୍ତି, ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି କି ନାହିଁ, ପେନସନ ମିଳୁଛି କି ନାହିଁ ଆଦି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ପ୍ରଶଂସା ପତ୍ର ଓ ଏକ ମେଡାଲ ପ୍ରଦାନ କରିଥିଲେ। ମାତ୍ର ସହିଦ ନିରଞ୍ଜନଙ୍କ ସମାଧି ପୀଠ ଅବହେଳିତ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ସହ ସ୍ଥାନୀୟ ପ୍ରଶାସନର ଉଦାସୀନତା ବିଷୟରେ ସେନା ମୁଖ୍ୟାଳୟକୁ ଜଣାଇବେ ବୋଲି ଉକ୍ତ ଟିମ ପ୍ରକାଶ କରିଥିଲା।

## ଭଦ୍ରକ ପୂଜ୍ୟପୂଜା ସଂସଦର ପୂର୍ଣ୍ଣିମା ଆସର

# 'ଗୁରୁ-ଶିଷ୍ୟ ପରମ୍ପରା ଭାରତୀୟ ସଂସ୍କୃତିର ଅନନ୍ୟ ଧାରା'




ଭଦ୍ରକ,୧୧।୭(ସମିସ): ଆଷାଢ଼ ମାସର ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ। ଗୁରୁ-ଶିଷ୍ୟ ପରମ୍ପରା ଭାରତୀୟ ସଂସ୍କୃତିର ଅନନ୍ୟ ଧାରା। ପ୍ରତି ସଂପ୍ରଦାୟରେ ଏହି ଗୁରୁ-ଶିଷ୍ୟ ପରଂପରା ପ୍ରବାହିତ ହୋଇଆସୁଛି ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦର ପୂର୍ଣ୍ଣିମା ଆସରରେ ଯୋଗଦେଇ ବିଶିଷ୍ଟ ଗବେଷକ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ପୂର୍ଣ୍ଣିମା ଆସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ବାରିକ ସଭାପତିତ୍ୱ କରି ଗୁରୁ ଓ ଭଗବାନ ଏକ ଏବଂ ଅଭିନ୍ନ। ବେଦ ଅନୁସାରେ ଗୁରୁଙ୍କ ଶରୀରରେ ଭଗବାନ ଅବସ୍ଥାନ କରନ୍ତି। ତାଙ୍କ ପାଦପଦ୍ମକୁ ପୂଜାକରି ତାଙ୍କ ବାକ୍ୟକୁ ମନ୍ତ୍ର ରୂପେ ପାଳନ କଲେ ଈଶ୍ୱର କୃପା ପ୍ରାପ୍ତ ହୁଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଶିଷ୍ୟ ଗୁରୁଙ୍କ ପାଖରେ ଶରଣ ଗଲେ ଅବଶ୍ୟ ଗୁରୁ ଦୀନଜନରେ ଦୟା କରିବେ ଏବଂ ତାଙ୍କ ଜ୍ଞାନାଲୋକରେ ଶିଷ୍ୟକୁ ଉଦ୍‌ଭାସିତ କରିବେ ବୋଲି କହିଥିଲେ। ଅନୁଷ୍ଠାନର ସଂପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସଂପାଦକ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ସଂଯୁକ୍ତା ବଳଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଡ. ଅବନୀ ପ୍ରଧାନ, ହରିଶ୍ଚ ଚନ୍ଦ୍ର ଦାସ, ରାଜକିଶୋର ସାହୁ, ବିଜୟ କୁମାର ବହଳୀ, ଗୌରାଙ୍ଗଚନ୍ଦ୍ର ବାରିକ, ମୁସ୍ତାକ ଗହ୍ୱର, ଅବଦୁଲ୍ ଦୟାନ୍, ରମେଶ ଚନ୍ଦ୍ର ଦାସ,ଶଶାଙ୍କ ଶେଖର ପଣ୍ଡା, ମନୋରମା ରାୟ,ଶରତଚନ୍ଦ୍ର ଜେନା, ସବିତା ମିଶ୍ର, ସାବିତ୍ରୀ ବେନାର୍ଜୀ, ସରୋଜିନୀ ନାୟକ, ପ୍ରୀତିଲତା ପଣ୍ଡା, ବାବୁଲାଲ ଦାସ, ଅରୂପା ନନ୍ଦ ନାୟକ, ଅଂଶୁମାନ ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଗୋଲକ ବିହାରୀ ସାହୁ, ଡ଼. ରାମଚନ୍ଦ୍ର ପଣ୍ଡା, ଦୁଃଶାସନ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କବି ଚର୍ଚ୍ଚିକା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ତିଶଳପୁର ସ୍କୁଲରେ ବନ ମହୋତ୍ସବ




ଭଦ୍ରକ,୧୧।୭(ସମିସ): ଭଦ୍ରକ ବ୍ଲକ ତିଶଳପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଛାତ୍ରଛାତ୍ରୀଙ୍କୁ ନେଇ ବନ ମହୋତ୍ସବ ଅବସରରେ ପରିବେଶ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଛାତ୍ରଛାତ୍ରୀ ପରିବେଶ ସଚେତନତାର ବାର୍ତ୍ତା ବିଭିନ୍ନ ପ୍ଲାକାର୍ଡରେ ଲେଖିବା ସହିତ ହାତରେ ଧରି ପରିବେଶ ସଚେତନତା ଉପରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଝୁରଣବାଳା ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ସଂସ୍ଥାନର ସହକାରୀ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ, ମୁଖ୍ୟବକ୍ତା ଭାବେ ପରିବେଶବିତ ନରେନ୍ଦ୍ର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ସହକାରୀ ବିଜ୍ଞାନ ଶିକ୍ଷକ ବିଜୟ କୁମାର ଶୁକ୍ଲ ପ୍ରମୁଖ ଯୋଗଦେଇ ପ୍ରଦୂଷଣ ଯୁକ୍ତ ପରିବେଶ ଯୋଗୁଁ କିପରି ବିଶ୍ୱ ତାପମାତ୍ରା ବୃଦ୍ଧି ସହିତ ଜଳବାୟୁର କିପରି ପରିବର୍ତ୍ତନ ଦେଖା ଯାଉଛି ସେ ନେଇ ବକ୍ତବ୍ୟ ରଖିଥିଲେ। ତେବେ ଏ ସବୁକୁ ରୋକିବା ପାଇଁ ହେଲେ ସବୁଜ ପରିବେଶ ସବୁଜ ବନାନି ସୃଷ୍ଟି କରିବାକୁ ହେବ ଏବଂ ଏଥିପାଇଁ ବ୍ୟାପକକୁ ବ୍ୟାପକ ଭାବେ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷକ ବଟକୃଷ୍ଣ ମହାପାତ୍ର ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ମୀରାଲକ୍ଷ୍ମୀ ମହାନ୍ତି ଏହି କାର୍ଯ୍ୟକ୍ରମ ଅଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ନିରୁପମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅମୁନି ବଦଳି ପାଲା

# ସାତଶୋଳା ବିଦ୍ୟାଳୟ ଆଗର ଛାତ୍ରଛାତ୍ରୀଙ୍କ ଧାରଣା



ଭଣ୍ଡାରିପୋଖରୀ/ବାରିକପୁର/ମଞ୍ଜୁରୀରୋଡ, ୧୧।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଉପୁଜୁଥିବା ଶିକ୍ଷକ ବଦଳି ପାଲା ଥମିବା ନା ଧରୁନାହିଁ। ପ୍ରଥମେ ଷୋଳମପୁର ଓ ପରେ ଉତ୍ତରବାଡ ବିଦ୍ୟାଳୟରେ ବଦଳିକୁ ବିରୋଧ କରି ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣାରେ ବସିଥିଲେ। ଧାରଣା ଯୋଗୁଁ ଏବେବି ସୁଦ୍ଧା ଉତ୍ତରବାଡ ବିଦ୍ୟାଳୟରେ ଦୁଇ ଦିନ ହେବ ପାଠପଢା ଠପ୍ ହୋଇଯାଇଛି। ଏପଟେ ଆଜି ମଞ୍ଜୁରୀ ରୋଡ ନିକଟ ସାତଶୋଳା ସରକାରୀ ଉପ୍ରା ବିଦ୍ୟାଳୟରେ ମଧ୍ୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା ଦେଇଛନ୍ତି। ବିଦ୍ୟାଳୟରେ ୧୦୦ରୁ ଅଧିକ ବିଦ୍ୟାର୍ଥୀ ରହିଥିବା ବେଳେ ଏଥିପାଇଁ ଚାରିଜଣ ଶିକ୍ଷକ ନିୟୋଜିତ ହୋଇଥିଲେ। ତନ୍ମଧ୍ୟରୁ ଶିକ୍ଷକ ପିତାମ୍ବର ନାୟକଙ୍କୁ ମଢିଆଳୀ ବିଦ୍ୟାଳୟକୁ ବଦଳି କରାଯାଇଛି। ଏନେଇ ଅଭିଭାବକମାନେ ବିଇଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ବଦଳି ଆଦେଶ ବାତିଲ ହୋଇ ନ ଥିଲା। ତେଣୁ ଅଭିଭାବକ ଉମାକାନ୍ତ ସାହୁ, ମହେଶ୍ୱର ବେହେରା,ଅଜୟ କୁମାର ସାହୁ, ସୁଲୋଚନା ସାହୁ, ଦେବାଶିଷ ପଣ୍ଡା, ଲାବଣ୍ୟପ୍ରଭା ସାହୁ ପ୍ରମୁଖ ପିଲାମାନଙ୍କୁ ଧରି ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣା ଆରମ୍ଭ କରିଛନ୍ତି। ଯେଉଁ ଶିକ୍ଷକ ବଦଳି ହୋଇଛନ୍ତି ତାଙ୍କ ବଦଳି ଆଦେଶ ବାତିଲ ନ ହେଲେ ଧାରଣା ଜାରି ରହିବ ବୋଲି ଅଭିଭାବକମାନେ କହିଛନ୍ତି। ଧାରଣା ସ୍ଥଳରେ ବିଇଓ ଅଧିର କୁମାର ତରାଇ ଓ ଏବିଇଓ ଅକ୍ଷୟ କୁମାର ଜେନା ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ଧାରଣା ଅବ୍ୟାହତ ରହିଛି। ସୂଚନା ମୁତାବକ ଏକକ ଶିକ୍ଷକ ଥିବା ୧୧ଟି ବିଦ୍ୟାଳୟରେ ନିୟମିତ ନିଯୁକ୍ତି ଦିଆଯାଇଥିବା ବେଳେ ବରିଷ୍ଠତା ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆନୁପାତିକ ଭିତିରେ ୧୩ଟି ବିଦ୍ୟାଳୟରେ ଶିକ୍ଷକଙ୍କ ବଦଳି ଆଦେଶ ପ୍ରକାଶ ପାଇଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

### ଉତ୍ତରବାଡ ସ୍କୁଲ ଫାଟକରେ ତାଲା

ସେହିପରି ଭଣ୍ଡାରିପୋଖରୀ ବ୍ଲକର ଉତ୍ତରବାଡ(ଦ) ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ସାମଲଙ୍କୁ ବଡକୋଳିପଦି ଉପ୍ରା ବିଦ୍ୟାଳୟକୁ ବଦଳି କରାଯାଇଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୭୮ ରହିଛି। ଶିକ୍ଷକ ଶିକ୍ଷୟତ୍ରୀ ୪ ଜଣ ନିୟୋଜିତ ଅଛନ୍ତି। ଏହି ବଦଳି ରାସନାଲାଇଜେନ ଆଧାରରେ କରାଯାଇଛି ବୋଲି ଶିକ୍ଷା ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି। ହେଲେ ଛାତ୍ରଛାତ୍ରୀ ପ୍ରଧାନଶିକ୍ଷୟତ୍ରୀଙ୍କ ବଦଳିକୁ ଗ୍ରହଣ କରିପାରିନାହାନ୍ତି। ଫଳରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ବଦଳି ବାତିଲ ଦାବିରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଧାରଣା ଶୁକ୍ରବାର ଯାଏ ଅବ୍ୟାହତ ରହିଛି।



### ଉନ୍ନୟନମୂଳକ କାମରେ ଶାସକଦଳ କର୍ମୀଙ୍କ ହସ୍ତକ୍ଷେପର ପ୍ରତିବାଦ

# ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ନିର୍ବାଚିତ ଜନପ୍ରତିନିଧି

ଜଗତସିଂହପୁର,୧୧।୭ (ସମିସ)



ଜଗତସିଂହପୁର ଜିଲ୍ଲାର ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ଉନ୍ନୟନ କାର୍ଯ୍ୟରେ ବାଧକ ସାଜିଛନ୍ତି ଶାସକଦଳର ନେତା ଓ କର୍ମୀ। ଏପରିକି ଗତ ବିଧାନସଭା ନିର୍ବାଚନରେ ଏଠାରୁ ପ୍ରାର୍ଥୀ ହୋଇଥିବା ଶାସକ ଦଳର ନେତା ଓ ତାଙ୍କ ଭଉଣୀ ଯିଏକି ନିର୍ବାଚନମଣ୍ଡଳୀର ଭୋଟର ନୁହଁନ୍ତି, ବାଲିକୁଦା ଓ ଏରସମା ବ୍ଲକ୍‌ର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଛନ୍ତି ଉଭୟ ବ୍ଲକ୍‌ର ନିର୍ବାଚିତ ଜନପ୍ରତିନିଧି। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ନେତୃତ୍ୱରେ ଉଭୟ ବ୍ଲକ୍‌ର ଜନପ୍ରତିନିଧି ଗୁରୁବାର ଜିଲ୍ଲାପାଳ ଜେ.ସୋନାଲଙ୍କୁ ଭେଟି ଏ ସଂପର୍କରେ ଆଲୋଚନା କରିବା ସହ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ସମୁଚିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି। ଅନ୍ୟଥା ନିର୍ବାଚନମଣ୍ଡଳୀର ବିକାଶ, ଜନପ୍ରତିନିଧିଙ୍କ ଅଧିକାର ଓ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସେମାନଙ୍କ ଅଭିଯୋଗ ଅନୁସାରେ ଉଭୟ ବ୍ଲକ୍‌ର ଅଧିକାରୀଙ୍କୁ ସିଧାସଳଖ ଓ ଫୋନ ମାଧ୍ୟମରେ ଶାସକଦଳର ନେତା ଓ କର୍ମୀ ଧମକ ଦେଉଛନ୍ତି। ଗତ ୭ ତାରିଖରେ ଶାସକଦଳର କର୍ମୀ ବାଲିକୁଦା ବ୍ଲକ୍‌ର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ବଦଳି ପାଇଁ ଧମକ ଦେଇଥିଲେ। ଏହାର ପରଦିନ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ଆଦେଶ ବାହାରିଥିଲା। ଏଭଳି କାର୍ଯ୍ୟ ଜଗତସିଂହପୁର ଜିଲ୍ଲା ପ୍ରଶାସନର ନିରପେକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଅଯଥା ହସ୍ତକ୍ଷେପ ପଞ୍ଚାୟତିରାଜ ଅନୁଷ୍ଠାନ ଓ ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ଓ ସମ୍ମାନ କ୍ଷୁର୍ଣ୍ଣ କରୁଛି। ସେହିପରି ନିର୍ବାଚିତ ପ୍ରତିନିଧିଙ୍କୁ ଗୌଣ କରି ଉଭୟ ବ୍ଲକ୍‌ର ପ୍ରଶାସନ ଅଣନିର୍ବାଚିତ ପ୍ରତିନିଧିଙ୍କୁ ଗୁରୁତ୍ୱ ଦେବା ଗଣତନ୍ତ୍ର ଓ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଶୁଭଙ୍କର ନୁହେଁ ବୋଲି ଉକ୍ତ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପ୍ରତ୍ୟେକ କାର୍ଯ୍ୟରେ ଶାସକଦଳର ନେତା ଓ କର୍ମୀଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ବ୍ଲକ୍‌ର ଅଧିକାରୀ ସଠିକ୍ ଢଙ୍ଗରେ କାମ କରିବା ସମ୍ଭବ ହେଉନାହିଁ। ଫଳରେ ସାଧାରଣ ଲୋକ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନର ମୁଖ୍ୟ ଭାବେ ଜିଲ୍ଲାପାଳ ସମସ୍ତ ବିଷୟକୁ ଗୁରୁତ୍ୱର ସହିତ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ଅଭିଯୋଗପତ୍ର ମାଧ୍ୟମରେ ଦାବି କରାଯାଇଛି। ବିଧାୟକ ଶ୍ରୀ ଜେନାଙ୍କ ନେତୃତ୍ୱରେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ ପରିଡା, ଜିଲ୍ଲା ପରିଷଦ ସଦସ୍ୟ ପୀତବାସ ଗୋଛାୟତ, ପ୍ରଣବ ସ୍ୱାଇଁ, ଡଲି ପଣ୍ଡା, ରାଣୀ ଟୁଡୁ, ଜଟାଧାରୀ ଦାସଙ୍କ ସମେତ ଉଭୟ ବ୍ଲକ୍‌ର ନିର୍ବାଚିତ ଜନପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ସମାଧାନ ନହେଲେ ଆନ୍ଦୋଳନ ଧମକ**

## ପ୍ରଫୁଲ୍ଲ ପାଠାଗାରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ



ଜଗତସିଂହପୁର,୧୧।୭ (ସମିସ): ଜନସଂଖ୍ୟା କୌଣସି ଦେଶର ପରିସମ୍ପଦ ବୋଲି ବିବେଚନା କରାଯାଏ। ଏହି ଜନସଂଖ୍ୟା ଏକ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କରିଗଲେ, ତାହା ସେହି ଦେଶ ପାଇଁ ବୋଝ ହୋଇଥାଏ। ୧୯୮୭ରେ ବିଶ୍ୱ ଜନସଂଖ୍ୟା ୫୦୦ କୋଟିରେ ପହଞ୍ଚିବା ପରେ ମିଳିତ ଜାତିସଂଘ ନିଷ୍ପତ୍ତି ଅନୁଯାୟୀ ୧୯୮୯ ଠାରୁ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଇଆସୁଥିବା ସ୍ଥାନୀୟ ପୁରୁଣାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଅତିଥିମାନେ ମତପୋଷଣ କରିଛନ୍ତି। ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ତଥା ବିଶିଷ୍ଟ ଶିକ୍ଷାବିତ୍ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ଚଳିତ ବର୍ଷର ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେବା ସହ ଲିଙ୍ଗଗତ ସମାନତା, ପରିବାର ନିୟୋଜନ ଓ ଜନସଚେତନତା ସୃଷ୍ଟି କରିବା ହେଉଛି ବିଶ୍ୱ ଜନସଂଖ୍ୟା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଜନସଂଖ୍ୟା ବୃଦ୍ଧିର କାରଣ, ପରିଣାମ ଓ ନିରାକରଣ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିବା ସହିତ ଏ ଦିଗରେ ବ୍ୟାପକ ସଚେତନତା ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସତ୍ୟବାଦୀ ଦାସ, ସତ୍ୟବାଦୀ ସାହୁ, ଶ୍ରୁତକୀର୍ତ୍ତି ମିଶ୍ର, ପ୍ରତାପ ରାଉତରାୟ, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜ ଅଧ୍ୟକ୍ଷାଙ୍କ ଅଶାଳୀନ ବ୍ୟବହାର ପ୍ରତିବାଦରେ କର୍ମଚାରୀ ସଂଘର ଧାରଣା

ଜଗତସିଂହପୁର,୧୧।୭ (ସମିସ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସଭିଏମ୍ କଲେଜର ଜଣେ କର୍ମଚାରୀଙ୍କୁ ଅଧ୍ୟକ୍ଷାଙ୍କ ଅଶାଳୀନ ବ୍ୟବହାର ପ୍ରତିବାଦରେ କର୍ମଚାରୀ ସଙ୍ଘ ପକ୍ଷରୁ କଲେଜ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। କଲେଜର ଜଣେ କର୍ମଚାରୀଙ୍କୁ



ଅଧ୍ୟକ୍ଷା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସମ୍ପର୍କରେ ସମ୍ପୃକ୍ତ କର୍ମଚାରୀ ସଂଘ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସଂଘର ନିଷ୍ପତ୍ତି କ୍ରମେ ଆଜି କଲେଜର ସମସ୍ତ କର୍ମଚାରୀ ଏକତ୍ରିତ ହୋଇ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ କଲେଜ ଅଧ୍ୟକ୍ଷା ଅଭିଯୋଗରେ ସତ୍ୟତା ନ ଥିବା କହିଛନ୍ତି। ଖବର ପାଇ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଗୁଆଲିପୁର ପଞ୍ଚାୟତରେ ଟ୍ରେଡିଂ ବିଜିନେସ ଆଳରେ ଲୁଟ୍

● ରଘୁନାଥପୁର ଥାନା ଘେରିଲେ ଶତାଧିକ ମହିଳା



ରଘୁନାଥପୁର,୧୧।୭ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଧୀନ ଗୁଆଲିପୁର ପଞ୍ଚାୟତର ମହିଳା ଦଲାଲଙ୍କ ଦ୍ୱାରା ଲୁଟର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଲୁଟ୍‌ର ଶିକାର ହୋଇଥିବା ମହିଳା ରଘୁନାଥପୁର ଥାନା ଘେରଉ କରିଥିବା ଜଣାପଡ଼ିଛି। ୨୦୨୩ରେ ଉକ୍ତ ପଞ୍ଚାୟତର କିଛି ଦଲାଲ ବର୍ତ୍ତୀ, ରାଧାନଗର ପାଟେଣିଗାଁ, କୃର୍ତ୍ତାଙ୍ଗ ଗ୍ରାମର ମହିଳାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଟ୍ରେଡିଂ ବିଜିନେସ ଆଳରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଙ୍କୁ ଡକାଇ ମହିଳାଙ୍କ ନାମରେ ଋଣ କରାଇ ଟଙ୍କାକୁ ନେବା ସହିତ ମହିଳାଙ୍କ ସଞ୍ଚିତ ଟଙ୍କାକୁ ମଧ୍ୟ ଲୁଟିନେଇଛନ୍ତି। ମହିଳାମାନେ ପ୍ରଲୋଭନରେ ପଡି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ମହିଳା କିଛିମାସ ପୂର୍ବରୁ ଥାନାର ଦ୍ୱାରସ୍ଥ ହୋଇଥିଲେ ହେଁ ଦେଇଥିବା ଟଙ୍କା ଫେରି ପାଇନାହାନ୍ତି। ଅପରପକ୍ଷେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କିସ୍ତି ପାଇଁ ମହିଳାଙ୍କ ଘରେ ପହଞ୍ଚି ଜୁଲମ କରୁଥିବାରୁ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହୁଛି। ହତାଶ ହୋଇ ଶତାଧିକ ମହିଳା ଶୁକ୍ରବାର ରଘୁନାଥପୁର ଥାନାକୁ ଘେରିଥିବା ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ଜଣେ ଠିକାଦାର ଏହି ଲୁଟ୍‌ର ମୁଖ୍ୟ କାର୍ପଟଦାର। ସେ ଏହି ଅର୍ଥକୁ ଠିକା କାମରେ ଲଗାଇଥିବା ଚର୍ଚ୍ଚା ହେଉଛି। ରଘୁନାଥପୁର ଅଞ୍ଚଳରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଛତୁ ଫୁଟିଲା ପରି ମୁଣ୍ଡ ଟେକୁଥିବାରୁ ଗ୍ରାମାଞ୍ଚଳର ସାଧାରଣ ଗରିବ ଖଟିଖିଆ ପରିବାର ଏମାନଙ୍କ ଜାଲରେ ପଡି ଋଣ ଭାର ସମ୍ଭାଳି ନ ପାରି ସର୍ବସ୍ୱାନ୍ତ ହେଉଛନ୍ତି। ସରକାର ଏମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ମହାନଦୀରେ ବନ୍ୟା; ଚାଷଜମି ଜଳମଗ୍ନ

କୁଜଙ୍ଗ,୧୧।୭ (ସମିସ): ହୀରାକୁଦ ଜଳଭଣ୍ଡାର ଫାଟକ ଖୋଲିବା ପରେ ଚଳିତ ବର୍ଷ ପ୍ରଥମ କରି ବନ୍ୟା ଜଳ ପ୍ରବେଶ କରି ମହାନଦୀ ଫୁଲିବା ସହ କୂଳ ଲଂଘିବା ଆରମ୍ଭ କରିଛି।



ଯାହାକୁ ନେଇ ନଦୀକୂଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ପରିବା ଚାଷୀ ଓ ଗୋପାଳକ ଆତଙ୍କିତ ହୋଇପଡିଛନ୍ତି। ୧୦ଟି ପଞ୍ଚାୟତ କାଠକୋଟ, ହଂସୁରା, ବଡବାଲିକଣି ଓ ଜିଲ୍ଲାନାଶି ପଞ୍ଚାୟତ ସମ୍ପୂର୍ଣ୍ଣ ଧୋଇଆ ଅଞ୍ଚଳ ହୋଇଥିବାବେଳେ ତାଳପଡା, ସାଇଲୋ, ମଲ୍ଲାସାହି, କୁଜଙ୍ଗ, ଭୂତାମୁଣ୍ଡାଇ ଓ ନୂଆଗଡ ପଞ୍ଚାୟତ ଆଂଶିକ ବନ୍ୟା ପ୍ଲାବିତ ହୁଏ। ଯଦି ମହାନଦୀର ଜଳସ୍ତର ବୃଦ୍ଧି ପାଇ କ୍ଷେତରେ ପ୍ରବେଶ କରେ କୋଟି କୋଟି ଟଙ୍କାର ପରିବା ଚାଷ ନଷ୍ଟ ହେବା ସାଙ୍ଗକୁ ଗୃହପାଳିତ ପଶୁ ଚାରଣ ଭୂଇଁ ନ ପାଇ ହନ୍ତସନ୍ତ ହେବେ। ପଙ୍କପାଳରେ ଶିବ ସାହୁଙ୍କ ଅମୃତ ଭଣ୍ଡା ଉଜୁଡ଼ି ଯାଇଥିବାବେଳେ ବଡ଼ପାଳର କୁଞ୍ଜ ମଲ୍ଲ ଓ ଶତାଧିକ ଚାଷୀଙ୍କ ଏକର ଏକର ପରିବା ଫସଲ ଉଜୁଡୁ ଯାଉଛି।

## ବଳରାମପୁର ପଞ୍ଚାୟତରେ ବିଜେପିର କର୍ମୀ ସମ୍ମିଳନୀ

ଜଗତସିଂହପୁର,୧୧।୭ (ସମିସ): ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେପିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଥିବାବେଳେ ଲିଙ୍ଗରାଜ ଲେଙ୍କା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସଭାପତି ସୁଧୀର ସ୍ୱାଇଁ, ବଳରାମପୁର ସରପଞ୍ଚ ଅଞ୍ଜନ ସାମଲ, ନିରୋଦ ସାହୁ, ଲିଙ୍ଗରାଜ ମହାନ୍ତି, ସମୀର ଲେଙ୍କା, ସମୀର ସାହାଣୀ, ତୋଫାନ ମହାନ୍ତି, ବିଷ୍ଣୁ ସେଠୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏ ଅବସରରେ ଅନ୍ୟ ଦଳର ନେତା ବିଜେପିରେ ସାମିଲ ହୋଇଥିଲେ। ଜଗତସିଂହପୁର ବିଧାୟକ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

● ଆଇଓସିଏଲରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

## ଫାଟକ ସମ୍ମୁଖରେ ପରିବାର ଓ ଗ୍ରାମବାସୀଙ୍କ ଧାରଣା



ପାରାଦୀପ, ୧୧।୭ (ସମିସ): ଆଇଓସିଏଲ କାରଖାନା ମଧ୍ୟରୁ ଗତକାଲି ସନ୍ଧ୍ୟାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା। ମୃତ ଯୁବକ କେନ୍ଦ୍ରାପଡ଼ା ଜିଲ୍ଲା ପାଟ୍ଟକୁଲିପଙ୍କ ଗ୍ରାମର ଅକ୍ଷୟ ଦାସଙ୍କ ପୁଅ ଉଲ୍ଲାସ ଦାସ (୪୫)। ଏ ନେଇ ପରିବାର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। କ୍ଷତିପୂରଣ ଦାବିରେ ଆଜି ସକାଳ ୭ଟାରୁ ଆଇଓସିଏଲ ଫାଟକ ସମ୍ମୁଖରେ ପରିବାର, ଗ୍ରାମବାସୀ ଓ ସାଥି କର୍ମଚାରୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ଫଳରେ ଆଇଓସିଏଲର ୨ଟି ଗେଟ୍ ୬ ଘଣ୍ଟା ଧରି ବନ୍ଦ ହୋଇଯାଇଥିଲା। କମ୍ପାନୀ ଭିତରକୁ ଯାତାୟାତ ଠପ୍ ହୋଇଯାଇଥିଲା। ତେବେ କାରଖାନା ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମୃତ ଯୁବକ ଆଇଓସିଏଲ କମ୍ପାନୀର ଠିକା ସଂସ୍ଥା ଅପରେସନାଲ ଏନର୍ଜି ଗ୍ରୁପ ଇଣ୍ଡିଆ ଲିଃରେ ଇଲେକ୍ଟ୍ରି ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ସେ ଡ୍ୟୁଟିକୁ ଆସିଥିଲେ। ମାତ୍ର ରାତିରେ କାମ କରୁଥିବା ସାଇଡ୍‌ରେ ତାଙ୍କର ମୃତଦେହ ଝୁଲୁଥିବା ଦେଖି ଥାନାକୁ ଜଣାଇଥିଲେ। ଅଭୟଚାନ୍ଦପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳୁ ପରିବାର ଲୋକେ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଯେଉଁଠାରୁ ଉଲ୍ଲାସଙ୍କ ମୃତଦେହ ଠାବ କରାଯାଇଛି ସେଠାକୁ ଏକୁଟିଆ କେହି ଯାଆନ୍ତି ନାହିଁ। ତେଣୁ ତାଙ୍କର କରେଣ୍ଟ ଲାଗି ମୃତ୍ୟୁ ହୋଇଛି କିମ୍ବା ତାଙ୍କୁ ମାରି କେହି ଟାଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଆଇଓସିଏଲରେ ତାଙ୍କ ପତ୍ନୀଙ୍କୁ ଚାକିରି ଦାବି କରିଥିଲେ। ପାରାଦୀପ ଏଡିଏମ ନିରଞ୍ଜନ ବେହେରା, ଆଡିସିନାଲ ଏସପି ସ୍ମୃତିରଞ୍ଜନ କର, ଆଇଓସିଲ ଏଚଆର ମ୍ୟାନେଜର ଧର୍ମେଶ ଚୌଧୁରୀ ଓ ଅନ୍ୟ ଅଧିକାରୀ, ଅଭୟଚାନ୍ଦପୁର ଥାନା ଆଇଆଇସି ସମୀର ରାଉତ ପହଞ୍ଚି କ୍ଷତିପୂରଣ ବାବଦକୁ ୫ ଲକ୍ଷ, ସ୍ତ୍ରୀକୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଓ ଦୁଇ ପିଲାଙ୍କ ପାଠପଢାର ସମସ୍ତ ଖର୍ଚ୍ଚ ଆଇଓସିଏଲ କର୍ତ୍ତୃପକ୍ଷ ବହନ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ହତ୍ୟା ଅଭିଯୋଗ ଆଣିଲେ ପରିବାର, ପ୍ରତିଶ୍ରୁତି ପରେ ହଟିଲା ଧାରଣା**

## ୪ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନ ନିରୂପଣ



ଜଗତସିଂହପୁର/ତିର୍ତ୍ତୋଲ,୧୧।୭ (ସମିସ): ଜଗତସିଂହପୁର ସହରରେ ପ୍ରତିଷ୍ଠା ହେବ ୩ ଜଣ ଦିବଙ୍ଗତ ରାଜନେତା ଓ ଏ ମାଟିର ଗୌରବ ସାରଳା ଦାସଙ୍କ ପ୍ରତିମୂର୍ତ୍ତି। ଏଥିପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଚୂଡ଼ାନ୍ତ କରାଯାଇଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀ, ଜଗତସିଂହପୁର ଜିଲ୍ଲା ପ୍ରତିଷ୍ଠାର ମୁଖ୍ୟ ବିନ୍ଧାଣି ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସ, କାଳଜୟୀ ସିଦ୍ଧ ସାଧକ ଆଦିକବି ସାରଳା ଦାସ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରଶାସନିକ ଜାଗା ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ସହିତ ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା, ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କାମଦେବ ଦାସ ଓ ସହକାରୀ ଯନ୍ତ୍ରୀ ଶୁଭ୍ରଜିତ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ କରାଯାଇଛି। ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ଜଗତସିଂହପୁର ସଦର ମହାକୁମାର ଡାକବଙ୍ଗଳା ଛକ ନିକଟରେ ଥିବା ପାର୍କରେ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତି, ବଙ୍ଗଳା ଛକ କେନାଲ ଉପରେ ନୂତନ ବକ୍ସ କଲଭର୍ଟ ନିର୍ମାଣ କରାଯାଇ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି, କଲେଜ ଛକରେ ଜଗତସିଂହପୁର ଜିଲ୍ଲା ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଓ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିସହିତ ୧୦ ନମ୍ବର ମୁଖ୍ୟ ରାସ୍ତା ଉପରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ୱାଟର ରେଗୁଲେଟରକୁ ମୁଖ୍ୟ ରାସ୍ତାରୁ ସ୍ଥାନାନ୍ତର ପାଇଁ ଜଗତସିଂହପୁର ବିଧାୟକ ଶ୍ରୀ ଦାସ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ସୁଶାନ୍ତ ରଞ୍ଜନ ସ୍ୱାଇଁ, ବରିଷ୍ଠ ବିଜେପି ନେତା ଶ୍ରୀକାନ୍ତ ଚୌଧୁରୀ, କାଉନସିଲର ଦେବାଶିଷ ସ୍ୱାଇଁ, ସମୀର ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ସୁରବାଳା ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୁଜଙ୍ଗ,୧୧।୭ (ସମିସ): କୁଜଙ୍ଗ ବ୍ଲକ୍ ପାଟପୁର ପଞ୍ଚାୟତର ବଡଲାଙ୍ଗସ୍ଥ ସୁରବାଳା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରମୋଦ ସାମନ୍ତରାୟ ଓ କର୍ମଚାରୀ ନିତ୍ୟାନନ୍ଦ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୌରାଙ୍ଗ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବର୍ଷିୟାନ ଶିକ୍ଷାବିତ୍ ନିଶାକର ମୁଦୁଲି, ମୁଖ୍ୟବକ୍ତା ରୂପେ ନାଟ୍ୟ ନିର୍ଦ୍ଦେଶକ ତଥା ମାର୍କଣ୍ଡ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଦିଲୀପ ସ୍ୱାଇଁ, ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ବଂଶୀଧର ନାୟକ, କେଶବ ଦାଶ, ଓଷ୍ଟା ସଂଘ ନେତା ସୁବାସ ଦାସ, କ୍ରୀଡ଼ା ଶିକ୍ଷକ ସଂଘ ସମ୍ପାଦକ ରଶ୍ମିକାନ୍ତ ଦାସ, ପ୍ରସନ୍ନ ପଟ୍ଟନାୟକ, ଜିଲାନାସୀ ହାଇସ୍କୁଲ ପ୍ରଧାନଶିକ୍ଷକ ଭଜନାନନ୍ଦ ବେହେରା, ପରିଚାଳନା ସମିତି ସଦସ୍ୟ ସୁକାନ୍ତ ନାୟକ, ପ୍ରିୟରାଜ ମହାନ୍ତି, ସାଗର ସ୍ୱାଇଁ, ବିଦ୍ୟାଳୟର ପ୍ରାକ୍ତନ ସଭାପତି ପ୍ରହଲ୍ଲାଦ ସ୍ୱାଇଁ, ବୈରାଗୀ ସ୍ୱାଇଁ, ଗୀତାଞ୍ଜଳି ତରାଇ ପ୍ରମୁଖ ଯୋଗଦେଇ ଦୁଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହିନ୍ଦୀ ଶିକ୍ଷକ ପ୍ରଦୀପ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ନୃସିଂହ ଚରଣ ବହାଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଜନସଂଖ୍ୟା ସ୍ଥିରତା ପକ୍ଷ ସଚେତନତା ସଭା

ଜଗତସିଂହପୁର,୧୧।୭ (ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ ଉପଲକ୍ଷେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜେନ୍ଦ୍ର ପାଣିଗ୍ରାହୀ ପରିବାର ନିୟୋଜନ ପାଇଁ ମନପସନ୍ଦର ପଦ୍ଧତି ବାସ୍କେଟକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଓପିଡି ସମ୍ମୁଖରେ ଉନ୍ମୋଚନ କରିଥିଲେ। ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରତିବର୍ଷ ବିଶ୍ୱ ଜନସଂଖ୍ୟା ଦିବସର ଦୁଇଟି ପକ୍ଷ ଯଥା ବିଶ୍ୱ ଜନସଂଖ୍ୟା ସଚେତନତା ପକ୍ଷ ଜୁନ ୨୭ରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥାଏ। ଏଥିରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହୋଇଥାଏ। ହିତାଧିକାରୀଙ୍କ ସୁବିଧା ମୁତାବକ ସ୍ଥାୟୀ କିମ୍ବା ଅସ୍ଥାୟୀ ପଦ୍ଧତି ଗ୍ରହଣ କରିବାପାଇଁ ବୁଝାଯାଇଥାଏ। ସେହିପରି ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ କରାଯାଏ।



ଏଥିରେ ଉଭୟ ପୁରୁଷ ଓ ମହିଳାଙ୍କ ଜନସଂଖ୍ୟା ସ୍ଥିରତାର ସ୍ଥାୟୀ ପଦ୍ଧତି ପାଇଁ ଅପରେସନ ପ୍ରୋଗ୍ରାମ କରାଯାଇଥାଏ। ସ୍ଥାୟୀ ପଦ୍ଧତି ପାଇଁ ଲାପ୍ରୋସ୍କୋପିକ ଓ ମିନିଲାପ (ମହିଳାଙ୍କ ପାଇଁ) ଓ ପୁରୁଷ ବନ୍ଧ୍ୟାକରଣ (ଏନଏସଭି) ବିନା ଛୁରୀରେ ଅପରେସନ କରାଯାଇଥାଏ। ଏହାଛଡା ନିଜ ପସନ୍ଦର ଅନେକ ଅସ୍ଥାୟୀ ପଦ୍ଧତି ନେବାର ବ୍ୟବସ୍ଥା କରାଯାଇଥଏ। ଏହି ସଭାରେ ଚଳିତ ବର୍ଷର ସ୍ଲୋଗାନ 'ମା ହେବାର ବୟସ ଠିକ୍ ଯେତେବେଳେ ଶରୀର ଓ ମନର ପ୍ରସ୍ତୁତି ସଠିକ' ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ ବାରିକ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ର ପାଲ, ଜିଲ୍ଲା ଆକାଉଣ୍ଟାଣ୍ଟ ମ୍ୟାନେଜର ନୀଳମାଧବ ରଥ, ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା, ଭାରପ୍ରାପ୍ତ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ ମହାପାତ୍ର, ହସ୍ପିଟାଲ ମ୍ୟାନେଜର ସସ୍ମିତା ସାହୁ, ଆରଏମଏନସିଏଚ କାଉନସେଲର ସୁସ୍ମିତା ରାଉତ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଗୋ-ଚାଷୀଙ୍କ ପରଲୋକ

କୁଜଙ୍ଗ,୧୧।୭ (ସମିସ): ପଙ୍କପାଳ ପଞ୍ଚାୟତର ପହଣା ଗ୍ରାମର ମୂଳନିବାସୀ ଅଧୁନା ବଣୀକୁନ୍ଦ ଗ୍ରାମର ଅଗ୍ରଣୀ ଗୋ-ଚାଷୀ ସୁବାସ ଚନ୍ଦ୍ର ନାୟକଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ୩୦ ଊର୍ଦ୍ଧ୍ୱ ଗାଈ ସହ ବିରାଟ ଘାସ ଓ ଗାଈ ଫାର୍ମ କରିଥିବା ସୁବାସ ଜଣେ ଓମ୍ଫେଡ ଦୁଗ୍ଧ ସଂଗ୍ରହକାରୀ। ସେ ଜଗତସିହପୁରରେ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଯାଇଥିବାବେଳେ ମସ୍ତିଷ୍କାଘାତର ଶିକାର ହୋଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଜଗତସିଂପୁର ଜିଲ୍ଲା ମେଡିକାଲ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟାରେ ନିକଟରେ ପତ୍ନୀ ପୁଷ୍ପଲତା, ତିନି ଭାଇ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପରଲୋକରେ ଗ୍ରାମ ମୁରବି ବିଷ୍ଣୁଚରଣ ପଟ୍ଟନାୟକ, ରବୀନ୍ଦ୍ର ସାହାଣୀ, ଭଗବାନ ନାୟକ, ୱାର୍ଡସଭ୍ୟ ଅକ୍ଷୟ ଦାସ, ଅକ୍ଷୟ ସାହୁ, ତାପସ ସାହାଣୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ପ୍ରତିଶ୍ରୁତି ପାଳନ କଲେନି ବ୍ଲକ୍ ଶିକ୍ଷାଧିକାରୀ

# କୂଳସାହି ପ୍ରାଥମିକ ବିଦ୍ୟାଳୟରେ ପୁଣି ପଡ଼ିଲା ତାଲା

ବାଲିକୁଦା,୧୧।୭ (ସମିସ)

ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତର କୂଳସାହି ପ୍ରାଥମିକ ବିଦ୍ୟାଳୟରେ ୨ଦିନ ଧରି ପୁଣି ତାଲା ପକାଇଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ। ଏପରିକି ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ଭର ମଲ୍ଲିକ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହେବାରୁ ଗ୍ରାମବାସୀ ଓ ପରିଚାଳନା କମିଟି ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ସପ୍ତାହେ ତଳେ ଉକ୍ତ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଶିକ୍ଷକ ମାନସ ଦାସଙ୍କୁ ବ୍ଲକ ଶିକ୍ଷାଧିକାରୀ ଅନ୍ୟତ୍ର ବଦଳି କରିଥିଲେ। ଏହାର କାରଣ ଦର୍ଶାଇବାକୁ ଯାଇ ବିଦ୍ୟାଳୟରେ ୨୪ ପିଲା ଥିବାରୁ ୩ ଜଣ ଶିକ୍ଷକଙ୍କ ଆବଶ୍ୟକ ନ ଥିବା ଦର୍ଶାଇଥିଲେ। ଏହି ବଦଳିକୁ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ବିରୋଧ କରିବା ସହ ଶିକ୍ଷକ ମାନସ ସାହୁଙ୍କ ପରିବର୍ତ୍ତେ ଅନ୍ୟ ଶିକ୍ଷକଙ୍କୁ ବଦଳି ଦାବିରେ ବିଦ୍ୟାଳୟରେ ତାଲା ପକାଇଥିଲେ। ଯାହାର ସମାଧାନ ପାଇଁ ବିଇଓ ଶ୍ରୀ ମଲ୍ଲିକ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସହ ଆଲୋଚନା କରିବା ସହ କେଉଁ ଶିକ୍ଷକଙ୍କୁ ବଦଳି କରାଯାଇ ମାନସ ଦାସଙ୍କୁ ଅଣାଯିବ ବୋଲି ଲିଖିତ ଆକାରରେ ପ୍ରଦାନ କଲେ ସେ ଏହାକୁ କାର୍ଯ୍ୟକାରୀ କରିବେ ବୋଲି କହିଥିଲେ। ସହକାରୀ ଶିକ୍ଷକ ଆଲୋକ ପାଲଙ୍କୁ ବଦଳି କରାଯାଇ ମାନସ ଦାସଙ୍କୁ ଫେରାଇ ଆଣିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପାଇବା ପରେ ବିଇଓ ୩ ଦିନ ମଧ୍ୟରେ ଉକ୍ତ ଶିକ୍ଷକଙ୍କୁ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୩ ଦିନ ବିତିଯିବା ପରେ ବିଇଓ ସ୍ଥାନୀୟ ସରପଞ୍ଚ ଉର୍ମିଳା ସାହୁ କିମ୍ବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଲମ ରାୟଙ୍କ ଫୋନ ଉଠାଇ ନ ଥିଲେ କିମ୍ବା କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏପରିକି ନିଜର ପ୍ରତିକ୍ରିୟା ରଖି ସମସ୍ୟାର ସମାଧାନ ହୋଇଥିବା କହି ଏକ ବେଫିକର ଉତ୍ତର ଦେଇଥିଲେ। ୩ ଦିନ ବିତିଯିବା ପରେ କମିଟି ପକ୍ଷରୁ ପୁନର୍ବାର ବିଦ୍ୟାଳୟରେ ତାଲା ପଡ଼ିଥିବାବେଳେ ପୂର୍ବ ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଗ୍ରହଣ କରିବା ସହ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏପରିକି ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥିଲେ ମଧ୍ୟ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ତାଙ୍କ କର୍ମଚାରୀଙ୍କୁ ଦାବିପତ୍ର ପ୍ରଦାନ କରି ଫେରିଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଯେପର୍ଯ୍ୟନ୍ତ ଶିକ୍ଷକ ମାନସ ଦାସ ବିଦ୍ୟାଳୟକୁ ଫେରିନାହାନ୍ତି ସେ ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପଡିବ ନହେଲେ ବିଦ୍ୟାଳୟରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଟିସି ନିଆଯାଇ ଅନ୍ୟତ୍ର ପଢ଼ାଯିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

**ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟିଲେ ଗ୍ରାମବାସୀ**